ସଂପାଦକ କ୍ଷେତ୍ରବାସୀ

ସଂପାଦନା

ଶ୍ରୀ ସୁଧୀର ଚନ୍ଦ୍ର ବେହୁର୍

Digitized by srujanika@gmail.com

ସଂପାଦକ କ୍ଷେତ୍ରବାସୀ

ସଂପାଦନା :

ଶ୍ରୀ ସୁଧୀରଚନ୍ଦ୍ର ବେହୁରା

ସାରସ୍ୱତ ପ୍ରକାଶନୀ
ଶ୍ରୀ ଅରବିନ୍ଦ ନଗର
କଟକ-୭୫୩୦୧୦

Digitized by srujanika@gmail.com

ସଂପାଦକ କ୍ଷେତ୍ରବାସୀ

ସଂପାଦନା ଶ୍ରୀ ସୁଧୀରଚନ୍ଦ୍ର ବେହୁରା

ପ୍ରକାଶକ : ସାରସ୍ୱତ ପ୍ରକାଶନୀ
ଶ୍ରୀ ଅରବିନ୍ଦ ନଗର, କଟକ-୭୫୩୦୧୦

ମୁଦ୍ରଣ : ମାଧବୀ ପ୍ରିଣ୍ଟର୍ସ
ରାଜାବଗିଚ୍ଚା, କଟକ-୭୫୩୦୦୯

ପ୍ରଚ୍ଛଦ ଶ୍ରୀ ଶରତଚନ୍ଦ୍ର ମୁଦୁଲି

ମୁଖ୍ୟ ପରିବେଷକ ଫ୍ରେଣ୍ଡସ୍ ପବ୍ଲିଶର୍ସ,
ବିନୋଦବିହାରୀ, କଟକ-୨

ମୂଲ୍ୟ ଟ ୧୮-୦୦ ଶୋଭନ ଟ ୨୦-୦୦

ପ୍ରଥମ ପ୍ରକାଶ : ତା ୧୧-୧-୧୯୯୦
(ଡଃ କ୍ଷେତ୍ରବାସୀ ନାୟକଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ)

SAMPADAK KSHETRABASI

(Dr. K. B. Nayak as an Editor)

Edited by **Sri Sudhir Chandra Behura**
M.A.,B. Ed.

Publised by : **Saraswat Prakashani**
Sri Aurobindo Nagar, Cuttack-753010

Printed at : **Madhabee Printers**
Rajabagicha, Cuttack-753009

Cover design : **Sri Sharat Chandra Muduli**

Sole Distributor : **Friends Publishers**
Binodbihari, Cuttack-753002

Price : Rupees Eighteen only,
Hard Bound : Rupees Twenty only

Digitized by srujanika@gmail.com

ଉତ୍ସର୍ଗ

'ଏଷଣା' ଏକାଦଶ ଖଣ୍ଡ (ଡିସେମ୍ବର, ୧୯୮୫)ର
ଅଲେଖା ସଂପାଦକୀୟର
ଅଶ୍ରୁଳ ସ୍ମୃତିରେ………………

Digitized by srujanika@gmail.com

ରାଧାନାଥଙ୍କ କାବ୍ୟ-ଦର୍ଶନ

ଦୃଷ୍ଟି ହେଉଛି ସୃଷ୍ଟିର ମୂଳ ଉପାଦାନ । ଏଇ ଦୃଷ୍ଟି ବୋଇଲେ ଖାଲି ଦୁଇଟି ଆଖିର ସାଧାରଣ ଉପଲବ୍ଧିକୁ ବୁଝାଏ ନାହିଁ । ଏଥି ସହିତ ଆଉ ଗୋଟିଏ ଆଖିର ଅନୁଭବକୁ ଏକାନ୍ତ ଅପରିହାର୍ଯ୍ୟ ଉପକରଣ ବୋଲି ସ୍ୱୀକାର କରାଯାଇଥାଏ । ତାହା ହେଉଛି, ତୃତୀୟ ନୟନ । ଏଇ ତୃତୀୟ ନୟନ (vision) ବା ଅନ୍ତର୍ଦୃଷ୍ଟିର ଝର୍କାବାଟୁ କବି ବା କବିତାର ଭାବମୂର୍ତ୍ତି ଗଢ଼ାହୁଏ । ଅନ୍ତର୍ଦୃଷ୍ଟି ଯଦି ତୀକ୍ଷ୍ଣ ଓ ସୂକ୍ଷ୍ମ, କବିର କବିତା ହେବ ଶକ୍ତି ସମ୍ପନ୍ନ ଓ ଭାବ ଉଚ୍ଛଳ ।

କବି-ପୁରୁଷର ଜୀବନ ଓ କାବ୍ୟ ସମୀକ୍ଷାର ଉପଲବ୍ଧି ଏହି ତୃତୀୟ ନୟନର ଅନୁଶୀଳନରୁ ହିଁ ଜନ୍ମିଥାଏ । ତୃତୀୟ ନୟନ ମଧ୍ୟ କବିର ବୋଧ-ଦୃଷ୍ଟି ଓ ରସ-ଦୃଷ୍ଟିର ପରିଚୟ ଦିଏ ଏବଂ ଏହି ଦୁଇଟି ଦୃଷ୍ଟିର ମିଶ୍ର ଫଳରୁ ସମଗ୍ର କବି ସତ୍ତାର ପ୍ରମୂର୍ତ୍ତନ ଓ ପରିପୁଷ୍ଟି ସାଧିତ ହୁଏ ।

ସୁତରାଂ କବିର କାବ୍ୟ-ସତ୍ତା ଓ ବ୍ୟକ୍ତି-ସତ୍ତା—ଉଭୟ ମିଶି କବିଙ୍କ କାବ୍ୟ-ଦର୍ଶନର ସ୍ୱରୂପ ଚହ୍ଲେଇ ଥା'ନ୍ତି । ସେଥିଯୋଗୁଁ ରାଧାନାଥଙ୍କର କାବ୍ୟ ଦର୍ଶନର ଯଥାର୍ଥ ଅଧ୍ୟୟନ ଲାଗି ଏହି ଦୁଇଟିର ସ୍ୱଭାବ-ଶକ୍ତି ପ୍ରଣିଧାନ କରିବା ନିହାତି ଆବଶ୍ୟକ ।

ମୁଁ ଭବଭୂତିଙ୍କର ଚେଲା, ଜୟଦେବଙ୍କର ଚେଲା ନୁହେଁ

୧ । ରାଧାନାଥଙ୍କ ମନର ମୁକ୍ତ ସ୍ୱୀକୃତି କହେ ଯେ, ସେ ହେଉଛନ୍ତି ଭବଭୂତିଙ୍କର ଶିଷ୍ୟ, ଜୟଦେବଙ୍କର ନୁହଁ । * ସାରସ୍ୱତ ସଂସାରରେ ଭବଭୂତି ଥିଲେ ଏକ ନିଃସଙ୍ଗ କାକଳି (A solitary soul) । ସେ ରାଜାଶ୍ରୟ—ଶୂନ୍ୟ ଜୀବନ ଯାପନ କରୁଥିଲେ । ଶୁଣାଯାଏ, ବାଲ୍ୟକାଳରୁ ସେ ଖୁବ୍ ଦୁଃଖ ଦୁର୍ଦ୍ଦଶା ମଧ୍ୟ ଦେଇ ଜୀବନ କାଟୁଥିଲେ । କାଳିଦାସଙ୍କ ପରି ତାଙ୍କ ଜୀବନ ଅଭ୍ୟୁଦୟର ସ୍ୱର୍ଣ୍ଣ କ୍ଷେତ୍ର ନ ଥିଲା । ବେଦନା ଓ କରୁଣତାର ଉଚ୍ଛଳ ଇଲାକାରେ ସଦାବିହାରୀ ଭବଭୂତି, ଜୀବନକୁ କରୁଣତାର ରସମୂର୍ତ୍ତି ରୂପେ ଦେଖୁଥିଲେ ।

---

* ରାଧାନାଥ ଗ୍ରନ୍ଥାବଳୀ-ନୂତନ ସଂସ୍କରଣ (୧୯୭୫) ବ୍ରହ୍ମପୁର, ଆତ୍ମକଥାର କିୟଦଂଶ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ନାଟକ ରଚନା ବ୍ୟାପାରରେ କରୁଣ ରସକୁ ଏକମାତ୍ର ରସ ରୂପେ ସେ ଗ୍ରହଣ କରିଥିଲେ । †

ଭବଭୂତିଙ୍କ ତୁଲ୍ୟ ରାଧାନାଥଙ୍କର ଜୀବନ-ଜିଜ୍ଞାସା । ରାଧାନାଥ ଜଗତକୁ 'ଦୁଃଖ ଦତ୍ତ — ଜ୍ଞାନଚକ୍ଷୁ'ରେ ଦେଖୁଥିଲେ । ସୁଖ ପ୍ରତି ସେ ଥିଲେ ନିସ୍ପୃହ । କବିଙ୍କ ଧାରଣାରେ ଜୀବନରେ ସୁଖ ହେଉଛି, ଆକାଶ କୁସୁମ ତୁଲ୍ୟ ଏକ ଅଲଭ୍ୟ ବସ୍ତୁ । ସାଧାରଣରେ ସୁଖ ବୋଲି ଯାହା ପ୍ରତିଭାତ ହୁଏ, ତାହା ସୁଖ ନୁହେଁ, କୁହୁଡ଼ି ମାତ୍ର । ※ ଏହି ଦୃଷ୍ଟିରୁ ବିଚାରିଲେ ଦୁଃଖବୋଧ ଥିଲା ରାଧାନାଥଙ୍କ ଜୀବନର ଏକ ସର୍ବପ୍ରଭାବ ଚେତନା । ସେହିପରି ନିଃସଙ୍ଗତା ବୋଧ । ଉଦାସୀନତା ଏହାର ଏକ ପ୍ରତିଧ୍ୱନି ମାତ୍ର । ରାଧାନାଥ ଥିଲେ ସଂସାରରେ ସଦା ଉଦାସୀନ । ସଂସାରୀଙ୍କ ସାଥିରେ ସମ୍ପର୍କ ବାନ୍ଧିବା ଲାଗି ତାଙ୍କର ମନ ବଳୁ ନ ଥିଲା । କାରଣ ତାଙ୍କ ଜୀବନ ଥିଲା ଭିନ୍ନ ଉପାଦାନରେ ଗଢ଼ା ‡ । ହାହାକାର ମଧ୍ୟ ଯାହାର ଜୀବନ ସେ ବା କେମିତି

---

† ଏକୋ ରସଃ କରୁଣ ଏବ ନିମିତ୍ତ ଭେଦାତ୍
ଭିନ୍ନଃ ପୃଥକ୍, ପୃଥ ଗିବା ଶ୍ରୟତେ ବିବର୍ତ୍ତାନ୍
ଆବର୍ତ୍ତ ବୁଦ୍ ବୁଦ୍ ତରଙ୍ଗ ମୟାନ୍ ବିକାରାନ୍ ମ୍ଭୋ
ଯଥା ସଲିଳ ମେବ ହିତତ୍ ସମସ୍ତମ୍ — ।

(ଭବଭୂତି — ଉତ୍ତର ରାମ ଚରିତ)

※ ଦୁଃଖ ଦତ୍ତ ଜ୍ଞାନ ଚକ୍ଷୁରେ ଜଗତ/ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ
ସୁଖ ବୋଲି ଯାକୁ ବୋଲଇ ସଂସାର/କରୁଥାଇ ତାକୁ ଦୂରୁ ମୁଁ ଜୁହାର
ସୁଖ ରୂପେ ଯାହା ଜନ ନେତ୍ରେ ଦିଶେ/ହାତେ ଆସେ, ହାତୁଁ ପଳିବା ପାଇଁ ସେ
ବସ୍ତୁ ନୁହଇଁ ସେ ଅଟଇଟି ଧୂମ/ଅନ୍ୟ ନାମ ତା'ର ଆକାଶ କୁସୁମ ।

[ରାଧାନାଥ ଗ୍ରନ୍ଥାବଳୀ, ଚିଲିକା, ପୃଷ୍ଠା ୧୪୯-ନୂତନ ସଂସ୍କରଣ (୧୯୭୫) ବ୍ରହ୍ମପୁର]

‡ ସଂସାରେ ଥାଇ ମୁଁ ସଦା ଉଦାସୀନ/ଉଦାସୀନ ପ୍ରାୟେ କଟାଇଲି ଦିନ
ସଂସାରୀ ସଙ୍ଗତେ ସଙ୍ଗହେବା ପାଇଁ/କେବେହେଁ ମୋହର ମନ ବଳେନାହିଁ ।
···ସ୍ଥିର ଭାଗ୍ୟ ମୋର ଖଦିତ ପାଷାଣେ/ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ
ଚିର ହା ହା ମଧ୍ୟ ଏ ସ୍ଥିର ଜୀବନ/ଜୀବନ ନୁହଇ, ଜୀବନ୍ତ ମରଣ ।
ଚିରଦିନ ଦୁଃଖ ପ୍ରହାରେ ଜର୍ଜର । ପଟ୍ଟଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର ।

(ଚିଲିକା—ରାଧାନାଥ ଗ୍ରନ୍ଥାବଳୀ, ପୃଷ୍ଠା-୧୪୮,ନୂତନ ସଂସ୍କରଣ-୧୯୭୫, ବ୍ରହ୍ମପୁର)

Digitized by srujanika@gmail.com

ବୁଝିବ ଜୀବନର ସୁଖ ଦୁଃଖ ? ଜୀବନ୍ତ ମରଣର ଦାରୁଣ ଆଘାତ ହିଁ ତାହାର ନିତ୍ୟ ସମ୍ବଳ । ରାଧାନାଥ ହେଉଛନ୍ତି ଏହି ଜିଜ୍ଞାସାର ଏକ ପ୍ରତିମୂର୍ତ୍ତି, ତାଙ୍କର କାବ୍ୟ ହେଉଛି, ଜୀବନ ଯନ୍ତ୍ରଣାର ଏକ କଳାତ୍ମକ ମାନଚିତ୍ର ।

୨ । ଜୀବନରେ ଭବଭୂତିଙ୍କର ସାରସ୍ୱତ କୀର୍ତ୍ତି ବହୁ ପ୍ରତିକୂଳ ସମାଲୋଚନାର ଶିକାର ହୋଇଥିଲା । ନିନ୍ଦୁକଙ୍କର ଆଘାତରେ ଶୋକବିଦ୍ଧ ହୋଇ ପଡ଼ିଥିଲେ ଭବଭୂତି । ତଥାପି ନିଜର ସୃଷ୍ଟି ଓ ଶକ୍ତି ଉପରେ ତାଙ୍କର ଏତେ ଆସ୍ଥା ଥିଲା ଯେ ସେ ନିନ୍ଦୁକମାନଙ୍କ ପ୍ରତି ଅବଜ୍ଞା ପ୍ରକାଶ କରିଥିଲେ ।

ବିଶ୍ୱାସ ଥିଲା, ନିରବଧି କାଳ ଓ ବିପୁଳା ପୃଥ୍ୱୀ କୋଳରେ ଦିନେ ନା ଦିନେ କେହି ଜନ୍ମ ଗ୍ରହଣ କରିବେ ଯିଏ କି ସମଧର୍ମୀ ଓ ସମରୁଚିସଂପନ୍ନ ହୋଇ କବିଙ୍କର ସୃଷ୍ଟି ଯନ୍ତ୍ରଣା ଉପଲବ୍ଧି କରିବେ । † ତଦ୍ରୂପ ନିନ୍ଦା ଓ ଅପବାଦର ଦଂଶନ ଭୋଗିଥିଲେ କବି ରାଧାନାଥ; କିନ୍ତୁ ସାହିତ୍ୟ ପ୍ରତି ଥିଲା ତାଙ୍କର ଗଭୀର ଆସ୍ଥା ଓ ଭବିଷ୍ୟତ ପାଠକମାନଙ୍କର ସହୃଦୟତାରେ ଅଖଣ୍ଡ ବିଶ୍ୱାସ ।

୩ । ଭବଭୂତିଙ୍କର ଧାରଣା ଥିଲା ଯେ, କାବ୍ୟ ଓ ନାରୀ—ଏ ଦୁହିଁଙ୍କର ସାଧୁତା ସମ୍ବନ୍ଧରେ ଦୁର୍ଜନମାନେ ସତତ ସନ୍ଦିହାନ । * ଏହାର ସ୍ପଷ୍ଟ ପ୍ରତିଧ୍ୱନି ରାଧାନାଥଙ୍କଠାରୁ ଶୁଣାଯାଇ ନ ଥିଲେ ବି ତାଙ୍କ ଜୀବନରେ ଏହି କାବ୍ୟ କୀର୍ତ୍ତି ଓ ନାରୀ—ସଂସର୍ଗ ଯୋଗୁଁ ସେ ବହୁ ସନ୍ଦେହ ଓ ସମାଲୋଚନାର ବୃତ୍ତ ଭିତରକୁ ଟାଣି ହୋଇ ଯାଉଥିଲେ ।

---

† ଯେ ନାମ କେଚିଦିହ ନ ପ୍ରଥୟନ୍ତ୍ୟବଜ୍ଞାଂ
ଜାନନ୍ତୁ ତେ କିମପି ତାନ୍ ପ୍ରତି ନୈଷ ଯତ୍ନଃ ।
ଉତ୍ପତ୍ସ୍ୟତେଽସ୍ତି ମମ କୋଽପି ସମାନ ଧର୍ମୀ
କାଲୋଽହ୍ୟୟଂ ନିରବଧି ବିପୁଳା ଚ ପୃଥ୍ୱୀଃ ।

(ଭବଭୂତି—ଉତ୍ତର ରାମ ଚରିତ)

* ଯଥା ସ୍ତ୍ରୀଣାଂ ତଥା ବାଚାଂ ସାଧୁତ୍ୱେ ଦୁର୍ଜନୋ ଜନଃ

(ଭବଭୂତି—ଉତ୍ତର ରାମଚରିତ)

କିମ୍ବା

ନାରୀ ଆଉ ବାଣୀ ଦୁହିଙ୍କର ସାଧୁପଣ
ନ ମାନି ନିନ୍ଦନ୍ତି ସଦା ସକଳ ଦୁର୍ଜନ ।

(ଭକ୍ତକବି ମଧୁସୂଦନଙ୍କ ଦ୍ୱାରା ଅନୂଦିତ—ଭବଭୂତିଙ୍କର ଉତ୍ତର ରାମ ଚରିତରୁ ସଂଗୃହୀତ)

Digitized by srujanika@gmail.com

୪ । ରାଧାନାଥ, ଭବଭୂତିଙ୍କ ପରି ଖୁବ୍ ଅନ୍ତର୍ମୁଖୀ । ମଣିଷ ମନର ଗହନ ସ୍ତରକୁ ପ୍ରବେଶ କରି କୋମଳ ବୃତ୍ତିନିଚୟର ସୂକ୍ଷ୍ମାତିସୂକ୍ଷ୍ମ ରୂପାୟନରେ ଦୁଇ କବି ବେଶ୍ ଅନୁରାଗୀ । ଏମାନେ ଗମ୍ଭୀରତାର ପୋଷାକ, ଲଘୁତା କିମ୍ବା ହାସ୍ୟ କୌତୁକର ବାତାବରଣ ସୃଷ୍ଟି କରି ପାଠକ ମନକୁ ହାଲୁକା ରସ-ବୈଚିତ୍ର୍ୟର ସ୍ୱାଦ ଯୋଗାଇବାକୁ କେବେ ଇଚ୍ଛା କରି ନାହାଁନ୍ତି । କେଦାରଗୌରୀଠାରୁ ପାର୍ବତୀ ପର୍ଯ୍ୟନ୍ତ ସମସ୍ତ କଥାକାବ୍ୟର ଅନ୍ତଃସ୍ୱର ଯେ ହେତୁ କରୁଣ ରସରେ ପରିପୂର୍ଣ୍ଣ ସେଠି ହାସ୍ୟରସର ଲଘୁତା ଅବା ଆସିବ କାହୁଁ ଏତଦ୍‌ଭିନ୍ନ ଦରବାର, ଚିଲିକା ଓ ମହାଯାତ୍ରା ପ୍ରଭୃତି କୃତିରେ ଭାବ ଗମ୍ଭୀର ମନୁଷ୍ୟତାର ପ୍ରାଣାବେଗ ନିହିତ, କିମ୍ବା ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ ଓ ଦଶରଥ ବିୟୋଗ ଆଦିରେ କରୁଣ ଉଚ୍ଛ୍ୱାସର ଅଭିବ୍ୟକ୍ତି ସ୍ପଷ୍ଟ ।

୫ । ଭବଭୂତିଙ୍କର ପ୍ରକୃତିଚର୍ଯ୍ୟାରେ ରୌଦ୍ର ଓ କମନୀୟ ରୂପାଲେଖ୍ୟର ପ୍ରାଧାନ୍ୟ ଥିଲାପରି ରାଧାନାଥଙ୍କର ପ୍ରକୃତିରେ ଶୌର୍ଯ୍ୟ ଓ ଶ୍ରୀର ସମନ୍ୱୟ ଉପଲବ୍ଧି ହୋଇଥାଏ । ଭବଭୂତିଙ୍କ ପ୍ରକୃତି ବର୍ଣ୍ଣନାରେ ଠାଏ ଠାଏ ଗିରିବନ ନଦୀ ଇତ୍ୟାଦିର ବହିଃରଙ୍ଗ ବର୍ଣ୍ଣନା ପରିଦୃଷ୍ଟ ହୁଏ । ସେହିପରି ରାଧାନାଥଙ୍କର ପ୍ରକୃତି ଚିତ୍ରଣରେ ଭୌଗୋଳିକ ସ୍ଥିତି-ଅବସ୍ଥିତିର ବିପୁଳ ବର୍ଣ୍ଣନା ଦେଖାଯାଏ ।

୬ । ଭବଭୂତିଙ୍କର ଉପମା ବସ୍ତୁ ଓ ଭାବନିଷ୍ଠ, ଅର୍ଥାତ୍ ଉପମା ପ୍ରୟୋଗରେ ସେ ଗୋଟିଏ ବସ୍ତୁ ସହିତ ଆଉ ଗୋଟିଏ ଭାବର ତୁଳନା କରିଥାନ୍ତି । ସେହିପରି ରାଧାନାଥଙ୍କର ଉପମା ପ୍ରୟୋଗ ପ୍ରଣାଳୀରେ ଅନେକତ୍ର ଏଭଳି ରୀତିର ଅବଲମ୍ବନ ଦେଖାଯାଏ । †

ପ୍ରାଜ୍ଞ ରାଧାନାଥ, ଭବଭୂତିଙ୍କଠାରେ ଆପଣା ଦୃଷ୍ଟିକୋଣର ପ୍ରତିବିମ୍ବନ ଦେଖିଛନ୍ତି । ପ୍ରଥମରୁ ଯେ ସେ, ଭବଭୂତିଙ୍କ ଜୀବନଧର୍ମ ଅନୁଯାୟୀ ଆପଣାର ଜୀବନ

---

† ୧ । ବୃକ୍ଷ ପାଷାଣ ମଧ୍ୟେ ଯଥା ଦ୍ରବ୍ୟର ଦାହନ
ରାମଙ୍କ ବିରହ ଶୋକ ଅଟଇ ତେସନ ।

୨ । ହୃଦ-କୁସୁମ-ଶୋଷୀ ଦୀର୍ଘ ଦାରୁଣ
ଶୋକ ଦହୁଛି ଦେହ କ୍ଷଣକୁ କ୍ଷଣ ।
ଶରଦର ପ୍ରଖର ରୌଦ୍ର ଯେସନ
କେତକୀ-ଗର୍ଭ-ପତ୍ରେ କରେ ଶୋଷଣ

Digitized by srujanika@gmail.com

ଜିଜ୍ଞାସାକୁ ରୂପ ଦେଇଛନ୍ତି ତାହା ନୁହେଁ, ଜୀବନର ଦୃଷ୍ଟିକୋଣ ବ୍ୟକ୍ତିର ନିଜସ୍ୱ, ସ୍ୱଭାବ ଓ ସ୍ୱଧର୍ମ ସିଏ, ତାହା ଆପଣାଛାଏଁ ଗଢ଼ି ହୋଇଯାଏ, ରାଧାନାଥଙ୍କଠାରେ ତାହାହିଁ ହୋଇଛି ।

ରାଧାନାଥଙ୍କର ପ୍ରମାଣ ମନୀଷା, ଜୀବନର ଅପରାହ୍ଣରେ ଯେତେବେଳେ ଆପଣାକୁ ବିଶ୍ଳେଷଣ କରିଛି ସେତେବେଳେ ଅଭିଜ୍ଞାନରୁ ବୁଝିଛି ଯେ, ଭବଭୂତିଙ୍କର ମନ ସହିତ ତାଙ୍କର ମେଳ ଯଥେଷ୍ଟ । ଜୀବନର ଚଉଭୂଇଁରେ ବୁଲି ବୁଲି ପୂର୍ବସୂରି ଭବଭୂତିଙ୍କର ଜୀବନ ଦର୍ଶନ ସହିତ ରାଧାନାଥଙ୍କର ସାକ୍ଷାତ ହୋଇଛି । ସେ ଆତ୍ମ ବିଶ୍ଳେଷଣ କଲା ଅବସରରେ ଭବଭୂତିଙ୍କ ଜୀବନ ଦର୍ଶନର ସାଦୃଶ୍ୟ ଆପଣାଠାରେ ଦେଖି ପାରିଛନ୍ତି । ସ୍ୱଭାବତ ହୋଇ ଯେ ଭବଭୂତିଙ୍କର ଦୃଷ୍ଟିଭଙ୍ଗୀ, ରାଧାନାଥ ଜୀବନରେ ପୋଷଣ କରିଛନ୍ତି ତାହା ନୁହେଁ । ଭବଭୂତି ତାଙ୍କର ନିକଟବର୍ତ୍ତୀ ବୋଧ ହୋଇଛନ୍ତି, ଜୟଦେବ ହୋଇନାହାନ୍ତି । କାରଣ ମାଧୁର୍ଯ୍ୟ ଓ ଆନନ୍ଦ ଦର୍ଶନ ତ ଜୟଦେବଙ୍କର ସ୍ୱଧର୍ମ । କିନ୍ତୁ ରାଧାନାଥୀ ଦର୍ଶନରେ କାରୁଣ୍ୟ ଯେ ଏକ ସର୍ବବ୍ୟାପୀ ଚେତନା; ତେଣୁ ବ୍ୟବଧାନ କେତେ

---

† ୩ । ପ୍ରବଳ ଜଳ ସ୍ରୋତ ବନ୍ଧ ପ୍ରଖରେ/ଭାଙ୍ଗି ବାଲୁକା ସେତୁ ଚରେ ସାଗରେ,
ତେସନେ ଧୃତ ଚେଷ୍ଟା ବିଫଳ କରି/ଘୋର ଶୋକ ହୃଦସ୍ଥେ ଯାଏ ପ୍ରସରି ।

[ଏହି ଉଦ୍ଧୃତିଗୁଡ଼ିକ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ଅନୁବାଦିତ ଭବଭୂତିଙ୍କର ଉତ୍ତର ରାମଚରିତର ଅଂଶ ବିଶେଷ—ଦ୍ରଷ୍ଟବ୍ୟ ମଧୁସୂଦନ ଗ୍ରନ୍ଥାବଳୀ (ଗ୍ରନ୍ଥ ମନ୍ଦିର ସଂସ୍କରଣ ୧୯୬୫] ପୃଷ୍ଠା ୩୪୯, ୩୫୦, ୩୬୮ ।

୪ । ପାପଠାରୁ ଆହା ପାଷାଣ୍ଡର ପୁଣ୍ୟ ଶତଗୁଣେ ଭୟଙ୍କର
ତିକ୍ତଠାରୁ ଯେହ୍ନେ କଟୁ ଶତ ଗୁଣେ ମାଧୁର୍ଯ୍ୟ ନିମ୍ବ ଫଳର ।

୫ । କି ଅଛି ଜଗତେ ସ୍ନେହମୟ ପିତାସ୍ନେହ ସଙ୍ଗେ ହେବ ଲକ୍ଷ୍ୟ ?
ପିତୃ ସ୍ନେହ ସଙ୍ଗେ ତୁଳା ଲଭିବାକୁ କେବଳ ସିନ୍ଧୁ ସେ ଶକ୍ୟ
ଅଗାଧ ଗମ୍ଭୀର ପିତୃ ସ୍ନେହ ଦେଖ, ଅଗାଧ ଯେସନ ସିନ୍ଧୁ,
ସନ୍ତତି-ବୃଦ୍ଧିରେ ପିତୃ ସ୍ନେହ ବଢ଼େ ସିନ୍ଧୁ ଦେଖି ପୂର୍ଣ୍ଣ ଇନ୍ଦୁ

[ଏହି ଉଦ୍ଧୃତିଗୁଡ଼ିକ ବସ୍ତୁ ଓ ଭାବଜନିତ ଉପମାର ଗୋଟିଏ ଗୋଟିଏ ନମୁନା—ରାଧାନାଥ ଗ୍ରନ୍ଥାବଳୀ (୧୯୭୫) ଅନ୍ତର୍ଗତ ପାର୍ବତୀ କାବ୍ୟରୁ ସଂଗୃହୀତ ପୃ. ୧୧୩,୧୨୩—ପୁସ୍ତକ ଭଣ୍ଡାର ବ୍ରହ୍ମପୁର ପ୍ରକାଶିତ]

Digitized by srujanika@gmail.com

୭ । ରାଧାନାଥଙ୍କର କବିତା ହେଉଛି, ମାନବ ଜୀବନର ଭାଷ୍ୟ । ଖୁବ୍ ତନ୍ମୟ ଓ ନିର୍ବିକାର ଦୃଷ୍ଟି ଦେଇ ସେ ମଣିଷଙ୍କୁ ଦେଖିଛନ୍ତି । ଜୀବନର ଆଲୁଅ ଓ ଅନ୍ଧାର ପକ୍ଷକୁ ସ୍ୱୀକାର କରିଛନ୍ତି । ପୃଥିବୀର ସବୁଜ ପ୍ରାନ୍ତର ତାଙ୍କୁ ସ୍ୱପ୍ନାଚ୍ଛନ୍ନ କରିଛି । ପୁଣି ମାଟିର ଧୂସର ଦିଗନ୍ତ ତାଙ୍କୁ କରିଛି ଅନେକ ଅଧୀର ଓ ଭାବମଗ୍ନ । ଆକାଶର ଅନନ୍ତ ବ୍ୟାପ୍ତି ଓ ଅଖଣ୍ଡ ଶୂନ୍ୟତାରୁ ସେ ଭାବ ଭୋଗ କରିଛନ୍ତି, ନୀଳମାରେ ଆପଣାର ଅଂଗରାଗକୁ ମଧ୍ୟ ଧୋଇ ଦେଇଛନ୍ତି । ତେଣୁ କୁହାଯାଇ ପାରେ ଯେ ରାଧାନାଥ ତାଙ୍କ କବିତାରେ ପ୍ରକୃତିର ଫୁଲ ତୋଳିଛନ୍ତି, ଜୀବନର ମୂଲ୍ୟ କଳିଛନ୍ତି । ତାଙ୍କ କବିତା ହେଉଛି ମାଟିରେ ଉଆସ ଏକ ନିର୍ମଳ ଆକାଶ ।

ଏହାର ପୁଣି ଦୁଇଟି ଦିଗ, ଗୋଟିଏ ହେଉଛି ଜୀବନର ବାସ୍ତବତା ଅନ୍ୟଟି ହେଉଛି ପ୍ରକୃତିର ରମଣୀୟତା । କବିଙ୍କର କାବ୍ୟ-ଦର୍ଶନ, ଜୀବନ ଓ ପ୍ରକୃତିର ବିବିଧ ଭାବପକ୍ଷକୁ ନେଇ ପରିଗଠିତ । ଜୀବନର ଦୁଃଖ, ପାପ, ନୈତିକ ବିଚ୍ୟୁତି ଓ ଅପରାଧର କାବ୍ୟ-ଲିପି ସେ ଅଙ୍କନ କରିଛନ୍ତି । ଜୀବନରେ ଯାହା ସତ୍ୟ ଏବଂ ଯାହା ଜୀବ-ଧର୍ମୀ-ସମ୍ଭାବନା କିମ୍ବା ଅପ୍ରିୟ ବାସ୍ତବତା ରୂପେ ପ୍ରତିଭାତ ତା'ର ସେ ହେଉଛନ୍ତି କାବ୍ୟକାର ।

୮ । ବାସ୍ତବତାର ଆକର୍ଷଣରୁ ତାଙ୍କ କାବ୍ୟ-ଦର୍ଶନର ଉଦ୍‌ଭବ, ସେଇଥିରେ ତା'ର ପରିପୁଷ୍ଟି ସତ୍ୟର କିନ୍ତୁ ଏକ ନୈତିକ ଆଦର୍ଶର ଇଂଗିତରେ ତାହାର ପରିସମାପ୍ତି । କବି ବୃଦ୍ଧବରର ଜୀବନର ନଗ୍ନ ବାସ୍ତବତାକୁ ଉପଲବ୍‌ଧି କରିଛନ୍ତି । ଅନ୍ଧାରରେ ବୁଡ଼ି ରହିଥିବା ଜୀବନକୁ ଉଠାଇ ଆଲୋକର ଇଲାକା ଆଡ଼କୁ ନେଇ ଯାଇଛନ୍ତି । ଏଇ ଆଲୋକର ଜଗତ ହେଉଛି, ନୀତିର ଜଗତ । ନଗ୍ନ ମାନବିକ ସତ୍ୟର କାବ୍ୟିକ ଅଭିବ୍ୟକ୍ତିର କବି ଖୁବ୍ ନିର୍ଭୀକ ମାତ୍ର ଏହାର ଅନ୍ତରାଳରେ ଅଛି ଜଣେ ନୀତିମନା ସମାଜଚେତାର ମନ । ଗଙ୍ଗେଶ୍ୱରଙ୍କର ଅପକର୍ମ, ଅସାମାଜିକ ହେଲେ ବି ଏହା ଏକ ନଗ୍ନ ବାସ୍ତବତା କିନ୍ତୁ ଗଙ୍ଗେଶ୍ୱରଙ୍କ ମରଣ-ଦଣ୍ଡ ରୂପକ କରୁଣ ପରିଣତିରେ ନିହିତ ଏକ ନୈତିକ ଇଂଗିତ ପାପୀର ପ୍ରାୟଶ୍ଚିତ୍ତ ତା'ର ଅପମୃତ୍ୟୁରେ । ନନ୍ଦିକା ପାଇଛି ଉପଯୁକ୍ତ ଶାସ୍ତି—ତା'ର ଉଚ୍ଛୃଙ୍ଖଳ ପ୍ରେମ ବାସନା ପାଇଁ । ସାମାଜିକ ନ୍ୟାୟ ବିଚାର ସେ ଭୋଗୁ କି ନ ଭୋଗୁ, ନୈତିକ ନ୍ୟାୟର ନିର୍ଦ୍ଦେଶ ତାକୁ ଲାଗୁ ହୋଇଛି—ସେ ଆତ୍ମ ମୃତ୍ୟୁର ପରିଣାମ ଭୋଗ କରିଛି । ଏହା କ'ଣ ସୂଚନା ଦିଏ ନାହିଁ କି ଯେ ରାଧାନାଥଙ୍କ କାବ୍ୟ ସାହିତ୍ୟରେ ଯେତେ ପାପ ବା କଳଙ୍କର କଳା ଛବି ଥିଲେ ବି ସେମାନଙ୍କର ଅନ୍ତରାଳରେ ଏକ ଦୃଢ଼ ନୈତିକ ଆଦର୍ଶ ବିଦ୍ୟମାନ ? ଏଇଥି ଲାଗି ରାଧାନାଥଙ୍କର କାବ୍ୟ ଦର୍ଶନ ବାହ୍ୟତଃ ରୋମାଣ୍ଟିକ୍ ଉଚ୍ଛ୍ୱାସର ନିର୍ବାଧ ଉଚ୍ଚାରଣ ପରି ଜଣା ଯାଉଥିଲେ ମଧ୍ୟ ଏହାର ଅନ୍ତରାଳରେ କ୍ଲାସିକ—ମନୁଷ୍ୟତାର ଭାବାବେଶ ବେଶ୍

Digitized by srujanika@gmail.com

ଲକ୍ଷଣୀୟ । ତେଣୁ ରାଧାନାଥଙ୍କର କବିତା ରୋମାଣ୍ଟିକ୍ ହୋଇ ମଧ୍ୟ କ୍ଲାସିକ ସୌନ୍ଦର୍ଯ୍ୟରେ ସିକ୍ତ—ଏହାହିଁ ତାଙ୍କ କାବ୍ୟ ଦର୍ଶନର ଅସାଧାରଣତ୍ୱର ଏକ ନମୂନା ।

୯ । ଜୀବନ ପରି ରାଧାନାଥଙ୍କର ପ୍ରକୃତି ଚର୍ଚ୍ଚା ମଧ୍ୟ ବାସ୍ତବ । ପ୍ରକୃତି ଭିତରେ ସେ ଜୀବନକୁ ଦେଖିଛନ୍ତି । ଜୀବନର ବୈଚିତ୍ର୍ୟ ବୋଧ ମଧ୍ୟ ସେ ପ୍ରକୃତିଠାରେ ଲକ୍ଷ୍ୟ କରିଛନ୍ତି । ପ୍ରକୃତି ଓ ଜୀବନ ଏକାକାର ହୋଇ ଯାଇଛନ୍ତି ତାଙ୍କ ଲେଖାରେ । ରାଧାନାଥଙ୍କର କବି ଦୃଷ୍ଟି ଯେଉଁ ମାଟି ବା ପଥର ଉପରେ ପଡ଼ିଛି, ସେଠି ଦେଖି ଯାଇଛି ଏକ ଅପୂର୍ବ ସ୍ୱାତନ୍ତ୍ର୍ୟବାଦ ଶିହରଣ । ସେମାନେ ମୂକ ତଥାପି ତାଙ୍କଠାରେ ଯେଉଁ ବାକ୍ ଶକ୍ତିର ସ୍ଫୁରଣ ଘଟିଛି, ତାହାର ବଳରେ ସେମାନେ ଜୀବନର ଶାଶ୍ୱତ ଦର୍ଶନର କିଛି ସଂଦେଶ ବିତରଣ କରିଛନ୍ତି । * ଭଗ୍ନ ଦୁର୍ଗ, ଜର୍ଜରିତ ଦେଉଳ, ଶୈବାଳ ଅରଣ୍ୟ—ଏମାନେ ଭଙ୍ଗୁରତାର ଦର୍ଶନ ବାଢ଼ିଛନ୍ତି । ତାଙ୍କଠାରେ କେଉଁ ଶକ୍ତିର ସଞ୍ଚାର ଘଟିଛି ? ଭାବିଲେ ମନେ ହୁଏ ନାହିଁ କି—ରାଧାନାଥଙ୍କର କାବ୍ୟ ଦର୍ଶନରେ ଜୀବନ ଓ ପ୍ରକୃତିର ସତ୍ତା ଅଭିନ୍ନ !

୧୦ । ରାଧାନାଥଙ୍କ ଆଖିର ପରିଧି, ଆମ ସାହିତ୍ୟର ଚଳି ପଥର ସୀମିତ ଚୌହଦୀକୁ ଡେଇଁ ଅପରିଚ୍ଛନ୍ନ ଦିଗନ୍ତ ଅଭିମୁଖେ ମାଡ଼ି ଯାଇଛି । ବିଶ୍ୱର ଆକାଶକୁ ଆଣି ସେ ଉତ୍କଳର ସୀମା ପରିଧି ଭିତରେ ମିଶେଇ ଦେଇଛନ୍ତି । ଗ୍ରୀସ୍, ରୋମ ଇତ୍ୟାଦି କାହିଁ କେତେ ପାଶ୍ଚାତ୍ୟ ଭୂଖଣ୍ଡ ଓଡ଼ିଶାର ଗ୍ରେଟ ଗ୍ରେଟ ପଲ୍ଲୀ ପରି ଆମର ଆଖି ଆଗରେ ନାଚି ଉଠିଛନ୍ତି । କେହି କେହି କହୁଛନ୍ତି, ଏହା ହେଉଛି ବିସ୍ତୃତ ଅଧ୍ୟୟନର ଫଳ । କିନ୍ତୁ ଅଧ୍ୟୟନ ଥିଲେ ସମସ୍ତେ କବି ହୋଇ ଯାଆନ୍ତି ନାହିଁ । କାରଣ 'ବିଦ୍ୟାଭ୍ୟାସରେ କବିତା ଆସେ ନାଇ, ପାଣ୍ଡିତ୍ୟରୁ ତାହାର ଉତ୍ପତ୍ତି ନୁହେ । ତାହା ହୃଦୟର ଏକ ସ୍ୱତନ୍ତ୍ର ବୃତ୍ତି ।' †

---

* ଭଗ୍ନ ଦୁର୍ଗ, ଜର୍ଜରିତ ଦେଉଳ
ଶୈବାଳ ଅରଣ୍ୟ ଲତା-ଗୁଳ୍ମାକୁଳ
ମୂର୍ତ୍ତିମତୀ ହୋଇ ଭବ ଭଙ୍ଗୁରତା
ପ୍ରତିଧ୍ୱନି ଛଳେ କହେ ଯହିଁ କଥା

[ଚିଲିକା—ରାଧାନାଥ ଗ୍ରନ୍ଥାବଳୀ (୧୯୭୫) ନୂତନ ସଂସ୍କରଣ' ବ୍ରହ୍ମପୁର ପୃଷ୍ଠା—୧୩୭]

† ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୪) ପୃଷ୍ଠା—୨୧୧, କଟକ,

Digitized by srujanika@gmail.com

ହେଇପାରେ ରାଧାନାଥୀ ସାହିତ୍ୟ, ଅନୁକୃତ ଓ ଆହୃତର ବିପୁଳ ସମ୍ପଦ । ତା' ବୋଲି ରାଧାନାଥଙ୍କ ପ୍ରତିଭା ଯେ ଗୌଣ, ଏପରି କହିବା ସଙ୍ଗତ ନୁହେଁ । ଏଇ ମତବାଦର ଉତ୍ତରରେ ପଣ୍ଡିତ ନୀଳକଣ୍ଠଙ୍କର ଯୁକ୍ତି ହେଲା, "କେତେଗୁଡ଼ିଏ ମୃତ ଜୀବଙ୍କ କଙ୍କାଳର ଅସ୍ଥି ସଂଗ୍ରହ କରି ଗୋଟିଏ ଅଭିନବ ଜୀବସୃଷ୍ଟି କରିବା ଯେରୂପ କଠିନ, ଅନ୍ୟାନ୍ୟ କାବ୍ୟରୁ ଭାବ ସଂଗ୍ରହ କରି ଗୋଟିଏ ନବୀନ କାବ୍ୟ ପ୍ରଣୟନ କରିବା ମଧ୍ୟ ତଦ୍ରୂପ ଅତ୍ୟନ୍ତ ଦୁରୁହ । ଏପରି ଅନୁକରଣର ଗୌରବ ବିଗ୍ଭର କରି ବସିଲେ ପୃଥିବୀ ବିଖ୍ୟାତ ମିଲ୍‌ଟନ କିମ୍ବା ସେକ୍‌ସପିଅର ମଧ୍ୟ ଗୌରବ ଚ୍ୟୁତ ହେବେ ।"* ଏହା ହିଁ ହେଉଛି ପ୍ରତିଭାର ମୌଳିକତାକୁ ଚିହ୍ନିବାର ଏକ ନିରପେକ୍ଷ ଅବଲମ୍ବନ ।

ତେଣୁ କୁହାଯାଇ ପାରେ ଯେ, ଆପଣା କବି-ଶକ୍ତି ବଳରେ ଆହୃତ ଉପାଦାନକୁ ମୌଳିକ କରି ଗଢ଼ି ତୋଳିବା ହେଉଛି ରାଧାନାଥୀ କାବ୍ୟ ଦର୍ଶନର ବୈଶିଷ୍ଟ୍ୟ । ଏହି ଲକ୍ଷଣର ସୁରକ୍ଷା ଲାଗି ରାଧାନାଥ, ସତତ ଯତ୍ନଶୀଳ ଏବଂ ଏହାର ସଫଳ ବିନ୍ୟାସ ପାଇଁ ଓଡ଼ିଆ କାବ୍ୟ ସାହିତ୍ୟରେ ସେ ଆଧୁନିକ ।

୧୧ । ରାଧାନାଥଙ୍କ ଅବଦାନରୁ ଆମରି ସାହିତ୍ୟ ହେଲା ଆମରି ମୁକୁର । କାବ୍ୟରେ ନୂତନ ବିଷୟବସ୍ତୁର ବିନିଯୋଗ ଘଟିଲା । ଆମର କାବ୍ୟ-ପରମ୍ପରାରେ ପ୍ରେମଭକ୍ତିକ କଥାବସ୍ତୁର ପ୍ରାଧାନ୍ୟ ଥିଲା । ସ୍ୱକୀୟା କିମ୍ବା ପରକୀୟା ପ୍ରେମଚର୍ଯ୍ୟା ପ୍ରତି କବିମାନଙ୍କର ନଜର ଥିଲା ବେଶୀ । ବୈଷ୍ଣବ କବିତାମାନଙ୍କରେ ପରକୀୟା ପ୍ରେମ କଥାକୁ ଧର୍ମ ବା ଇଷ୍ଟ ଭାବନାର ପ୍ରଲେପରେ ଶୁଚିମନ୍ତ କରି ଦିଆଯାଇ ଥିଲା । ପୂର୍ବରାଗ, ପ୍ରଣୟ, ସମ୍ଭୋଗ, ବିରହ-ମିଳନ ଇତ୍ୟାଦିର ସୋପାନ ଦେଇ ପ୍ରେମକଥାର ଧାରାବାହିକ ଗତି ପ୍ରାଚୀନ କାବ୍ୟ କବିତାମାନଙ୍କରେ ପରିଲକ୍ଷିତ ହେଉଥିଲା । ପ୍ରେମ ଯେ ମଣିଷର ଏକ ସ୍ୱାଭାବିକ ଭାବ ବିଳାସ; ବୈଚିତ୍ର୍ୟରେ ଏହାର ସୌନ୍ଦର୍ଯ୍ୟ ନିହିତ—ପ୍ରାଚୀନ କବି ଏଇ ଦର୍ଶନର ଐଶ୍ୱର୍ଯ୍ୟମୟ ଦିଗଟିକୁ ବୁଝି ନ ଥିଲା ।

ପ୍ରାଚୀନ କବି ଥିଲେ ରତିବିଳାସୀ । ଉପେନ୍ଦ୍ର ଭଞ୍ଜଙ୍କ ପରି ଶୃଙ୍ଗାରୀ କବିଗଣଙ୍କର ରତି ଜିଜ୍ଞାସାରେ ଦେହଜ ସମ୍ଭୋଗର ପରିଚର୍ଯ୍ୟାକୁ ସ୍ୱୀକୃତି ଦିଆଯାଇଥିଲା । ବୈଷ୍ଣବ କବିଗଣଙ୍କର ଜିଜ୍ଞାସାରେ ରତିର ଦର୍ଶନ, ଅସ୍ମାସହ ଆତ୍ମାର ରମଣକୁ ବୁଝାଉଥିଲା । ଏଠି ଦେହଥିଲା ଅସ୍ମାର ଆଧାର । କିନ୍ତୁ ଦେହକୁ ମୁଖ୍ୟ ସ୍ଥାନ ମିଳି ନ ଥିଲା । ଭୋଗର ଯେଉଁ ପ୍ରାପ୍ତି ଏଠି ଘଟୁଥିଲା ତାହା ହେଉଛି ସମ୍ପୂର୍ଣ୍ଣତଃ ଭାବକ୍ଷେତ୍ର, ଇନ୍ଦ୍ରିୟ-ସୁଖଗତ ନୁହେଁ । ଭକ୍ତୀୟ କାବ୍ୟ ଭାବନାରେ ଯେଉଁ

---

* ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୪) ପୃଷ୍ଠା ୧୫୭, କଟକ ।

Digitized by srujanika@gmail.com

ରତିର ଉଲ୍ଲେଖ ହୋଇଥିଲା, ତାହା ପ୍ରେମ ସମ୍ପର୍କୀୟ ମାନବର ଲାଳସାର ବହୁଭିନ୍ନ ଦିଗ ମଧ୍ୟରୁ କେବଳ ଦୈହିକ କ୍ଷୁଧା ତୃପ୍ତିର ଆବଶ୍ୟକତାଟିକୁ ଦୃଷ୍ଟି ଦେଇଥିଲା । ଏଥିରୁ ମାନବର ପ୍ରେମ ଜିଜ୍ଞାସାର ବାସ୍ତବତାର ଆଭାସ ମିଳୁଥିଲେ ବି ତାହା ଥିଲା ଆଂଶିକ । ବୈଷ୍ଣବ କବି ପ୍ରେମର ଅତୀନ୍ଦ୍ରିୟ ଦିଗଟିକୁ ଚାହିଁଲେ, ତାହର ସ୍ୱରୂପ ତା ବାସ୍ତବୋତ୍ତର ।

୧୨ । ରାଧାନାଥଙ୍କର କାବ୍ୟ-ଦର୍ଶନରେ ମାନବୀୟ ପ୍ରୀତିର ଗୌରବ କୀର୍ତ୍ତିତ ହେଲା । ରତି ଅପେକ୍ଷା ପ୍ରୀତି ପାଇଲା ଏଠି କାବ୍ୟକ ଅଧିକାର । ବାସ୍ତବ ଜୀବନରେ ଯାହା ସବୁ ଦିଗରୁ ସତ୍ୟ ଓ ସମ୍ଭାବ୍ୟ ତାହାର ରୂପ ଲେଖିଲେ କବି ରାଧାନାଥ । ତାଙ୍କ କାବ୍ୟ ହେଲା ବାସ୍ତବ ଜୀବନର ପୂର୍ଣ୍ଣାଙ୍ଗ ପ୍ରଣୟ କାହାଣୀ । ଆମର ପାରମ୍ପରିକ ପ୍ରେମ ଜିଜ୍ଞାସାର ବ୍ୟତିକ୍ରମ ସ୍ୱରୂପ ରାଧାନାଥଙ୍କର କାବ୍ୟ-କୁଞ୍ଜରେ କେଦାର ଗୌରୀଙ୍କ ପ୍ରଣୟ ଓ ତା'ର ପରିଣତି, ସୂର୍ଯ୍ୟଦେବଙ୍କର ଲାଳସାଲିପ୍ତ ପ୍ରେମ-ପ୍ରାର୍ଥନା, ନନ୍ଦିକେଶ୍ୱରୀର ଗୁପ୍ତ ପ୍ରଣୟାଭିସାର ଓ ତା'ର ଦେଶ ଦ୍ରୋହୀ, ଜାତି ଦ୍ରୋହୀ, ପିତୃଦ୍ରୋହୀ ଆଚରଣ ଏବଂ ଉଦାର ପୁରୁଷୋତ୍ତମ କଠୋରତା କମ୍ବା ଗଙ୍ଗେଶ୍ୱରଙ୍କର କନ୍ୟା ସମ୍ଭୋଗ ଲାଳସା ଯଯାତି—ବିମଳା—ଲଳିତାଙ୍କର ଲୁଗୁଚିପା ସମ୍ଭୋଗ ବୈଭବ, ଇତ୍ୟାଦି କର୍ଷି ତଥ୍ୟବେ, ପ୍ରେମ ସମ୍ପର୍କରେ କିଛି ନୂତନତା ଓ ବୈଚିତ୍ର୍ୟର ସନ୍ଧାନ ଦେଲା ତହିଁରୁ ମଧ୍ୟ ବାସ୍ତବତାବାର ଆଲୁଅ ଓ ଅନ୍ଧାର ଉଭୟ ପକ୍ଷର ପରିଚୟ ମିଳୁଥିଲା । ତେଣୁ ରାଧାନାଥଙ୍କ କାବ୍ୟ ହେଲା ବାସ୍ତବତାଶ୍ରୟୀ, ବାସ୍ତବତାର ପ୍ରବାହରେ ପହଁଶ ପହଁଶ ଏହା ପରିଣତିରେ ବାସ୍ତବୋତ୍ତର ଚେତନାର ସଙ୍କେତ ଦେଇଛି ସିନା, ମୂଳରୁ ଆଦର୍ଶ ଶିଖରରେ ଆଶ୍ରୟ ନେଇ ନାହିଁ । ଏହା ହିଁ ହେଉଛି ରାଧାନାଥ ଙ୍କର କାବ୍ୟ-ଦର୍ଶନର ଅନ୍ୟ ଏକ ନିଦର୍ଶନ ।

୧୩ । ଜୀବନରେ ପ୍ରୀତିର ଫୁଲ ତୋଳୁ ତୋଳୁ କବି ଏଇ ପ୍ରୀତିଭରା ମନଟିକୁ ଦେଶ ଓ ଜାତି ଆଡ଼କୁ ଖୋଲି ଦେଇଛନ୍ତି । ରାଧାନାଥ ତାଙ୍କ କବିତାରେ ଜାତିର ବିଭବକୁ ଆବିଷ୍କାର କରିଛନ୍ତି, ମାଟିର ପ୍ରତ୍ୟେକ ସଂପଦ ସ୍ୱମହିମାରେ ମୂର୍ତ୍ତିମାନ ହୋଇ ଉଠିଛନ୍ତି । ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଭିତରେ ଥିବା ପ୍ରତିଟି ଅଜଣା ଅଶୁଣା ବସ୍ତୁ ପିଣ୍ଡକୁ ସେ ତା'ର ମହିମା ସଚେତନ କରାଇ ଦେଇଛନ୍ତି । ମାଟିକୁ ମର୍ଯ୍ୟାଦା ଦେଇଛନ୍ତି—କମ୍ବଦନ୍ତୀ, ପୁରାଣ ପେଡ଼ି ଭିତରେ ଲୁଚି ରହିଥିବା ଗୌରବର ସୂତି-ଚିହ୍ନକୁ ସେ ଖୋଜି ଖୋଜି ଅର୍ଣିଛନ୍ତି । ଯେଉଁଠି ମାଟିର ଗୌରବ ଅକଥିତ ହୋଇ ରହି ଯାଇଛି କୋଳି ଜଣଙ୍କର ହୃଦବୋଧ ହୋଇଛି, ସେଠି ସେ ଖେଦ ପ୍ରକାଶ କରିଛନ୍ତି । ✻ ଭାରତୀୟ ଅସ୍ମାର ବଚ୍ୟୁତିକୁ କବି ସହି

✻ କ୍ଷୁଦ୍ର ଶିପ୍ରା-ସ୍ରୋତ ବିଖ୍ୟାତ ଜଗତେ/ମହାନଦୀ ନାମ ରହିଲା ଗୁପତେ ! ସ୍ୱରୂପ ଅଶୁଂଧା ଲୋକେ ଅଗୋଚର/ପୂଜାଷ୍ପଦ ହେଲ ଗୋଷ୍ପଦ-ପ୍ରସ୍କର;—ଚିଲିକା ରାଧାନାଥ ଗ୍ରନ୍ଥାବଳୀ (୧୯୬୫) ଦ୍ରହ୍ମପୁର-ପୃଷ୍ଠା ୧୪୯ ।

Digitized by srujanika@gmail.com

ପାର ନାହାଁନ୍ତି । ଲୋକ ଜୀବନ କମ୍ବା ଦେଶ ଜୀବନରେ ଯେଉଁଠି ସ୍ଖଳନ ବା ଗ୍ଲାନିର ନିଦର୍ଶନ ପାଉଛନ୍ତି ସେଠି ସେ ସଚେତନତାର ଜାଗରଣ ପାଇଁ ଯତ୍ନ କରିଛନ୍ତି । ଜାତୀୟ ଭାବନାର ପ୍ରତିପୋଷଣ ସମୟରେ କବିଙ୍କ ଚିତ୍ତରେ ଯେତେବେଳେ ମହାଭାରତୀୟ ଚେତନାର ସ୍ୱର ଝଙ୍କୃତ ହୋଇଛି ତାହା ସେତେ ଉଗ୍ର ନ ହୋଇ କ୍ଷୀଣ ବା ପ୍ରଚ୍ଛନ୍ନ ହୋଇ ଯାଇଛି—ଯେପରି 'ଶିବାଜୀଙ୍କ ଉତ୍ସାହ ବାକ୍ୟ'ରେ ଜାତୀୟ ଉଦ୍‌ବୋଧନର ଉଚ୍ଚାରଣ । କେଣୁ ଏହା ସ୍ପଷ୍ଟ ଯେ ରାଧାନାଥଙ୍କର କାବ୍ୟ ଦର୍ଶନରେ ଜାତୀୟ ପ୍ରେମର ଯେଉଁ ଉଚ୍ଛ୍ୱାସ ଉଚ୍ଛୁଳି ଉଠିଛି ତାହା ଉତ୍କଳୀୟତା ଓ ଭାରତୀୟତାର ସମନ୍ୱୟବୋଧରେ ଊଣା ଅଧିକେ ମଣ୍ଡିତ ।

୧୪ । ରାଧାନାଥ ତାଙ୍କ କାବ୍ୟ ଟେକ୍‌ନିକରେ ସାନେଟ୍‌ର ଓ ଅମିତ୍ରାକ୍ଷର ଛନ୍ଦକୁ ଅନ୍ତର୍ଭୁକ୍ତ କରିଛନ୍ତି । ତାଙ୍କ କାବ୍ୟ-କଳା ଭିତରକୁ 'ସାଟାୟର' ଆସି ପାରିଛି, ଏବଂ ଏହା ଫଳରେ କବି ଆପଣା ମନର କଥାକୁ ମୁକ୍ତ ଭାବେ ବ୍ୟକ୍ତ କରିବା ଲାଗି ସୁଯୋଗ ପାଇଛନ୍ତି ଏବଂ ସମାଜର ଗତ ବ୍ୟବସ୍ଥା ଉପରେ ନୀତି-ଅନୀତିର ପ୍ରଶ୍ନ ଦେଇ, ଆପଣା ଅନ୍ତରର ସ୍ପନ୍ଦନ ବାଢ଼ିଛନ୍ତି । ଅନୀତି ଓ ଅମାନବୀୟ ଆଚରଣର ଦୃଷ୍ଟାନ୍ତ ତାଙ୍କ ଦୃଷ୍ଟିକୁ ତୀକ୍ଷ୍ଣ ଓ ଶାଣିତ ପ୍ରଖର କରିଛି, ଭାଷାକୁ କରିଛି ବିଦ୍ରୂପାତ୍ମକ । କବିଙ୍କର ନିର୍ଭୀକ ବ୍ୟକ୍ତି-ପ୍ରବୃତ୍ତି ମଧ୍ୟ ଦରବାରରେ ପ୍ରତିବିମ୍ବିତ ସମସାମୟିକ ସମାଜର ଚିତ୍ର ଏବଂ ସାମାଜିକ ଜୀବନର ବ୍ୟଙ୍ଗାତ୍ମକ ସମୀକ୍ଷା କରିଆରେ ଫୁଟି ଉଠିଛି । ଅତଏବ କବିଙ୍କର କାବ୍ୟ ଦର୍ଶନରେ ସମାଜ ଚରିତ୍ର ଲାଗି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ପୋଷିତ ହୋଇଛି ।

୧୫ । କବି, ଜୀବନ ଓ ସମାଜକୁ ଗହନ ସ୍ତରରୁ ଦେଖୁଥିଲେ ବେଳେ ମଧ୍ୟ ଭାଗ୍ୟ ଓ ଭବିତବ୍ୟର ଅନନ୍ତ ଶକ୍ତିକୁ ବାରମ୍ବାର ସ୍ମରଣ କରିଛନ୍ତି । ରାଧାନାଥଙ୍କର କାବ୍ୟ ଦର୍ଶନରେ ଭାଗ୍ୟ ପାଇଛି ଏକ ବିଶିଷ୍ଟ ଆସନ । କବି ବିଶ୍ୱାସ କରିଛନ୍ତି, ବ୍ୟକ୍ତି ନୁହେଁ, ନିୟତି ହେଉଛି ଜୀବନର ଯାବତୀୟ ଘଟଣାର ନିୟନ୍ତା । ବ୍ୟକ୍ତିର ଦମ୍ଭ, ଅହଂକାର—ତା'ର ଭ୍ରୂକୁଞ୍ଚନ, ଦୈବର କଟାକ୍ଷ ନିକଟରେ କିଛି ନୁହେଁ । ଜଗତରେ ଏପରି କୌଣସି ଶକ୍ତି ନାହିଁ ଯିଏ କି ଦୈବ ବିଧାନକୁ ମହା ବଳବାନ ହୋଇ ବଦଳେଇ ଦେଇପାରେ । ମଣିଷର ରୂପ ଗୁଣ ଯେତେ ଆକର୍ଷଣୀୟ ହେଉନା କାହିଁକି ତାହାର ପରିଣାମରୁ ଲଲାଟ ଲେଖନ ଓଲଟି ଯାଏ ନାହିଁ ।

---

୧ । ଗୁଣ ବଳେ ନରକୁଳେ ଧନ୍ୟ ଥିଲେ ସକଳେ,
ମାତ୍ର ରୂପ-ଗୁଣ ଫଳେ କି ଲଲାଟ ଲେଖନ ଟଳେ ?
ବଳୀ ହୋଇ ଦୈବ ବିଧାନକୁ କିଏ କରିବ ଆନ ?
ମହାବଳୀଠାରୁ ବଳୀୟାର ପୁଣି ଦୈବ ବିଧାନ ।

[ଉଷା—ରାଧାନାଥ ଗ୍ରନ୍ଥାବଳୀ (୧୯୭୫) ବ୍ରହ୍ମପୁର ପୃଷ୍ଠା ୭୭]

Digitized by srujanika@gmail.com

କବି ବୁଝିଛନ୍ତି ଯେ ଏଇ ନିୟତିର ଅନ୍ୟ ରୂପ ହେଉଛି କାଳ । ଏହାର ସର୍ବଗ୍ରାସୀ ବଳ ପ୍ରତି କବି ଖୁବ୍ ସଚେତନ । ଏଇ କାଳ, କି ଧାର୍ମିକ, କି ଦିଗ୍‌ବିଜୟୀ ବୀର, କିବା କୌଶଳ-ବିଜ୍ଞାତ କିମ୍ବା ବୁଦ୍ଧିମାନ ବଣିକ ଏବଂ ସାଧାରଣ ମନୁଷ୍ୟ—ସମସ୍ତଙ୍କୁ ନିର୍ବିଶେଷରେ ନାଶ କରେ । ଏକଥା ଜାଣି ମଧ୍ୟ କେଉଁ ଲୋଭର ପ୍ରଲୋଭନରେ କେଜାଣି ଲୋକେ ପରସ୍ପରରେ କଳହ ରଚନ୍ତି । ଏହା ସାଧାରଣରେ ହୃଦବୋଧ୍ୟ ନୁହେଁ, ଜଣେ ଦୃଢ଼ଚେତା ପ୍ରାଜ୍ଞ ବ୍ୟକ୍ତିର ହୃଦବୋଧ୍ୟ । ଏଇ ତତ୍ତ୍ୱ ଜୀବନର ଏକ ସତ୍ୟ ଦିଗ କିନ୍ତୁ ଦର୍ଶନର ନିକଟବର୍ତ୍ତୀ । କବି ତାଙ୍କ କବିତାରେ ଦର୍ଶନ ସୁଲଭ ନାନା ତତ୍ତ୍ୱର ଉଲ୍ଲେଖ କରିଛନ୍ତି । ରାଧାନାଥଙ୍କର କବିତା ଜୀବନର ବାସ୍ତବତା ଓ କଳ୍ପନାର ରମଣୀୟତା ମଧ୍ୟରେ ଗତି କରୁଁ କରୁଁ ଦର୍ଶନର ସିଂହ-ଦ୍ୱାରରେ ଉପନୀତ ହୋଇଛି । ଦର୍ଶନର ତାତ୍ତ୍ୱିକ ଭାବାବଳୀର ଉନ୍ମୋଚନ ମଧ୍ୟ ତାଙ୍କ କାବ୍ୟ-ଦର୍ଶନର ଅନ୍ୟ ଏକ ଦିଗନ୍ତ ।

୧୬ । ରାଧାନାଥଙ୍କର କାବ୍ୟ-ଦର୍ଶନରେ ଧର୍ମ ଓ ଅଧର୍ମର ଜିଜ୍ଞାସା ଘେନି ବିସ୍ତୃତ ବିବେଚନା ପ୍ରକାଶ ପାଇଥିଲା । କବିଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ, ମଣିଷର ହୃଦୟ ଜୟ ଲାଗି ଧର୍ମ ହେଉଛି ଏକମାତ୍ର ଅସ୍ତ୍ର । ଏହା ଶତ୍ରୁକୁ ପ୍ରୀତିରେ ବାନ୍ଧେ, ମଣିଷକୁ ଦିଏ ଅଖଣ୍ଡ ବାହୁବଳ । ଅସୁର ବିନାଶଠାରୁ ଧର୍ମର ବିଜୟ ହିଁ ବଡ଼ । ଏଇ ଧର୍ମ ଅନୀତିକୁ ସହେ ନାହିଁ । ଏହି ଅନୀତିର ସ୍ପର୍ଶ ଜୀବନରେ ଥାଉ ବା ସମାଜରେ ଥାଉ, ଧର୍ମ ହିଁ ତାକୁ ନାଶ କରେ । ସମାଜରେ ଅହମିକାର ବାହୁ-ପ୍ଲାବନରେ ମଣିଷ ଜୀବନ ବ୍ୟସ୍ତ । ସମସ୍ତେ ମୁଁ କାର ଉଚ୍ଚାରଣରେ ମୁଖର । ଏଇ ମୁଁ ଭାବରେ ଯେତେବେଳେ ବ୍ୟକ୍ତିର ଚିତ୍ତଶକ୍ତିପୂର୍ଣ୍ଣ, ସେତେବେଳେ ସେ ଧର୍ମର ସର୍ବବ୍ୟାପୀ ଶକ୍ତିକୁ ବା ସ୍ୱୀକାର କରିବ କାହିଁ ?

ମଣିଷକୁ ବିପୁଳ ଶକ୍ତିର ଆଧାର ବୋଲି ଭାବି ଲୋକେ ମନୁଷ୍ୟର ଷୋଡ଼ଶୋପଚାର ପୂଜାରେ ଆତ୍ମନିୟୋଗ କରୁଛନ୍ତି, ମଣିଷ ପଣରୁ ଭ୍ରଷ୍ଟ ହୋଇ ମଣିଷକୁ ଠୋଚୁଛନ୍ତି ସିନା; କିମ୍ବା ମନୁଷ୍ୟର ଅର୍ଚ୍ଚନା ଲାଗି କେତେ ଯତ୍ନରେ ପୁଷ୍ପ ଉପବନ ରଚନା କରୁଛନ୍ତି ସିନା—ଆତ୍ମତତ୍ତ୍ୱ ଜ୍ଞାନ ସେବାରେ ମନ ବଳାଇ

---

୨ । ଜନ୍ମ ମୃତ୍ୟୁ ଆଦି ଯାବତ ଘଟଣା ଘଟେ ସଂସାରେ
ସମସ୍ତ ଗ୍ରଥିତ କାଳ-ନିୟନ୍ତ୍ରିତ ନିୟତି ହାରେ ।
(ଉଷା—ରାଧାନାଥ ଗ୍ରନ୍ଥାବଳୀ —ପୃଷ୍ଠା ୯୦)

୩ । ଦୈବ ନ ତରଇ ନର ଭ୍ରୁକୁଟୀକି ।
(ଚିଲିକା—ରାଧାନାଥ ଗ୍ରନ୍ଥାବଳୀ—ପୃଷ୍ଠା ୧୪୬)

Digitized by srujanika@gmail.com

ନାହାନ୍ତି । ଏହା ମଣିଷ ସମାଜକୁ ଅନ୍ୟାୟ ଓ ଅନୀତି-ବ୍ୟାଧିଗ୍ରସ୍ତ କରୁଛି । ଧର୍ମ ପ୍ରତି ଶ୍ରଦ୍ଧା କମି ଯାଉଛି; ଫଳରେ ମଣିଷ ହେଉଛି କ୍ରମଶଃ ଅମାନବିକ ରଜୋଗୁଣର ଶରବ୍ୟ ।

ଜାତି ବର୍ଣ୍ଣର ଭେଦ ଏଇ ମଣିଷର ସୃଷ୍ଟି; ଧର୍ମ କେନ୍ଦ୍ରରେ ସମସ୍ତେ ଏକ । ଏତେ ତତ୍ତ୍ୱ ଯେଉଁଠି ପ୍ରଚ୍ଛନ୍ନ, ତାହାର ଉପଲବ୍ଧି ପ୍ରତି ଅନୁରାଗୀ ନ ହୋଇ ମଣିଷ ହେଉଛି କ୍ଷଣସ୍ଥାୟୀ ଆକର୍ଷଣରେ ବଶ । ତେଣୁ କବିଙ୍କର ସନ୍ଦେଶ ହେଉଛି, "ବଡ଼ ପଣେ ଯିବା ଯେହୁ ତାକୁ ଗଣି,/ଯେଉଁ ବଡ଼ ପଣ ଦ୍ୱି ଲୋକେ ସାଧନ୍ତି,/ସେହି ଯିବା ବଡ଼ ପଣ ଯହିଁ ଲାଗି / ଅନ୍ତରର ବନ୍ଧୁତନ୍ତ ଯାଏ ଭାଙ୍ଗି, / ସେହି ବଡ଼ ପଣେ ବଳାଅ ମତକ / କାଳ ନ ପାରିବ ପଶି ଯା କଟକ । *

ଏଇ ଅଭିଜ୍ଞାନ ଭିତରେ କବିଙ୍କର ଶେଷ ସୂଚନା ହେଲା—"ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି /ତରିବାକୁ ଏହି ସଂସାର ବାରିଧି/ଧର୍ମ ଏକ ଯିବା ମହତ ପଣିଆ/ ଆଉ ବଡ଼ପଣ ଅଢ଼େଇ ଦିନିଆ —ଏହାହିଁ ହେଉଛି କବିଙ୍କର ଏକ ମୂଲ୍ୟବାନ ଦର୍ଶନ ।

୧୭ । କବିଙ୍କର ଚେତନାରେ ଜୀବନର ସଂଜ୍ଞା ହେଉଛି, ମୃତ୍ୟୁର ସଜ୍ଞାନ ସଚେତନତା । ଜୀବନ ଯଦି ଏକ ଚଳମାନ ସ୍ରୋତ ହୁଏ, ତାହାହେଲେ ଏହାର ଗତି ହେଉଛି ମୃତ୍ୟୁ ଆଡ଼କୁ । ଏଇ ମର୍ତ୍ତ୍ୟ ବସ୍ତୁତଃ ଶୋକ ଦୁଃଖ-ମୋହ ସଂକୁଳ । ବ୍ୟକ୍ତି ଜୀବନ ଏଥିରେ ଅନ୍ଧ ହୋଇ ଦୁର୍ଗତି ଭୋଗ କରେ । ତେଣୁ ଜୀବନକୁ ସ୍ଥିର ବୋଲି ଭାବିବାରେ ଦୁଃଖ ଅଛି, ଅବସାଦ ଓ ଅବସନ୍ନତା ପୂରି ରହିଛି । ଏହା ଏକ ନେତିବାଦୀ ଦର୍ଶନ ହୋଇପାରେ, କିନ୍ତୁ ଏହା ତ ପୁଣି ଜୀବନ ସମ୍ପର୍କରେ ଏକ ସତ୍ୟ ଅଭିବ୍ୟକ୍ତି । ରାଧାନାଥ, ଜୀବନର ଏଇ ଅନ୍ଧାର ପ୍ରସ୍ଥ କଥା ଚିନ୍ତା କଲାବେଳେ ବାସ୍ତବତା ବିସ୍ମୃତ ହୋଇ ନାହାନ୍ତି, ବାସ୍ତବ ଜୀବନରେ ଉପଲବ୍ଧ ଆନନ୍ଦ—ନିରାନନ୍ଦର ସକଳ ଭାବ-ଭୂତି ତାଙ୍କ କାବ୍ୟ କୃତିରେ ଉତ୍କୀର୍ଣ୍ଣ ହୋଇଛି । ତେଣୁ ରାଧାନାଥ ସଂପୂର୍ଣ୍ଣତଃ ନେତିବାଦୀ ନୁହଁନ୍ତି କି ଅସ୍ତିବାଦୀ ନୁହଁନ୍ତି—ସେ ଜଣେ ବାସ୍ତବବାଦୀ । ଏଇ ବାସ୍ତବତାର ଦର୍ଶନ ହେଉଛି ତାଙ୍କ କାବ୍ୟ-ଦର୍ଶନ ।

ଅତଏବ କୁହାଯାଇ ପାରେ ଯେ, ରାଧାନାଥଙ୍କର କାବ୍ୟ ଦର୍ଶନରେ ଭୌତିକ ବା ଆଧିଭୌତିକ ଓ ଆଧ୍ୟାତ୍ମିକ ଚିନ୍ତନର ବିସ୍ତୃତଧାରା ସମନ୍ୱିତ ହୋଇ ଯାଇଛି । ଉତ୍କୃଷ୍ଟ ସାହିତ୍ୟ ଏଇ ଦୁଇଟିର ପରିଚର୍ଯ୍ୟା କରିଥାଏ । ପ୍ରଥମଟିରେ (ଭୌତିକ ବା ଆଧିଭୌତିକ) ପ୍ରତିଭାର ଆଧିକ୍ୟ ଏବଂ ଦ୍ୱିତୀୟଟିରେ ପ୍ରଜ୍ଞାର ଆଧିକ୍ୟ ଅନୁଭୂତ ହୁଏ । ଏହାଦ୍ୱାରା ସାହିତ୍ୟ ବ୍ୟକ୍ତିକୁ ତୁଷ୍ଟ କରେ, ସମାଜକୁ ସନ୍ତୋଷ ଦିଏ ଏବଂ ଆତ୍ମିକ ଚିନ୍ତାକୁ ତୃପ୍ତି ଯୋଗାଏ । ପ୍ରତିଭା ଓ ପ୍ରଜ୍ଞାର ମିଳନ ଘଟିଲେ

* ଦରବାର—ରାଧାନାଥ ଗ୍ରନ୍ଥାବଳୀ (୧୯୭୫) ବ୍ରହ୍ମପୁର, ପୃଷ୍ଠା ୧୭୩ ।

Digitized by srujanika@gmail.com

ସାହିତ୍ୟିକ ବା କବିର କାବ୍ୟ, ଚିରନ୍ତନତାର ଗୌରବ ପାଏ । ରାଧାନାଥ ସେଇ ପର୍ଯ୍ୟାୟର କବି; ତାଙ୍କର ସୃଷ୍ଟି ଅଭିନବ ଓ ଚିରନ୍ତନ । 'ଦୃଷ୍ଟ ପୂର୍ବ ହୋଇ ଅଦୃଷ୍ଟ ପ୍ରତୀତ, ସୁନ୍ଦର ପଣରେ ଚିରନ୍ତନ ସ୍ଥିତ'—ଏହା କେବଳ ରାଧାନାଥଙ୍କର ସୌନ୍ଦର୍ଯ୍ୟ-ଜିଜ୍ଞାସାର ପରିଚାୟକ ନୁହେଁ, ତାଙ୍କର କାବ୍ୟ କୃତିର ମାନ ନିର୍ଦ୍ଧାରକ ମଧ୍ୟ । କାଳ କାଳକୁ ତାଙ୍କର ସୃଷ୍ଟି ହୋଇଛି ପ୍ରେରଣା ଓ ପ୍ରତ୍ୟୟର ଭଣ୍ଡାର । ତେଣୁ କବି ରାଧାନାଥ ଜଣେ କ୍ଲାସିକ୍ ସ୍ରଷ୍ଟା ନୁହନ୍ତି କି ?

●

(୧୯୭୫)

[ଏହା ଡଃ କ୍ଷେତ୍ରବାସୀ ନାୟକଙ୍କ ସର୍ବଶ୍ରେଷ୍ଠ ସଂପାଦିତ ଗ୍ରନ୍ଥ 'ରାଧାନାଥ ଗ୍ରନ୍ଥାବଳୀ' (୧୯୭୫) ପ୍ର.—ନିତ୍ୟାନନ୍ଦ ଦାସ, ପୁସ୍ତକ ଭଣ୍ଡାର, ବ୍ରହ୍ମପୁର ୧ର ସଂପାଦକୀୟ ସ୍ତବକରେ ସଂଯୁକ୍ତ 'କବିଚରିତ ରାଧାନାଥ'ର ନିର୍ବାଚିତ ଅଧ୍ୟାୟ]

Digitized by srujanika@gmail.com

ଫକୀରମୋହନ କଥା ସାହିତ୍ୟର ଭୂମିକା

ଯିଏ ମାଟିର ଚରମ ନଗ୍ନ ବାସ୍ତବତାକୁ ଅଙ୍ଗେ ନିଭେଇ ଥା'ନ୍ତି ତାଙ୍କର ଲେଖା ସାହିତ୍ୟ, ମାଟିର ମଣିଷମାନଙ୍କ ପାଇଁ ଅତି ଅନ୍ତରଙ୍ଗ ସମ୍ବେଦନ ଯୋଗାଇ ଦିଏ । ଅଙ୍ଗେ ଅଙ୍ଗେ ନିଭେଇଥିବା ଏଇ ଅନୁଭୂତି ହିଁ ସାହିତ୍ୟର ଅକ୍ଷୟ ଫଳକ । ପ୍ରାଣର ସ୍ପନ୍ଦନ ସେଠି ମୂର୍ତ୍ତି ଧରି ଠିଆ ହୁଏ । ଲେଖକର ଭାଷା, ସବୁ ମଣିଷଙ୍କ ଉଚ୍ଚାରଣର ମାନ୍ୟତା ପାଏ । କାରଣ ଏପରି ଯୋଗ୍ୟତା ଅର୍ଜନ କରିଥିବା ଲେଖକ, ନିଜର କାୟାବନ୍ଧନରୁ ବାହାରି ଯାଇ ସମସ୍ତଙ୍କ ମନ ଓ ଭାବ ଇଲାକାରେ ପ୍ରବେଶ କରି ପାରନ୍ତି । ସେତେବେଳେ ସେ ପ୍ରତ୍ୟେକଙ୍କର ଅତି ଆପଣାର ହୋଇ ଯା'ନ୍ତି । ଲେଖିବା ଓ ଦେଖିବା ବ୍ୟାପାରରେ ଶକ୍ତିଶାଳୀ ହୋଇ ନ ଥିଲେ ଏପରି ଯୋଗ ସମ୍ଭବ ନୁହେଁ । ସାହିତ୍ୟରେ ଏପରି ବ୍ୟକ୍ତିତ୍ୱ ଖୁବ୍ କମ୍ ମିଳନ୍ତି ।

ଏଇ ବ୍ୟକ୍ତିତ୍ୱ ଲାଭ କରିବା ଏକ ତପସ୍ୟା । ଯୋଗ ବା ତପସ୍ୟା ବଳରେ ସନ୍ନ୍ୟାସୀ ଯେପରି ଭିନ୍ନ କାୟାରେ ପ୍ରବେଶ କରିପାରେ, ସେମିତି ଘଟିପାରେ ଶକ୍ତିଶାଳୀ ଲେଖକଙ୍କ ବ୍ୟକ୍ତିତ୍ୱରେ । ଲେଖକ କରେ ଜୀବନର ତପସ୍ୟା, ବିବିଧ ଭୂମିକାରେ ଜୀବନକୁ ଭୋଗକରେ, ଗହନ ଦୃଷ୍ଟି ଦେଇ ତାକୁ ଅନ୍ୱେଷା କରେ । ଦିନକୁ ଦିନ ଜୀବନରେ ଖେଳୁଥିବା କାହାଣୀ ସବୁ ଅନୁଭୂତି ହୋଇଯାଏ । ଅନ୍ତର୍ଦୃଷ୍ଟି ବଳଯୋଗରେ ଅନୁଭୂତିକୁ ଉଖାରିଲେ ତହିଁରୁ ମିଳେ ଭାବ । ଅନୁଭୂତି ଓ ଭାବଶକ୍ତି—ଏ ଦୁଇଟି ହେଉଛି କାଳଜୟୀ ହେବାଲାଗି ଲେଖକ ଜୀବନର ସ୍ଥାୟୀ ସମ୍ବଳ ।

ଫକୀର ମୋହନ ହେଉଛନ୍ତି ଏହାର ଯୋଗ୍ୟତମ ଅଧିକାରୀ । ତାଙ୍କ ସାହିତ୍ୟ ହେଉଛି; ନୂତନ ଦୃଷ୍ଟି ଓ ବୋଧ ଶକ୍ତିର ଅମୃତ ଫସଲ । ସାହିତ୍ୟରେ ଯେଉଁ ଘଟଣା ବା ଦୃଶ୍ୟର ଉଲ୍ଲେଖ ସେ କରିଛନ୍ତି, ତାହାରି ଅନ୍ତରାଳରେ କୌଣସି ନା କୌଣସି ଭାବର ଛୁଇ ଯେ ବିଦ୍ୟମାନ— ଏଥିରେ କିଛି ଭୁଲ୍ ନାହିଁ ।

ଫକୀର ମୋହନଙ୍କର ଆଖି ଦେଖିଛି, ଅସୁର ଦିଘିର ସାଧାରଣ ଏକ ଦୃଶ୍ୟ— ଦିଘିରେ କଇଁ ଫୁଟିଛି । 'ପାଣି ଭିତରକୁ ରଙ୍ଗା କଇଁ । ଏମାନେ ଶିକ୍ଷିତା ଖ୍ରୀଷ୍ଟାନ ଲେଡ଼ି, କଇଁ ଦଳରୁ ବାହାରି ଗଲେଣି, ପଦ୍ମ ଦଳରେ ମିଶି ପାରିନାହାନ୍ତି ।'

Digitized by srujanika@gmail.com

ଏଇ ଦୃଶ୍ୟଟି ଭିତରୁ ଫକୀର ମୋହନଙ୍କ ଦୃଷ୍ଟି ଯେଉଁ ଭାବର ଇଂଗିତ ଖୋଜି ପାଉଛୁ, ତାହାର ଅଭିବ୍ୟକ୍ତି ହୋଇଛି ଉପର ଲିଖିତ କେତୋଟି ବାକ୍ୟ । ରଙ୍ଗ ବଦଳି ଗଲେ ଜୀବନର ନିଜସ୍ୱ ସାଙ୍କେତିକ ସତ୍ତା ବଦଳିଯାଏ ନାହିଁ କିମ୍ବା ପୋଷାକୀ ପରିବର୍ତ୍ତନ ଫଳରେ ସ୍ୱଭାବ ଦୂରର ରୂପାନ୍ତର ଘଟେ ନାହିଁ । ଏହି ଭାବନାଟି ମଧ୍ୟ ଚଳନ୍ତି ସମାଜର ବାସ୍ତବ ଅନୁଭୂତି ଦ୍ୱାରା ସମର୍ଥିତ । ଫକୀର ମୋହନଙ୍କର ଶତାବ୍ଦୀରେ ଯେଉଁ ହିନ୍ଦୁ ନରନାରୀଗଣ ଇଂରେଜୀ ଶିକ୍ଷା ବା ପାଦ୍ରୀମାନଙ୍କ ପ୍ରରୋଚନାରେ ପଡ଼ି ଖ୍ରୀଷ୍ଟାନ ହେଲେ, ସେମାନେ ଉଭା କର୍ଣ୍ଣର ଦଶା ଭୋଗ କଲେ । ସମାଜରୁ ଆହୃତ ଅଙ୍ଗେ ନିଜ ଅନୁଭୂତିକୁ ଫକୀର ମୋହନ ଏଠି ଆଖି ଦେଖା ଉପାଦାନର ଅନ୍ତର୍ଭୂମିରେ ମିଶେଇ ଦେଇଛନ୍ତି ଏବଂ ଦୃଶ୍ୟଟିର ବିବରଣୀ, ଭାବରେ ଯେଉଁ ଅନ୍ତର୍ଲିପିର ସୂଚନା ଦେଉଛି, ତାହା ସମାଜ ପ୍ରତି ଅଭିପ୍ରେତ ଗାଳ୍ପିକଙ୍କର ତାର୍ଥିକ ଦୃଷ୍ଟିକୋଣ ବୋଲି ଧାରଣା କରୁଛୁ ।

ଫକୀର ମୋହନ ଥିଲେ ଜୀବନ ଜିଜ୍ଞାସୁ । ଜୀବନକୁ ଜାଣିବା କ୍ରମରେ ସେ ତାଙ୍କ ସମୟ ଓ ସମାଜକୁ ନିରେଖି ଦେଖିଛନ୍ତି । ମନକୁ ମାନିଲା ଭଳି ହାବ-ଭାବ ଯେଉଁଠି ପାଇ ନାହାନ୍ତି କିମ୍ବା ମାନବିକତାକୁ ପାଦ୍ୱୋର ସମାଜ ଯେଉଁଠି ଗର୍ବିତ ହୋଇ ଯାଉଥିବାର ସେ ଲକ୍ଷ୍ୟ କରିଛନ୍ତି ସେଠି ତାଙ୍କର ପ୍ରକାଶ ଭଙ୍ଗୀ ତାର୍ଥିକ ହୋଇ ଯାଇଛି । ଚନ୍ଦ୍ରମଣି ପଟ୍ଟନାୟକ କିମ୍ବା ମାଧବ ମହାନ୍ତି—ଏମାନଙ୍କୁ ତ ନାହିଁ କେଉଁଠି ଫିଙ୍ଗି ଦେଇ ନାହାନ୍ତି ସେ କଥାଶିଳ୍ପୀ ଏଇ କଣ୍ଠରୁଦ୍ଧ ମାନବ ଶିଶୁ-ମାନଙ୍କୁ ସମୟର ଚଳନ୍ତି ରୁଚି ବଜାରରେ ବିକୁଥିବା ଅବସ୍ଥାରେ ବାରମ୍ବାର ଦେଖିଛନ୍ତି । କିନ୍ତୁ ମୌନ ହୋଇ ସେଠି ରହିଯାଇ ନାହାନ୍ତି । ତାଙ୍କ ସହଜ ଯେଉଁ ସଂଳାପ ସେ କରିଛନ୍ତି -ସେଠି ମଧ୍ୟ ଅଛି ନିଜ ତାର୍ଥିକ ଅଭିବ୍ୟକ୍ତି ।

ଫକୀର ମୋହନଙ୍କ କଥା ସାହିତ୍ୟକୁ ଚିହ୍ନିବାର ଏକାନ୍ତ ଅବଲମ୍ବନ ହୋଇଛି,ତାଙ୍କର ଏଇ ଅଭିବ୍ୟକ୍ତି । ଏଇ ଅଭିବ୍ୟକ୍ତିଟି ଏତେ ନିଜସ୍ୱ ଓ ଅନନୁକରଣୀୟ ଯେ ତାହା ବାଦ୍ ଦେଲେ ତାଙ୍କର ଗଳ୍ପ ଓ ଉପନ୍ୟାସ ଫକୀର ମୋହନଙ୍କ ଲେଖା ବୋଲି ଚିହ୍ନିତ ହେବ ନାହିଁ । ଏଠାରେ ଯେଉଁ ଅଭିବ୍ୟକ୍ତିର କଥା କୁହାଯାଉଛି, ତାହା କେବଳ ଭାଷାକୁ ବୁଝାଉ ନାହିଁ । ଭାଷା ଓ ପରିବେଷଣ କଳା ଦୁହେଁ ମିଶିଲେ ଯାହା ହୁଏ; ତାହାହିଁ ହେଉଛି ଅଭିବ୍ୟକ୍ତି । ପରିବେଷଣ ବୋଇଲେ; ଘଟଣା, ଭାବ ଓ ଚରିତ୍ରାବଳୀର ବିନ୍ୟାସକୁ ବୁଝାଏ । ଅତଏବ ଉପଯୋଗିତା ମୂଳକ ଭାଷା, ଭାବ, ଘଟଣା ଓ ଚରିତ୍ରର କଳାତ୍ମକ ବିନ୍ୟାସକୁ ହିଁ ଅଭିବ୍ୟକ୍ତି କୁହାଯାଏ. ତାହାହିଁ ହେଉଛି ଫକୀର ମୋହନଙ୍କ କଥା ସାହିତ୍ୟର ନିଜସ୍ୱ ଶକ୍ତି କିମ୍ବା ଚିହ୍ନା ହରଫ୍ ।

ଏହି ଶକ୍ତି, ଅନୁଭୂତିର ଅକ୍ଷୟ ପ୍ରେରଣାରେ ଅଭିଷିକ୍ତ । ସାଙ୍ଗ ସ୍ପଷ୍ଟ ନୁହେଁ କି ଭିନ୍ନ କୌଣସି କୋଠରୀ ବା ଗନ୍ତାଘରୁ ସଂଗୃହୀତ ଉପାଦାନ ଉପରେ

Digitized by srujanika@gmail.com

ନିର୍ଭରଶୀଳ ନୁହେଁ । ଫକୀର ମୋହନଙ୍କ ଦର୍ଶନ ଚେତେଇ ଦିଏ ଯେ— ସାହିତ୍ୟର ଉପାଦାନ ମାଟିର ମହକୁମା ଭିତରେ ହିଁ ପୁଣି ରହିଥାଏ । ଏଥିପାଇଁ ଭିକ୍ଷାର ଆଶ୍ରୟ ନେବାକୁ ପଡ଼େ ନାହିଁ । ଆଖି ଖୋଲି ସବୁଥିରେ ଆପଣାକୁ ମିଶେଇ ଦେବାକୁ ହୁଏ । ଏପରି ବ୍ୟାପ୍ତି ବା ତ୍ରାୟ ନୟନର ପ୍ରସାରଣ ମଧ୍ୟ ଦେଇ ମାଟିର ଭାବନାକୁ ଅନ୍ତରଙ୍ଗ ଭାବେ ଉପଲବ୍ଧି କରିଥିଲେ ଫକୀର ମୋହନ । ତେଣୁ ତାଙ୍କ କଥା ସାହିତ୍ୟରେ ଓଡ଼ିଆର ଜୀବନ ଲିପି, ଗାଁ ମାଟିର ଚଳ-ଚରିତ୍ର ଏବଂ ଚଳନ୍ତି ଭୂଗୋଳର ଉଚ୍ଚାରଣ ସଜୀବ ଓ ସୁବିନ୍ୟସ୍ତ ହୋଇ ପ୍ରକାଶ ପାଇଛି । ଏଥିରୁ ବୁଝିହେବ ଯେ ଫକୀର ମୋହନଙ୍କ ସାହିତ୍ୟ ହେଉଛି ଯଥାର୍ଥତଃ ଓଡ଼ିଆ ସାହିତ୍ୟ—ଓଡ଼ିଶାର ସାହିତ୍ୟ, ଓଡ଼ିଆ ଲୋକଜୀବନର ସାହିତ୍ୟ ।

କିନ୍ତୁ ଏହି କାରଣରୁ ଏହାକୁ ଆଞ୍ଚଳିକତାର ସୀମାରେଖା ଭିତରେ ଆପି ଦେଇ ଏହାର ଚିରନ୍ତନୀ ଆବେଦନ ସମ୍ପର୍କ ଶକ୍ତିକୁ ଅସ୍ୱୀକାର କରି ହେବ ନାହିଁ ।

ଫକୀର ମୋହନଙ୍କ କଥା ସାହିତ୍ୟ ଅବିସ୍ମରଣୀୟ ଏଇଥି ପାଇଁ ଯେ, ଏହାର ପ୍ରତ୍ୟେକଟି ଉପାଦାନ ଯଦିଓ ଦେଶ ମାଟିର ଭୌଗୋଳିକ ସୀମା ପରିସରରୁ ସଂଗୃହୀତ ତଥାପି ଏହାର ସମ୍ବେଦନ ସ୍ୱଦେଶ ସୀମା-ଉତ୍ତୀର୍ଣ୍ଣ; ତେଣୁ ସାର୍ବଜନୀନ । ସେହି ନ୍ୟାୟରେ କଥା ଶିଳ୍ପୀ ସେନାପତି ଯେପରି ଓଡ଼ିଆ ଜାତୀୟ ସାହିତ୍ୟର ସ୍ରଷ୍ଟା ଏବଂ ଜାତୀୟ ଜୀବନ ଜିଜ୍ଞାସାର ଜନକ ସେହିପରି ମଧ୍ୟ ବିଶ୍ୱବାସୀ ମଣିଷର ବାସ୍ତବ କଥାକାର ।

ଏହି ଜୀବନ ଜିଜ୍ଞାସାର ଜନ୍ମ ସମୟର ବିସ୍ତୃତ ଦିଗନ୍ତରୁ । ଫକୀର ମୋହନ, ସମୟର ନିର୍ବାଧ ସ୍ୱରୂପ—ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଏକାକାର କରି ତାଙ୍କ ଜୀବନ ଜିଜ୍ଞାସାର ରୂପରେଖ ତିଆରି ଦେଇଛନ୍ତି । ଏଥିରେ ଅତୀତର ଐତିହ୍ୟ ପ୍ରତି ଗରିମା ଜ୍ଞାନ ଏବଂ ଉପଯୋଗିତାନୁସାରେ ତା'ର ସଂରକ୍ଷଣ ପାଇଁ ତତ୍ପରତା ଯେପରି ପ୍ରକାଶ ପାଇଛି ସେହିପରି ଉଙ୍କି ଉଠିଛି, ବର୍ତ୍ତମାନର ପ୍ରଭାବ ପ୍ରମତ୍ତତାକୁ ଗ୍ରହଣ ବା ତ୍ୟାଗ କରି ଭବିଷ୍ୟତ ଜୀବନ ନିର୍ମାଣର ଉପକ୍ରମ । ଫକୀର ମୋହନ ଯେଉଁ ସମୟ ଓ ସମାଜର କଥାକାର, ତାହା ଅବକ୍ଷୟୀ ଆଭିଜାତ୍ୟର କୁଣ୍ଠିତ ବିଳାସ ଗର୍ବରେ ସ୍ଫୀତବକ୍ଷ । ତଥାପି ତାହାରି ଆଲୁଅ ଅନ୍ଧାର ଭିତରେ ବୁଡ଼ି ରହି ନିଜସ୍ୱ ଭୂମିକାର ଆପଣା ପଣକୁ ପାଶୋରି ଦେବାଭଳି ବିସ୍ମୃତିର ଧାରା ତାଙ୍କୁ ଛୁନ୍ଦି ଦେଇ ନାହିଁ । ବରଂ ଫକୀର ମୋହନଙ୍କ କଥା ସାହିତ୍ୟ ତାଙ୍କ ବ୍ୟକ୍ତି ଜୀବନ ଓ ଆମ ମାଟିର ଅନ୍ତଃସତ୍ତ୍ୱର ଏକ ନିର୍ଭୁଲ ପ୍ରତିଧ୍ୱନି ରୂପେ ଏଯାବତ୍ ପ୍ରତ୍ୟେକଙ୍କ ପ୍ରାଣକୁ ଉଦ୍‌-ବୁଦ୍ଧ କରି ପାରିଛି । ବାଘ ସିଂହ ବା ପ୍ରତାପ ଉଦିତ ମଲ୍ଲିକଙ୍କ କିମ୍ବା ବାଦଲ ସିଂ ଓ ଲଛମା ପ୍ରଭୃତିଙ୍କର ବ୍ୟକ୍ତିତ୍ୱ ପରିସ୍ଫୁଟନରେ ମାଟିର ରଣ ପିପାସୁ ମାନସିକ ଶୌର୍ଯ୍ୟବୋଧ୍ୟାସର ନିଦର୍ଶନ ପ୍ରଚ୍ଛନ୍ନ ନାହିଁ କି ?

Digitized by srujanika@gmail.com

ଫକୀର ମୋହନଙ୍କ ଦୃଷ୍ଟି ସବୁ ମଣିଷଙ୍କ ଅନ୍ତର ଭେଦ କରିଛି; ପ୍ରତ୍ୟେକଙ୍କର ସ୍ଥିତିର ଭୂମିକା ଉପରେ ନଜର ପକେଇଛି । ନା ସାମନ୍ତ ନା ସେବକ କେହି ତ ଏଥିରୁ ବାଦ ଯାଇ ନାହାନ୍ତି । କେବଳ ଏଇ ଦୁଇଟି ବର୍ଗ ନୁହନ୍ତି— ଏଥି ଭିତରେ ଯେତେ ବର୍ଗର ଲୋକ ଚରିତ୍ର ରହିଲେ, ସମସ୍ତେ ଫକୀର ମୋହନଙ୍କର କଥା ସାହିତ୍ୟର ଚୌହଦୀ ମାଡ଼ିଛନ୍ତି—ନିଜେ ଖେଳିଛନ୍ତି; ଅନ୍ୟ-ମାନଙ୍କୁ ଖେଳିବାରେ ସାହାଯ୍ୟ କରିଛନ୍ତି । ଏମିତି ଖେଳୁ ଖେଳୁ କେହି ମୁଖ୍ୟ ଭୂମିକାରେ ଗଣ୍ୟମାନ୍ୟ ହୋଇଛି ତ କେହି ଗୌଣ ଭୂମିକାରେ ନିଜର କାର୍ଯ୍ୟକଳାପ ଫୁଟେଇ ଟାଣୁଆ ହୋଇ ରହିଛି ପଛେ ନଗଣ୍ୟ ହୋଇଯାଇ ନାହିଁ । ଏଥିର କାରଣ—କଥାଶିଳ୍ପୀଙ୍କର ଶକ୍ତି ଭିନ୍ନ ଅନ୍ୟ କିଛି ନୁହେଁ ।

ତାଙ୍କର ମୁଖ୍ୟ ଓ ଗୌଣ ଚରିତ୍ରଗଣ ସ୍ୱଶକ୍ତିରେ ଶକ୍ତିଶାଳୀ । କେହି ଅପାଙ୍‌କ୍ତେୟ ନୁହନ୍ତି କିମ୍ବା ଆମ ସ୍ମୃତିରେ ସ୍ୱଳ୍ପସ୍ଥାୟୀ ନୁହନ୍ତି । ସମସ୍ତେ ପାଠକଙ୍କ ନିକଟରେ ଅବିସ୍ମରଣୀୟ । ମଙ୍ଗରାଜ ବା ନାଜର ନଟବର ଦାସଙ୍କ ପରି ଗୋବିନ୍ଦା ଭଣ୍ଡାରି, କିମ୍ବା ଚମ୍ପା ବା ନାକଫୋଡ଼ା ମା; ପ୍ରତ୍ୟେକ ଜଣେ ଜଣେ ଅଭୁଲା ଚରିତ୍ର । ମୁଖ୍ୟ ବା ଗୌଣ ଭୂମିକା ଭେଦରେ ଚରିତ୍ରମାନଙ୍କର ବ୍ୟକ୍ତିତ୍ୱରେ ଏପରି ପ୍ରଭାବ ସଞ୍ଚାରୀ ଶକ୍ତି ଫୁଟେଇ ପାରିବାର ଦକ୍ଷତା ହେଉଛି ଫକୀରମୋହନଙ୍କର କଥାଶିଳ୍ପର ମୌଳିକ ବୈଶିଷ୍ଟ୍ୟ ।

ଫକୀର ମୋହନଙ୍କ କଥା ସାହିତ୍ୟ; ସମାଜିକ ପରିପ୍ରେକ୍ଷୀରେ ମାନବର ଜୀବନ୍ତ ସମସ୍ୟା ଓ ନୈମିତ୍ତିକ ବାସ୍ତବତାକୁ ରୂପାୟିତ କରିଛି । ଏଥିରେ ମଣିଷର ବିବିଧ ସ୍ୱରୂପ ଉତ୍କୀର୍ଣ୍ଣ ହେବା ସ୍ୱାଭାବିକ । ନାରୀ/ପୁରୁଷ ଯେ କେହି ହୁଅନ୍ତୁ ନା କାହିଁକି ସେମାନଙ୍କର ସ୍ୱରୂପକୁ ପୂର୍ଣ୍ଣତଃ ଉନ୍ମୋଚନ କରି ତହିଁରେ ଆପଣାର ତତ୍ତ୍ୱର ବିଶ୍ଳେଷଣକୁ ବିନିଯୋଗ କରିଛନ୍ତି କଥାକାର । ନାରୀକୁ ମାନବୀ, ଦାନବୀ ଓ ଦେବୀ ସ୍ୱରୂପରେ ହିଁ କଥାକାର ଦେଖିଛନ୍ତି । ତାଙ୍କ ଦୃଷ୍ଟି, ସା'ନ୍ତାଣୀଙ୍କଠାରେ ଦେବୀତ୍ୱର ସତ୍ତା ଅନୁଭବ କଲାବେଳେ ଚମ୍ପା ବା ଚଣାଙ୍କଠାରେ ଦାନବୀତ୍ୱର ସ୍ୱାଭାବିକତା ପର୍ଯ୍ୟବେକ୍ଷଣ କରିଛି; ସେହିପରି ଏହା ମଧ୍ୟ ସାରିଆ/ବୃନ୍ଦମଣି/ସରସ୍ୱତୀ ଦେଈଙ୍କଠାରୁ ମାନବୀ ସତ୍ତାର ସମାବେଶ ଲକ୍ଷ୍ୟ କରିଛନ୍ତି ଯେପରି ସୁଲୋଚନା ଦେଈଙ୍କ ଚରିତ୍ର । ଏଠି ଏକ ଅଙ୍ଗରେ ତିନୋଟି ଭାବର (ଦେବୀ, ଦାନବୀ, ମାନବୀ) ସମନ୍ୱୟ ଘଟିଥିବା ସ୍ପଷ୍ଟ ଜଣାଯାଏ ।

କେବଳ ନାରୀ କାହିଁକି ମାନବ ଚରିତ୍ର ସମ୍ପର୍କରେ ଫକୀର ମୋହନଙ୍କର ଦୃଷ୍ଟିକୋଣ ହେଉଛି ଏହିପରି । ମାନବ ଚରିତ୍ର ବାବଦରେ ତାଙ୍କର ଧାରଣାକୁ

Digitized by srujanika@gmail.com

ସୂଚିତ ହୁଏ ଯେ—ମନୁଷ୍ୟ ହେଉଛି ଚିରକାଳ ମନୁଷ୍ୟ । ମଣିଷ ମଣିଷ ଭିତରେ ଉପାଦାନଗତ ସାମଞ୍ଜସ୍ୟ ଥାଇପାରେ ମାତ୍ର ପ୍ରବୃତ୍ତି ସବୁ ସମାନ ନୁହେଁ । ବୃତ୍ତିମାନଙ୍କୁ ନେଇ ମଣିଷର ମନ ଗଠିତ । ପ୍ରବୃତ୍ତି ସମସ୍ତ ଆନୁପାତିକ ଆସ୍ତର ହରାଇ ସୀମା ଲଙ୍ଘନ କଲେ ମଣିଷର ମଣିଷ ପଣିଆ ଲୋପ ପାଇଯାଏ । ସେପରି ସ୍ଥଳେ ସେ ହୁଏତ ହୁଏ ଦେବତା ନଚେତ୍ ରାକ୍ଷସ । * ଏହା ହିଁ ହେଉଛି ଫକୀର-ମୋହନଙ୍କର ମାନବ ଜୀବନ ସଂପର୍କରେ ନିଜସ୍ୱ ଦୃଷ୍ଟିକୋଣ । ତେଣୁ ତାଙ୍କ ସାହିତ୍ୟରେ ଜୀବନର ଦ୍ୱିବିଧ ସ୍ୱରୂପ ଯେ ଉତ୍କୀର୍ଣ୍ଣ ହେବ—ଏଥିରେ କୌଣସି ସନ୍ଦେହ ନାହିଁ ।

ଜୀବନର ଚଲାପଥରେ ଏପରି ବ୍ୟକ୍ତି ତ ସଚରାଚର ବିଦ୍ୟମାନ । ଫକୀର-ମୋହନଙ୍କର ପର୍ଯ୍ୟବେକ୍ଷଣ ଶକ୍ତି ହିଁ ସେମାନଙ୍କୁ ବାସ୍ତବ ଭୂମିକାରେ ସାକ୍ଷାତ କରିଛି । ତାଙ୍କୁ ସବାକ୍ ମୂର୍ତ୍ତି କମ୍ବା ଗୋଟିଏ ଗୋଟିଏ ଚଳମାନ ଜୀବନ ଭଳି ପରିବେଷିତ କରିବା ମୂଳରେ ରହିଛି—କଥାକାରଙ୍କର ଆଖିର ଭାବ ଓ ତୁଣ୍ଡର ଭାଷା ।

ମୁଁ ସାକ୍ଷାତରେ ଫକୀର ମୋହନଙ୍କୁ ଦେଖିନାହିଁ । କିନ୍ତୁ ଦେଖିଛି ତାଙ୍କର ବିଭିନ୍ନ ଛବି । ଆପଣମାନେ ବି ଦେଖିଥିବେ । ଯେତେ ଛବି ଦେଖିଛୁ, ସବୁଠି ଲକ୍ଷ୍ୟ କରିଛୁ ତାଙ୍କର ସେଇ ଆଖି ଦି'ଟାର ତେଜସ୍ୱାନ ଶକ୍ତି । ଖୁବ୍ ଟାଣୁଆ ନଜର ସେଇ ଆଖି ଦି'ଟାର ।

ନିଠେଇ ଦେଖନ୍ତୁ ଆପଣ ; ଅନୁଭବ କରିବେ— ସେଇ ଆଖି ଦୁଇଟା ଆଉ କଥା କହୁଛି କି ? ବଜ୍ରକିର ଗଢଭଳି ତାର ଗଢ, ଭିତରେ ଛପି ରହିଛି ସତେ

---

* ବିଶ୍ୱବିଧାତା ସମାନ ଉପାଦାନରେ ଜଗତରେ ସମସ୍ତ ନରନାରୀଙ୍କୁ ସୃଷ୍ଟି କରି ଅଛନ୍ତି । ରକ୍ତ, ମାଂସ, ଅସ୍ଥି, ମଳ, ମୂତ୍ରରେ ଯେପରି ଶରୀର ଗଠିତ ସେହି-ପରି ଦୟା, ମାୟା, ସ୍ନେହ, ମମତା, ହିଂସା, ଦ୍ୱେଷ, ନିଷ୍ଠୁରତା ପ୍ରଭୃତି ବୃତ୍ତି ମାନଙ୍କରେ ମନ ଗଠିତ । ସେହି ସମସ୍ତ ବୃତ୍ତି ଉପଯୁକ୍ତ ରୂପେ ସମାନ ଭାବରେ କାର୍ଯ୍ୟକାରୀ ହେଲେ ମନୁଷ୍ୟ, ମନୁଷ୍ୟ ହୋଇଥାଏ । ମାତ୍ର ଯେବେ ଗୋଟିଏ ଉପାଦାନ ବଳବତ୍ତର ହୋଇ ସୀମା ଲଙ୍ଘନ ପୂର୍ବକ ଅନ୍ୟ ବୃତ୍ତିମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରେ, ତେବେ ସେ ମନୁଷ୍ୟର ମନୁଷ୍ୟତ୍ୱ ଲୁପ୍ତ ହୋଇଯାଏ । ତେତେବେଳେ ହୁଏତ ସେ ଦେବତା ନଚେତ୍ ରାକ୍ଷସ ରୂପେ ପରିଗଣିତ ହୁଏ । ଅର୍ଥାତ୍ ମନୁଷ୍ୟର ମନ ସ୍ୱର୍ଗୀୟ ଓ ନାରକୀୟ ଦୁଇ ପ୍ରକାର ବୃତ୍ତିରେ ଗଠିତ । ସ୍ୱର୍ଗୀୟ ବୃତ୍ତି ମନୁଷ୍ୟକୁ ଦେବ ରୂପରେ ପରିଗଣିତ କରେ ଓ ନାରକୀୟ ବୃତ୍ତି ରାକ୍ଷସ କରିପକାଏ ।'

(ଫକୀରମୋହନ ସେନାପତି—ଛ ମାଣ ଆଠଗୁଣ୍ଠ—ଅଷ୍ଟାଦଶ ପରିଚ୍ଛେଦରୁ ଗୃହୀତ)

Digitized by srujanika@gmail.com

ଯେମିତ ଖୋଳିଲ ପରେ ଗୁଜ—ପଞ୍ଚ ଅନ୍ଧାର ଭିତରେ କର୍ଭଗୃହରେ ପଶିଯାଇ ଗୁପ୍ତକାଧ ସବୁ ସାଉଁଟି ଆଣିବ ପର ! ଯୁକ୍ତି ଯୁକ୍ତି ଅନ୍ଧାରକୁ ହରେଇ ଦେବ କି ଆଉ ?

ଛବରେ ଫକୀରମୋହନ ଆମକୁ ଏମିତ ପ୍ରତେ ହୁଏନ୍ତ ସିନା, ଏଇ ସମ୍ଭାବନା ତାଙ୍କ ସାହିତ୍ୟର ପ୍ରମାଣ ପକ୍ଷରେ ବାସ୍ତବ ହୋଇଯାଇଛି । ପ୍ରତ୍ୟେକ ବିଷୟକୁ ଟିକନଖି ବୁଝି ବୁଝେଇବାର ଢଙ୍ଗ ଫକୀର ମୋହନଙ୍କ କଥା ଶିଳ୍ପକୁ ଝୁରୁଟାଣ କରିଛି । ଗୋଟିଏ ଖବରକୁ ପାଇବା ପାଇଁ ତାଙ୍କୁ ଅନୁସନ୍ଧାନର ଲମ୍ବା ପଥ ଅତକ୍ରମ କରିବାକୁ ପଡ଼େ ।

ବାହ୍ୟ କାର୍ଯ୍ୟରେ ସହଗାମୀ ହୋଇ ଫକୀରମୋହନ ଦୃଷ୍ଟି ମନର ଭାବଟିକୁ ସଂଗ୍ରହ କରନ୍ତି । ଏହାହିଁ ହେଉଛି ଫକୀର ମୋହନଙ୍କର ନିଜସ୍ୱ ଢଙ୍ଗ ।*

· ଏଇ ଦୃଷ୍ଟିକି କହିବା ପରିପକ୍ୱ ବୋଧଦୃଷ୍ଟି । କୌଣସି ବିଷୟ ହେଉ କି ବସ୍ତୁ ହେଉ କିବା କୌଣସି ବିମୂର୍ତ୍ତ କଳ୍ପନା ହେଉ ବୋଧଦୃଷ୍ଟି ଏମାନଙ୍କର ଚତୁଃପାର୍ଶ୍ୱ ଅନ୍ୱେଷଣ କରି, ଅତୀତ, ବର୍ତ୍ତମାନ, ଭବିଷ୍ୟତର ଖବର ବୁଝି ତଥ୍ୟ ଓ ତତ୍ତ୍ୱକୁ ଉନ୍ମୋଚନ କରେ । ଅନ୍ୟ କଥାରେ କହିଲେ ବୋଧ ଦୃଷ୍ଟିରେ ଉପଲବ୍ଧିର ଗଭୀରତା ଓ ବ୍ୟାପକତା ନିହିତ । କିନ୍ତୁ ରସ-ଦୃଷ୍ଟିରେ ମୁଗ୍ଧ ଅନୁଭବର ପ୍ରବଣତା ପରିଲକ୍ଷିତ ହୋଇଥାଏ । ଉଦାହରଣ ସ୍ୱରୂପ କୁହାଯାଇ ପାରେ ଯେ—ରସ ଦୃଷ୍ଟି ବଳରେ ସରୋବରରେ ଫୁଟିଥିବା ପଦ୍ମକୁ ଦେଖି ମୁଗ୍ଧ ଭାବୁକତା ଜାତ ହୋଇଥାଏ । ଏତେବେଳେ ପଦ୍ମର ନିମଜ୍ଜିତ ଅଂଶ ବାବଦରେ କିଛି ଜିଜ୍ଞାସା ଜାତ ହୁଏନା । ବୋଧଦୃଷ୍ଟି ଥିଲେ, କେବଳ ପଦ୍ମ ଦେଖି ସନ୍ତୋଷ ଆସେନା, ତାହାର ମୃଣାଳ ବାହୁ ସାହାଯ୍ୟରେ ପଙ୍କ ଭିତରକୁ ପଶିବାକୁ ଇଚ୍ଛା ହୁଏ । ପଙ୍କଜର ଉତ୍ସ-ଉନ୍ମେଷ ଇତ୍ୟାଦି ଆବିଷ୍କାର କରିବାକୁ ମନବଳେ ।

ଜ୍ଞାନୀ ଦୃଷ୍ଟି ଏମାନଙ୍କଠାରୁ ଭିନ୍ନ । ଏହି ଦୃଷ୍ଟି ହେଉଛି ଜ୍ଞାନୀର ସମ୍ବଳ । ଏହା ସାହାଯ୍ୟରେ ଜ୍ଞାନୀ, ଜଗତର ନୀତି ରହସ୍ୟ ବା ଷଡ୍ଯନ୍ତ୍ର ଓ ପୂର୍ଣ୍ଣତା-ଅପୂର୍ଣ୍ଣତାକୁ ସୂକ୍ଷ୍ମ ଓ ସୁଶୃଙ୍ଖଳ ଭାବେ ଅଙ୍କନ କରିପାରେ । ଏଇ ସବୁ ଦୃଷ୍ଟିର

* 'ଅମ୍ଭମାନଙ୍କ ପାଖରେ, କିନ୍ତୁ କାହାର କଥା ଲୁଚିବାର ବାଟ ନାହିଁ । ବାଣୁଆ ଖୋଳରର ମଡ଼ା ଧରି ଧରି ଯାଇ ଜନ୍ତୁ ଭେଟନ୍ତି । ସେହିପରି ଆମ୍ଭେମାନେ ଲୋକମାନଙ୍କ କାର୍ଯ୍ୟ ସବୁର ପିଚ୍ଛା ଧରି ଧରି ସେମାନଙ୍କ ମନର ଭାବ ଧରି ପକାଉଁ ।'

(ଫକୀର ମୋହନ ସେନାପତି—ଛ ମାଣ ଆଠଗୁଣ୍ଠ—ଦଶମ ପରିଚ୍ଛେଦ)

Digitized by srujanika@gmail.com

ତାରତମ୍ୟକୁ ବିଚାର କଲ ନିଃସନ୍ଦେହରେ କୁହାଯାଇ ପାରେ ଯେ ଫକୀର ମୋହନଙ୍କର ଦୃଷ୍ଟି ହେଉଛି, ପରିପକ୍ୱ ବୋଧଦୃଷ୍ଟି ପର୍ଯ୍ୟାୟର । କାରଣ ଫକୀର ମୋହନ ଯାହା ଲେଖନ୍ତି ବା ପ୍ରକାଶ କରନ୍ତି ତାହା ସୂକ୍ଷ୍ମାତିସୂକ୍ଷ୍ମ ଏବଂ ବ୍ୟାପକ ପର୍ଯ୍ୟବେକ୍ଷଣରୁ ହିଁ ଉତ୍ପନ୍ନ । ଏଇ ବୋଧଦୃଷ୍ଟି ହେଉଛି ତାଙ୍କ ସାହିତ୍ୟର ମୂଳ ଅବଲମ୍ବନ; ଅବଶ୍ୟ ସ୍ଥଳ ବିଶେଷରେ ଦ୍ରଷ୍ଟାଦୃଷ୍ଟି, ରସଦୃଷ୍ଟି ଓ ବୋଧଦୃଷ୍ଟିର ସମନ୍ୱୟ ଯେ ଘଟିନାହିଁ, ଏକଥା ନୁହେଁ, ତଥାପି ମୁଖ୍ୟ ହେଉଛି ବୋଧଦୃଷ୍ଟି । ତାଙ୍କ କଥା ସାହିତ୍ୟର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ଓ ଅନୁଶୀଳନରୁ ହିଁ ଏହି ଧାରଣା ଜନ୍ମିଥାଏ ।

ଫକୀର ମୋହନ ହେଉଛନ୍ତି ଜଣେ କ୍ଲାସିକ କଥାକାର । କୌଣସି ଯୁଗର ସୀମା ଭିତରେ ସେ ଆବଦ୍ଧ ନୁହଁନ୍ତି; ସେ କାଳୋତ୍ତୀର୍ଣ୍ଣ । ତେଣୁ ପ୍ରତ୍ୟେକ ପାଠକ ତାଙ୍କ କଥା ସାହିତ୍ୟରୁ ଚିରନ୍ତନ ଆବେଦନ ଲାଭ କରିଥାନ୍ତି ।

ଚଳନ୍ତି ଶତାବ୍ଦୀର ପାଠକ କିମ୍ବା କେହି ବିଦଗ୍ଧ ଆଲୋଚକ ଫକୀର ମୋହନଙ୍କ ମନୀଷାକୁ କେଉଁ ମାନଦଣ୍ଡରେ ବିଚାର କରିବ ତାହା ଭିନ୍ନେ କଥା । କିନ୍ତୁ ଏକ ଅଭିନବ ଦୃଷ୍ଟିକୋଣରୁ ଫକୀରମୋହନଙ୍କୁ ଚିହ୍ନିବାର କେତୋଟି ସମ୍ଭାବନାର ସୂଚନା ଏଠି ଦେଇଛି, ଉଦ୍ଦେଶ୍ୟ ପୋଷିଛି—ପାଠକେ ଫକୀର ମୋହନଙ୍କ ସମସ୍ତ କଥା ସାହିତ୍ୟକୁ ଏକଣ ପାଠକର ନବଦିଗନ୍ତରୁ ତାଙ୍କୁ ଆସ୍ୱାଦନ କରିବେ ।

(୧୯୭୬)

[ଏହା 'ଫକୀର ମୋହନ କଥାସାହିତ୍ୟ (୧୯୮୦)'
ପ୍ରକାଶକ-ପୁସ୍ତକ ଭଣ୍ଡାର, ବ୍ରହ୍ମପୁର, ସଂପାଦକୀୟ]

Digitized by srujanika@gmail.com

କବି ଅନ୍ନପୂର୍ଣ୍ଣାଙ୍କ କାବ୍ୟଦର୍ଶନ : ମୌଳିକ ମନନ

କବି ମନର ଭୂମିକା

ନାରୀ କବିଙ୍କ ଜୀବନରେ ସାହିତ୍ୟ ହେଉଛି ଏକ ପ୍ରାଣସ୍ଫୂର୍ତ୍ତି, ନିତ୍ୟ ବିଳାସର ଏକ ଅବଲମ୍ବନ । କାବ୍ୟ—ସର୍ଜନା କିମ୍ବା ଉତ୍କୃଷ୍ଟ ଚିନ୍ତାର ଅନୁଷଙ୍ଗ ବିନା ଅନ୍ନପୂର୍ଣ୍ଣା ବଞ୍ଚିବାର ଯଥାର୍ଥତା ଆଦୌ ଉପଲବ୍ଧି କରୁନଥିଲେ । ସାରସ୍ୱତ-ବିଳାସକୁ ଜୀବନର ବ୍ରତ ରୂପେ ବରଣ କରି ତାଙ୍କର ଆତ୍ମା-ପୁରୁଷ ଆନନ୍ଦମୟ ଅବସ୍ଥାର ଯେଉଁ ଅତୀନ୍ଦ୍ରିୟ ରାଜ୍ୟରେ ଉପନୀତ ହେଉଥିଲା ତାହା ତୁଳନାରେ ପାର୍ଥିବ ଆକର୍ଷଣ କିଛି ନୁହେଁ କହିଲେ ଚଳେ । ସାହିତ୍ୟ ପ୍ରତି ପ୍ରାଣାଧିକ ସଂପର୍କ ଥିବା ହେତୁ ଏହାକୁ ସମର୍ଥନ କରି କାବ୍ୟ-ଛନ୍ଦରେ ନାରୀ କବି ଅନୁକୂଳ ମନ୍ତବ୍ୟ ମଧ୍ୟ ପ୍ରଦାନ କରିଛନ୍ତି—

'ସର୍ବ ବିଦ୍ୟା ମଧ୍ୟେ/ସାହିତ୍ୟ ସମ୍ବନ୍ଧେ/ସର୍ବଦା ଥିଲା ଭାବନା
ବିଳାସିତା ପ୍ରତି/ରତିଲେ ନାହିଁ ମତି/ଭାବି ନଥିଲି କଳ୍ପନା । ❋

ସାରସ୍ୱତ ଉଲ୍ଲାସ ଯୋଗୁଁ ଏପରି ପ୍ରାଣୋପମ ସମ୍ବନ୍ଧର ବାର୍ତ୍ତା କବି ନିଜେ କିମ୍ବା କୌଣସି ଚରିତ୍ର ଜରିଆରେ ଚେତେଇ ଦେବାକୁ ଭୁଲି ନାହାନ୍ତି । କବି ବିଶ୍ୱାସ କରନ୍ତି ଯେ, କାବ୍ୟ-ଭାରତୀ ବା ଶ୍ୱେତଭୁଜାଙ୍କ ଉପାସନାର ପ୍ରଧାନ ଉପକରଣ ହେଉଛି—ସତ୍ୟ, ଭକ୍ତି ଓ ପ୍ରୀତି । ଜ୍ଞାନ ରୂପକ ଘୃତ ହିଁ ଜ୍ୟୋତିର ପ୍ରକୃଷ୍ଟ ପ୍ରକାଶକ । ନମ୍ରତା ହେଉଛି ଧୂପ, ସାଧକର ମନ ହିଁ କାବ୍ୟଦେବୀଙ୍କ ପାଇଁ ବନ୍ଦନା ସ୍ତୋତ୍ର, ସାନ୍ତ୍ୱନା ଯେ ନୈବେଦ୍ୟ, ଆତ୍ମଦାନ ହେଉଛି, ପୁଷ୍ପାଞ୍ଜଳି । † କବିତା ଲାଗି ସିନା କବିର ଆତ୍ମଦାନ, ତାହା ପୁଣି କଳ୍ପନାର କୁଞ୍ଜବନରେ । ଭାବ ନଗରର ପ୍ରେମିକ ହେଉଛି ଏଇ କବି, କବିତା ଲାଗି କେତେ ତାର ଲାଳସା ।

❋ ନାରୀ କବି ଅନ୍ନପୂର୍ଣ୍ଣା ରଚନା ଶ୍ରୀ (୧୯୭୮) କଳ୍ପକୁଞ୍ଜ, ପୃଷ୍ଠା-୫ ।

† ସେ ସତ୍ୟ ପୂଜାର/ସତ୍ୟଟି ସମ୍ଭାର/ଅନ୍ୟ କିଛି ଲାଗେ ନାହିଁ
ଭକତି ସୁମନ/ପ୍ରୀତି ଜଳପୂର୍ଣ୍ଣ/ଗନ୍ଧ ଅନୁରାଗ ଆଉ
ଜ୍ଞାନ ଘୃତ-ଜ୍ୟୋତି/ଧୂପ ନମ୍ରମତି/ସାଧକ ବନ୍ଦନାବଳୀ
ସାନ୍ତ୍ୱନା ଶୀତଳ/ନୈବେଦ୍ୟ ତଣ୍ଡୁଳ/ ଆତ୍ମଦାନ ପୁଷ୍ପାଞ୍ଜଳୀ ।
[ନାରୀ କବି ଅନ୍ନପୂର୍ଣ୍ଣା ରଚନା ଶ୍ରୀ (୧୯୭୮)-କଳ୍ପକୁଞ୍ଜ, ପୃଷ୍ଠା-୭ ।]

Digitized by srujanika@gmail.com

କବିତା ଲେଖିବାର କଳ୍ପନା ଯେତେ ଅନ୍ନପୂର୍ଣ୍ଣା କବିତା ଲେଖି ନାହାନ୍ତି । ଜୀବନକୁ ଚିହ୍ନି ଚିହ୍ନେଇବାର ଅତୁଟ ଆଗ୍ରହ ତାଙ୍କର ଥିଲା । ନିଜ ଜୀବନର ଭିତ୍ତି ଯାହା ହେଉନା କାହିଁକି ସାର୍ବଜନୀନ ଜଗତର ଗଭୀରତାରୁ ଆପଣା ପାଇଁ ସେ ଯାହା ସଂଗ୍ରହ କରିଥିଲେ ତାହାର ଭାବ-ମୂର୍ତ୍ତି ହିଁ ସେ କାବ୍ୟାକାରରେ ଅଙ୍କନ କରିଥିଲେ । ତାଙ୍କର କବିତା-ସମଗ୍ର ବ୍ୟକ୍ତି-ଜଗତର ନାନା ଅନୁଭୂତି ଓ ବହିର୍ବିଶ୍ୱର ଅବଧାରଣାରେ ଏକାନ୍ତ ଭାବ-ସ୍ୱରୂପ । କିନ୍ତୁ ଉଭୟ କ୍ଷେତ୍ରରେ ସାର୍ବଜନୀନ ଆଲେଖ୍ୟର ନିଦର୍ଶନ ବିଦ୍ୟମାନ । ତେଣୁ ଏହା ସାଧାରଣଙ୍କ ପାଇଁ କୌଣସି ନା କୌଣସି ଆବେଦନ ନିଶ୍ଚୟ ଯୋଗାଇଥାଏ ।

କବି ବ୍ୟକ୍ତିଗତ ଜୀବନର ଭୂମିକା ସମ୍ପର୍କରେ ସୂଚନା ଦେବାକୁ ଯାଇ ଉଲ୍ଲେଖ କରନ୍ତି ଯେ, ଅଶ୍ରୁ-ଆଘାତ ଓ ନୈରାଶ୍ୟ ଅନୁତାପ ହେଉଛି ତାଙ୍କ ଜୀବନର ନିତ୍ୟ ସୁଖ । ଏହା ଏକାଧାରରେ ମଧ୍ୟ ସୁଖର ସ୍ୱପ୍ନ ଓ ବେଦନାର ଅଗ୍ନି । ଉଭୟକୁ ଏକାକାର କରି ଧୈର୍ଯ୍ୟର ମନ୍ଦର ଧରି ସେ ଭାବର ସମୁଦ୍ର ମନ୍ଥନ କରିଛନ୍ତି । ସେଥିରୁ ଯାହା ପାଇଛନ୍ତି ତାହା ହେଉଛି ନିର୍ମଳ କବିତାମୃତ । ଆପଣା ତୁଣ୍ଡରେ ଏଇ କଥା ସ୍ୱୀକାର କରି କବି ଲେଖିଛନ୍ତି ଯେ—"ବେଦନାର ଅଗ୍ନି/ତାକୁଅଛି ବାନ୍ଧି/କି ନିରାଶା ଅନୁତାପ/ସହିବା ସାମର୍ଥ୍ୟ/ପାଇଛି ଯଥାର୍ଥ/କରୁଛି ଆଘାତ ମାପ/ତାହା ମୋର ଧନ/ତାହାହିଁ ଜୀବନ/ତାହା ମୋର ନିତ୍ୟ ସୁଖ/ସେହି ସ୍ୱପ୍ନ ଦେଖି/ଯାଏ ଚିତ୍ର ଲେଖି/ଦୂର କେ କରିବ ଦୁଃଖ" । †

କବିତା ରାଜ୍ୟରେ ଦର୍ଶନର ଭାବଶିଖା ଯଦି ଧ୍ରୁବ କବିର ସମ୍ବଳ ସେଠି କବିର ଭୂମିକା ବିଳାସର ବିପଣୀରେ ଜଣେ କେବଳ ଭାବ ଦ୍ରଷ୍ଟା ସାଜି କିର ଅବା ହେବ କିପରି ? ସେଥିପାଇଁ ନାରୀ କବିଙ୍କର ଆତ୍ମା ବିଳାସକୁ ଜୀବନ ଲାଗି ଏକ ଅପରିହାର୍ଯ୍ୟ ଅଂଶ ବୋଲି ସ୍ୱୀକାର କରିନାହିଁ । ଦୁଃଖକୁ ସଂସାରର ସାଥିରୂପେ କଳ୍ପନା କରି ତାହାରି ଜରିଆରେ ନିତ୍ୟ ଆନନ୍ଦର ଭାବ-ଭେଳା ସେ ଭସାଇ ଦେଇଛନ୍ତି । ସେ ଅନୁଭବ କରିଛନ୍ତି ଯେ—"ଦୁଃଖମୟ ବୋଲି/ଭାବୁଛି ସଂସାର/ହଜାଏ ଶୋକ କେତନ/ସମସ୍ତ ଭାବକୁ ଏକତ୍ର କରାଇ/ଭେଦ ନ ରଖାଇ ମନ" ।*

ରାଧାନାଥ ଯେପରି ଆପଣାକୁ 'ପଟ୍ଟଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର' ବୋଲି ଅଖ୍ୟାୟିତ କରି ସମସ୍ତଙ୍କ ପାଇଁ ଅକ୍ଷୟ କବିତାର ଆନନ୍ଦରଧାରା ସୃଷ୍ଟି କରିଗଲେ ଠିକ୍ ସେହିପରି ନାରୀକବି ଦୁଃଖକୁ ଜୀବନର ସାଥିରୂପେ ବରଣ କରି ସମସ୍ତଙ୍କ ପାଇଁ

---

† ନାରୀ କବି ଅନ୍ନପୂର୍ଣ୍ଣା ରଚନା ଶ୍ରୀ (୧୯୭୮)—ଗୀତ କାବ୍ୟଶ୍ରୀ ବିଭାବ ଅନ୍ତର୍ଗତ ଅଶ୍ରୁ ବିନ୍ଦୁ କବିତା ପୃଷ୍ଠା-୨୪୬ ।

* ଏ ଜନ—ସୁଖ ଜୟ କବିତା ପୃଷ୍ଠା-୧୪୩ ।

Digitized by srujanika@gmail.com

ବିଚିତ୍ର ଜୀବନ-ଯୁଗର ଅଖଣ୍ଡ ଶିହରଣ ଦେଖେଇ ଦେଲେ । ଭାବିଲେ ମନ ଲାଗେ, ଦୁଃଖରୁ ସୁଖର ଉତ୍ପତ୍ତି । କିନ୍ତୁ ସାଧାରଣରେ ସମସ୍ତେ ଏହା ବୁଝନ୍ତି ନାହିଁ । ଦୁଃଖରେ ସୁଖ ହିଁ ଅନ୍ତର୍ଗର୍ଭିତ, ଏହା ନିଶ୍ଚିତ ଭାବରେ ଏକ ସାର୍ବଜନୀନ ସତ୍ୟ । ଦୁଃଖକୁ ବୁଝିଲେ ସୁଖକୁ ଚିହ୍ନିହୁଏ କିମ୍ବା ସୁଖର ଆସ୍ୱାଦନ ଅନ୍ତରାଳରେ ଦୁଃଖର ଆତଙ୍କ ଜୀବନକୁ ଗ୍ରାସ କରି ରହିଥାଏ । ଏହାର ବାସ୍ତବତା ସହିତ ସମସ୍ତେ ପରିଚିତ ।

କିନ୍ତୁ କବି ଏଠି ଯେଉଁ ଦୁଃଖ କଥା ଉଲ୍ଲେଖ କରିଛନ୍ତି ତାହା କେବଳ ବ୍ୟକ୍ତିଗତ ଦୁଃଖର ହିସାବକୁ ପ୍ରକଟିତ କରୁନାହିଁ । ବ୍ୟାବହାରିକ ପୃଥିବୀର ଦୁଃଖ କବିର ଦୁଃଖ ନୁହେଁ, ଭାବର ଦହନ ହିଁ କବିର ଦୁଃଖ । ଯିଏ ଯେତେ ଭାବ-ଦୁଃଖରେ ଦଗ୍ଧ, ସିଏ ସେତେ ବଡ଼ କବି । ତେଣୁ ନାରୀକବି ଅନ୍ନପୂର୍ଣ୍ଣାଙ୍କ ଭୂମିକା ବିଶ୍ଲେଷଣ ଅବସରରେ ଏତିକି କୁହାଯାଇ ପାରେ ଯେ, ଆତ୍ମଦହନର ଯଜ୍ଞବେଦୀରୁ ହିଁ ତାଙ୍କ କବିତାର ଆଲୋକ ରେଖା ବିକୀର୍ଣ୍ଣ ହୋଇଛି ।

ବତି ଦଗ୍ଧ ହୋଇ ଆଲୋକ ରଶ୍ମି ବିକୀରଣ କରିପାରି କବି ମନ ପରିସ୍ଥିତିରେ ଜଳି ଜଳି ଜଗତ ପାଇଁ ଭାବର ସ୍ଫୁଲିଙ୍ଗ ହିଁ ସଞ୍ଚାର କରିଛି । କବିଙ୍କ ଭାବର ଗୋଲକ ତିନୋଟି ବସ୍ତୁକୁ ନେଇ ପରିପୁଷ୍ଟ ହୋଇଛି । ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ—ଏହି ତିନୋଟି ଉପାଦାନର ଉତ୍ସଙ୍ଗରୁ ଯେତେବେଳେ ଯେଉଁ ଭାବ କବି ମନକୁ ସ୍ପର୍ଶ କରିଛି ତାହାର କାବ୍ୟଲିପି ସେ ଅଙ୍କନ କରିଛନ୍ତି । କବିତା ସଂପର୍କରେ କବିଙ୍କର ନିଜସ୍ୱ ଅଭିବ୍ୟକ୍ତି ହିଁ ଏହାର ଶ୍ରେଷ୍ଠ ପରିଚୟ । କବି ପ୍ରକାଶ କରିଛନ୍ତି ଯେ, "ମୋର କରୁଣ ହୃଦୟର ଶୁଷ୍କ ମରୁଭୂମି ଉପରେ ଯେଉଁ ଚନ୍ଦ୍ରାର ଅଭିନୟ ଦେଖୁଅଛି ତାହାର ଆଭାସରେ ଯାହା ପାଉଅଛି ତାହା ଅଶ୍ରୁର ସ୍ମୃତି ଉପରେ ଅଙ୍କନ କରି ମରମ ବ୍ୟଥାର ଭାବ ଉଦ୍‌ଘାଟନ କରିଅଛି ।" *

ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ—ଏହି ତ୍ରିଧାରାରୁ ସତ୍ୟ, ଭକ୍ତି, ପ୍ରୀତି ଏବଂ ଭୋଗ—ବିରାଗ ପ୍ରଭୃତି ଚିନ୍ତନର ଉନ୍ମେଷ । କବି ଆପଣାର କାବ୍ୟ-ଛନ୍ଦରେ ତାହାର ପରିଚୟ ପ୍ରଦାନ କରିଛନ୍ତି । କବି ମନର ଏହି ଭୂମିକା ଉପରେ ତାଙ୍କ ଚେତନାର ବିଶଦ ଚର୍ଚ୍ଚା ଆବଶ୍ୟକ ।

ନାରୀ କବିଙ୍କ ସମାଜ ଚେତନା

କବି ବିଶ୍ୱାସ କରିଛନ୍ତି ଯେ, ଜଗତର ପ୍ରତ୍ୟେକ ଜୀବ ବା ବସ୍ତୁ ସୌନ୍ଦର୍ଯ୍ୟ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ, ଏହି ତିନୋଟି ପ୍ରଲୋଭନର ଶିକାର ହୁଅନ୍ତି ଏବଂ ଏହାକୁ

* କବିତା ସଂପର୍କରେ ଅନ୍ନପୂର୍ଣ୍ଣାଙ୍କ ସ୍ୱହସ୍ତଲିଖିତ ମନ୍ତବ୍ୟରୁ ଗୃହୀତ ।

Digitized by srujanika@gmail.com

ଭୋଗ କରିବା ପାଇଁ ଆଶା ହିଁ ସେମାନଙ୍କୁ ନିରନ୍ତର ଉଦ୍ଦୀପ୍ତ କରୁଥାଏ । ବସ୍ତୁ ଜଗତର ଆକର୍ଷଣରେ ସମସ୍ତେ ଆଶାବାଦୀ ହୋଇ ଜୀବନର ସମସ୍ତ ସମ୍ପଦକୁ ବଢ଼େଇବା ଲାଗି ଚେଷ୍ଟା କରିଥାନ୍ତି । କିନ୍ତୁ ମାନବ ଶିଶୁର ଶିକ୍ଷିତ ମନ ଯଦି ତାମସ ଉଲ୍ଲାସରେ ସବୁକିଛି ଭୋଗ କରିବା ଲାଗି ପ୍ରବୃତ୍ତ ହୁଏ, ତେବେ ସମାଜରେ ଅବକ୍ଷୟର ମାତ୍ରା ବୃଦ୍ଧି ଘଟିବା ନିଶ୍ଚିତ । ଏହା ହେଉଛି ସମାଜ ସମ୍ପର୍କରେ ନାଗ୍ନି କବିଙ୍କର ଅନନ୍ୟତମ ଅଙ୍ଗୀକାର । ସମାଜକୁ ତାମସ ଉଲ୍ଲାସର କ୍ରୀଡ଼ା ଭୂମି କରିବା ଅପେକ୍ଷା ସତ୍ୟ ଓ ସଂଗ୍ରାମର ଲୀଳା ଭୂମିରେ ମାନବଗଣ ପରିଣତ କରନ୍ତୁ—ଏହା ନାଗ୍ନି କବି ଚିନ୍ତା କରିଛନ୍ତି । ବ୍ୟକ୍ତିର ନିବାସ, ସୌନ୍ଦର୍ଯ୍ୟ ଓ ପ୍ରୀତିବନ୍ଧ ଆକର୍ଷଣର ଏକ କ୍ଷେତ୍ର ହୋଇପାରିଲେ ସଂସାର ବା ସମାଜ ମହନୀୟ ଗୌରବ ଲାଭ କରିବ । ଏହି ବିଷୟର ପ୍ରତିଧ୍ୱନି ପରୋକ୍ଷରେ ନାଗ୍ନି କବିଙ୍କ ଲେଖନୀରୁ ଶୁଣା ଯାଉଛି । ଯେପରି, "ଦେଖ ମୋ କୁଟୀର/ସୁନ୍ଦରେ ସୁନ୍ଦର/ହରି ନିଏ ସବ ମନ/ସ୍ୱର୍ଗରୁ ବଳି/ଅଛି ସୁଖ ଭରି/ ଧରିଛି ଶୋଭା ଭୁବନ ।"*

ସଂସାରକୁ କବି, ପାରମ୍ପରିକ ଦୃଷ୍ଟିକୋଣର ଅନୁରୋଧରେ ଈଶ୍ୱରଙ୍କର ଏକ ପ୍ରତିଫଳନ ବୋଲି ବିଚାରିଛନ୍ତି । ଜଗତର ଆଧାର ରୂପେ ତାଙ୍କୁ ମାନ୍ୟତା ଦେଇଛନ୍ତି । ସଂସାରର ସକଳ କ୍ଷେତ୍ର କବିଙ୍କ ପାଇଁ ହୋଇଛି ବିଚିତ୍ର ରହସ୍ୟର ଆଳୟ । ବ୍ୟକ୍ତି ବା ଜୀବ ଏହି ରହସ୍ୟକୁ ବୁଝିବା ଏକ ସହଜ ବ୍ୟାପାର ନୁହେଁ । ତେଣୁ କବି ଉଲ୍ଲେଖ କରିଛନ୍ତି ଯେ, ଭାଳୁଥାଏ ବସି ଜୀବ କିସ ଏ ସଂସାର/ କିଛି ଜଣାଗଲା ନାହିଁ ଏଥି ସାର ସାର । †—ଏହି ପଙ୍‌କ୍ତିର ଧର୍ମ ଯାହା ତାହାର ସ୍ୱରୂପକୁ ଏମିତି ବୁଝିହେବା ସାଧାରଣଙ୍କର ସାମର୍ଥ୍ୟ ବାହାରେ । ତେଣୁ ସଂସାରକୁ ପରଂବ୍ରହ୍ମଙ୍କର ଏକ ଅନୁଷ୍ଠାନ ବୋଲି ଗ୍ରହଣ କରି ତାହାର ସେବାରେ ଆପଣାକୁ ନିୟୋଜିତ କରିବା ଲାଗି କବି, ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

ସମାଜର ଅବସ୍ଥା ଓ ପକ୍ଷାପକ୍ଷ ବିଷୟରେ କରି କବି ଚେତେଇ ଦେଇଛନ୍ତି ଯେ ଆତ୍ମ ବଡ଼ିମାର ନିଃସଙ୍କୋଚ ପ୍ରକାଶରୁ ବ୍ୟକ୍ତି ବ୍ୟକ୍ତି ଭିତରେ ବିଦ୍ୱେଷ ଭାବ ବୃଦ୍ଧି ପାଉଛି । ମାନବର ଗର୍ବ ହିଁ ଜୀବନର ବିନାଶ ଲାଗି ଦ୍ୱାର ଉନ୍ମୋଚିତ କରିଚାଲିଛି- ତେଣୁ ସମାଜକୁ ସ୍ୱମର୍ଯ୍ୟାଦାରେ ଗତିଶୀଳ କରାଇବାକୁ ହେଲେ ପ୍ରତ୍ୟେକ, ନମ୍ରତା ଓ ସହିଷ୍ଣୁତାର ଆଚରଣ ପ୍ରଦର୍ଶନ କରିବା ଉଚିତ; ଅନୁରୂପ ପ୍ରେରଣା ହିଁ ନାଗ୍ନି କବି ତାଙ୍କ କବିତାରେ ସମସ୍ତଙ୍କ ପାଇଁ ପ୍ରଦାନ କରିଛନ୍ତି ।

---

* ନାଗ୍ନି କବି ଅନ୍ନପୂର୍ଣ୍ଣା । ରଚନା ଶ୍ରୀ (୧୯୭୮)—ଆଶାବାଟ, ପୃଷ୍ଠା-୭୬ ।

† ଗୀତ ଗାବ୍ୟଶ୍ରୀ—ସଂସାରର ଚିତ୍ର, ପୃଷ୍ଠା-୧୨୫ ।

Digitized by srujanika@gmail.com

ଗର୍ବ ବଡ଼ ନୁହେଁ, କର୍ମ ହିଁ ଜୀବନର ବଡ଼ ମୂଲ୍ୟ । ସମାଜ ପାଇଁ କର୍ମର ଗୌରବ ହିଁ ଏକମାତ୍ର ଐଶ୍ୱର୍ଯ୍ୟ । କର୍ମ ବିହୁନ ଜୀବନର ବ୍ୟର୍ଥତା ଓ ସମାଜର ଅବନତିକୁ କବି ବିଶେଷ ଭାବେ ଲକ୍ଷ୍ୟ କରିଛନ୍ତି । 'ବିନା କର୍ମ ହେତୁ କେହି କି ହେବ ପ୍ରସନ୍ନ/କର୍ମ ଯାହା ଭଲ ନାହିଁ ତାର କି ଜୀବନ ।' *

ସମାଜରେ ବିତ୍ତ ନିଶା ହିଁ ସକଳ ଅବସାଦର କାରଣ । ନାରୀ କବିଙ୍କ ଅନୁଭବରୁ ଜଣାଯାଏ, ଧନ ଓ ମାନର ଆକର୍ଷଣ ମଣିଷ ପାଇଁ ଅମୂଲ୍ୟ ରତ୍ନ ପ୍ରାପ୍ତିର ପ୍ରତିବନ୍ଧକ ହୁଏ । ପ୍ରକୃଷ୍ଟ ବିତ୍ତର ମୋହ ଜୀବନକୁ ଅନ୍ଧକାରାଚ୍ଛନ୍ନ କରେ । ଫଳରେ ସମାଜର ବ୍ୟକ୍ତି ବର୍ଗ ଏହାର ଆସ୍ତୃତରେ ଆପଣାକୁ ଭସାଇ ଦେଇ ସାରାସାର ବିବେଚନାରୁ ଦୂରେଇ ଯାଆନ୍ତି । ଯେଉଁଠି ବିଶ୍ୱାସ ପରାହତ ହୁଏ, ଶ୍ରଦ୍ଧା ସେଠି ବିଷତୁଲ୍ୟ ବିବେଚିତ ହୋଇଥାଏ ।

ସମାଜରେ ଶାନ୍ତିର ଅଭାବ ଘଟିଲେ ଜୀବନର କ୍ଷୟାବସ୍ଥା ନିକଟ ହୋଇ ଆସେ । ତେଣୁ ଜୀବନରେ ନିଶାର ମାତ୍ରା ବଢ଼ିଗଲେ, ପବିତ୍ରତାର ଅନୁଭବରୁ ଲୋକ ବଞ୍ଚିତ ହୁଏ । ସମାଜ ଲାଗି ଏପରି ଅଶୁଦ୍ଧ ଆଚରଣ ହିତକର ନୁହେଁ ।

ନାରୀ କବିଙ୍କର ଏହି ବିଚାର ଏକ ପାରମ୍ପରିକ ବିଚାର । ତଥାପି କବି ଏହାକୁ ଆପଣା କବିତାରେ ରୂପାୟିତ କରିବାର ପଦ୍ଧତି ତାତ୍ପର୍ଯ୍ୟ ହୋଇଛି ଯେ, ସେ ଆପଣାକୁ ପରଂପରାର ଦାୟାଦ ରୂପେ ଗ୍ରହଣ କରିଛନ୍ତି । ବସ୍ତୁତଃ ଭାରତୀୟ ଚିରନ୍ତନର ଅନୁଦାନରୁ ସେ ଆପଣାକୁ ମୁକ୍ତ କରିପାରି ନାହାନ୍ତି । ତେଣୁ ନାରୀ କବିଙ୍କ ଦୃଷ୍ଟିରେ ସୁସ୍ଥ ସମାଜ କହିଲେ, ସତ୍ୟ ଓ ପ୍ରୀତିର ମୂଳରେ ଗଢ଼ା ସମାଜକୁ ହିଁ ବୁଝାଏ । ଏହାର ପୁନର୍ନ୍ୟାସ ପାଇଁ ଅନ୍ନପୂର୍ଣ୍ଣାଙ୍କ କବିତାରେ ଉଦ୍ୟମ କରାଯାଇଛି ।

ନାରୀ କବି ଅନ୍ନପୂର୍ଣ୍ଣାଙ୍କ ସମୟର ସମାଜ ଆଧୁନିକ ସଭ୍ୟତାର ଉଦୟାଲୋକ ଦେଖିଥିଲେ ମଧ୍ୟ କୁସଂସ୍କାରର ଆବିଳ ଅନ୍ଧକାରରେ ଆଚ୍ଛନ୍ନ ଥିଲା । ପ୍ରାଚୀନ ଧାରା ଅନୁଯାୟୀ ଶିକ୍ଷାର ଅନଗ୍ରସରତା ହେତୁ ସମାଜର ବହୁ ଅଂଶ ଜୀବନର ନୂତନ ସମ୍ଭାବନା ସମ୍ପର୍କରେ ଆଦୌ ସଚେତନ ନ ଥିଲେ । ସାଧାରଣ ମାନବ ଶିଶୁର ଶିକ୍ଷା, ସ୍ୱଚ୍ଛନ୍ଦ ଜୀବନ ନିର୍ବାହ ଓ ମର୍ଯ୍ୟାଦା ପ୍ରତିଷ୍ଠା ପାଇଁ ଯେ କୌଣସି ନୂତନ ପଦକ୍ଷେପ ସେତେବେଳେ ବିରୋଧର ସମ୍ମୁଖୀନ ହେଉଥିଲା । ଫଳରେ ସମାଜର ଗୋଟିଏ ଶ୍ରେଣୀ ଆଧୁନିକତାର ପକ୍ଷ ସମର୍ଥନ କରୁଥିଲାବେଳେ ଅନ୍ୟ ଏକ ଶ୍ରେଣୀ ତାହାର

† ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ମାନବର ଗର୍ବ, ପୃଷ୍ଠା- ୧୩୭ ।

Digitized by srujanika@gmail.com

ପ୍ରତିରୋଧ କରୁଥିଲା । ନାରୀ ସମାଜକୁ କର୍ତ୍ତବ୍ୟର ବନ୍ଧନ ଭିତରେ ଚାପି ଦେବାର ପାରମ୍ପରିକ ଚଳଣି ବହୁ କ୍ଷେତ୍ରରେ ପ୍ରୋତ୍ସାହିତ ହୋଇଥିଲା । କିନ୍ତୁ ଅନ୍ନପୂର୍ଣ୍ଣା ଦେବୀ ସକଳ ପ୍ରତିବନ୍ଧକ ସତ୍ତ୍ୱେ ଆପଣା ସମାଜର ଅଗ୍ରଗତି ପାଇଁ ବିଭିନ୍ନ ସମୟରେ ଉଦ୍ୟମ କରିଥିଲେ । ଛୋଟି ପଲ୍ଲୀଠାରୁ ଆରମ୍ଭ କରି ସଭା ସମିତିର ଆୟୋଜନ, ମାଧ୍ୟମରେ ସମାଜରେ ନାରୀ ସ୍ୱାଧୀନତା ଲାଗି ଅନୁକୂଳ ପରିବେଶ ସୃଷ୍ଟି କରୁଥିଲେ । ଏପରିକି କବିତା ଲେଖାରେ ମଧ୍ୟ ସମାଜର ଉତ୍ଥାନ ପାଇଁ ଯତ୍ନ କରିଥିଲେ । ମହିଳା ସମିତି ସଗଠନ ଓ ଗ୍ରାମରେ କ୍ଷୁଦ୍ର ପାଠଶାଳା ପ୍ରଭୃତି ସ୍ଥାପନ ଦ୍ୱାରା ନାରୀ ଶିକ୍ଷାର ପ୍ରସାର ପାଇଁ ତାଙ୍କ ତରଫରୁ ଯଥେଷ୍ଟ ଉଦ୍ୟମ କରାଯାଇଥିଲା । ପୁନଶ୍ଚ ନାରୀ ସମାଜରୁ ଓଢ଼ଣା ପ୍ରଥାର ଉଚ୍ଛେଦ ପାଇଁ ଏକ ଅଗ୍ରଗାମୀ ପଦକ୍ଷେପ ସେତେବେଳେ ଅନ୍ନପୂର୍ଣ୍ଣା ଦେବୀ ମଧ୍ୟ ଗ୍ରହଣ କରିଥିଲେ । ନିଜେ ଅବସ୍ଥା ପୀଡ଼ିତ ହୋଇଥିଲେ ସୁଦ୍ଧା ସମାଜର ଅଭ୍ୟୁଦୟ ପାଇଁ ସେ ନିରନ୍ତର ଚିନ୍ତା କରୁଥିଲେ ।

ସେ ତାଙ୍କର ଏକାଧିକ କବିତାରେ ସାମାଜିକ କଟକଣାରୁ ନାରୀ ଜୀବନକୁ ମୁକ୍ତ ରଖିବା ପାଇଁ ଏବଂ ଜାତିନିଷ୍ଠ ସ୍ୱାଧୀନ ଭାବାପନ୍ନ କରି ନାରୀ ମନକୁ ଗଢ଼ିବା ପାଇଁ ଉଦବୋଧନ ଦେଉଥିଲେ । *

କବି ଅନ୍ନପୂର୍ଣ୍ଣା ବିଚାରୁଥିଲେ ଯେ, ସମାଜର ଶ୍ରେଷ୍ଠତା ଓ ମହତପଣିଆ ମାନବଗଣଙ୍କର ମାନସିକ ବିକାଶ ଉପରେ ନିର୍ଭର କରେ । ଶିକ୍ଷା ହେଉଛି ଏପରି ବିକାଶର ଜନକ । ଶିକ୍ଷା ବିନା ସମାଜର ଉନ୍ନତି ସାଧନ ଅସମ୍ଭବ । † ବିଭେଦ ବା

---

* ନାରୀ ଜାତି ସ୍ୱାଧୀନତା ପାଇଁ ଅବକାଶେ
ନାନା ଶାସ୍ତ୍ରେ ରତଥିଲେ ଅଛି ଇତିହାସେ ।
ବୀର ବେଶ ଧରି ପୁଣି କେତେକ ରମଣୀ
ଯୁଦ୍ଧ କ୍ଷେତ୍ରେ ଯୋଗଦାନ କରିଥିଲେ ପୁଣି ।
ସତୀ ବ୍ରତ ଅନୁଷ୍ଠାନେ ଭାରତ ଭୂଷଣ
ଥିଲେ ବୋଲି ପୁରାଣରେ ହୋଇଛି ଲେଖନ ।
ଏବେ କାହିଁଗଲା ସେହି ଭାରତ ଗୌରବ
ସାମାନ୍ୟ କି ନାରୀ ପରି ଆର୍ଯ୍ୟ ନାରୀ ସବ ।

[ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ବିବିଧ କବିତା ବିଭାଗ ଅନ୍ତର୍ଗତ ଦେଶାଗ୍ରର କବିତା, ପୃଷ୍ଠା-୩୫୯-୬୦ ଦ୍ରଷ୍ଟବ୍ୟ]

† ଶିକ୍ଷା ବିନା ସମାଜର ଉନ୍ନତି ସାଧନା
କଦାପିତ ହେବ ନାହିଁ କରେ ମୁଁ ଭାବନା । (ତତ୍ରୈବ, ପୃଷ୍ଠା-୩୬୧)

Digitized by srujanika@gmail.com

ବୈଷମ୍ୟ କୌଣସି ସମାଜର ଅଗ୍ରଗତିର ଅନୁପନ୍ଥୀ ନୁହେଁ । ସେଥିପାଇଁ ନାସ୍ତି କବି ମଣିଷ ମଣିଷ ଭିତରେ ଥିବା ଭେଦର ଧାରଣାକୁ ବିରୋଧ କରୁଥିଲେ । ମଣିଷ ମନରେ ସହୋଦର ଭାବର ଅଭାବ ଘଟିଲେ ସମାଜରେ ବିଭ୍ରାଟ ଓ ବିଚ୍ୟୁତିର ଅବସ୍ଥା ତୀବ୍ର ହୋଇଥାଏ । ପ୍ରତ୍ୟେକ ଯଦି ଏଇ ବିଶ୍ୱ ବ୍ରହ୍ମାଣ୍ଡକୁ ବିଶ୍ୱ ନିୟନ୍ତାଙ୍କ ସୃଷ୍ଟି ବୋଲି ବିଶ୍ୱାସ ଜୀବନ ବିତାନ୍ତେ, ତାହାହେଲେ ସମାଜରେ ବିଦ୍ୱେଷର ମାତ୍ରା ବଢ଼ନ୍ତା ନାହିଁ । ଏହି ଦୃଷ୍ଟି କୋଣର ପୋଷକତା କରି କବି ଅନ୍ନପୂର୍ଣ୍ଣା ବିଭିନ୍ନ କବିତାରେ ଆପଣାର ମନୋଭାବ ପ୍ରକାଶ କରିଛନ୍ତି ।

ପ୍ରେମ ଚେତନା

ନାସ୍ତି କବି ସମାଜ ସମ୍ପର୍କରେ ଯେଉଁ ହିତାହିତ ଧାରଣା ପୋଷଣ କରିଛନ୍ତି ତାହାର ମୂଳରେ ବିଦ୍ୟମାନ ସାର୍ବଜନୀନ ପ୍ରେମବୋଧ । ମଣିଷ-ପ୍ରୀତିର ମୂଲ୍ୟାନୁ-କୂଲ୍ୟରେ ଏହାର ସ୍ଫୁରଣ । ପ୍ରୀତି ହିଁ ଏକମାତ୍ର ଶକ୍ତି ଯାହାକି ସମାଜ ଓ ମଣିଷକୁ ନିରାପଦ ଜୀବନଯାତ୍ରା ପାଇଁ ସମସ୍ତ ସୁଯୋଗ ଯୋଗାଇ ଦେଇଥାଏ । କିନ୍ତୁ ପ୍ରୀତିରେ ବିଷ ମିଶିଗଲେ ସମାଜ ଭିନ୍ନ ରୂପ ନିଏ । ମଣିଷ ମଣିଷକୁ ଭୁଲେ, ଘୃଣା ଓ ବିରାଗ ଦୃଷ୍ଟି ସମସ୍ତିଙ୍କି କବଳିତ କରେ ।

ଅମୃତ ଶିଶୁ ମଣିଷ କଣ ଏଇ ଅବସ୍ଥାର ଜୀବ ହୋଇ ବଞ୍ଚିବ ? କବି ଅନ୍ନପୂର୍ଣ୍ଣା ଏପରି ଆଶଙ୍କାକୁ ଏଡ଼େଇ ଦେଇଛନ୍ତି । ସେ ତ ଅମୃତ ବିଳାସୀ, ପ୍ରୀତିର ମହକରେ ଲୁବ୍ଧକ ପରି ଜୀବନକୁ ଖୋଜିବେ ସିନା ମରୁ-ମର୍ମରର କରୁଣ ଆବହାଓ୍ୱାରେ ଜଳିବେ କାହିଁକି ?

ନାସ୍ତି କବିଙ୍କ ଦୃଷ୍ଟିରେ ପ୍ରେମ ଦେହଜ ଆକର୍ଷଣର ବଳୟ ମଧ୍ୟରେ ଆବଦ୍ଧ ନୁହେଁ । ପ୍ରେମର ମୂଲ୍ୟ, ପ୍ରେମିକର ଶୁଦ୍ଧ ବିଚାରବୋଧ ଉପରେ ପ୍ରତିଷ୍ଠିତ । † ମନର ଦୃଢ଼ତା ବଳରେ ଜୀବନ ତରଣୀଟିକୁ ବନ୍ଧି ନେବାର ଇଚ୍ଛା ହେଉଛି ମଣିଷର ଶ୍ରେଷ୍ଠ ପାଥେୟ । କବି ନିୟତିର ମୀତ ବୋଲି ଜୀବନକୁ ବୁଝିଥିବାରୁ ଜୀବନ ନଦୀର

ସହୋଦର ଜ୍ଞାନ ସକଳ ମାନବ କର୍ମୀ ନ ଭାବଇ ଚିତ୍ତେ
ନାସ୍ତିଗଣ ମୋଟ ଅଟନ୍ତି ଭଗିନୀ ଭ୍ରମଇ କାହାର ହିତେ ।
(ନାସ୍ତିକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ—ଗୀତି କାବ୍ୟଶ୍ରୀ ଅନ୍ତର୍ଗତ ଅତିଥି ଭ୍ରମଣ କବିତା, ପୃଷ୍ଠା-୧୫୮)

† କର୍ତ୍ତବ୍ୟର ପରାକାଷ୍ଠା ପ୍ରେମର ଦମ୍ଭାର/ପ୍ରେମ ମୂଲ୍ୟ ଜଣାଯାଏ ପ୍ରେମିକ ବିଚାର ।

Digitized by srujanika@gmail.com

ଅତିକ୍ରମଣ ଲାଗି ଆପଣା ମନ ଭିନ୍ନ ଅନ୍ୟ କୌଣସି ମାଧ୍ୟମର ଆବଶ୍ୟକତା ଥିବା ସେ ଅନୁଭବ କରନାହାନ୍ତି । †

କବି ବୁଝିଛନ୍ତି ଯେ, ମରମ ସହିତ ମରମର ମିଳନ ଯେଉଁଠି ଗମ୍ଭୀର ହେଠି ପ୍ରେମର ଆସ୍ଥାନ ଅତି ଦୃଢ । ମୃତ୍ୟୁ ବା ବିଚ୍ଛେଦର ଭୟଙ୍କରତା ଏ କ୍ଷେତ୍ରରେ ପ୍ରେମର ଅକ୍ଷୟ ଧାରାକୁ ପ୍ରତିହତ କରିପାରେ ନାହିଁ । ବ୍ୟକ୍ତିଗତ ଜୀବନରେ କବି ଏଇ ଅନୁଭବକୁ ସମ୍ବଳ କରି ପତି ପତ୍ନୀର ସଂପର୍କରେ ପ୍ରେମର ସ୍ଥିତି ସମ୍ପର୍କରେ ତଦନୁଯାୟୀ କଳନା କରିଛନ୍ତି । ସ୍ୱାମୀଙ୍କ ଉଦ୍ଦେଶ୍ୟରେ ସେ ଉଲ୍ଲେଖ କରିଛନ୍ତି—"ମରଣର ଦାଉ ଅବା ନ କରିପାରିବ/ସହସ୍ର ଗୁଣରେ ସୁଖ ପ୍ରାଣେ ପହଞ୍ଚିବ/ଯଦ୍ୟପି ଏହାର ଯାଉଥିବ ତବ ମନେ/ତୁମର ପ୍ରେୟସୀ ହେବ ଶେଷର ମିଳନେ ।" *

କବି ମନ ପବିତ୍ର ପ୍ରୀତିରେ ଆଦର କରିଛି । ଜଗତକୁ ଭାବର ସଂସାର ରୂପେ ଗ୍ରହଣ କରି ପବିତ୍ର ପ୍ରୀତିର ଆହ୍ଲାଦ କଣିକା ସବୁ ହୃଦୟରେ ବାଣ୍ଟି ଦେବାର ମହା-ବ୍ରତ କବି ଆଉ ପୋଷଣ କରିଛନ୍ତି କି ? ତାଙ୍କର କାବ୍ୟ କବିତାର ଅନ୍ତର୍ବାଣୀରୁ ଏପରି ଧାରଣା ଉପଲବ୍ଧ ହୁଏ । †† ଦେଶ ଓ ଦେଶବାସୀ ଏଇ ପବିତ୍ର ପ୍ରୀତିର ନିରାଜନା କରନ୍ତୁ; ପବିତ୍ର ଭାବନା ଓ ବିଶୁଦ୍ଧ କାମନାରେ ଦେଶବାସୀଙ୍କର ଜୀବନଧାରା ସ୍ନେହ ସୋହାଗରେ ରଞ୍ଜିତ ହେଉ—ଏପରି ମହତ ଇଚ୍ଛା କବି ଅନ୍ନପୂର୍ଣ୍ଣା ଅନୁକ୍ଷଣ ପୋଷଣ କରିଛନ୍ତି ।

---

† ତରିବାକୁ ନାହିଁ କାହିଁ ଜୀବନ ତରଣୀ
ବାହିବ ବା କେହି ତାଷ୍ଟ କାହିଁବା କ୍ଷେପଣୀ ।
ନାବିକର ସାହା ମାତ୍ର କମ୍ପା ଦରକାର
ମାନସ କେବଳ ଦୃଢ଼ କରିବାକୁ ପାର ।
ବୁଝିଛୁ ଜୀବନ କାନ୍ତୁ ନଶ୍ୱରର ମିତ
ପ୍ରେମର ପ୍ରେମିକା ହେବା ନ ରଖିବା ଭୀତ ।
[ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ବିଚ୍ଛେଦ ମିଳନ-ପ୍ରେମର ମୂଲ୍ୟ, କବିତା, ପୃଷ୍ଠା-୩୨୧]

* ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ—ବିଚ୍ଛେଦ ମିଳନ ଅନ୍ତର୍ଗତ ପ୍ରେମର ମୂଲ୍ୟ, କବିତା, ପୃଷ୍ଠା-୩୨୨ ।

†† ପବିତ୍ରେ ଦେଖିବ ହୃଦରେ ଲେଖିବ/ମଣ୍ଡିବ ପବିତ୍ର ପ୍ରାଣେ
ପବିତ୍ର ପୀରତି କରିବ ମୁଁ ନିତି/ପବିତ୍ର ଭାବ ପ୍ରଦାନେ ।
(ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ—ଆଶାହାଟ, ପୃଷ୍ଠା-୧୭)

Digitized by srujanika@gmail.com

ମହତ୍ତର ସୁରକ୍ଷା ଲାଗି ସେ ଅତ୍ୟନ୍ତ ଯତ୍ନବାନ। ପ୍ରତ୍ୟେକ ବ୍ୟକ୍ତିର ସ୍ୱାଭିମାନ ମହତ୍ତ୍ୱ ଖାତିର କଷଟିରେ କଳିତ ହେଉ; ମହତ୍ତ ଥିଲେ ବ୍ୟକ୍ତି ମୂଲ୍ୟ ପାଉ—ଏହା ହେଉଛି କବିଙ୍କର ମତ।

ମହତ୍ତର ମାଧୁର୍ଯ୍ୟରେ ପ୍ରୀତିର ଶକ୍ତି ହୁଏ ପ୍ରଭାବଶାଳୀ। ସଂସାରରେ ପ୍ରୀତିର ଶକ୍ତିଠାରୁ କାହାରି ଶକ୍ତି ଏତେ ବଳବାନ ନୁହେଁ। ଧନ, ମାନ, କୁଳ ଗରିମା କିଛି ବଡ଼ ନୁହେଁ, ବଡ଼ ହେଉଛି ପ୍ରୀତି। ବର୍ତ୍ତମାନ ପ୍ରବେଶ ଯେଉଁଠି କ୍ଷିପ୍ର, ପ୍ରୀତିର ପଦଧ୍ୱନି ସେଠି ପ୍ରାୟ ନିରାନନ୍ଦମୟ କହିଲେ ଚଳେ।

ଜୀବନ ଅଛିତ କାମନା ଅଛି। ପ୍ରେମ ମଧୁ ପାନ ପାଇଁ ଜୀବନ ଓ କାମନା ଉଭୟ ସତତ ଜାଗ୍ରତ। † କାମନାର ବିନାଶରେ ଦୁଃଖର ବିନାଶ—ଏହା ଯୋଗୀର ବାକ୍ୟ ହୋଇପାରେ। ମାତ୍ର ବାସ୍ତବ ମଣିଷର ଚିନ୍ତା ବୃତ୍ତିରେ କାମନାର ବିନାଶ ଘଟୁଛି କେଉଁଠି? ଅତଏବ ଜୀବନ ମାନେହିଁ କାମନା ବିଶ।

କାମନାର ଅନ୍ୟ ଏକ ପ୍ରକାଶ ହେଉଛି ପ୍ରେମ। କବି, କାମନା-ପ୍ରେରିତ ପ୍ରେମକୁ ବିଶେଷ ମାନ୍ୟତା ଦେଉନଥିଲେ ବି ଜୀବନରେ କାମନାର ସ୍ଥିତିକୁ ଅସ୍ୱୀକାର କରି ନାହାନ୍ତି। କବି ପ୍ରେମର ନିତ୍ୟ ସତ୍ତାକୁ ହିଁ ନିରୂପଣ କରିଛନ୍ତି। ତାଙ୍କ ବିଶ୍ୱାସରେ ସତ୍ୟ ଓ ଧର୍ମ ପରି, ସ୍ନେହ ଓ ପ୍ରୀତି ହେଉଛି, ଚିର ସୁନ୍ଦର ଓ ଚିନ୍ମୟ। ଏହି ଅନଳଙ୍କ ପ୍ରେମ ସତ୍ତାକୁ ଅଙ୍ଗୀକାର କରିପାରିଲେ ନିର୍ଭୟରେ ଚିର ସୁଖ ଭୋଗର ସକଳ ସୁଯୋଗ ମିଳିଥାଏ। ତେଣୁ ତତ୍ତ୍ୱପ୍ରୀତ ମନକୁ ପରିଚାଳିତ କଲେ ମଣିଷର ଜୀବନ ସାର୍ଥକ ହୁଏ।

ଇନ୍ଦ୍ରିୟଜ ତୃଷ୍ଣା ନାରୀ କବିଙ୍କର ପ୍ରେମଭାବକୁ କବଳିତ କରିନାହିଁ। କିନ୍ତୁ ଜୀବନରେ ଦୈହିକ କ୍ଷୁଧାର ବାସ୍ତବତାକୁ ଅସ୍ୱୀକାର କରି ମାନବୋଚିର

* ବିଶ୍ୱ ବିଶ୍ୱର ନାହିଁ ହୃଦରେ କାହାର
ଅହଂଗୁଣ କରି କଲ ପ୍ରୀତିକ ସଂହାର
ପ୍ରୀତିଠାରୁ ବଳ କସ ଅଛି ଏ ସଂସାରେ
ତାହାର ମହତ୍ତ କେହି ନ ବୁଝିଲ ବାରେ।

[ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ଗୀତି କାବ୍ୟଶ୍ରୀ ବିଭାଗ ଅନ୍ତର୍ଗତ ପ୍ରେମ ଡାକ କବିତା, ପୃଷ୍ଠା-୧୮୭]

† ମନଶ୍ରୀ ବିଭାଗ ଅନ୍ତର୍ଗତ ଅନ୍ନପୂର୍ଣ୍ଣାଙ୍କର 'ମନର ବ୍ୟାକୁଳ' କବିତା ଦ୍ରଷ୍ଟବ୍ୟ, ପୃଷ୍ଠା-୨୭୮।

Digitized by srujanika@gmail.com

ପ୍ରେମବୋଧରେ ସର୍ବଦା ଚମକିତ ହୋଇ ଉଠିବା କବିଙ୍କ ପକ୍ଷରେ ସେତେ ସହଜ ହୋଇନାହିଁ । କାରଣ ଅନ୍ନପୂର୍ଣ୍ଣା ତ ପୁଣି ଜଣେ ସାଧାରଣ ମଣିଷ, ମଣିଷର ମନ ତ ଇନ୍ଦ୍ରିୟ ପରିବେଷ୍ଟନରୁ କେବେ ମୁକ୍ତ ନୁହେଁ । ତଥାପି ଇନ୍ଦ୍ରିୟ ବାସନାକୁ ଜୀବନର ଶ୍ରେଷ୍ଠ ଧନ ରୂପେ ମାନି ନେବାପାଇଁ ନାରୀକବି କୁଣ୍ଠା ପ୍ରକାଶ କରିଛନ୍ତି ।

ତାଙ୍କର ପ୍ରେମ ଜିଜ୍ଞାସା ଦେହ ଜଗତର ପରିଧି ଡେଇଁ ସୂକ୍ଷ୍ମ ମାନସ ଜଗତର ଇଲାକାରେ ପ୍ରବେଶ କରିଛି । ଏଥିରେ ମାନବୀୟ ଆକର୍ଷଣ କ୍ରମେ କ୍ରମେ ରୂପାନ୍ତରିତ ହୋଇ ଈଶ୍ୱରୀୟ ଅହ୍ଲାଦରେ ପରିଣତ ହୋଇଛି । ମାନବିକ ପ୍ରେମ ଲାଳସା ସକଳ ସଂଯତ ଆଚରଣ ଭିତରେ ପରିବର୍ଦ୍ଧିତ ହେଲା ଉତ୍ତାରୁ ତାହା ଯେତେବେଳେ ପୂର୍ଣ୍ଣ ପ୍ରକାଶ ପାଇଛି ସେତେବେଳେ ଏହା ବିଶ୍ୱପ୍ରେମର ସୀମା ସରହଦ ଭିତରକୁ ପ୍ରବେଶ କରିଛି । ତେଣୁ କୁହାଯାଇ ପାରେ ଯେ ନାରୀ କବି ଅନ୍ନପୂର୍ଣ୍ଣାଙ୍କର ପ୍ରେମ-ଚେତନାରେ ମାନବ ପ୍ରେମ ଓ ବିଶ୍ୱପ୍ରେମର ନିରନ୍ତର ଧାରା ପ୍ରବାହିତ ।

ଈଶ୍ୱର ଭାବନା

କବି ଅନ୍ନପୂର୍ଣ୍ଣା, ମଧୁସୂଦନଙ୍କ ପରି ସକଳ ବସ୍ତୁ ପିଣ୍ଡରେ ଚିଦାନନ୍ଦ ମୟ ବିଶ୍ୱସତ୍ତାର ସ୍ଫୁରଣ ଲକ୍ଷ୍ୟ କରିଛନ୍ତି । ଆପଣାକୁ ବିଶ୍ୱ ସନ୍ତାନ ରୂପେ ଜ୍ଞାନ କରି ଜୀବନର ନିଜସ୍ୱ ଭୂମିକା ସ୍ଥିର କରି ଦେଇଛନ୍ତି । କବିଙ୍କ ଦୃଷ୍ଟିରେ ଆଶା ଓ ବିଶ୍ୱାସକୁ ଈଶ୍ୱର ସତ୍ତା ରୂପେ ଗ୍ରହଣ କରାଯାଇଛି । କେଉଁଠି ବା ତାହାଙ୍କୁ ଅମୂଲ୍ୟର ମୂଲ୍ୟ ଓ ଅନ୍ତରର ନିଧି ରୂପେ ବରଣ କରାଯାଇଛି । କବିଙ୍କ ଚିନ୍ତାଧାରାରେ ଏକାଧାରରେ ଜଣେ ଆର୍ତ୍ତୀ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ଭକ୍ତର ବିଶ୍ୱ ପ୍ରେମ ପ୍ରକାଶ ପାଇଛି । ଦୁଃଖ ଓ କାରୁଣ୍ୟଭରା କବି ଜୀବନ ସଂସାରର ଆପଦ ସମୁଦ୍ରରୁ ମୁକ୍ତ ହେବା ଲାଗି ଯେତେବେଳେ କାତର ଅନୁନୟ ପ୍ରକାଶ କରିଛି ସେତେବେଳେ କବି-ଚିତ୍ତ ଆର୍ତ୍ତୀ ଭକ୍ତ ଭାବରେ ପୂର୍ଣ୍ଣ ହୋଇଉଠିଛି । ଆପଣାର ଅବସ୍ଥାକୁ ନିଃସ୍ୱତାର ମରୁ-ମର୍ମର ବୋଲି ବର୍ଣ୍ଣି କବି-ମନ ଯେତେବେଳେ ଘୋର ନୈରାଶ୍ୟତାପ ପୀଡ଼ିତ ହୋଇ ପଡ଼ିଛି କିମ୍ବା ସାଂସାରିକ ଅନଟନ ଭିତରେ ଶ୍ୱାସରୁଦ୍ଧ ହୋଇଯାଇଛି, ସେତେବେଳେ ତାଙ୍କ ତୁଣ୍ଡରୁ ସ୍ଫୁରିଛି ଅର୍ଥାର୍ଥୀ ଭକ୍ତ ଭାବନାର ଉଚ୍ଚାରଣ ।

କବି ଏପରି ଅନେକ ମୁହୂର୍ତ୍ତ ଭୋଗ କରିଛନ୍ତି ଯାହାକି ତାଙ୍କ ମନରେ ବଳିଷ୍ଠ ଆତ୍ମ-ପ୍ରତ୍ୟୟ ଓ ସ୍ଥିତପ୍ରଜ୍ଞ ଭାବାବସ୍ଥା ସୃଷ୍ଟି କରିପାରିଛି । କବି-ମନ ନିରନ୍ତର ବିଶ୍ୱ-ଶକ୍ତିର ଅନୁସରଣରେ କାଳାତିପାତ କରୁଥିବାରୁ ଏବଂ ଇଷ୍ଟ ସ୍ମରଣରେ ମଗ୍ନ ଥିବାରୁ କି ଦିନ କି ରାତି ବିଶ୍ରାମ ଅବସ୍ଥାରେ ସେ ବହୁ ସ୍ୱପ୍ନର ସାକ୍ଷାତ ଦର୍ଶନ ଲଭ

Digitized by srujanika@gmail.com

କରିଛନ୍ତି । 'ସ୍ୱପ୍ନଶ୍ରୀ' ଅନ୍ତର୍ଗତ ସ୍ୱପ୍ନର କାହାଣୀଗୁଡ଼ିକୁ ଯଦି ବିଶ୍ଳେଷଣ କରାଯାଏ, ତାହାହେଲେ ତହିଁରୁ ଅନ୍ନପୂର୍ଣ୍ଣାଙ୍କର ଜିଜ୍ଞାସୁ ଓ ଜ୍ଞାନୀ ଭଗବତ-ମନନର ଦୃଷ୍ଟାନ୍ତ ମିଳିପାରିବ ।

କବିଙ୍କର ଏକ ସ୍ୱପ୍ନ ବୃତ୍ତାନ୍ତରୁ ଜଣାଯାଏ, ସେ ଶ୍ରୀରାଧାକୃଷ୍ଣଙ୍କର ଉପାସିକା ଥିଲେ । ଉପାସନାର ମର୍ମ ଓ ତତ୍ତ୍ୱପ୍ରେମର ତତ୍ତ୍ୱ ସମ୍ପର୍କରେ ତାଙ୍କର ଉପଲବ୍ଧି ହୋଇଛି—'ସବୁ ଜାଣି ସେବାକଲେ ଯଥେଷ୍ଟ—ସଂସାରର ସବୁତତ୍ତ୍ୱ ଚିହ୍ନି ପାରିବ--ନ ଜାଣି ସେବାକଲେ ଯେଉଁ ଭ୍ରମକୁ ସେଇ ଭ୍ରମ ।' * ଭକ୍ତ ଯଦି 'ମନ ପୁଷ୍ପ' ଅର୍ପଣ କରି ଇଷ୍ଟ ଅର୍ଚ୍ଚନା କରେ ତେବେ ଆମ୍ବାରୂପୀ ପରମ୍ବର ତାଙ୍କୁ ସାକ୍ଷାତରେ କୃପା କରନ୍ତି । ମନେହୁଏ ସତେ ଯେପରି ତାଙ୍କ ସହିତ ସ୍ୱୟଂ ଈଶ୍ୱର ହିଁ ଚଳପ୍ରଚଳ ହେଉଛନ୍ତି ପରା ! କବିଙ୍କର ଅଧିକାଂଶ ସ୍ୱପ୍ନ ଏହିପରି ଆଧ୍ୟାତ୍ମିକ ଜିଜ୍ଞାସା ସମ୍ବଳିତ । ଋଷି ତାପ୍ସ, ସାଧୁ, ବୃଦ୍ଧ, ବାବାଜୀ ଇତ୍ୟାଦି ପ୍ରତିମୂର୍ତ୍ତି ଦର୍ଶନ ଓ ତାଙ୍କ ସହ କଥୋପକଥନରେ ଏଗୁଡ଼ିକ ପୂର୍ଣ୍ଣ ।

ସ୍ୱପ୍ନ ସମ୍ବନ୍ଧ ମିଷ୍ଟିକ୍ ମନନର ଅଭିଳେଖ ହୋଇଥିଲେ ବି ଏଥିରୁ କବିଙ୍କର ଅନ୍ତର୍ମନସର ଭାବ ଛଟା ଓ ମାନସିକ ଆବେଗର ଚରିତ୍ର କଳନା କରିହୁଏ । କବି ଅନ୍ନପୂର୍ଣ୍ଣାଙ୍କର ଆଧ୍ୟାତ୍ମିକ ଜିଜ୍ଞାସା ଓ ଦାରସ୍ୱତ ସଙ୍ଗ-ପ୍ରସଙ୍ଗର ପରିଚୟ ଏଥିରୁ ମିଳିଥାଏ । କବି ପୁରୁଷର ତୃଷ୍ଣାସ୍ତ ନୟନ କେଉଁ ରୂପ ସତ୍ତାରେ ଆବଦ୍ଧ କିମ୍ବା କେଉଁ ଭାବର ଭୋଗ ଲାଗି ଆତୁର ତାହାର ଏକ ପରିଚ୍ଛନ୍ନ ଧାରଣା ସ୍ୱପ୍ନ ବୃତ୍ତାନ୍ତଗୁଡ଼ିକରୁ ଉପଲବ୍ଧ ହୁଏ । ସ୍ୱପ୍ନ-ଦର୍ଶନ ସମ୍ପର୍କରେ ନାରୀ କବିଙ୍କ ବକ୍ତବ୍ୟ ହେଉଛି ଯେ, ସ୍ୱପ୍ନ ଦ୍ୱାରା ଜୀବନ ବଡ଼ ଶାନ୍ତି ଲଭକରେ ଓ ଅଭାବ ବା ସନ୍ଦେହ କିଛି ରହେନାହିଁ । †

ସେ ଏପରି ଶତାଧିକ ସ୍ୱପ୍ନ ଦେଖିଛନ୍ତି, କେତେ ମଧ୍ୟ ଲେଖି ରଖିଛନ୍ତି । ଅନେକ ସ୍ୱପ୍ନରେ ସେ ଫକୀର ମୋହନଙ୍କର ପ୍ରତିମୂର୍ତ୍ତି ଦର୍ଶନ କରିଛନ୍ତି । ତାଙ୍କ ସହିତ ବାକ୍ୟାଳାପ କରିଥିବାର ଉଲ୍ଲେଖ ମଧ୍ୟ କେତେକ ସ୍ୱପ୍ନରୁ ମିଳୁଛି । ଫକୀର ମୋହନ, ଅନ୍ନପୂର୍ଣ୍ଣାଙ୍କୁ 'ଜାତୀୟ ସୁମନ' ବୋଲି ଜ୍ଞାନ କରିଛନ୍ତି । ମାନସିକ ନିର୍ମଳତା ଓ ଦୃଢ଼ତା ଯୋଗୁଁ ଜାତିହିତରେ ତତ୍ପର ବ୍ୟକ୍ତିର ସକଳ କର୍ମ ଜାତୀୟ ବିକାଶ ସାଧନରେ ସଫଳ ହୋଇଥାଏ । ବ୍ୟକ୍ତି ମାନସର ଏତାଦୃଶ ଉନ୍ମୀଳନକୁ ଏଠାରେ 'ଜାତୀୟ ସୁମନ'ର ପ୍ରସ୍ଫୁଟନ ନାମରେ ଅଭିହିତ କରାଯାଇଛି । ନାରୀ କବି ଅନ୍ନପୂର୍ଣ୍ଣା

---

* ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ସ୍ୱପ୍ନଶ୍ରୀ ବିଭାଗ, ପୃଷ୍ଠା-୪୫୦ ।

† ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ସ୍ୱପ୍ନଶ୍ରୀ ବିଭାଗ ଅନ୍ତର୍ଗତ ଦୁଇ ନମ୍ବର ସ୍ୱପ୍ନ, ପୃଷ୍ଠା-୪୫୭ ।

Digitized by srujanika@gmail.com

ହୋଇଛନ୍ତି ସେଇ ମାନସିକତାର ପ୍ରତିମୂର୍ତ୍ତି । ଜାତିର ହିତଭାବନା ହୋଇଛି ତାଙ୍କର ସାଧାରଣ ଅଭିପ୍ରାୟ ।

ସ୍ୱପ୍ନର ପରିଧି ଭିତରେ ସେ ଯେଉଁମାନଙ୍କୁ ଭେଟିଛନ୍ତି, ସେମାନେ ଆଧ୍ୟାତ୍ମିକ ବା ଆଧିଭୌତିକ ପ୍ରତିମୂର୍ତ୍ତି ହୁଅନ୍ତୁ ପଛକେ ତାଙ୍କ ସହିତ କଥୋପକଥନ ବେଳେ ସେ ଆତ୍ମିକ ବା ଜାତୀୟ ବିକାଶର ବିଭିନ୍ନ ପ୍ରଶ୍ନ ନେଇ ଆଲୋଚନା କରିଛନ୍ତି । ସେମାନଙ୍କଠାରୁ ଆଶ୍ୱାସନା ପାଇ ସେ ଆପଣା ମନରୁ ଆପଦ ବିପଦର ଚିନ୍ତା ଦୂରେଇ ଦେଇଛନ୍ତି । କବିଙ୍କର ଅନୁଭବ ଯେ, ଯନ୍ତ୍ରଣାରେ ମାଧୁର୍ଯ୍ୟ ଅଛି, ଜୀବନରେ ମାଧୁର୍ଯ୍ୟର ମାତ୍ରା ଆଘାତର ତୀବ୍ରତା ଭିତରେ ପରିପକ୍ୱତା ଲାଭ କରେ । ଏ ଜୀବନ ହୋଇଛି, ଈଶ୍ୱରଙ୍କର ମହାଦାନ, ଦାନର ଧାରା ନିତ୍ୟ ପ୍ରବାହିତ । ଦାନର ଗ୍ରହୀତା ଗଣ ବିଶ୍ୱ ମାନବିକତାର ହିତ ପାଇଁ ଯଦି କର୍ମୋଦ୍ୟୋଗୀ ହୁଅନ୍ତି ତେବେ ଜାତିର ମଙ୍ଗଳ ସହଜସାଧ୍ୟ ହେବ । ତେଣୁ ତାଙ୍କର ବକ୍ତବ୍ୟ ହୋଇଛି— "ଯା ମହିତ ସେହି ଧରି ଚଳିଲେ ଜଗତେ/ସୁନ୍ଦର ନୋହିବ କିବା ନିଜ ଇଚ୍ଛାମତେ ?/ ଦାସ ପାଇଁ ନର ପ୍ରାଣ ଚିନ୍ତା କଲି ପର/ପ୍ରତାରକ ହୁଅ ନାହିଁ ଦେଇ ଶୁଷ୍କ ହର/ ମୁହିଁ କହେ ନାସ କରୁ ତା' ଜାତି ମଙ୍ଗଳ/ସେହିପରି ନର ମଧ୍ୟ କରୁତା ଚହଳ ।"

ପ୍ରତାରଣା କମ୍ବା ଅବିଶ୍ୱାସ 'ଅ.ସ୍ଥା କେଶଧାସ ପଟ୍ଟ ବିଶେଷ' ପକ୍ଷରେ ହିତୀୟ ନୁହେଁ । ଅ.ସ୍ଥପ୍ରତ୍ୟୟ-ଶୂନ୍ୟ ଜୀବ ହୋଇଛି ଅନ୍ଧାର ନିବାସୀ । ସିଏ ବ୍ରହ୍ମ ପଦରେ ଅନୁଗତ ସେ ଜ୍ୟୋତିଷ୍ମାନ । କବି ଏହି ଭାବନା ନେଇ ଦୃଢ଼ ବ୍ରତୀ ହୋଇଥିବାରୁ ଈଶ୍ୱରଙ୍କର ପଦ-ପଙ୍କଜକୁ ଅଭୟ-ଅମୃତ ସିନ୍ଧୁ ବୋଲି ବିଶ୍ୱାସିଛନ୍ତି ଏବଂ ଇଷ୍ଟ ମନ୍ତ୍ରକୁ ପ୍ରାଣର ସକଳ ସଂପଦ ଭାବେ ଗ୍ରହଣ କରିଛନ୍ତି । ତାଙ୍କର ବିଶ୍ୱାସ ଜନ୍ମିଛି ଯେ, ଈଶ୍ୱର ସାନ୍ନିଧ୍ୟ ହିଁ ତାଙ୍କ ଜୀବନରୁ ସକଳ କଲୁଷ ଦୂର କରିପାରିଛି ।†

ନାସ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮) ବିଚ୍ଛେଦ ମିଳନ ଅନ୍ତର୍ଗତ ଉଦ୍‌ବୋଧନ କବିତା, ପୃଷ୍ଠା-୩୪୨ ।

† "ସ୍ୱଳକତେ ଅଯାଚିତେ କରିଅଛ ଦାନ
ଅପମାନ ତଳେ ରଖି କରିଛ ସମ୍ମାନ
ସେ ସମ୍ମାନ ସଙ୍ଗେ ତୁଳ୍ୟ କିଛି ନାହିଁ ଆଉ
ଜଳଇ ଅନ୍ତର ହୃଦେ ଜ୍ୟୋତି ଦାଉ ଦାଉ ।"
(ନାସ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ—ବିଚ୍ଛେଦ ମିଳନ ଅନ୍ତର୍ଗତ ମହାଦାନ କବିତା, ପୃଷ୍ଠା-୩୩୩ ।)

Digitized by srujanika@gmail.com

କବି ଅନ୍ନପୂର୍ଣ୍ଣା ଭକ୍ତିରସ ପାନ ପାଇଁ ଅଧୀର ହୋଇ ପଡ଼ିଛନ୍ତି । ପ୍ରାଣର ପିପାସାକୁ ମୁକ୍ତ କଣ୍ଠରେ ଘୋଷଣା କରି ସେ ଉନ୍ମତ୍ତ ହୋଇଛନ୍ତି; ସ୍ୱୀକାର କରିଛନ୍ତି; 'ତାଙ୍କ ପ୍ରେମେ ବନ୍ଧା ହେଲି ଆଉ କିସ ଭୟ/ଦାନ କରିଛନ୍ତି ମୋତେ ଅମୃତ ଅଭୟ/ ଚାଲୁଥିବି ତାଙ୍କ ସତ୍ୟ ହୃଦୟରେ ଧରି/ଭକ୍ତି ଭରେ ବୁଲୁଥିବି ପ୍ରେମ ଅନୁସରି ।' †

କବି ବୁଝିଛନ୍ତି ଯେ, ଈଶ୍ୱରୀୟ ଦାନରେ ଯେଉଁ ପୁଲକ ଓ ଚରିତାର୍ଥବୋଧ ଅଛି, ତାର କଳନା ନାହିଁ । ଅପମାନର ଅଶ୍ରୁ ଏଠି ସମ୍ମାନର ବିଭୂତିରେ ପରିଣତ ହୁଏ । ଅନ୍ଧକାରର ହୃଦୟ ପୀଡ଼ା ଆଲୋକର ମହୋତ୍ସବରେ ଉଦ୍‌ଭାସି ଉଠେ । ଲାଞ୍ଛନା ଓ ମାର୍ମିକ ଆଘାତ ସବୁ ବିଭୁ କୃପାର ନିର୍ମାଲ୍ୟ କଣିକା ରୂପେ ପ୍ରତିଭାତ ହୁଏ । ନାରୀ କବିଙ୍କର ଏଇ ବିଶ୍ୱାସ ହେଉଛି ତାଙ୍କ ଜୀବନଧାରାର ପ୍ରାଣଧନ । ବାସ୍ତବତାର କଷଣରେ ନିର୍ଯାତିତ ହେଉଥିଲେ ସୁଦ୍ଧା ଏଥିରୁ ସେ ଆଦୌ ଆସ୍ଥା ହରାଇ ନାହାନ୍ତି । ଆଧ୍ୟାତ୍ମିକ ଦମ୍ଭ ତାଙ୍କୁ ଜୀବନ ଘେନିବାର ବିପୁଳ ଶକ୍ତି ଯୋଗାଇଛି; ମଣିଷ ପ୍ରତି ଅକପଟ ମମତା ସମାଜ କଢରେ ତାଙ୍କୁ ମର୍ଯ୍ୟାଦାରେ ସମ୍ମାନିତ କରିଛି । ଏଇ ଦୁଇ ଚିନ୍ତା-ଶକ୍ତିର ସମ୍ମିଶ୍ରଣରୁ ଉପଲବ୍ଧି ଚେତନାର ନବଜାତ ଶିଶୁଟିକୁ ନାରୀ କବି ଆପଣାର ଆତ୍ମଜାତ ସନ୍ତାନ ରୂପେ ମାନି ନେଇଥିଲେ ଏବଂ ତାହାର ଅଭିଷେକ ଉତ୍ସବ କବିତାକୃତିରେ ହିଁ ନିତ୍ୟ ପାଳନ କରୁଥିଲେ ।

କବିଙ୍କ ମୌଳିକ ଦର୍ଶନ

ବସ୍ତୁତଃ କୁହାଯାଇପାରେ ଯେ, ଆଧ୍ୟାତ୍ମିକ ମାନବବାଦ ହୋଇଛି ଅନ୍ନପୂର୍ଣ୍ଣାଙ୍କର ନିଜସ୍ୱ ଦର୍ଶନ । ସାରସ୍ୱତ ଜୀବନର ଶେଷ ଲଗ୍ନ ପର୍ଯ୍ୟନ୍ତ ସେ ଏହି ଚେତନାରେ ବଞ୍ଚିଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଏହାର ଭାବ କଣିକା ବାଣ୍ଟିଦେଇ ଯାଇଛନ୍ତି । ଈଶ୍ୱର ଓ ମଣିଷ ଏମାନଙ୍କ ଅନୁଚିନ୍ତାରେ ଅନ୍ନପୂର୍ଣ୍ଣାଙ୍କର କବି-ମନ ନିରନ୍ତର ଭାବିତ ହେଉଛି । ଈଶ୍ୱରଙ୍କର ପ୍ରତୀକ ଜ୍ଞାନରେ ସେ ମଣିଷକୁ ମାନିଛନ୍ତି ଏବଂ ମଣିଷର ସତ୍ତ୍ୱ ବିକାଶ ପାଇଁ ଈଶ୍ୱର ହିଁ ଏକମାତ୍ର ପଥଦ୍ରଷ୍ଟା ଏହା ଦୃଢ଼ତାର ସହିତ ବିଶ୍ୱାସ କରିଛନ୍ତି । ସତ୍ୟ ଓ ପ୍ରୀତିର ଆଚରଣୀୟ ଆଦର୍ଶ ଅନୁସରଣରେ ଜୀବନର ଗତିଧାରାକୁ ମର୍ଯ୍ୟାଦାବନ୍ତ କରିବା ଲାଗି ସେ ସତତ ଯତ୍ନ କରୁଥିଲେ । ବ୍ୟାବହାରିକ ଜୀବନ ଓ କବି -ଜୀବନ ମଧ୍ୟରେ ଅଚ୍ଛିନ୍ନ ସମନ୍ୱୟ ହେଉଛି ତାଙ୍କ ବ୍ୟକ୍ତିତ୍ୱର ବଳିଷ୍ଠ ବିଭବ । ଆଧ୍ୟାତ୍ମିକ ବିଶ୍ୱରବୋଧ ଘେନି ସେ ବାସ୍ତବତାକୁ ବୁଝିବା ଲାଗି ଯତ୍ନ କରୁଥିଲେ ବୋଲି ତାଙ୍କର ଅଧିକାଂଶ କବିତାରେ ଆଧ୍ୟାତ୍ମିକ ମାନବବାଦର ଉଚ୍ଚାରଣ ଖୁବ୍ ସ୍ପଷ୍ଟ ।

† ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ—ବିବିଧ କବିତା ବିଭାଗ ଅନ୍ତର୍ଗତ ସନ୍ତାନଙ୍କ ବିଭୁ ପ୍ରେମ କବିତା, ପୃଷ୍ଠା-୩୭୫ ।

Digitized by srujanika@gmail.com

ମନକୁ ଥୟ କରି କବି ଅନ୍ନପୂର୍ଣ୍ଣା ଯେତେ କବିତା ଲେଖିଛନ୍ତି ତହିଁରେ କବିଙ୍କର ଏକାନ୍ତ ବ୍ୟକ୍ତିକେନ୍ଦ୍ରିକ ଚିନ୍ତା-ରାଜି ପ୍ରକାଶ ପାଇଛି । ଏହାର ଚରିଫ ପରୀକ୍ଷା କଲେ ଜଣାପଡ଼େ ଯେ ଏଗୁଡ଼ିକ ମଧ୍ୟ କବି ମନର ସର୍ବମୋଟ ଦୁଇଟି ଭାବ-ବିଭବ (ମାନବୀୟ ଓ ଈଶ୍ୱରୀୟ)କୁ ପ୍ରକଟିତ କରିଛନ୍ତି । ଜାଗତିକ ବା ଆଧ୍ୟାତ୍ମିକ ସତ୍ୟର ଉପଲବ୍ଧି ପାଇଁ ଏଥିରେ ମନକୁ ଉଦ୍‌ବୋଧିତ କରିବାର ଦୃଷ୍ଟିଭଙ୍ଗୀ ପ୍ରତିଫଳିତ । ବେଳେ ବେଳେ କବି ମଧ୍ୟ ଆଶା କରିଛନ୍ତି ଯେ, ମାନବ ମନ ବସ୍ତୁମୁଖୀ ନ ହୋଇ ଅପାର୍ଥିବ ଜିଜ୍ଞାସାରେ ବ୍ୟାପୃତ ରହୁ, ଜୀବନରେ ନିର୍ମଳ ଆତ୍ମପ୍ରତ୍ୟୟ ଈଶ୍ୱର କରୁଣାରୁ ଉଦ୍ଭୂତ ହେଉ, ଏବଂ ଈଶ୍ୱର ଆନୁଗତ୍ୟର ଅଭିବୃଦ୍ଧି ଦ୍ୱାରା ଜାଗତିକ ଭବ ତରିବାର ସାମର୍ଥ୍ୟ କ୍ରମଶଃ ବଢ଼ୁ । ※

ଏପରି ଆଶାବାଦୀ ସମ୍ଭାବନାର ସମ୍ବଳ ଉପରେ ନାରୀ କବିଙ୍କର ଜୀବନ ଜିଜ୍ଞାସା ପରିପୁଷ୍ଟ ହୋଇଥିଲା । ଅବଶ୍ୟ କେତେବେଳେ କେମିତି ଈଶ୍ୱରଙ୍କ ପ୍ରତି ଅଭିମାନୀ ହୋଇ ସେ ମନେ ମନେ ଚିନ୍ତା କରୁଥିଲେ ଯେ, ଯିଏ ଧର୍ମଭୀରୁ ସେ ଦୁର୍ବଳ ଏବଂ ଧର୍ମ ଦ୍ୱାରା ଜାଗତିକ ଉନ୍ନତି ତେତେ ସହଜ ନୁହେଁ । † ମାତ୍ର ଏହା ତାଙ୍କ ହୃଦୟର ମାର୍ମିକ ଉଚ୍ଚାରଣ ନୁହେଁ । ଏକାନ୍ତ ବିଶ୍ୱାସ ଯେ ଆଧ୍ୟାତ୍ମବାଦ

※ ଆହେ ପ୍ରଭୁ ତୁମ୍ଭେ ମୋର ସକଳ ଉପାସ୍ୟ
ସକଳ ଚିନ୍ତାଉଅଛ ହୋଇ ମୋ ସହାୟ ।
ଜାଣି ଶୁଣି ପଥ ବଣା ହୁଏ କସ ପାଇଁ
ଧରି କ ପାରିବି ବଳେ ବାମ୍ଭ ପଛେ ଧାଇଁ ।
ଦିଅ ଧୈର୍ଯ୍ୟ ଦିଅ ଯଶ ହେବି ଅଗ୍ରସର
କର୍ତ୍ତବ୍ୟ ପାଳିବି ଭବ ତରି ଜଗତର ।

[ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ମନଶ୍ରୀ ବିଭାଗ ଅନ୍ତର୍ଗତ ମନ ଫେରଣ କବିତା, ପୃଷ୍ଠା-୨୭୭ ।]

† ସତ୍ୟ ଧର୍ମ ଯେ ପାଳଇ ସେ ଅଟେ ଦୁର୍ବଳ
ଯାର ସାହା ସଖା ନାହିଁ ଲୋଡ଼େ ଧର୍ମ ବଳ ।
ଧର୍ମରେ କାହାର ମାତ୍ର ହୋଇଛି ଉଦୟ
ହୃଦୟରେ ଶାନ୍ତି ଉଠି ବନାଶିଛି ଭୟ ।

[ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୭୮)—ମନଶ୍ରୀ ବିଭାଗ ଅନ୍ତର୍ଗତ 'ମନକୁ ପ୍ରଶ୍ନ ' କବିତା, ପୃଷ୍ଠା-୨୮୧]

Digitized by srujanika@gmail.com

ଦେଇଛନ୍ତି ଯୁଗ ଜୀବନ ଓ ମଣିଷ ସମାଜର ଶ୍ରେଷ୍ଠ ପାଥେୟ । ଆଧ୍ୟାତ୍ମବାଦର ଅବକ୍ଷୟରେ ମାନବବାଦର ବିନାଶ ଘଟେ । ଅପରନ୍ତୁ ମାନବବାଦର ବିକାଶ ଘଟିଲେ, ମଣିଷର ମନ ଆଧ୍ୟାତ୍ମିକ ଭାବ-ବୋଧ ପାଇଁ ପ୍ରଶସ୍ତ ସୁଯୋଗ ପାଇଥାଏ । ତେଣୁ ନାରୀ କବିଙ୍କର ମନନରେ ଆଧ୍ୟାତ୍ମିକ ମାନବବାଦ ଏକ ବିଧିବଦ୍ଧ ଭୂମିକା ଗ୍ରହଣ କରି ପାରିଛି ।

-※-

(୧୯୭୮)

[ଏହା 'ନାରୀ କବି ଅନ୍ନପୂର୍ଣ୍ଣା ରଚନାଶ୍ରୀ' (୧୯୭୮) ପ୍ରକାଶିକା—ଶ୍ରୀମତୀ ମନୋରମା ପଟ୍ଟନାୟକ, ଗୋପବନ୍ଧୁ ନଗର, ବ୍ରହ୍ମପୁର—୭୬୦୦୪ର ସଂଯୁକ୍ତ ସମ୍ପାଦକୀୟର ଉଦ୍ଧୃତ ଅଧ୍ୟାୟ]

ଶ୍ରୀ ଜଗନ୍ନାଥ ପଦ୍ୟାବଳୀ

ପଦ୍ୟାବଳୀ ସଂପର୍କରେ

ପ୍ରାଚୀନ ଓଡ଼ିଶାର ସାରସ୍ୱତ ପରଂପରାରେ କାବ୍ୟ ଓ ପଦ୍ୟାବଳୀ ରଚନାର ଧାରା ସମୃଦ୍ଧିର ଶୀର୍ଷାସ୍ପଦକୁ ସ୍ପର୍ଶ କରିଥିବା ଆମେ ପ୍ରତ୍ୟକ୍ଷ କରୁଁ । କବି-ଶକ୍ତିର ନିପୁଣ ନିର୍ଯ୍ୟାସ ସମଗ୍ର ପ୍ରାଚୀନ ସାହିତ୍ୟର ଏଇ ଦୁଇ ବିଭାଗର ଅନ୍ତର୍ଲିପିରେ ନିହିତ । ଆମ ସାହିତ୍ୟରେ, କାବ୍ୟ ଏକ ଅଭିଜାତ ଅଙ୍ଗ କିନ୍ତୁ ପଦ୍ୟାବଳୀ ଅତି ଆଦରଣୀୟ ଜୀବନ ସାଥି ।

ପଦ୍ୟାବଳୀ ହେଉଛି ଅନ୍ତର୍ମୁଖୀ କବି ଆବେଗର ଆନ୍ତରିକ ଉଚ୍ଚାରଣ ବ୍ୟକ୍ତିଗତ ଅନୁଭୂତିରେ ଏହା ଉଚ୍ଛଳ । ଆତ୍ମନିଷ୍ଠ ଚିନ୍ତା ଓ ମନନଶୀଳ କଳ୍ପନାରେ ଏହାର ସ୍ୱ-ସତ୍ତା ସଂଗଠିତ । ଏକକ ବା ସମବେତ କଣ୍ଠରେ ଗୀତ ହେବାର ଯୋଗ୍ୟତା ନ ଥିଲେ କୌଣସି ରଚନା ପଦ୍ୟାବଳୀ ପଦବାଚ୍ୟ ହୁଏ ନାହିଁ । କାରଣ ସଙ୍ଗୀତ ହେଉଛି ପଦ୍ୟାବଳୀର ଏକ ମୌଳିକ ବିଭବ । ପ୍ରାଚୀନ କବି କାବ୍ୟ-କବିତା ରଚନା-କଳା ବିଷୟକ ବିବିଧଜ୍ଞାନ ଆୟତ୍ତ କଲାବେଳେ ସଙ୍ଗୀତ ଜ୍ଞାନ ହାସଲ କରିବାକୁ ଅପରିହାର୍ଯ୍ୟ ମଣୁଥିଲେ । ସଙ୍ଗୀତରେ ସିଦ୍ଧ ହେଲେ, ତାଙ୍କ ରଚିତ ପଦ୍ୟାବଳୀ ଆଦରଣୀୟ ହେଉଥିଲା । ଏହି ପଦ୍ୟାବଳୀ ପାଠ କଲେ ଯେତେ ଆନନ୍ଦ ଭୋଗ ହୁଏନାହିଁ, ଗୀତରେ ଶୁଣିଲେ ତା'ଠାରୁ ଅଧିକ ଆନନ୍ଦ ମିଳେ । ଏଥିରେ ଛନ୍ଦ ଓ ରାଗରାଗିଣୀର ଉପଯୁକ୍ତ ବ୍ୟବହାର ହୋଇଥାଏ । କ୍ୱଚିତ୍ ବ୍ୟତିକ୍ରମକୁ ବାଦ୍ ଦେଲେ ପ୍ରାୟ ସମସ୍ତ ପଦ୍ୟାବଳୀରେ ଧ୍ରୁବପଦ ବା ଘୋଷା ରହେ ।

ପଦ୍ୟାବଳୀର କବି-ପୁରୁଷ ସ୍ୱୟଂ କିମ୍ବା ଅପର ଚରିତ୍ର ଜରିଆରେ ଆତ୍ମଭାବର ନିବେଦନ ପାଇଁ ଉଦ୍ୟମ କରିଥାନ୍ତି । ଏଥିପାଇଁ ନାଟକୀୟ ଗୀତ କିମ୍ବା ସଂଳାପ ଧର୍ମୀ ଅଭିବ୍ୟକ୍ତିର ଆବଶ୍ୟକତା ଥିଲେ ତାହା ସେ ପ୍ରୟୋଗ କରନ୍ତି; ଯେପରି ଚମ୍ପୂ ପଦ୍ୟାବଳୀ ।.

ଭାବ ପ୍ରବାହରେ ଏକମୁଖୀନତାର ସଂରକ୍ଷଣ ପ୍ରତି ପଦ୍ୟାବଳୀରେ ବିଶେଷ ଦୃଷ୍ଟି ଦିଆଯାଇ ଥାଏ । ଆବେଗର ଐକ୍ୟ ଓ ଭାବର ଅଖଣ୍ଡତା ଯଦି ନ ଥାଏ ତେବେ ତାହା ପଦ୍ୟାବଳୀ ନ ହୋଇ ଭିନ୍ନ କିଛି ଆକାର ଘେନେ, ହୁଏତ ଆଖ୍ୟାନ ମୂଳକ ବା ବର୍ଣ୍ଣନାତ୍ମକ ପଦ୍ୟର ଚରିତ୍ର ବହନ କରିପାରେ ।

Digitized by srujanika@gmail.com

ପଦ୍ୟାବଳୀ ଆକାରରେ ସଂକ୍ଷିପ୍ତ, ଅଭିବ୍ୟକ୍ତିରେ ସ୍ୱତଃସ୍ଫୂର୍ତ୍ତି, ରୂପ ସଜ୍ଜାରେ ନିରାଡ଼ମ୍ବର, ରସ ସଞ୍ଚାରରେ ମର୍ମଭେଦୀ । କବିର ବ୍ୟକ୍ତିଗତ ଅନୁଭୂତି ଯେଉଁ ଏଠା ଭାବ-ସାନ୍ଦ୍ର ହୋଇଥିଲେ ବି ସାର୍ବଜନୀନ ଭାବର ଉଦ୍‌ବୋଧକ ହୋଇଥାଏ । ଏ କ୍ଷେତ୍ରରେ ବ୍ୟକ୍ତିର ଅନୁଭବ, ସମଷ୍ଟିର ଭାବ-ବଳୟ ମଧ୍ୟକୁ ସହଜରେ ପ୍ରସରି ଯାଏ ।

କେତେକ କ୍ଷେତ୍ରରେ ପଦ୍ୟାବଳୀର କବି ଆପଣା ପକ୍ଷ ସମର୍ଥନ ପାଇଁ ଯୁକ୍ତିର ସାହାଯ୍ୟ ନେଇଥାନ୍ତି । ଏ ପ୍ରକାର ଉଲ୍ଲେଖ ପ୍ରାୟଶଃ ଜଣାଣ ପଦ୍ୟାବଳୀରେ ପରିଲକ୍ଷିତ ହୋଇଥାଏ । ଏଥିରେ ତର୍କର ଜଟିଳତା କିମ୍ବା ବୌଦ୍ଧିକ ବିଳାସର ଦୁରୂହତା ନ ଥାଏ । ସହଜ ଓ ସର୍ବଜନ ବୋଧ ପ୍ରସଙ୍ଗର ଉତ୍ଥାପନରେ ଏଠା ରସୋତ୍ତୀର୍ଣ୍ଣ ବୋଧହୁଏ ।

ଓଡ଼ିଆ ପଦ୍ୟାବଳୀର ବିଷୟ ଜଗତ ମୁଖ୍ୟତଃ ମାନବୀୟ ପ୍ରେମ ଓ ଭଗବତ ଭକ୍ତି—ଏହି ଦୁଇ ବୃତ୍ତିକୁ ନେଇ ପରିକଳ୍ପିତ ହୋଇଛି । ମାନବିକ ପ୍ରଣୟ ମୂଳକ ପଦ୍ୟାବଳୀରେ ନାୟକ ନାୟିକାଙ୍କ ବିରହାନୁଚିନ୍ତା, ସମ୍ଭୋଗ ସ୍ମୃତି, ଗୁହ୍ୟକ୍ରିୟା, ଚଟାଉ-ବିନୟ । ଋତୁ କ୍ରମରେ ନାୟିକାର ରୂପ-ଶୋଭା ସଂସ୍ମରଣ, ନାୟକ ଲାଗି ନାୟିକା ମନର ଅନୁରାଗ, ପ୍ରବାସଯାତ୍ରୀ ନାୟକର ମେଲାଣି ଦୁଃଖ ଇତ୍ୟାଦି ପ୍ରସଙ୍ଗ ବିପୁଳ ଭାବେ ବର୍ଣ୍ଣିତ ହୋଇଛି । ଚଉପଦୀ, ପଦଓ ଗୀତ, ବାରମାସୀ, ଚଉତିଶା (ପ୍ରୀତିମୂଳକ), ଚଟାଉ ଗୀତ ଇତ୍ୟାଦି ପର୍ଯ୍ୟାୟର ପଦ୍ୟାବଳୀରେ ମାନବିକ ପ୍ରେମାନୁଭୂତିର ରସାଳ ପ୍ରକାଶ ଉପଲବ୍ଧି ହୁଏ । ସେହିପରି ଭଗବତ ଭକ୍ତି ତଥା ଆଧ୍ୟାତ୍ମିକ ପ୍ରୀତି ସମ୍ବଳିତ ପଦ୍ୟାବଳୀରେ ମାନବିକ ପ୍ରେମାନୁଭୂତିର ରସାଳ ପ୍ରକାଶ ଉପଲବ୍ଧି ହୁଏ । ସେହିପରି ଭଗବତ୍ ଭକ୍ତି ତଥା ଆଧ୍ୟାତ୍ମିକ ପ୍ରୀତି ସମ୍ବଳିତ ପଦ୍ୟାବଳୀର ନିଦର୍ଶନ – ଭଜନ, ଜଣାଣ, କୀର୍ତ୍ତନ, ସ୍ତୁତି ଏବଂ କେତେକ ଚଉପଦୀ ଚଉତିଶା, କୋଇଲି ଷୋଡ଼ଶୀ ଗୀତର ରଚନାରେ ପରିଲକ୍ଷିତ ହୋଇଥାଏ । ଏତଦ୍‌ଭିନ୍ନ ସମୟର ଚଳଣି ଓ ସାମାଜିକ ସମସ୍ୟାକୁ ଆଧାର କରି ରଚିତ ହୋଇଥିବା ପଦ୍ୟାବଳୀର ନମୁନା ବିଶେଷ ଆଖିରେ ପଡ଼େ ନାହିଁ । ଏମାନଙ୍କ ସଂଖ୍ୟା ଖୁବ୍ ଊଣା ।

ଅତଏବ ବିଷୟ-ଭୂମିର ନିର୍ଦ୍ଦେଶକୁ ବିଚାର କରି ଆମେ ଓଡ଼ିଆ ପଦ୍ୟାବଳୀ ସାହିତ୍ୟକୁ ମୁଖ୍ୟତଃ ତିନି ଅଂଶରେ ବିଭକ୍ତ କରିପାରୁଁ—(କ) ମାନବିକ ପ୍ରଣୟ-ପ୍ରଧାନ ପଦ୍ୟାବଳୀ (ଖ) ଭଗବତ ଭକ୍ତି-ସମ୍ବଳୀ/ଆଧ୍ୟାତ୍ମିକ ପ୍ରୀତି-ପ୍ରଧାନ ପଦ୍ୟାବଳୀ (ଗ) ବିବିଧ ପଦ୍ୟାବଳୀ ।

Digitized by srujanika@gmail.com

ପରଂପରାରେ ଏକ ପଦ୍ୟାବଳୀ ସାହିତ୍ୟର ଆଦ୍ୟ ଉନ୍ମେଷ ସମ୍ଭବତଃ ଚର୍ଯ୍ୟାଗୀତି ଯୁଗରୁ (୭୫୦-୧୧୭୫) ଘଟିଥିଲା । ସେତେବେଳେ ଏହାର ଉଚ୍ଚାରଣ ଅବଶ୍ୟ অସ୍ପଷ୍ଟ ଥିଲା ଏବଂ ଚର୍ଯ୍ୟା ପରବର୍ତ୍ତୀ ନାଥ ଗୀତିକାମାନଙ୍କରେ ମଧ୍ୟ ଏହା ସେପରି ସ୍ୱତନ୍ତ୍ର ବିଭବ ଲାଭ କରି ନ ଥିଲା । ବସ୍ତୁତଃ ପଞ୍ଚଦଶ ଶତାବ୍ଦୀରୁ ହିଁ ପଦ୍ୟାବଳୀ ସାହିତ୍ୟର କ୍ରମ ଉତ୍ତରଣ ସାଧିତ ହେଲା । ସାରଳା ଦାସଙ୍କର ପୁରାଣ-କୃତିମାନଙ୍କରେ ପରିଦୃଷ୍ଟ ସ୍ତବ, ସ୍ତୁତି, ବନ୍ଦନା ଆଦି ପଦ୍ୟାବଳୀ ରଚନା ଧାରାର ଆଦିମତା ଚିହ୍ନିତ କରିଥିଲେ । ବିଶ୍ୱାସ ହୁଏ ଯେ, ସେ କାଳରୁ ପଦ୍ୟାବଳୀ ସାହିତ୍ୟ ବିକାଶର ବିବିଧ ସୋପାନ ଅତିକ୍ରମ କରି ଆମ ସାରସ୍ୱତ ଇତିହାସର ସୂଚୀ ପତ୍ରରେ ଏକ ଆଦରଣୀୟ ଭୂମିକା ଲାଭ କରିଛି । ସପ୍ତଦଶ-ଅଷ୍ଟାଦଶ ଶତାବ୍ଦୀର ବୈଷ୍ଣବ କବିମାନଙ୍କ ଅବଦାନରୁ ଏହାର ସୃଷ୍ଟି ସମ୍ଭାର ଋଦ୍ଧିମନ୍ତ ହୋଇଛି । ଐତିହାସିକମାନେ ଅନୁଭବ କରନ୍ତି ଯେ, ୧୭ଶରୁ ୧୮ଶ ଶତକ-ଏଇ ସୁଦୀର୍ଘ ସମୟ ହେଉଛି ଓଡ଼ିଆ ପଦ୍ୟାବଳୀ ସାହିତ୍ୟର ପୁଷ୍ପିକ କାଳ ଏବଂ ଏଇ ସମୟର ସାରସ୍ୱତ ସୃଷ୍ଟି ହିଁ ମୁଖ୍ୟତଃ ବୈଷ୍ଣବ କବିମାନଙ୍କର ଲେଖନୀ ନିଃସୃତ ।

ବୈଷ୍ଣବ କବିଗଣ ଶ୍ରୀଜଗନ୍ନାଥ ଓ ଶ୍ରୀରାଧା କୃଷ୍ଣଙ୍କୁ କେନ୍ଦ୍ରକରି ସେମାନଙ୍କ ପଦ୍ୟାବଳୀ ରଚନାରେ ବୈଚିତ୍ର୍ୟ ସମ୍ପାଦନ କରିଛନ୍ତି । କବିବୃନ୍ଦ ଇଷ୍ଟଜ୍ଞାନରେ ଉପାସ୍ୟ ଦେବତାଙ୍କ ପ୍ରତି ଆତ୍ମାର ଆକୁଣ୍ଠ ନିବେଦନ ପଦ୍ୟାବଳୀ ଗୀତରେ ପ୍ରକାଶ କରି ଯାଇଛନ୍ତି । ପଦ୍ୟାବଳୀର ଛନ୍ଦେ ଛନ୍ଦେ କବି ମାନସ, ଇଷ୍ଟ ନାମ ସ୍ମରଣ, ଶ୍ରୀ ବିଗ୍ରହ ଅଭିବାଦନ/ବନ୍ଦନ, ଗୁଣ ମହିମା ଭଜନ, ଲୀଳା କୀର୍ତ୍ତନ ଏବଂ ସବୁରି ଉର୍ଦ୍ଧ୍ୱରେ ଆତ୍ମ ନିବେଦନ ପ୍ରଭୃତି ଭକ୍ତି-ସ୍ନାତ ଅଭୀପ୍ସାର ସଂସ୍ମାରକ ହୋଇଛି । ବହୁ ପଦ୍ୟାବଳୀରେ ମଧ୍ୟ ଭଗବତ୍ ଅନୁରାଗ୍ରିତ କୌଣସି କୌଣସି ସାମାନ୍ୟ ଜୀବନ ଘଟଣାର ଉଲ୍ଲେଖ ଆଇ କବି କଣ୍ଠରୁ ଆତ୍ମ ଭାବନାର ସ୍ୱଚ୍ଛନ୍ଦ ନିଃସରଣ ଝରି ଆସିଛି ।

ଓଡ଼ିଆ କବିଙ୍କ ପଦ୍ୟାବଳୀ ଇଷ୍ଟ ଭାବନାରେ ଏତେ ଉଚ୍ଛଳ ଯେ ତାର କଳନା ନାହିଁ । ଶ୍ରୀଜଗନ୍ନାଥ ଓଡ଼ିଆର ଇଷ୍ଟ, ଜାତିର ଜୀବନ୍ତ ଦେବତା, ଓଡ଼ିଆ ସଂସ୍କୃତିର ପ୍ରାଣଧାର । ଯୁଗେ ଯୁଗେ ଆମ ସାହିତ୍ୟର ବିଭିନ୍ନ ସ୍ଥଳରେ ତାଙ୍କର ପ୍ରସଙ୍ଗ କେଉଁଠି ନା କେଉଁଠି କଥିତ ହୋଇଛି । କାବ୍ୟ-କବିତା, ଗାଥା-ଗଳ୍ପ, ନାଟକ-ଉପନ୍ୟାସଠାରୁ ଆରମ୍ଭ କରି କିମ୍ବଦନ୍ତୀ ଓ ପୁରାଣଶାସ୍ତ୍ର ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ଜଗନ୍ନାଥ ଚେତନାର ପ୍ରତିଫଳନ ଲକ୍ଷିତ ହୁଏ । ଦେଖାଯାଏ, ପ୍ରାଚୀନ ଓ ମଧ୍ୟ ଯୁଗର ଓଡ଼ିଆ ପଦ୍ୟାବଳୀ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ଚରିତ-ଚନ୍ଦ୍ରାର ଉଲ୍ଲେଖ ସବୁଠାରୁ ବେଶୀ । ହୁଏତ ସମୟର ନବକଳେବରରେ ପରିମାଣର ପରିବର୍ତ୍ତନ ହୋଇଛି କିନ୍ତୁ ଏହାର ବିଲୟ ଘଟିନି । ଏବେ ମଧ୍ୟ ଜଗନ୍ନାଥ ଆମ

Digitized by srujanika@gmail.com

ସାରସ୍ୱତ ସୃଷ୍ଟିକୁ ଆବୋଶ ରହିଛନ୍ତି, ଭବିଷ୍ୟତକୁ ସେମିତି ଥିବେ । ସାହିତ୍ୟର ନିତ୍ୟ ପ୍ରବାହରେ ନିତ୍ୟପୁରୁଷ ଶ୍ରୀଜଗନ୍ନାଥଙ୍କର ସ୍ଥିତି କଳ୍ପି ନହେଲେ ଲାଭପାରେ କି?

ତେଣୁ ଓଡ଼ିଶାର ସାରସ୍ୱତ-ସଂସ୍କରେ ଶ୍ରୀଜଗନ୍ନାଥଙ୍କୁ ଉପଜୀବ୍ୟ କରି ଲେଖା ହୋଇଥିବା ପଦ୍ୟାବଳୀର ଅସରନ୍ତି ଭଣ୍ଡାର ଆମେ ପ୍ରତି-ନିୟତ ଲକ୍ଷ୍ୟକରୁଁ । ଲୋକ ତୁଣ୍ଡରେ, ଗାଁ ଟୁଙ୍ଗୀରେ, ଉତ୍ସବ ମହୋତ୍ସବରେ, ସଂଗୀତ ଆସରରେ କିମ୍ବା ବେତାରବାଣୀରେ, ପଦ୍ୟାବଳୀର ଉଚ୍ଚାରଣ ପ୍ରତ୍ୟେକଙ୍କର ଶ୍ରୁତିଗୋଚର ହୋଇଥାଏ । ସଭ୍ୟତାର ସକଳ ସ୍ପର୍ଶ ଅନୁଭବ କରି ସୁଦ୍ଧା ଓଡ଼ିଆ ତାହାର ଏହି ନିତ୍ୟନିଧି ଓ ରସ ସହଚର ପଦ୍ୟାବଳୀକୁ ଆଡ଼େଇ ଦେଇ ପାରିନାହିଁ । ସତେ ଯେପରି ଏହା ତାହାର ସାଂସ୍କୃତିକ ଜୀବନ ଓ ସାମାଜିକ ବିଶ୍ୱାସକୁ ପୁଷ୍ଟ କରିଛି । ମାଟିର ଅମର କବି ଭକ୍ତ-ପ୍ରାଣ ଜୟଦେବଙ୍କର ପଦାବଳୀର ପ୍ରେରଣା, ଓଡ଼ିଆ ପଦ୍ୟାବଳୀକାରଙ୍କୁ ହୁଏତ ଶକ୍ତି ଯୋଗାଇଥିବ କିମ୍ବା ପରଂପରାର ପଦଚିହ୍ନ ଉପରେ ସେମାନେ ହୁଏତ ନୂତନତାର ସୌଧ ରଚନା କରିଥିବେ ।

କିନ୍ତୁ ଏଡ଼େ ସମୃଦ୍ଧ ଓ ଐଶ୍ୱର୍ଯ୍ୟଦୀପ୍ତ ଏହି ପଦ୍ୟାବଳୀର ପରିମାଣ କେତେ, ତାହା କହିବା କଷ୍ଟକର । ମାନବିକ ପ୍ରେମ-ପ୍ରଧାନ କିମ୍ବା ବୈଧ ଶ୍ରେଣୀସ୍ଥ ରଚନାକୁ ବାଦଦେଲେ, କେବଳ ଭଗବଦ୍ ଭକ୍ତି ବିଷୟକ ପଦ୍ୟାବଳୀର ସଂଖ୍ୟା ହେବ ଅକଳନ । ଏଥିରେ ପୁଣି ଇଷ୍ଟ ଶରଣ ଓ ଅନ୍ୟାନ୍ୟ ଉପଜୀବ୍ୟକୁ ଦୃଷ୍ଟି ବହୁ ଭିନ୍ନତା ବିଦ୍ୟମାନ । ଅସଂଖ୍ୟ ପଦ୍ୟାବଳୀ ରାମ-କୃଷ୍ଣ, ଶୈବ-ଶାକ୍ତ ବା ଅନ୍ୟାନ୍ୟ ଦେବା-ଦେବୀଙ୍କ ପ୍ରତି ଭକ୍ତି ନିବେଦନ କିମ୍ବା ସେମାନଙ୍କ ଲୀଳା କୀର୍ତ୍ତନରେ ଅଧୀର । ଅପରନ୍ତୁ କେବଳ ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଅଗଣିତ ପଦ୍ୟାବଳୀର ସୃଷ୍ଟି । ସତେ ଯେପରି ଏହା ଏକ ରସ-ସମୁଦ୍ର; ଏ କୂଳରୁ ସେ କୂଳକୁ ଆଖି ପାଇବ ନାହିଁ ।

ଶ୍ରୀଜଗନ୍ନାଥ ପଦ୍ୟାବଳୀର ବିବିଧ ବିଭାଜନ ଭିତରୁ କେବଳ ଜଣାଣର ସଂଖ୍ୟା ହେବ ସହସ୍ରୋତ୍ତର: ଭଜନ କଥା ଦୂରେ ଥାଉ । ଭଜନ ଓ ଜଣାଣ— ଭକ୍ତିମୂଳକ ପଦ୍ୟାବଳୀର ଦୁଇଟି ବିଶିଷ୍ଟ ବିଭାଗ । ଯେଉଁ ପଦ୍ୟାବଳୀରେ ଇଷ୍ଟ-ଦେବାଦେବୀଙ୍କର ନାମ, ରୂପ ଓ ମହିମାର ଅନ୍ତରଙ୍ଗ ଉଲ୍ଲେଖ ଥାଏ ତାକୁ ଭଜନ କହନ୍ତି । ଭଜ୍ ଧାତୁରୁ ଅଧିକରଣ ଅର୍ଥରେ ଅନୁଯୁକ୍ତ ହୋଇ ଭଜନ ଶବ୍ଦ ନିଷ୍ପନ୍ନ ହୋଇଛି । ଏହା ମୂଳତଃ ଉପାସନା ବା ମହିମାଗାନର ଅର୍ଥ ପ୍ରକାଶ କରିଥାଏ । ଏଥିରେ ଉପାସ୍ୟ ଇଷ୍ଟଙ୍କର ରୂପ, ଗୁଣ, ମହିମା କୀର୍ତ୍ତିତ ହୋଇଥାଏ । ଭଜନୀ କୌଣସି ଅଭିଳାଷ ପୋଷି ନ ଥାଏ, ଚିତ୍ତ-ଶୁଦ୍ଧି ପାଇଁ ସେ ତତ୍ପର । ସୁତରାଂ କୁହାଯାଇ ପାରେ ଯେ, କାମନା ରହିତ ହୃଦୟ ଦେଇ ଏକାଗ୍ର ପ୍ରାଣରେ ଅସ୍ମ

Digitized by srujanika@gmail.com

ସମର୍ପଣାତ୍ମକ ମନୋଭାବ ପୋଷଣ କରି ଇଷ୍ଟଙ୍କ ଉଦ୍ଦେଶ୍ୟରେ ଯେଉଁ ଆଧ୍ୟାତ୍ମିକ ଜୀବନ ସଙ୍ଗୀତ ରଚିତ ହୁଏ ତାହା ଭଜନର ସ୍ୱରୂପ ନେଇଥାଏ । ଆମ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କୁ ଉଦ୍ଦିଷ୍ଟ ଭଜନର ସଂଖ୍ୟା ପ୍ରଚୁର । ସେହିପରି ଜଣାଣ ।

ଯେଉଁ ପଦ୍ୟାବଳୀରେ ଭକ୍ତ-ତନ୍ମୟ କବି, ଉପାସ୍ୟଙ୍କ ନିକଟରେ ଯାଚଞ୍ଚା ପ୍ରକାଶ କରନ୍ତି କିମ୍ବା ଅପଣାର ଅଭିଳାଷ ପୂର୍ତ୍ତି ପାଇଁ ନିବେଦନ ଜ୍ଞାପନ କରିଥାନ୍ତି ତାହାକୁ ଜଣାଣ କୁହାଯାଏ । ସମ୍ଭବତଃ ସଂସ୍କୃତ ଜ୍ଞାପନ ଶବ୍ଦରୁ ଜଣାଣ ଶବ୍ଦର ଉତ୍ପତ୍ତି । ଇଷ୍ଟ ସମ୍ମୁଖରେ ଗୁହାରି ଜଣାଇବା ମନୋଭାବ ଏଥିରେ ନିହିତ । ଏହା ଲୀଳାସାତ୍ମିକ ଭକ୍ତର ନିଦର୍ଶନ ବହନ କରିଥାଏ । ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ଭକ୍ତମାନଙ୍କ ମଧ୍ୟରୁ ଆର୍ତ୍ତ ଓ ଅର୍ଥାର୍ଥୀ ଭକ୍ତଙ୍କ କଣ୍ଠରୁ 'ଜଣାଣ' ପଦ୍ୟାବଳୀର ସ୍ଫୁରଣ ଘଟିଥିବା ପ୍ରାୟଶଃ ଲକ୍ଷିତ ହୁଏ । ଏମାନଙ୍କ ଇଷ୍ଟ ତ୍ରାଣକର୍ତ୍ତା ଓ କରୁଣାବନ୍ତ । ସେଇ ଜ୍ଞାନରେ ଏମାନେ ସଂସାରର ଅସହ୍ୟ ସମସ୍ୟା କିମ୍ବା ବ୍ୟକ୍ତିଗତ ଦୁଃଖ-ତାପର ଦହନରୁ ଉଦ୍ଧାର ପାଇବା ଲାଗି ଇଷ୍ଟଙ୍କର କୃପା ପ୍ରାର୍ଥୀ ହୋଇଥାନ୍ତି । ଐହିକ ସୁଖ ଓ ଆପଦ ଶୂନ୍ୟ ଜୀବନ ଯାପନ ଲାଗି ନିରନ୍ତର ଇଷ୍ଟ ଚରଣରେ ଅନ୍ତରର ଆକୁଳ ଆକୂତି ପ୍ରକାଶ କରିଥାନ୍ତି । କେହି କେହି ଏଥି ସହିତ ମୁକ୍ତିର ଯାଚଞ୍ଚା ମଧ୍ୟ ପୋଷଣ କରିଥିବା ଦେଖାଯାଏ ।

କିନ୍ତୁ ଜ୍ଞାନୀ ଓ ଜିଜ୍ଞାସୁ ଭକ୍ତଙ୍କ ଲେଖାରୁ ଲୀଳସାତ୍ମିକ ଅଭିବ୍ୟକ୍ତିର ନିଦର୍ଶନ ପ୍ରାୟ ମିଳେନାହିଁ । ତାଙ୍କ ଦୃଷ୍ଟିରେ ଜୀବର ଭୋଗ୍ୟ, ଅଭୋଗ୍ୟ ସୂଚକ ଅଭୀପ୍ସା ବୋଲି କିଛି ନାହିଁ । ସବୁର ଭୋକ୍ତା ହିଁ ଜଣେ ପରମ ପୁରୁଷ, ପୁରୁଷୋତ୍ତମ, ଏଣୁ ଗୁହାରିଆପଣ ପ୍ରକାଶ କରି ପାର୍ଥିବ ଅଭିଳାଷର ପୂର୍ତ୍ତିତା ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥୀ ହେବାକୁ ଯଥାର୍ଥ ମଣନ୍ତି ନାହିଁ । ଏଇ କାରଣରୁ ସମ୍ଭବତଃ ଜିଜ୍ଞାସୁ ଓ ଜ୍ଞାନୀ ଭକ୍ତ ଆତ୍ମ ଅଭୀପ୍ସା ଉଚ୍ଚାରଣ କରି 'ଜଣାଣ' ରଚନା କରିଥିବା କ୍ୱଚିତ ଦେଖାଯାଏ ।

ପ୍ରସ୍ତୁତ ସଙ୍କଳନଟିରେ ଶ୍ରୀଜଗନ୍ନାଥଙ୍କ ପ୍ରତି ନିବେଦିତ ଜଣାଣ ସମଗ୍ର ସଂଗୃହୀତ ହୋଇଛି । କାଳକ୍ରମେ କବିଗଣ ଜଗନ୍ନାଥଙ୍କୁ କିପରି ଗୁହାରି କରିଛନ୍ତି ତାହାର ନିଦର୍ଶନ ଏଥିରେ ନିହିତ । ସଙ୍କଳିତ ଜଣାଣ ପଦ୍ୟାବଳୀରେ କବିମାନଙ୍କର ବ୍ୟକ୍ତିଗତ ଜୀବନର ଦୈନ୍ୟବୋଧ ଏବଂ ଅନନ୍ତକମ୍ୟ ଅସହାୟତାର ଆତ୍ମର ଉଚ୍ଚାରଣ ଅତ୍ୟନ୍ତ ସ୍ପଷ୍ଟ । କବିଙ୍କ ଜୀବନ ଚରିତର ଭଗ୍ନାଂଶ ମଧ୍ୟ ଏଇ ପଦ୍ୟାବଳୀର ଅନୁଶୀଳନରୁ ଉପଲବ୍ଧ ହୋଇଥାଏ ।

Digitized by srujanika@gmail.com

ଭକ୍ତ କବି ରଘୁ ଅରକ୍ଷିତଙ୍କ ଜୀବନରେ ଦାରିଦ୍ର୍ୟର ଦଂଶନ ଏବଂ କ୍ଷୁଧିତ ଶରୀରର ଆକୁଳ ଆର୍ତ୍ତନାଦ ପ୍ରଭୃତି ଘଟଣାର ପ୍ରତିଧ୍ୱନି ତାଙ୍କ ପଦ୍ୟାବଳୀରେ ସ୍ପନ୍ଦିତ ହୁଏ । ଏକ ସ୍ୱଚ୍ଛଳ ସାଆନ୍ତ ବଂଶରେ ଜନ୍ମ ହୋଇ ସୁଦ୍ଧା କବି କାଳକ୍ରମେ ଦାରିଦ୍ର୍ୟ ଦଶା ଭୋଗ କରିଛନ୍ତି । ଜନ୍ମଭୂମି କମ୍ବା ପୈତୃକ ଅର୍ଜନ ତାଙ୍କୁ ଆଶ୍ରୟ ଦେଇ ପାରିନାହିଁ, ଶ୍ରୀକ୍ଷେତ୍ରର ଶରଧାବାଲି ଓ ଚକାଡୋଳାଙ୍କ ଚଉବାହା/ଭୁଜ-ଯୁଗଳ ହିଁ ତାଙ୍କୁ ବଞ୍ଚିବାର ପ୍ରତ୍ୟୟ ଦେଇଛି । ପାର୍ଥିବ ଜଗତରେ କବି ଯେ ନିଃସ୍ୱ, ସହାୟଶୂନ୍ୟ —ଏକଥା ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ସେ ଅନୁଭବ କରିଛନ୍ତି । ତେଣୁ ତାଙ୍କର ଆତ୍ମା ସ୍ୱୀକାର କରିଛି—'ସବୁରି ସବୁ ଅଛି ମୋହର କେହି ନାହିଁ ଏକା ମୋ ପ୍ରଭୁ ଜଗନ୍ନାଥ ।' (ଜଣାଣ ନଂ ୧୪)

ଜଗନ୍ନାଥ ହିଁ ତାଙ୍କ ଜୀବନର ସମ୍ବଳ । ଜଗନ୍ନାଥଙ୍କ ଛଡ଼ା ତୁଳସୀ ନିର୍ମାଲ୍ୟ, ବଗଡ଼ା ଅନ୍ନ, ବଡ଼ ମହୁର—ଏତିକି ପାଇବାର ଆତୁର ଅଭୀପ୍ସା ରଘୁଙ୍କର ମନରେ ସଜାଗ ରହିଛି । ପ୍ରଭୁଙ୍କୁ କଳାର ହାଟଠାରେ ଦର୍ଶନ କରି, ତାଙ୍କରି ପ୍ରସାଦରେ ଜୀବନ ବଞ୍ଚି ସେ ସନ୍ତୋଷ ଲଭିବେ—ଏହା ଯେଉଁ ଭକ୍ତର ଇଚ୍ଛା ସେ ମହାପ୍ରଭୁଙ୍କର କରୁଣା ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ଲଭ କରିଛି; ଏଥିରେ କୌଣସି ସନ୍ଦେହ ନାହିଁ । ରଘୁ ଅରକ୍ଷିତଙ୍କୁ ଶାଶୁ ଶ୍ୱଶୁର ପିଠାରେ ବିଷ ମିଶେଇ ଖାଇବାକୁ ଦେଇଛନ୍ତି, ମାତ୍ର ସେଇ ବିଷ ଅମୃତରେ ପରିଣତ ହୋଇଯାଇଛି । ବିଷକୁ ଅମୃତ କରିଛି ଶ୍ରୀଜଗନ୍ନାଥଙ୍କର ନାମ ସ୍ମରଣ । ରଘୁଙ୍କ ଜୀବନରେ ଏହା ଏକ ପ୍ରତ୍ୟକ୍ଷ ଫଳ । ଏଇ ବ୍ୟକ୍ତିଗତ ଘଟଣାଟିର ସଙ୍କେତ ତାଙ୍କ ପଦ୍ୟାବଳୀରୁ ମିଳିଥାଏ-'ତୁମ୍ଭରି ନାମ ଧରି ବିଷ ମୁଁ ଭକ୍ଷିଅଛି/ସେ ମୋତେ ହୋଇଛି ଅମୃତ ହେ ମହାପ୍ରଭୁ !' (ଜଣାଣ ନଂ ୧୪)

କ୍ଷୁଧାର ଯନ୍ତ୍ରଣାରେ ଚିର କବଳିତ ରଘୁ, ଭୋଖ-ଶାନ୍ତ-ରଙ୍ଗା-ଅଧରଙ୍କ ନିକଟରେ ଗୁହାରି କରିଛନ୍ତି କ୍ଷୁଧାରୁ ଉଦ୍ଧାର ପାଇବା ପାଇଁ । ଆପଣାର ପାର୍ଥିବ ପ୍ରାଣ କ୍ଷୁଧା ନିକଟରେ ପରାଜୟ ସ୍ୱୀକାର କରିଛି; ରଘୁ ତ ନିଜ ତୁଣ୍ଡରେ ମାନି ଯାଇଛନ୍ତି ଯେ, 'ନାଥ, ଭୋଖ ସଦବୁଧି ହରଇ/ଭୋଖକୁ ମୋର ବୁଧି ନାହିଁ ।' (ଜଣାଣ ନଂ ୧୫) ଏହା ସାଧକର ଉଚ୍ଚାରଣ ନୁହେଁ, ଜଣେ ମଣିଷର । ମନେହୁଏ ରଘୁ ଅରକ୍ଷିତଙ୍କର ଜଗନ୍ନାଥ ଏକାଗ୍ରତା ସନ୍ନ୍ୟାସ-ଚର୍ଯ୍ୟାର ପରିଣତି ନୁହେଁ ବରଂ ଜୀବନ ଚର୍ଯ୍ୟାର ଶୁଭଫଳ ।

ସେହିପରି କବି ସାଲବେଗଙ୍କର ପଦ୍ୟାବଳୀ, ତାଙ୍କ ବ୍ୟକ୍ତିଗତ ଜୀବନ ଓ ଜିଜ୍ଞାସାର ଉଚ୍ଚାରଣ ହୋଇଛି । ଅଭିମାନଭରା କଣ୍ଠରେ ଭକ୍ତ ସାଲବେଗ, ଯୁକ୍ତି ଦେଖାଇ ମହାପ୍ରଭୁଙ୍କୁ ଆପଣାର ନିବେଦନ ଜଣାଇଛନ୍ତି । ଭକ୍ତର ଜୀବନ ହିଁ

Digitized by srujanika@gmail.com

ଭଗବାନଙ୍କର ଏକାନ୍ତ ସମ୍ବଳ—ଏଇ ବିଶ୍ୱାସରେ ଅଟଳ ଥାଇ ଭକ୍ତ-କବି ସାଲବେଗ ନିଜସ୍ୱ କାମନାର ଅପୂର୍ତ୍ତି ଜନିତ ଆପଦ ଅପମାନର ଅବଚ୍ଛିନ୍ନ ଜ୍ୱଳନ ଲାଗି ଜଗନ୍ନାଥଙ୍କୁ ହିଁ ଦାୟୀ କରିଛନ୍ତି । କାରଣ ଭକ୍ତଙ୍କ ପାଇଁ ଜଗନ୍ନାଥ ଭକ୍ତବନ୍ଧୁ, ଭକତ ନିମନ୍ତେ ସେ କୃପାସିନ୍ଧୁ ଏବଂ ଭକ୍ତଙ୍କ ଦୁଃଖ ଖଣ୍ଡନ ପାଇଁ ତ ସେ ଶଙ୍ଖ-ଚକ୍ରଧାରୀ ! କାଳେ କାଳେ ଭକ୍ତର ଅନୁଗାମୀ ହୋଇଛନ୍ତି ଜଗନ୍ନାଥ ଯେପରି 'ଧେନୁ ପଛେ ପଛେ ବତ୍ସା ଗମେ କ୍ଷୀର ଲୋଭେ/ଭକତର ପଛେ ମୁହିଁ ଥାଇ ସେହିଭାବେ ।' (ଜଣାଣ ନଂ ୧୬, ପାଠାନ୍ତର-୧)

ତେବେ ଜଗନ୍ନାଥେ ଆଉଁ ଥାଉଁ ଅନୁଗତ ସାଲବେଗ ସମାଜରୁ ବାଛନ୍ଦ ହେବାର ଦୁଃଖ ହେଉଥିବେ କାହିଁକି ? କାହିଁକି ମଣିଷ ଲାଗି ଏତେ ଅପମାନର ଜ୍ୱାଳା—'ବାପା ମୋ ମୋଗଲ ପୁଅ ମାଆ ମୋ ବ୍ରାହ୍ମଣୀ/ଏ କୁଳେ ଜନ୍ମିଲି ହିନ୍ଦୁ ନ ଖାଏ ମୋ ପାଣି ।' (ଜଣାଣ ନଂ ୧୬) ଏଇ ଅଭିବ୍ୟକ୍ତି କଣ ଜଣେ ଅନୁଗତ ଭକ୍ତର ଟାଣୁଆ ଅଭିମାନ ନୁହେଁ ?

ଦୃଢ଼ଚେତା ଭକ୍ତର ବ୍ୟକ୍ତିଗତ ଅଭିଳାଷକୁ ପୂର୍ଣ୍ଣତା ଦେଇଛନ୍ତି ଜଗନ୍ନାଥେ । ସାଲବେଗଙ୍କ ଜୀବନର ଏକ ଘଟଣା ହିଁ ଏଇ ବିଶ୍ୱାସକୁ ଦୃଢ଼ତର କରେ । ଜଗନ୍ନାଥଙ୍କ ରଥ ଦାଣ୍ଡରେ ବଳଗଣ୍ଡି ଅଛି, ନନ୍ଦିଘୋଷ ସେଇଠି କିଛି ସମୟ ପାଇଁ ଏବେ ବି ଅଟକେ । ପାଖରେ ଅଛି ସାଲବେଗଙ୍କର ସମାଧି, ସମାଧିରୁ ସାଲବେଗ 'ତାଙ୍କର ପରମ ଇଷ୍ଟ ଜଗନ୍ନାଥଙ୍କୁ ଦର୍ଶନ କରୁଛନ୍ତି । ଏହି ପରଂପରାର ସ୍ରଷ୍ଟା ହେଉଛନ୍ତି ସାଲବେଗ ନିଜେ, ଏହାର ସଙ୍କେତ ଏକ ଜଣାଣରେ ନିହିତ, ''ଯୀବଣ ପଞ୍ଚାଶ କୋଶ ଗୃହି ନ ପାରଇ/ମୋହ ଯିବାଯାଏ ନନ୍ଦିଘୋଷେ ଥିବ ରହି ।'' (ଜଣାଣ ନଂ ୧୩) ବୃନ୍ଦାବନରୁ ନୀଳାଚଳକୁ ପଦବ୍ରଜରେ ଫେରୁଥିଲା ବେଳେ ଭକ୍ତ ସାଲବେଗଙ୍କର ଅଭିଳାଷ ସତ ହୋଇଗଲା ।

ସାଲବେଗଙ୍କର ପଦ୍ୟାବଳୀରୁ ତାଙ୍କ ବ୍ୟକ୍ତିଗତ ଜୀବନର ଆଭାସ ମିଳିବା ସଙ୍ଗେ ସଙ୍ଗେ ତତ୍କାଳୀନ ସମାଜର ଅବସ୍ଥା ସମ୍ପର୍କରେ କିଛି ସୂଚନା ମିଳୁଛି । କବିଙ୍କ ସମୟରେ ମୋଗଲ ସୁବେଦାର ମିର୍ଜା ଅହମଦ ବେଗ ଓଡ଼ିଶାର ଶାସକ ଥିଲେ । ଗଜପତି ନରସିଂହ ଦେବ (୧୬୨୧-୧୬୪୭) ସେତେବେଳେ ଠାକୁର ରାଜା; ଅହମଦ ବେଗଙ୍କର ଜଗନ୍ନାଥ ବିଦ୍ୱେଷୀ ମନ ଓ ନାରୀ ଲାଳସୀ ପ୍ରବୃତ୍ତି ସମାଜ ପ୍ରତି ଆତଙ୍କ ସୃଷ୍ଟି କରିଥିଲା । ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କର ଉପରେ ଆକ୍ରମଣ ଆଶଙ୍କାରେ ପୂଜକ—ପଣ୍ଡାଗଣ ଶ୍ରୀଜଗନ୍ନାଥଙ୍କୁ ଶଗଡ଼ରେ ବିଜେ କରାଇ ମଙ୍ଗଳା ନଦୀ ବାଟେ ଜଳ ପଥରେ ଚିଲିକାର କୌଣସି ଏକ ଗୋପନୀୟ ସ୍ଥାନକୁ ନେଇ ଯାଇଥିଲେ । ଏହାର

Digitized by srujanika@gmail.com

ସୂଚନା—"କେଉଁଣେ ଯେନ ଯାଉଛୁ ଜଗନ୍ନାଥଙ୍କୁ/ଆମ୍ଭେ ଦର୍ଶନ କରିବୁ କାହାକୁ" (ଜଣାଣ ନଂ ୨୦)—ପଦ୍ୟାବଳୀଟିରେ ପ୍ରଚ୍ଛନ୍ନ । ପୁନଶ୍ଚ ଅହମଦ ବେଗଙ୍କର ନାଗ୍ନ-ଲୋଲୁପୀ କାର୍ଯ୍ୟର ପରିଚୟ ମଧ୍ୟ, "କୁଳବଧୂଙ୍କ ରଙ୍ଗ, ପଣ୍ଡା ଏ ଗଡ଼ା ଗଡ଼ି/ବାଧାଡ଼ା ବାମ ହେଲ ଓଡ଼ିଶାକୁ" ।(ଜଣାଣ ନଂ ୨୦) ପଙ୍‌କ୍ତି ଦ୍ୱୟରେ ପ୍ରତିଫଳିତ । ସୁତରାଂ କୁହାଯାଇ ପାରେ ଯେ ସାଲବେଗଙ୍କର ଜଗନ୍ନାଥ-ଜଣାଣ ସମଗ୍ର ହେଉଛି କବିଙ୍କ ଭକ୍ତ-ପ୍ରାଣତାର ଗୋଟିଏ ଗୋଟିଏ ଅନାବିଲ ପ୍ରତିଧ୍ୱନି । ସେଗୁଡ଼ିକ ପୁଣି ସେ କାଳର ଇତିହାସର ଗୋଟିଏ ନିର୍ଭୁଲ ସଂକେତ । ଏ ଦୃଷ୍ଟିରୁ ବିଚାରିଲେ, ସାଲବେଗଙ୍କର ଜଣାଣ ପଦ୍ୟାବଳୀ ହେବ ଭକ୍ତ ଓ ଇତିହାସ ପ୍ରସଙ୍ଗର ସ୍ମରଣୀୟ ସ୍ମାରକୀ ।

ସେହିପରି ଗଜପତି ବୀରକେଶରୀ ଦେବଙ୍କର ଅନ୍ୟତମ ଜଣାଣରୁ ତତ୍କାଳୀନ ଏକ ଘଟଣାର ଉଲ୍ଲେଖ ମିଳିଥାଏ । ମରହଟ୍ଟା ଶାସନ କାଳରେ ଗଜପତି, ଶ୍ରୀଜଗନ୍ନାଥଙ୍କ ସେବାରୁ କିଛିକାଳ ପାଇଁ ବଞ୍ଚିତ ହୋଇଥିଲେ, ଏଇ ବେଦନାରେ ମର୍ମାହତ ଗଜପତି, ଶ୍ରୀଜଗନ୍ନାଥଙ୍କୁ ଗୁହାରି କରୁଛନ୍ତି, "ସେବାରୁ ଅନ୍ତର ହେଲି ଯେବେ ପ୍ରଭୁ/ ଏ ପ୍ରାଣ ଥିବ କପାଇଁ" । (ଜଣାଣ ନଂ ୩୭)

ଜଣାଣ ସମଗ୍ରରେ କବିଗଣ ଆତ୍ମଭାବନାକୁ ପ୍ରତିଫଳିତ କଲାବେଳେ ଆପଣା ପକ୍ଷ ସମର୍ଥନ ପାଇଁ ବହୁ ପୌରାଣିକ ଉପାଖ୍ୟାନକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରିଛନ୍ତି । ଏହି ଉପାଖ୍ୟାନଗୁଡ଼ିକ ମୁଖ୍ୟତଃ ଦ୍ରୌପଦୀ, ଭରତିଆ ପକ୍ଷୀ, ଗଜ, ମୃଗୁଣୀ, ଅନ୍ଧ, ଅହଲ୍ୟା, ବ୍ରଜବାଳୀ, ମାର୍କଣ୍ଡ ଋଷି, ବଳି, ଶବରୀ, ବିଭୀଷଣ, ଅଜାମିଳ, ପ୍ରହ୍ଲାଦ, ରୁକ୍ମିଣୀ, ସୁଦାମା ଓ ଦାମୋଦର ପଣ୍ଡା ପ୍ରଭୃତିଙ୍କର ପ୍ରସଙ୍ଗ । ଏଥିରୁ ଆର୍ତ୍ତୀ, ଅର୍ଥାର୍ଥୀ ଓ ସଖ୍ୟ ଭାବାନୁଗ ଭକ୍ତଙ୍କର ନିଦର୍ଶନ ମିଳେ । କିନ୍ତୁ ଆର୍ତ୍ତୀ ଓ ଅର୍ଥାର୍ଥୀ ସଂଖ୍ୟା ବେଶି । ଦ୍ରୌପଦୀ, ମୃଗୁଣୀ, ଗଜ, ଭରତିଆ ପକ୍ଷୀ ପ୍ରଭୃତି ହେଉଛନ୍ତି ଆର୍ତ୍ତୀ-ଭକ୍ତ । ବିଭୀଷଣ, ସୁଦାମା, ସୁବଳ, ଦାମୋଦର, ସୁଗ୍ରୀବ ଇତ୍ୟାଦି ହେଉଛନ୍ତି ଅର୍ଥାର୍ଥୀ ଓ ସଖ୍ୟ ଭାବାପନ୍ନ ଭକ୍ତ । ଶବରୀ, ଅହଲ୍ୟା, ପିଙ୍ଗଳା, ମନ୍ଦୋଦରୀ, ଧ୍ରୁବ, ପ୍ରହଲ୍ଲାଦ ଆଦି ଦାସ୍ୟ ଭାବାନୁଗତ ଏବଂ ମୁକ୍ତିର ଲାଳସାରେ ଭଗବତ୍ କୃପାପ୍ରାର୍ଥୀ ।

ସାମଗ୍ରିକ ଭାବେ ଦେଖିଲେ ସଙ୍କଟରୁ ମୁକ୍ତି ଲାଗି ଆତୁର ଅଭିଳାଷ ଏଇ ପ୍ରସଙ୍ଗମାନଙ୍କରେ ପ୍ରାପ୍ତ ପ୍ରଚ୍ଛନ୍ନ । ତେଣୁ ଏହି ଜଣାଣଗୁଡ଼ିକୁ ତୃଷିତ ଭକ୍ତଙ୍କର ଆତ୍ମ-ବାଣୀ କହିଲେ ଅତ୍ୟୁକ୍ତି ହେବନାହିଁ ।

ପଦ୍ୟାବଳୀର କବିଗଣ ବିଶ୍ୱାସ କରିଛନ୍ତି ଯେ, ଜଗନ୍ନାଥ ହେଉଛନ୍ତି, ଆର୍ତ୍ତୀ ଜନଙ୍କର ଆରତ ନାଶନ ବା ଆର୍ତ୍ତତ୍ରାଣ । ଏପରି ବିଶ୍ୱାସ ଅନ୍ତରାଳରେ ସ୍ୱତଃ

Digitized by srujanika@gmail.com

ଜଗନ୍ନାଥଙ୍କର ପ୍ରତିଶ୍ରୁତି ନିହିତ । ଏକଥା କବିଙ୍କ ଉକ୍ତିରୁ ଜଣାଯାଏ, "ଆହେ ହେ ମହାବାହୁ ! ବିପଦ ଚନ୍ଦ୍ର-ରାହୁ/ଆଜ୍ଞା ଯେ ଦେଇଛ ଶ୍ରୀମୁଖେ/ଆରତ ଜନ ହେଲେ, ଆରତରେ ଡାକଲେ/ମୁଁ ତାହା ନ ସହିବି ଦେଖେ" । (ଜଣାଣ ନଂ ୩୫) ଜଗନ୍ନାଥଙ୍କର ପ୍ରଭୁ ପଣିଆ ଏଇଠି ଯେ, ସେ ଦୁଃଖୀର ଦୁଃଖ ଛେଦନ କରି ତାକୁ ସୁଖ ଦାନ କରିଥାନ୍ତି, ଯଥା—'ଦୁଃଖୀ ଜଣାଇଲେ ଦୁଃଖ/କେବେହେଁ ନୁହଁ ବିମୁଖ/ଦୁଃଖ ଏଡ଼ି ସୁଖ ତାକୁ ଦିଅ ପ୍ରମାଣ ।' (ଜଣାଣ ନଂ ୪୪) ।

କବିବୃନ୍ଦ ତାଙ୍କ ଆତ୍ମାର ଦେବତା, ଶ୍ରୀଜଗନ୍ନାଥଙ୍କୁ ଦଶ ଅବତାର ସ୍ୱରୂପରେ ଦେଖିଛନ୍ତି । କେହି କେହି ବ୍ରହ୍ମ ଓ ଶୂନ୍ୟ ପୁରୁଷ ରୂପେ ମଧ୍ୟ ଚିହ୍ନିଛନ୍ତି ଏବଂ ସେହି ସ୍ୱରୂପରେ ନିଜ ନିଜର ଯାଚଞ୍ଚା ନିବେଦନ କରିଛନ୍ତି । ଏତଦ୍‌ଭିନ୍ନ ରୂପ ଦର୍ଶନ ମାଗୁଣି, ତଥା ମୁକ୍ତି-ମାଗୁଣି ରୂପକ ସାତ୍ତ୍ୱିକ ଅଭିବ୍ୟକ୍ତି ମଧ୍ୟ ବହୁ କବିଙ୍କର ଜଣାଣ—ପଦ୍ୟାବଳୀରେ ଉତ୍କୀର୍ଣ୍ଣ ହୋଇଛି । ସକଳ ପାର୍ଥିବ କାମନା ତ୍ୟାଗ କରି କେବଳ ପାଦପଦ୍ମରେ ଶରଣ ଲଭି ପାଇଁ ଆକୁଳତା କେତେକ ଭକ୍ତ କବିଙ୍କ କଣ୍ଠରୁ ଉଚ୍ଚାରିତ ହୋଇଛି ।

ପଦ୍ୟାବଳୀର କବିଗଣ ଜଗନ୍ନାଥଙ୍କ ସହିତ ଭାବରେ ଯୁଝି ଯୁଝି ଆପଣା ମନସ୍କାମ ପୂର୍ତ୍ତି ପାଇଁ ସତେ ଯେପରି ବଦ୍ଧ ପରିକର । ଏଥିପାଇଁ କେତେବେଳେ ଅଭିମାନ ତ କେତେବେଳେ ଦମ୍ଭୋକ୍ତି ସେମାନଙ୍କ ତୁଣ୍ଡରୁ ପ୍ରକାଶ ପାଇଛି ଏବଂ ଏହା ଖୁବ୍ ଲଳିତ ଓ ଯୁକ୍ତି-ଶାଣିତ ହୋଇଛି, ଯେପରି—'ଚତୁର୍ବର୍ଗ ଯାହାର ଚରଣେ ପରିସ୍ଫୁର/ଚଞ୍ଚଳା ଯାର ଆଜ୍ଞାକାରୀ/ଗୃହିଁ ଯାହା ଶ୍ରୀମୁଖ ଚ୍ୟୁତ ଦୁରିତ ଦୁଃଖ/ସେ ପ୍ରଭୁ ଭୃତ୍ୟ ହିଁ ଭିକାରୀ, ହେ ମହାପ୍ରଭୁ !/ ଚତୁର୍ଦ୍ଦଶ ଭୁବନ ପ୍ରାଣୀ/ ଚକିତ ହେବେ ଏହା ଶୁଣି/ଶଠ ନୁହେଁ କି ଏହୁ କଥା ହେ ମହାବାହୁ!/ନୀଳ ଶୈଳ ଚୂଡ଼ାମଣି ହେ ମହାପ୍ରଭୁ !' (ଜଣାଣ ନଂ ୩୫) କିମ୍ବା 'ମୁଁ ପତିତ ମୋ ଗୁହାରି ଶ୍ରବଣେ ଅକ୍ଷମ/ଅଜାମିଳଠାରୁ ମୁଁ କି ଅଟଇ ଅଧମ ।' (ଜଣାଣ ନଂ ୩)

ସ୍ଥଳ ବିଶେଷରେ ପୁଣି କୌଣସି ତୃଷିତ ଭକ୍ତ କବି, ଆପଣାର ଅଭିଳାଷ ନିବେଦନ କଲାବେଳେ ଦାବୀ ବା ଦମ୍ଭୋକ୍ତି ଅପେକ୍ଷା ଅକିଞ୍ଚନର ସ୍ୱର ଉତ୍ତୋଳନ କରିଛନ୍ତି, ଯଥା—"ମୁଁ ଅବା ଅପ୍ରାଧୀ, ହେ କୃପା-ବାରିଧି/ଅରେ ନୋହିଲ କରୁଣା/ କହେ ସାଲବେଗ ପ୍ରଭୁ ପଦକୁ ଏ /ଉଣିବ ବହୁତ ଗୁଣା" (ଜଣାଣ ନଂ ୧୨) । କବିଙ୍କର ଆତୁର ଆତ୍ମାର ଅଭିବ୍ୟକ୍ତି ନିଚୟ ସରଳ, ଭାବସ୍ଫୀତ, ମର୍ମସ୍ପର୍ଶୀ ଓ କାବ୍ୟିକ ହୋଇଛି, ଯେପରି —'ବାଟ ଖରଚକୁ ମୋର କିଛି ନାହିଁ ଧନ/ତୁମ୍ଭେ ହିଁ ସମ୍ବଳ ମୋର ରଙ୍କର ରତନ ।' (ଜଣାଣ ନଂ ୩) ବ୍ୟତିକ୍ରମରେ ଦେଖାଯାଏ ଯେ,

Digitized by srujanika@gmail.com

ଟେକେଟୋଟିର ଅଭିବ୍ୟକ୍ତ ରହସ୍ୟାଚ୍ଛନ୍ନ ଓ କ୍ଳୃପ୍ତ ଯଥା—'ସମୁଦ୍ର ତଟରେ ପକ୍ଷୀ ଅଣ୍ଡା ଦେଲା/ଡିମ୍ବ ନେଲା ରତ୍ନାକର/ସପ୍ତ ଡିମ୍ବ ତାର ଜଳରେ ବୁଡ଼ିଲା/ପାଣକର ଚକ୍ରଧର' (ଜଣାଣ ନଂ ୮)।

କିନ୍ତୁ ଜଣାଣରେ କବିକୁଳଙ୍କ ଦୃଷ୍ଟିରେ ଜଗନ୍ନାଥେ ସକଳ ରହସ୍ୟର ବନ୍ଧୁ ଉର୍ଦ୍ଧ୍ୱରେ । ଅତି ଲୌକିକ ଓ ଆତ୍ମୀୟ ଭାବବୃତ୍ତରେ ସେ ସେମାନଙ୍କର ଅତି ଆପଣାର । ଭକ୍ତ କବିଙ୍କ ସମ୍ବୋଧନରେ ଜଗନ୍ନାଥେ ହେଉଛନ୍ତି,—ଚକାଡୋଳା, ଚକାଆଖି, ଚକ୍ରବାହୁ, ମହାବାହୁ, ମହାମେରୁ, ଦାରୁବ୍ରହ୍ମ, ଜଗବନ୍ଧୁ, କୃପାସିନ୍ଧୁ, କରୁଣାନିଧି, କୃପାବାରିଧି, ଆରତତ୍ରାଣ; ଆଦିମୂଳ, ନୀଳ ସୁନ୍ଦର, ପୁରୁଷୋତ୍ତମ, ନୀଳାଚଳବାସୀ, ନୀଳଶୈଳ, ପତିତପାବନ, ଅନ୍ତର୍ଯାମୀ, ଅନାଥ-ନାଥ, ଦୀନନାଥ, ଜଗନ୍ନିବାସ, କ୍ଷେତ୍ରବାସୀ, ଦୟାନିଧି, କାଳିଆଧନ, ବଳିଆରଭୁଜ, ନୀଳାଦ୍ରିବିହାରୀ, ମରକତମଣି, ମହିମା, ଶରଣପୋଦର, ସୁଦରଶନ, ଗରବଗଞ୍ଜନ, ଲାବଣ୍ୟନିଧି, ନିରଞ୍ଜନ, ଅଣାକାର, ଦେବହରି, ଠୁଳବ୍ରହ୍ମ, କ୍ଷମାନିଧି ଏବଂ ଦୀନବନ୍ଧୁ ଇତ୍ୟାଦି ଇତ୍ୟାଦି ।

ଅତଏବ ଜଗନ୍ନାଥ କିଏ ? ପ୍ରଶ୍ନର ଉତ୍ତରରେ ଓଡ଼ିଆ କବିର ସରଳ ଭକ୍ତ ପ୍ରାଣ କହେ, ଜଗନ୍ନାଥ ମୋର ଆରତତ୍ରାଣ, ଜଗତ ଲୋକର ବନ୍ଧୁ, ଜଗବନ୍ଧୁ ପୁଣି ଦୀନଜନଙ୍କର ଦୀନବନ୍ଧୁ—"ଦୀନବନ୍ଧୁ ବୋଲି ଯାହାକୁ ବୋଲନ୍ତି ସେହି ସେ ପରମଯୋଗୀ/ଯୋଗୀମାନଙ୍କର ଆତଙ୍ଗ ନାଶନ ଦୁଃଖୀମାନଙ୍କର ଭୋଗୀ' (ଜଣାଣ ନଂ ୪) ।

କବିଙ୍କର ଉଚ୍ଚାରଣରୁ ପ୍ରତୀତ ହୁଏ ଯେ, ଯେଉଁଠି ନିର୍ମଳ ଭକ୍ତିର ନିର୍ଝର ସେଇଠି ପୁଣି ଦର୍ଶନର ଗାମ୍ଭୀର୍ଯ୍ୟର ଜିଜ୍ଞାସା । ଉଭୟର ସମନ୍ୱୟରେ ଓଡ଼ିଆ ପଦ୍ୟାବଳୀ ସାହିତ୍ୟ ପରିପୁଷ୍ଟ । ଯୁଗ ଯୁଗର ଏଇ ସାହିତ୍ୟ ଧାରାରେ ଜଗନ୍ନାଥେ ଏକାଧାରରେ ଭକ୍ତିନିଧି ଓ ସାରସ୍ୱତ-ନିଧିର ଭୂମିକା ନେଇ ନାହାନ୍ତି କି ?

ପଦ୍ୟାବଳୀର କବିଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ

ବିଭୂତି ବଡ଼ କି ପ୍ରେମ ବଡ଼—ଏହା ଯୁଗ ଯୁଗର ଏକ ଅସମାହିତ ପ୍ରଶ୍ନ । ହେଲେବି, ଶ୍ରୀ ଜଗନ୍ନାଥଙ୍କଠାରୁ ପଦ୍ୟାବଳୀର କବି ଏହାର ସମାଧାନ ନେଉଛି । କବିମାନେ ମନେ କରନ୍ତି ଯେ, ପ୍ରେମ ହେଉଛି ତୀର୍ଥବାରି, ବିଭୂତି ହେଉଛି ସଂସାର-ସୁଧା । ପାପ ଶୂନ୍ୟ ହୋଇ, ଆପଣାକୁ ପବିତ୍ର ଓ ଶୁଦ୍ଧାତ୍ମା କରି ଗଢ଼ିବା ଯା'ର ଇଚ୍ଛା ସେ ତୀର୍ଥବାରି ପାଇଁ ଲାଳସୀ, ଯିଏ ଆପଣାକୁ ଆପଦ ଶୂନ୍ୟ କରି ଉଦ୍ଧାର ଲାଗି ତରଣି ଲୋଡ଼େ ସେ ବିଭୂତି-ଭିକ୍ଷୁ ।

Digitized by srujanika@gmail.com

କିନ୍ତୁ ଯେଉଁଠି ପ୍ରେମ ନିବିଡ଼ ସମ୍ପର୍କ ଥାଏ ସେଠି ବିଭୂତି ଆପଣାଛାଏଁ ହାତକୁ ଓହ୍ଲାଇ ଆସେ । ଜଗନ୍ନାଥେ ବିଭୂତି ଦାତା ସତ ମାତ୍ର ପ୍ରେମ ନଥିଲେ ବିଭୂତି ନାହିଁ । ଧ୍ରୁବ, ପ୍ରହ୍ଲାଦ, ଦ୍ରୌପଦୀ, ସୁଦାମା, ପ୍ରଭୃତି ଯେତେ ଭକ୍ତ ବିଭୂତି ଭୋଗ କଲେ ସମସ୍ତେ ପ୍ରେମରେ ଡ଼ାକିଛନ୍ତି । ଆକୁଳତାରେ ନିରନ୍ତର ଘୋଷିଛନ୍ତି; ପରିମାଣରେ ସେମାନେ ଯାହା ପାଇଛନ୍ତି ତାହା କିଛି ନୁହେଁ, ବିଭୂତିର କଣିକାଏ ମାତ୍ର ।

ପଦ୍ୟାବଳୀର କବିଗଣ ଜଗନ୍ନାଥଙ୍କୁ ଯାହା ମାଗିଛନ୍ତି ସେଥିରେ ପ୍ରାୟ ବିଭୂତି ପ୍ରାପ୍ତିର ଲାଳସା ଊଣା । ଏମାନେ ରାଜସିକ ଭକ୍ତଙ୍କ ପରି ଯଶ, ପ୍ରତିପତ୍ତି ପ୍ରଭୃତି ଐଶ୍ୱର୍ଯ୍ୟ ବା ବିଭୂତିର ଯାଚଞ୍ଜା ପ୍ରକାଶ କରି ନାହାଁନ୍ତି । ବରଂ ଭଗବତ୍ସଂସର୍ଗର ସୁଯୋଗ ନିରନ୍ତର ମିଳୁଥାଉ ବୋଲି ଜଗନ୍ନାଥଙ୍କୁ ଭିକ୍ଷା କରିଛନ୍ତି । (ଜଣାଣ ନଂ ୫୪) । କେହି କେହି ଆତ୍ମଶୁଦ୍ଧି ଲାଗି ଆକୁଳତା ପ୍ରକାଶ କରିଛନ୍ତି । ରିପୁ ଆକ୍ରମଣରୁ ମୁକ୍ତ ପାଇବା ପାଇଁ ଭଗବତ୍ ଆଶିଷ ମଧ୍ୟ ଭିକ୍ଷା କରିଛନ୍ତି ।

କବିଗଣ ବିଷୟ-ଭୂତିର ଯାଚଞ୍ଜା, ଜଗନ୍ନାଥଙ୍କ ନିକଟରେ ନିବେଦନ ନ କରି ମରଣ ବେଳେ ଝାଲି ଦର୍ଶନ ଦେବା ପାଇଁ କିମ୍ବା ଏକ ସାତ୍ତ୍ୱିକ ପ୍ରସ୍ଥାନର ଅନୁକୂଳ ଅବସ୍ଥା ଦାନ ପାଇଁ ଜଜନ୍ନାଥଙ୍କୁ ଗୁହାରି କରିଛନ୍ତି । ଶ୍ରୀଚରଣରେ ଆଶ୍ରୟ ମାଗିବା ପାଇଁ କିମ୍ବା ଶ୍ରୀ ପାଦପଦ୍ମରେ ଅଟଳ ଭକ୍ତିର ଆବେଗ ଅକ୍ଷତ ରଖିବା ପାଇଁ ବ୍ୟଗ୍ରତା, ପଦ୍ୟାବଳୀର କବିଙ୍କ ଚିତ୍ତରେ ଯେପରି ପ୍ରକାଶ ପାଇଛି, ଐଶ୍ୱର୍ଯ୍ୟ-ଭୋଗୀ ଅଭିଳାଷ ସେପରି ଉଚ୍ଚାରିତ ହୋଇ ନାହିଁ ।

ଐହିକ ଐଶ୍ୱର୍ଯ୍ୟ ଭୋଗର ଲାଳସା ଯଦି ପଦ୍ୟାବଳୀର କବିଙ୍କ ମନକୁ ପ୍ରଲୁବ୍ଧ କରିଥାନ୍ତା ସେମାନେ କଣ କେବେ ନିର୍ମଳ ଚିତ୍ତରେ ବୋଲିଥାନ୍ତେ ଯେ, 'ଜଗନ୍ନାଥ ହେ ! କିଛି ମାଗୁନାହିଁ ମୁଁ ତୋତେ / ଧନ ମାଗୁ ନାହିଁ ଜନ ମାଗୁ ନାହିଁ/ ମାଗୁଛି ଶରଧା ବାଲିରୁ ହାତେ ।'

ଧାରଣା ହୁଏ, ଏପରି ଏକ ଅନୁଭବର ଆସ୍ୱାଦନ ପାଇବା ପାଇଁ କବିଗଣ ଅତ୍ୟନ୍ତ ଆତୁର ହୋଇ ପଡ଼ିଛନ୍ତି । ସେମାନେ ପାଣି ପିଇ, ଚକ୍‌କଲି ପିନ୍ଧି ବଞ୍ଚିବା ଶ୍ରେୟ ବିଚାରିଛନ୍ତି ସିନା ଇନ୍ଦ୍ରପଦ ତାଙ୍କୁ ତୁଚ୍ଛ ବୋଧ ହୋଇଛି । ଅକାତରରେ ସେମାନେ ସବୁ କିଛି ତ୍ୟାଗ କରିଛନ୍ତି ପଛକେ ଜଗନ୍ନାଥଙ୍କୁ ଛାଡ଼ି ନାହାଁନ୍ତି, ତାଙ୍କୁ ଜୀବନ ସାଥି କରି ବରଣ କରିଛନ୍ତି । ଜଗନ୍ନାଥଙ୍କ ପ୍ରେମରେ ପାଗଳ ପଦ୍ୟାବଳୀର କବିଗଣ କୁଳ ପରମ୍ପରା ସବୁ ହରାଇଛନ୍ତି, ପରିବାରର ମୋହ ଛିନ୍ନ କରିଛନ୍ତି ତଥାପି ସେମାନଙ୍କ ମନର ବଳ କିଛି କମ୍ ନୁହେଁ । ବିଷୟଭୋଗର ଅଭାବ ପାଇଁ

Digitized by srujanika@gmail.com

ସେମାନେ ଚକିତ ନୁହନ୍ତି । ଏହାର ପାରୁର୍ଣ୍ଣି ବି ସେମାନେ ଲେଡ଼ି ନାହାନ୍ତି; ଲେଡ଼ିଛନ୍ତି କରୁଣା-ବାରିଧିର କରୁଣା କଣାରୁ କାଣିଚିଏ । (ଜଣାଣ ନଂ ୮୫) ।

ଏଥିରୁ ସ୍ପଷ୍ଟ ନୁହେଁ କି ପଦ୍ୟାବଳୀର କବି ନର୍ମଦ ରଙ୍କ ନ ହୋଇ, ହୋଇଛି କରୁଣା ରଙ୍କ । କବି ଜଗନ୍ନାଥଙ୍କଠାରେ ଯେତେ ପ୍ରକାରର ଅଳି କରିଛି ସର୍ବଶ ସେ ଆପଣାକୁ ଅନାହାସ୍ତ ସନ୍ତାନ କିମ୍ବା ନିଃସ୍ୱ ଦାସର ଭୂମିକାରେ ହିଁ ଅବସ୍ଥାପିତ କରିଛି । ଜଗନ୍ନାଥଙ୍କ ନିକଟରେ ସେମାନେ ଅଝଟିଆ ଶିଶୁ ପରି ତୁହାଇ ତୁହାଇ ଜିଗର କରିଛନ୍ତି; ଯୁକ୍ତି ବି ବାଢ଼ିଛନ୍ତି । କୌଣସି ଦୋଷ ପାଇଁ ଅନାଦର ନ କରି କ୍ଷମା ଦେବା ଲାଗି ପରୋକ୍ଷରେ ମଧ୍ୟ କବିମାନେ ଜଗନ୍ନାଥଙ୍କଠାରେ ଦାବି କରିଛନ୍ତି । ଏମାନେ ସମସ୍ତେ ଅଭିମାନୀ ଭକ୍ତ, କବିତାରେ ଅଭିମାନର ଭାବ ପ୍ରକାଶ କରିଛନ୍ତି । ଯିଏ ଜଗନ୍ନାଥଙ୍କର ଆଶ୍ରିତ, ସିଏ ଯଦି ଜଞ୍ଜାଳ କ୍ଳିଷ୍ଟ; ଏହା ଜଗନ୍ନାଥଙ୍କ ଅପମାନ ନୁହେଁ କି ? ଏହାହିଁ ହେଉଛି କବିଙ୍କ ଅଭିମାନର ଭାଷା, 'ମୁଁ ଯେ ମଲେ ମଲି ଭାସିଗଲେ ଗଲି / ତୁମକୁ ସିନା ଏ ଅସୁନ୍ଦର / ତୁମ ନାମ ଧରି ହେବା ଏତେ ସରି / ଜଗତେ କିବା ବୋଲିବେ ନର ।' କିମ୍ବା 'ମୁହିଁ ଗଲେ ନାଶ ତୁମ୍ଭେ କେଉଁ ଯଶ ଲଭିବ ଆହେ କରୁଣା ନିଧି ।' (ଜଣାଣ ନଂ ୧୦୫/୧୦୮) ।

ପଦ୍ୟାବଳୀର କବିଗଣ ଜଗନ୍ନାଥ-ଭାବନା ଯେଉଁ ମାନସିକ ସ୍ତରରେ ଜଟିଳ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛନ୍ତି । କର୍ମବାଦ ଓ ବିଭୁ-ଆଶ୍ରୟର ପରିଣାମକୁ କେନ୍ଦ୍ର କରି ଦ୍ୱନ୍ଦ୍ୱର ଉତ୍ପତ୍ତି, ସେଥିପାଇଁ କେତେ ଯେ ଅସମାହିତ ପ୍ରଶ୍ନ ତାର ଇୟତ୍ତା ନାହିଁ । କେହି ଜଗନ୍ନାଥ-ଆଶ୍ରିତ ଯଦି କର୍ମ କଷ୍ଟ ଭୋଗିବାକୁ ବାଧ୍ୟ ଜଗନ୍ନାଥଙ୍କୁ ଭୃତ୍ୟ ପରି ଆଦରିବା ଅକାରଣ ନୁହେଁ କି ? ଏପରି ଚିନ୍ତାରେ ପୀଡ଼ିତ ହୋଇଛନ୍ତି କବିକୁଳ ।

କିନ୍ତୁ ସକଳ ଅଭାବ ଓ ଅଭିମାନ ସତ୍ତ୍ୱେ କବିର ଶ୍ରେଷ୍ଠ ଇଚ୍ଛା ଯେ, ସେ ଜଗନ୍ନାଥଙ୍କ ଶ୍ରୀନାମ ରୂପକ ଧନରେ ଧନୀ ହେବ; ତୁମ୍ଭ ନାମ ଧନେ ଧନିକ ହୋଇବି/ମନ ନ ବୁଡ଼ିବ କାମନାରେ ।' (ଜଣାଣ ନଂ ୧୧୧) । ମାଗିବା ପଣରେ ପଦ୍ୟାବଳୀର କବି ବେଶ ଭୀରୁ, ଜଗନ୍ନାଥଙ୍କୁ ସେ ଏଇକଥା ବାରମ୍ବାର ଜଣାଉଛି- 'ମହାବାହୁ ! ମୋତେ ମାଗି ଅଟେ ନାହିଁ/ତୁମ୍ଭ କୃପା ଭିକ୍ଷା ବିନୁ କାହା ଦ୍ୱାରେ ଯାଚକ ହୋଇବି ଯାଇ ।' (ଜଣାଣ ନଂ ୧୧୯) । ଶ୍ରୀ ଜଗନ୍ନାଥ-କୃପା ଜଗନ୍ନାଥ ସେବା, କିମ୍ବା ତୀର୍ଥସେବା ଓ ଶ୍ରୀଚରଣ ସେବା—ଏତିକି ମାଗିବା ଭିନ୍ନ ଅନ୍ୟ କେଉଁଥିପାଇଁ କାହା ଦ୍ୱାରେ ଦ୍ୱାରସ୍ଥ ହେବା ପଦ୍ୟାବଳୀର କବି ଉଚିତ ମଣିନାହିଁ ।

କାହିଁକି ବା ମଣିବ ? କବିକୁଳ ତ ଚହ୍ନିଛନ୍ତି ଜଗନ୍ନାଥଙ୍କୁ ଅଖିଳ ଜଗତର ନାଥ ବୋଲି । ଇଷ୍ଟ ଯାହାର ବିଶ୍ୱପତି ଶ୍ରୀଜଗନ୍ନାଥ; ତାଙ୍କର ଦୃଢ଼ପଣକୁ

Digitized by srujanika@gmail.com

ଘନ ଘନ ସ୍ମରଣ ସେ ବି ଆପଣାକୁ ବଡ଼ ଭାଗ୍ୟରେ । କଥାରେ ଅଛି, ଯାହାର ମନ ଯେତେ ତାର ପ୍ରଭୁ ତେତେ । କବି କଣ୍ଠରେ ମଧ୍ୟ ପ୍ରକାଶ ପାଇଛି—'ମହାବାହୁ ! ଭଲେ ଅବଧାନ କର/ତୁମ ବାହାରେ କେ ବଡ଼ ଜଣେ ଅଛି ତା' ଆଗେ ଯୋଡ଼ିବ କର/ମହାବାହୁ ! ତୁମ୍ଭେ ତ ବିଚାର କର୍ମୀ/ଆଉ ମୁଁ ସଂସାରେ କାହାକୁ କହିଁଇ ବୋଲିବି ବାରୁ ମହିମା ।' (ଜଣାଣ ନଂ ୧୬) ।

ଏପରି ପ୍ରତ୍ୟୟ ଯେଉଁଠି ଗଭୀର, ସେଠି ଭୟର ଆଶଙ୍କା କାହିଁ ? ଖୁବ୍ ଅନ୍ତରଙ୍ଗ ସଂପର୍କ ଯୋଗ ଓଡ଼ିଆ କବି ଜଗନ୍ନାଥଙ୍କୁ ଚିହ୍ନିଥିବାରୁ ତାଙ୍କୁ ପରିବାରର ଜଣେ ବୋଲି ଭାବୁଛି । ଆମ୍ଭକୁ ବାଧିଲେ କାଳସର୍ପ, ଘରଭୁଡ଼ା କହି ଭର୍ତ୍ସନା କରେ ତ କେତେବେଳେ ଆହ୍ଲାଦରେ ଦୀନବତ୍ସଳ, ଆରତତ୍ରାଣ, ପତିତଶରଣ, ବୋଲି ଡାକି ଗୌରବ ଦିଏ ।

ପଦ୍ୟାବଳୀର କବିଙ୍କ ଆଖିରେ ଜଗନ୍ନାଥ ହେଉଛନ୍ତି ନୀଳାଦ୍ରି କେଶରୀ ତାଙ୍କ ସଙ୍ଗେ କେହି ସରି ନୁହଁନ୍ତି । ସାନକୁ ବଡ଼ କରିବାରେ ହିଁ ତାଙ୍କର ପ୍ରଭୁପଣ, ପତିତଙ୍କୁ ଉଦ୍ଧାରି ସେ ପତିତପାବନ । ତା ଆଖିରେ ଯାହାର ଆଖି ମିଶିଛି, ସେ ତା' ଠାରେ ରସିଛି । ପଦ୍ୟାବଳୀର ବିସ୍ତୀର୍ଣ୍ଣ ଭାବ-ସମୁଦ୍ରରେ ଅବଗାହି, ଜଗନ୍ନାଥଙ୍କୁ ଯେତେ ପ୍ରକାରେ ନିରେଖିଲେ ମଧ୍ୟ ଓଡ଼ିଆ କବିର ଆତ୍ମା ସତ ବୁଝିଛି ଯେ, ଜଗନ୍ନାଥ ହେଉଛନ୍ତି ଏକାନ୍ତ ଭାବେ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ମାନମୟ ଆଦି ସତ୍ତା । ବଳିଆର ଭୁଜଙ୍କ ଗୋଟିଏ ଭୁଜରୁ ଐଶ୍ୱର୍ଯ୍ୟର ଆଶିଷ ଓ ଅନ୍ୟଟିରୁ ମାଧୁର୍ଯ୍ୟ ବା ପ୍ରେମର ଅମୃତ ନିର୍ଝର ନିତ୍ୟ ପ୍ରବାହିତ । କିଏ ତାର ବେତ୍ତା ? ଜିଜ୍ଞାସୁର ମନ ଓ ଯୋଗୀର ହୃଦୟ ହିଁ ଏଥିର ପ୍ରତ୍ୟକ୍ଷ ସାକ୍ଷୀ ।

ଜାତିର ଇଷ୍ଟ ଓ ମାଟିର କବି

ଜାତିର ଇଷ୍ଟ ଶ୍ରୀ ଜଗନ୍ନାଥଙ୍କୁ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ନିତ୍ୟନିଧି ରୂପେ ବୁଝିଥିବା ଏ ମାଟିର କବିଗଣ ବିଶ୍ୱାସ କରିଛନ୍ତି ଯେ, ସମାଜ ତାଙ୍କର ସାହାପକ୍ଷ ନୁହେଁ । ଭାଇ ବନ୍ଧୁ ସଖା-ସୋଦର ସମସ୍ତେ ପର; କେବଳ ଭାବଗ୍ରାହୀନାଥ ଜଗନ୍ନାଥ ହେଉଛନ୍ତି ତାଙ୍କ ପାଇଁ ଏକାନ୍ତ ଆପଣାର (ଜଣାଣ ନଂ ୧୩୦) । ଏଥିପାଇଁ କବିମାନଙ୍କ ମନରେ ଜାଗିଛି ଜଗନ୍ନାଥ ଆସଙ୍ଗଲିପ୍ସା । ଏହା ଏକ ସାତ୍ତ୍ୱିକ ଆକର୍ଷଣ । ଏଥିରେ ଐଶ୍ୱର୍ଯ୍ୟ ପ୍ରାପ୍ତିର ଅଭିଲାଷ ନାହିଁ, ସମ୍ମାନ-ଧନର ଭୂଷଣ ପାଇଁ ବ୍ୟାକୁଳତା ବି ନାହିଁ; ବରଂ ଅଛି 'କ୍ଷେତ୍ରବର' ଲାଭ ଲାଗି ଆତୁର ଅଭିପ୍ରାୟ । ଏତକ ଯିଏ ପାଇଛି ସେ ଜଗନ୍ନାଥଙ୍କୁ ମହାଦାନୀ ବୋଲି ଅଭିହିତ କରିଛି—'ତୁମ୍ଭ ସମାନ ଦାନୀ, ନାହାନ୍ତି ନା ଅବନୀ/ଅଧମ ଜନ ରକ୍ଷା ହେ

Digitized by srujanika@gmail.com

ସନ୍ଦୁପନ୍ଥ !/ଅତ୍ୟନ୍ତ ରୁ ନିର୍ମଳ, ତୋ ପାଦେ ମୁଁ ନିର୍ମଳ/ନୀଳକଣ୍ଠ ଅଜ୍ଞାନ ଏତେ ମାଗୁଛି ।' (କଣାଣ ନଂ ୧୬୮) ।

କବିମାନଙ୍କର ଧାରଣା ଯେ, ସ୍ୱଚ୍ଛତା ସହିତ ସ୍ୱଚ୍ଛତାର ମିଳନ ହିଁ ସମ୍ଭବ । ଯିଏ ପବିତ୍ର ଓ ନିର୍ମଳ ସିଏ ସିନା ପାବନ ଶକ୍ତିର ସାନ୍ନିଧ୍ୟ ପାଇବା ପାଇଁ ଯୋଗ୍ୟ ! ଏଇ ଯୋଗ୍ୟତା ଲାଭ ପାଇଁ ପଦ୍ୟାବଳୀର ଓଡ଼ିଆ କବି-କୁଳ ବ୍ୟଗ୍ର । ସେମାନେ ବ୍ୟଥିତ ଯେ, କରୁଣା-ଗୁଣିଙ୍କର କରୁଣା ଊଣା ହୋଇଗଲେ ଜୀବନ ତରିକୁ କୂଳରେ ଲଗେଇବା ମୁସ୍କିଲ । ଏଥିପାଇଁ ବ୍ୟକ୍ତିଗତ ଭାବନାରୁ ସବୁ ପ୍ରକାର ଅଭିମାନର ସ୍ୱର କଂପିତ କଣ୍ଠରେ ପଦ୍ୟାବଳୀର ଛନ୍ଦେ ଛନ୍ଦେ ସ୍ଫୁରିତ ହୋଇଥିବା ଦେଖାଯାଏ । କିନ୍ତୁ ଏହି ଅଭିମାନର ଭାଷା ଯେତେ ତାତ୍ପର୍ଯ୍ୟଭରା ଓ ତର୍କିକ୍ ହୋଇ ପଡ଼ୁଛି ଖୁବ୍ ହୃଦୟସ୍ପର୍ଶୀ ।

ତେବେ ଏପରି ଅଭିମାନର କାରଣ କଣ ? କବିଙ୍କର ଯୁକ୍ତି ହେଲା, ଜଗବନ୍ଧୁଙ୍କୁ ଜଗତରନାଥ କହିବା ମିଛ । ଦାତା ବୋଲି ଗଣିବା ମଧ୍ୟ ମାୟା । କାରଣ ସେ ଦିଅନ୍ତି ପୁଣି ଲୁଟି ନିଅନ୍ତି । ବଳିଠାରୁ ଦାନ ନେଲେ ସୁଦାମାକୁ ଦେଲେ, ଶୁକଙ୍କର ନେତ୍ର ନେଲେ ଅନ୍ଧକୁ ଚକ୍ଷୁ ଦେଲେ । ଗୋପୀଙ୍କ ବସ୍ତ୍ର ହରାଇ ଦ୍ରୌପଦୀଙ୍କୁ ପିନ୍ଧାଇଲେ । କୁବଳୟା ହସ୍ତୀକ ମାରିଲେ, କୁମ୍ଭୀର ଗ୍ରାସରୁ ଗଜକୁ ଉଦ୍ଧାରିଲେ । ଏମିତି କେତେ ବିଚିତ୍ର ତାଙ୍କର ଆଚରଣ । ତଥାପି କବିଙ୍କର ବିଶ୍ୱାସ ଯେ, ଦିଆନିଆର ଭାଗଫଳ ସମାନ ହୋଇ ପଡ଼ୁଛି ଜଗନ୍ନାଥେ ହେଉଛନ୍ତି ତାଙ୍କର ପାଳନକାରୀ ଓ ପୋଷଣାକାରୀ !

ଏହି ବିଶ୍ୱାସରେ ମଳାଧୂଳି ନାହିଁ । ଯେତେ ଯାତନା ମିଳୁ ପଛେ ଭକ୍ତ କବିଙ୍କର ଏକାନ୍ତ କାମନା ଯେ, ଜଗବନ୍ଧୁଙ୍କର ଭରସା ମିଳିଗଲେ ସବୁ କ୍ଷତ, ଚନ୍ଦନରେ ପରିଣତ ହୋଇଯିବ । କିନ୍ତୁ ଦୁଃଖ ରହୁଛି ଏଇଠି—କପୋଳ ପରି ଝୁରି ଝୁରି ସୁମରି ସୁମରି ମଧ୍ୟ ହୃଦୟର ତାପ କି ମନର ମୋହ ଊଣା ହେଉନାହିଁ । ଶୋକ ମୋହରେ ଘନ ଘନ ଆଚ୍ଛନ୍ନ ହେଉଛି କବି ମନ । ସଂସାର ହିଁ ପଦ୍ୟାବଳୀର ଆର୍ତ୍ତୀ କବିଙ୍କ ପାଇଁ ଶୋକର ମହାସମୁଦ୍ର । ଏଣୁ ସଂସାରରୁ ପାରିକରିବା ଲାଗି ଜଗବନ୍ଧୁଙ୍କୁ ଏତେ ଆକୁଳ ନିବେଦନ ।

ପୁନଶ୍ଚ କବିଙ୍କର ଅଭିଯୋଗ ଯେ, ଦିନକୁ ଦିନ ସମାଜରେ ଦରିଦ୍ରତମଙ୍କ ସଂଖ୍ୟାବୃଦ୍ଧି ଘଟିବାରୁ ଜଗବନ୍ଧୁଙ୍କର ସିଂହଦ୍ୱାରରେ କୃପାପ୍ରାର୍ଥୀମାନଙ୍କର ଭିଡ଼ ଜମୁଛି । ଯିଏ ସ୍ୱଭାବତଃ ଦୀନଜନ ବନ୍ଧୁ ଆରତତାଣ ସିଏ ଏତେ ଲୋକଙ୍କୁ ସମ୍ଭାଳି ନ ପାରି ସମ୍ଭବତଃ ବାଧ୍ୟ ହୋଇ ଦାରୁଣ ହେଉଛନ୍ତି କିମ୍ବା ଦୀନାର୍ତ୍ତୀଙ୍କୁ କୃପାଧନ

Digitized by srujanika@gmail.com

ବାଣ୍ଟି ବାଣ୍ଟି ରତ୍ନଭଣ୍ଡାର ଶୂନ୍ୟ ହୋଇଚାଲିଣି ବୋଲି ତାଙ୍କ ଦୁଆର ଆଉ ଖୋଲୁନାହିଁ (ଜଣାଣ ନଂ ୧୩୯)।

ଏହା ଯଦି ସତ ହୁଏ, ତେବେ ପଦ୍ୟାବଳୀର କବିଙ୍କ ଦୃଷ୍ଟିରେ ଦୟାସାଗର ଜଗନ୍ନାଥଙ୍କର ଶକ୍ତି କଣ ସୀମିତ ନା ସେ କୃପା କୃପଣ ? ଏହା କେବଳ ଅଭିମାନୀ ଭକ୍ତର ଅଭିବ୍ୟକ୍ତି ମାତ୍ର । ଅଭିଯୋଗର ଅନ୍ତର୍ଭୂମିରେ ଏଠି ଛପି ରହିଛି ଉପଲବ୍ଧିର ନିର୍ଭୁଲ ସଙ୍କେତ । ପ୍ରାଣର ପ୍ରିୟତମ ଜଗନ୍ନାଥଙ୍କ ପଦ୍ୟାବଳୀର କବି ନାନା ଉପଲକ୍ଷ୍ୟ ଦେଇ ଚିହ୍ନାଇ ଚିହ୍ନାଇ ଶେଷରେ ମୁକ୍ତ କଣ୍ଠରେ ଚେତେଇ ଦେଇଛନ୍ତି ଯେ—'ପୂର ରହିଅଛି କରୁଣା ସମୁଦ୍ର ସରିଯିବ ତହୁଁ କେତେ/କୁଶାଗ୍ର ବିନ୍ଦୁରେ ସୁଖୀ ହୋଇବି ମୁଁ, କୋଟିଜନ୍ମ ପରଯନ୍ତେ ।,(ଜଣାଣ ନଂ ୧୪୦)

ଏତେ ବିଭବ ଓ ଐଶ୍ୱର୍ଯ୍ୟର ଅନନ୍ତ ଭଣ୍ଡାର ଥାଇ ଜଗନ୍ନାଥେ ଯଦି ଅନୁଗତଙ୍କ ଦୁଃଖ ଫେଡ଼ିବାକୁ ପଶ୍ଚାଦପଦ, ତେବେ କବିର ବିପୁସ୍ଥ ହେଉଛି;—'ଦାହାକୁ ମୁଁ କରିବଇଁ ସାକ୍ଷୀ ହେ ଚକାଅକ୍ଷି ।' (ଜଣାଣ ନଂ ୧୪୧) । ଚକାଅକ୍ଷିଙ୍କ ବିନା ଆଉ କିଏ ତାଙ୍କର ସାହାପଣ ଯେ ଖେଦ ଜଞ୍ଜାଳରୁ ଉଦ୍ଧାର ଲାଗି ଗୁହାରି କରିବେ ? ପଦ୍ୟାବଳୀର କବିମାନଙ୍କର ବକ୍ତବ୍ୟ ହେଉଛି—ସେମାନେ ଯାହାଙ୍କର ପାଦସେବା କରି ତପସ୍ତର୍ଯ୍ୟାରେ ଜୀବନ ବିତେଇଲେ ତାହାଙ୍କୁ ଯଦି ଜଗନ୍ନାଥେ ଘୋର ସଙ୍କଟରୁ ଉଦ୍ଧାର ନ କରିବେ ତେବେ ତାହା ପକ୍ଷପାତି ଦୋଷ ହେବ ନାହିଁ କି ?

କବିଙ୍କର ଏପରି ବକ୍ତବ୍ୟରୁ ଯେଉଁ ମନୋଭାବର ପରିଚୟ ମିଳିଥାଏ ତାହା କେବଳ ଜଣେ ଶରଣାଗତ କିଙ୍କରର ମନୋଭଙ୍ଗୀ ନୁହେଁ, ଭୟ-ବିମୁକ୍ତ ଏବଂ ନିର୍ମଳ ଚିତ୍ତ ବିଶ୍ୱାସୀ ସେବକର ଉକ୍ତି ।

ଅତଏବ ମନେହୁଏ ଯେ, ପଦ୍ୟାବଳୀର କବିଗଣ ଜଗନ୍ନାଥଙ୍କୁ ଯେଉଁ କଣ୍ଠରେ ଗୁହାରି ଜଣାଇଛନ୍ତି ତାହା ଜ୍ଞାନ-ପ୍ରବୁଦ୍ଧ କୌଣସି ଯୋଗୀର ନୁହେଁ, ସଂସାରିକ ମାୟାବର୍ତ୍ତରେ ପ୍ରପୀଡ଼ିତ ଭଗବଦ୍ଭକ୍ତ ବିଳାପୀର । ଏଣୁ ଏହା ସ୍ପଷ୍ଟ ଯେ, ପଦ୍ୟାବଳୀର କବିଗଣ ଜଣେ ଜଣେ ସଂସାରୀଭକ୍ତ ମଣିଷ ପୁଣି ଇଷ୍ଟପ୍ରାଣ ତପସ୍ୱୀ । ଏମାନଙ୍କର ମାନସ-ଭୂମି ଏହି ଦୁଇଟି ଅବସ୍ଥାର ପ୍ରତିଫଳନରେ ପୁଷ୍ଟ । ସଂସାରୀ ହେଉ କି ତପସ୍ୱୀ ହେଉ, ତାଙ୍କ ପାଇଁ ଜଗନ୍ନାଥେ ହେଉଛନ୍ତି—ଧ୍ୟାନ, ଜ୍ଞାନ ଓ ମୁକ୍ତି ଦାତା ଭଗବାନ (ଜଣାଣ ନଂ ୧୫୧) ।

ଜଗନ୍ନାଥଙ୍କୁ ନାନାମନ୍ତେ ନିବେଦନ କରି ଯେତ କବିମାନେ ବାଞ୍ଛିତ ଫଳ ଭୋଗରେ ବିଫଳ ହୋଇଛନ୍ତି, ସେତେବେଳେ ସେମାନଙ୍କର ଭାବନାରେ ପ୍ରକାଶ

Digitized by srujanika@gmail.com

ପାଇଛନ୍ତି ଯେ—''ଭଲ ପଟେ ଲେଖା କେ ଆନ କରିବ, ଯାହା ଥିବ ସେ ଫଳିବ/ ଭଗାର ହସିବେ, ଭଲ ସେବ ଥିଲା ଏ ପଗ୍ ଧାନ ବାନ୍ଧିବ।'' (ଜଣାଣ ନଂ ୧୭୪)

ଏତାଦୃଶ ଜିଜ୍ଞାସାରୁ ମନେହୁଏ ଯେ, ପଦ୍ୟାବଳୀର କବି ଜଣାଣ ରଚନା-ମାନଙ୍କରେ ବ୍ୟକ୍ତିଗତ ଦୈନ୍ୟ ବା ଆତ୍ମପୀଡ଼ାର ଆଭାସ ଦେବା ସଙ୍ଗେ ସଙ୍ଗେ ଏଥିରୁ ମୁକ୍ତ ହେବା ଲାଗି ଭାଗ୍ୟ ଓ ଭଗବାନ—ଦୁଇ ଶକ୍ତିର ସହାୟତା ଲୋଡ଼ିଛନ୍ତି। ଇଷ୍ଟଙ୍କୁ ନିରନ୍ତର ସ୍ମରି ସ୍ମରି କମ୍ପା ଅନ୍ତରଙ୍ଗ ଉପାସନା କରିବା ସତ୍ତ୍ୱେ ଯଦି କେବେ ବ୍ୟର୍ଥତା ଆସିଛି, ତେବେ କବିଗଣ ବୁଝିଛନ୍ତି ଯେ—ଲଲାଟ ଲିଖନ ବଦଳେଇବାକୁ କେହି ନାହିଁ। ଭାଗ୍ୟର ଶକ୍ତି କି କଣ ଭଗବତ୍ ଶକ୍ତି ହଟେଇ ପାରେ ?

ଅତଏବ ଏଥିରୁ ପ୍ରତୀତ ହୁଏ ଯେ ଜଣାଣ ରଚୟିତାଗଣ ପ୍ରାୟ ଭାଗ୍ୟବାଦୀ। ଜାଗତିକ ବ୍ୟର୍ଥତା ତାଙ୍କୁ କବଳିତ କରିଛି ଏବଂ ଭାଗ୍ୟ ପ୍ରତିକୂଳ ହୋଇଛି ବୋଲି ସେମାନେ ଜଗନ୍ନାଥଙ୍କୁ ଗୁହାରି କରି ଅବସ୍ଥାରୁ ମୁକ୍ତ ହେବାକୁ କାମନା ପୋଷିଛନ୍ତି। ତେବେ କଣ ସେମାନେ ସ୍ୱତଃ ପ୍ରବୃତ୍ତ ଭକ୍ତ ନୁହଁନ୍ତି ନା ସେମାନଙ୍କର ଆନୁଗତ୍ୟରେ ଐକାନ୍ତିକତା ନାହିଁ ? କବିମାନସରେ ଭକ୍ତିବୋଧର ପ୍ରଭାବ କେତେ ଗଭୀର—ଏହାର ନିର୍ଣ୍ଣୟ ଉପଲବ୍ଧି ଓ ବିଶ୍ଳେଷଣ ଉପରେ ନିର୍ଭର କରେ। ପଣ୍ଡିତର ଦୃଷ୍ଟି ଏବଂ ସମ୍ବେଦନାର ହୃଦୟ—ଉଭୟଙ୍କର ସହାୟତା ବିନା ଏହାକୁ ଯଥୋଚିତ ମୂଲ୍ୟ ଦେଇ ବିଗ୍ଭର କରିବା ସମ୍ଭବ ନୁହେଁ। କାରଣ ଜ୍ଞାନ ଓ ପ୍ରେମ—ଉଭୟର ତ ସମାହାର ଏଇଠି।

ଆର୍ତ୍ତୀ କବିର ଇଷ୍ଟ ଭାବନା

ଜ୍ଞାନ-ଦୀପ୍ତ ଦୃଷ୍ଟିରେ ବୁଝିଲେ ଜଗନ୍ନାଥେ ହେଉଛନ୍ତି ମାନବ ବିଶ୍ୱାସର ଭାବମୂର୍ତ୍ତି, ପ୍ରେମଶକ୍ତିରେ ଚହ୍ନିଲେ ସେ ହେବେ ଲୀଳାମୟ। ଓଡ଼ିଆ କବିଗଣ ପ୍ରେମଭିକ୍ଷୁ ମନ ନେଇ ଜଗନ୍ନାଥଙ୍କୁ ଭଜିଛନ୍ତି, ପ୍ରାଣରେ ପ୍ରାଣ ମିଶାଇଛନ୍ତି। ଭାବରେ ମଜ୍ଜିଛନ୍ତି ଭୋଗ ପାଇଁ ଆତୁର ହୋଇ ପଡ଼ିଛନ୍ତି। ଅଭୟମନା ହୋଇ ଆପଣାର ସକଳ ଅଭିଳାଷକୁ ନିଃସଂକୋଚରେ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିବ୍ୟକ୍ତିର ସ୍ୱର ଓ ଲକ୍ଷଣାଲକ୍ଷଣରୁ ପ୍ରତୀତ ହୁଏ ଯେ, କବି ଓ ଇଷ୍ଟ ସତେ ଯେପରି ଏଠି ଏକାକାର। ଜଗନ୍ନାଥେ ଯେମିତି କଳୁଷ-ହର, ସେମିତି ମଧ୍ୟ ବିପତ୍ତିଦାତା। ତେଣୁ କବିଙ୍କର ଯୁକ୍ତି ହେଲା—'ଚକାଡ଼ୋଳା ଚହ୍ଲବାହାକୁ ଦୋଷ ନ ଦେଇ ମୁଁ ଦେବି କାହାକୁ'। (ଜଣାଣ ନଂ ୧୮୨)।

ଯିଏ ଦୀନ, ସେ ହିଁ କେବଳ ଆର୍ତ୍ତୀ—ଏପରି ବିଗ୍ଭର ଭୁଲ। କାରଣ ଜଗନ୍ନାଥଙ୍କ ନିକଟରେ କି ଗଜପତି କି ପ୍ରଜା ଉଭୟ ଆର୍ତ୍ତୀ, ଗୁହାରିଆ ପଣରେ

Digitized by srujanika@gmail.com

ରଜା । ତାଙ୍କ ଆଖିରେ ଜଗନ୍ନାଥେ ବନ୍ଧୁ ଗୁଣରେ ଦୀନବାନ୍ଧବ, ମାତ୍ର ବ୍ୟତିକ୍ରମ ହେଉଛି 'ଦୀନବାନ୍ଧବ ହୋଇ ଦାନେ ଦୟା ନୋହିଲା, ତୋ ଭରସା କରି ହରି ! ବୃଥାର୍ଥେ ପ୍ରାଣ ଗଲା' । (ଜଣାଣ ନଂ ୧୮୭) । ଏହା ଯେପରି ବ୍ୟର୍ଥ ଭାବନାର ଗୋଟିଏ ଦିଗ, ଅନ୍ୟ ଦିଗଟି ସେହିପରି ସାର୍ଥମନୋରଥର ଏକ ପରିଚ୍ଛନ୍ନ ପ୍ରକାଶ— 'ଚକାଡୋଳା ଚକ୍ରକର କଳା, ଚତୁର୍ବର୍ଗ ଦାମ୍ଭୀ ନନ୍ଦର ବଳା, ଗୁହିବା ମାତ୍ରକେ ଦୂରିତ ପଳାଏ, ଯୋଗକ୍ଷେ ନ ରହେ ସଂସାର ଜାଳା' । (ଜଣାଣ ନଂ ୧୮୯) ।

ଏହିପରି ବିଶ୍ୱାସ ଯେଉଁଠି ମୂଳ, ସେଠି ମଣିଷ ଓ ଭଗବାନଙ୍କ ଭିତରେ ବ୍ୟବଧାନ କାହିଁ ? ଅତି ପାଖାପାଖି ସେମାନେ । ପରିବାରର ପିତାମାତାଙ୍କ ପରି ମଣିଷ ଓ ଭଗବାନଙ୍କର ସମ୍ପର୍କ । ଏଥିପାଇଁ ସିନା କବି ସ୍ୱତଃ ଦାବୀ କରିବ ସେ— 'ଜାହା ଆଗେ ଆଉ କହିବ ଦୁଃଖ, ମହାବାହୁ ଥାଉଁ ହେଲି ନିରେଖ, ଆହା ବୋଲିବାକୁ ମୋତେ କେହିତେ, ସାହା ନାହିଁ ତୁମ୍ଭ ବିନୁ ଜଗତେ ପ୍ରଭୁ ଜଗନ୍ନାଥ, ତୁମ୍ଭେ ନ ରଖିଲେ ହେଲି ଅନାଥ' । (ଜଣାଣ ନଂ ୧୯୯) । ଏହା କବି ପ୍ରାଣର ଅନୁନୟ ନିଶ୍ଚୟ । କିନ୍ତୁ ଅନୁନୟୋକ୍ତି ଉଚ୍ଚାରଣ ସାଥେ ସାଥେ, କବି କଣ୍ଠରୁ ଅଧିକାରର ଦୃଢ଼ବାଣୀ ମଧ୍ୟ ସ୍ଫୁରିତ—'ଆଜାନୁ ବାହୁ ମୁଁ ପତିତ ଜଣେ, ଅଜାମିଳୁ ବଳି ସହସ୍ର ଗୁଣେ, ଲଜ୍ଜାହାରି ନ ତାରିଲେ ନିକର, ଧ୍ୱଜାଚକ୍ରରୁ ବନ୍ଧନ ଛିଡ଼ିବ ହେ ।, (ଜଣାଣ ନଂ ୨୦୭)

ଅନୁନୟ କିମ୍ବା ଅଭିମାନ ସହିତେ ବିଭିନ୍ନ ସ୍ଥଳରେ କବି ତୁଣ୍ଡରୁ ଅଧିକାର ବା ଦମ୍ଭୋକ୍ତି ପ୍ରକାଶ ପାଇବା ମୂଳରେ ଏଇ ପ୍ରେମସର୍ବସ୍ୱ ଇଷ୍ଟ ଭାବନାର ସଙ୍କେତ ବିଦ୍ୟମାନ । ପୁଣି କେତେକ କ୍ଷେତ୍ରରେ ସରଳ ଭକ୍ତ ପ୍ରାଣର ନିସ୍ପୃହ ଉଚ୍ଛ୍ୱାସ ମଧ୍ୟ ନିଃସୃତ । କବିର ଦୃଷ୍ଟି ଯେପରି, ତାହାର ଇଷ୍ଟ ସେହିପରି,—'ଦୀନ ବନ୍ଧୁ ହେ, ବନ୍ଧୁ ତୁମେ ମୋହର । ଯିଏ ଯେଉଁ ପରି ଭାବିଛି ତୁମ୍ଭଙ୍କୁ, ସେହି ଅନୁସାରେ ତୁମ୍ଭେ ତାହାର ।' (ଜଣାଣ ନଂ ୨୧୪) । କବି ସରଳ ପ୍ରାଣରେ ଯାଚଞ୍ଚା ପ୍ରକାଶ କରି ସୂଚେଇଛି—'ଦିଅ ମୋତେ ଭକତି କରି, ଆହେ ମୋର ଭକତ ପ୍ରିୟ । ଉଚ୍ଚ ପଦେ ନାହିଁ ମୋ ଆଶା, ତୁଚ୍ଛ ବୋଲି କଲି ନିଶ୍ଚୟ ।' (ଜଣାଣ ନଂ ୨୧୭) । ଏଠି ପାର୍ଥିବ ଅଭିଳାଷ ଆଦୌ ନାହିଁ, ଅଛି ପ୍ରେମମୟ ଭକ୍ତିର ସମ୍ପର୍କ । ପ୍ରେମର ଉଚ୍ଚାରଣ ଯେଉଁଠି ସରଳ ଓ ଅନ୍ତର୍ଭେଦୀ, କବିଗଣ ସେଠି ତନ୍ମୟ ଓ ତଦ୍‌ଗତପ୍ରାଣ ।

କିନ୍ତୁ ଜ୍ଞାନର ଚକ୍ଷୁର ଅବବୋଧ ହେଲେ ସେମାନେ ଆବେଗ ପ୍ରବଣ ହୋଇ ଯାଇ ନଥାନ୍ତି । ଅନୁସନ୍ଧିତ୍ସୁ ହେବାକୁ ଶ୍ରେୟ ମଣିଛନ୍ତି । ରହସ୍ୟର ଅତଳ ଗର୍ଭରେ ବୁଡ଼ିଛନ୍ତି, ଜ୍ଞାନ-ମଞ୍ଜି ଆହରଣ ପାଇଁ କଠୋର ଆବରଣ ଭେଦ କରିଛନ୍ତି । ଜ୍ଞାନ

Digitized by srujanika@gmail.com

ଆତ୍ମା ଓ ପରମାତ୍ମା, ଶୂନ୍ୟ, ଠୂଳ, ବ୍ରହ୍ମ ଇତ୍ୟାଦିର ଗୂଢ଼ାର୍ଥ ଅନ୍ୱେଷଣ ପାଇଁ ଯତ୍ନ କରିଛନ୍ତି । ଏହି ମନୋବୃତ୍ତି ସେମାନଙ୍କୁ ଯୋଗୀ କରିଛି, ତପସ୍ୱୀ ହେବାକୁ ପ୍ରବୃତ୍ତ କରିଛି । ଫଳତଃ ନାମ ଓ ଲୀଳାର ଆଶ୍ରୟଠାରୁ ସେମାନେ ଦୂରେଇ ଯାଇଛନ୍ତି । ଏପରି ଆଚରଣ ଭକ୍ତ କବିମାନଙ୍କଠାରେ ସ୍ଥାୟୀ ହୋଇ ରହି ନ ଥିଲେ ବି ସମୟ ସମୟରେ ଏହାର ପ୍ରକାଶ ଦେଖା ଦେଇଛି ।

ପଦ୍ୟାବଳୀର କବିକୁଳ ଏହି ଦୃଷ୍ଟିରୁ ଏକାଧାରରେ କବି ଓ ସନ୍ନ୍ୟାସୀ ଶ୍ରେଣୀର । ସନ୍ନ୍ୟାସୀର ସାଧନା ଓ ଏକାଗ୍ରତା ସହିତେ କବିର ଅନୁଭୂତି ଲବ୍ଧ ଉଚ୍ଛ୍ୱାସମୟ ପରିପ୍ରକାଶ କଣାଣ ରଚନାବଳୀରେ ପ୍ରଚୁର ।

—※—

(୧୯୬୭-୧୯୮୦)

[ଶ୍ରୀ ଜଗନ୍ନାଥ ପଦ୍ୟାବଳୀ (୧ମରୁ ୪ର୍ଥ ଭାଗ)ରେ ସନ୍ନିବିଷ୍ଟ ସଂପାଦକୀୟ]

Digitized by srujanika@gmail.com

ସାହିତ୍ୟ ଓ ସାହିତ୍ୟବୋଧ

ସାହିତ୍ୟ-ନଦୀ ବହି ଚାଲିଛି ତଟ ପରେ ତଟ ସୃଷ୍ଟି କରି, ଘାଟ ପରେ ଘାଟ ଥାପି ଜନ୍ମଭୂଇଁର ଗୌହଦୀ ଡେଇଁ, ମାଡ଼ି ଯାଇଛି ରାଜ୍ୟରୁ ରାଜ୍ୟାନ୍ତର । ତେବେ ଏତେ ବିସ୍ତୃତ ଯେଉଁ ସାହିତ୍ୟର ସାମ୍ରାଜ୍ୟ, କିଏ ଏହାର କ୍ଷେତ୍ରପାଳ ? ବାଲ୍ମୀକି ଓ କାଳିଦାସ ପ୍ରଭୃତି କବିଗଣ, ନା ଅଭିନବ ଗୁପ୍ତ ବା ବିଶ୍ୱନାଥ ଆଦି ଆଚାର୍ଯ୍ୟଗଣ ? ଅନେକ ସମୟରେ ପ୍ରଶ୍ନ ବି ଉଠିଛି, "ବାଲ୍ମୀକି ଓ କାଳିଦାସ ପ୍ରଭୃତି କବିମାନଙ୍କୁ ସମ୍ମୁଖରେ ନ ରଖି ଆମେ କଣ କୌଣସି ଆନନ୍ଦବର୍ଦ୍ଧନଙ୍କୁ କଳ୍ପନା କରିପାରୁଁ ?" ସାହିତ୍ୟ ବ୍ୟାପାରରେ କାଳିଦାସ ଓ ଆନନ୍ଦବର୍ଦ୍ଧନଙ୍କୁ ସାନ ବଡ଼ ବିଚାରରେ ଭିନେ କରିବା ମୁସ୍କିଲ । ସାରସ୍ୱତ ସୃଷ୍ଟି ନିର୍ମିତିରେ ଦୁହିଁଙ୍କ ଭିତରୁ କାହାରି ଭୂମିକା କୌଣସି ଗୁଣରେ ନ୍ୟୂନ ନୁହେଁ ।

ସାହିତ୍ୟ ଓ ସାହିତ୍ୟାନୁଶୀଳନ, ପ୍ରକାଶ ବୃତ୍ତିର ଦୁଇଟି ଅଙ୍ଗ ମାତ୍ର । ସାହିତ୍ୟ ଏକ ସ୍ରୋତ ହେଲେ, ସାହିତ୍ୟାନୁଶୀଳନ ହେଉଛି ତାହାର ଶଯ୍ୟା । ଶଯ୍ୟା ବନ୍ଧୁର ଓ କଂକରିଳ ହୋଇଥିଲେ ସ୍ରୋତର ଗତି ସେତେ ସରଳ ଓ ସ୍ୱଚ୍ଛନ୍ଦ ହେବନାହିଁ । ସେହିପରି ସାହିତ୍ୟ-ସ୍ରୋତସ୍ୱିନୀର କଥା । ଶଯ୍ୟାର ଆଧାରରେ ଏହାର ବେଗ ଓ ବାଗ ଛନ୍ଦାୟିତ ହୋଇଥାଏ, ଏଥିରେ ସ୍ୱଚ୍ଛତା ଓ କମନୀୟତାର ଆକର୍ଷଣ ଫୁଟି ଉଠେ । ନଦୀ ଆପଣା ଶଯ୍ୟାକୁ ଭୁଲେ ନାହିଁ, ହୁଏତ କେତେବେଳ କେମିତି ଗତିପଥ ପରିବର୍ତ୍ତନ କରିପାରେ । ସାହିତ୍ୟ ପ୍ରବାହରେ ମଧ୍ୟ ଗତି ପରିବର୍ତ୍ତନ ଘଟେ, ଇହିଁରୁ ନୂଆ ଦିଗର ସଂକେତ ମିଳେ ଓ ନୂଆ ମର୍ମକାକଳୀ ବି ଶୁଭାଯାଏ । ସାହିତ୍ୟରେ ଘଟିଥିବା ଯାବତୀୟ ଆନ୍ଦୋଳନ ଏଇ ଗତି ପରିବର୍ତ୍ତନର ପରିଣାମ ବିନା ଅନ୍ୟ କିଛି ନୁହେଁ ।

ସାହିତ୍ୟ ଯଦି ସୃଷ୍ଟିର ଅନ୍ଦରର ଘରେ ଗୋପ୍ୟ ହୋଇ ରହୁଥାନ୍ତା, ଲୋକଙ୍କ ସଙ୍ଗତରେ ମିଶୁ ନ ଥାନ୍ତା, କି ସେବକ ଓ ଫଳଭୋଗୀମାନଙ୍କୁ ପାଖ ମଡ଼େଇ ଦେଉ ନ ଥାନ୍ତା, ତାହେଲେ କେଉଁଠି ହେଲେ କିଛି ଆଲୋଡ଼ନ ଘଟନ୍ତା ନାହିଁ । ଗଛ, ପାଣି, ପବନ ଓ ମଣିଷର ମନ କେହି ବଦଳନ୍ତେ ନାହିଁ, ସାହିତ୍ୟ ଟମ୍ପୀବୃଷ୍ଟିର ଦୁଆର ଫିଟନ୍ତା ନାହିଁ କି କାଳିଦାସ, ବାଲ୍ମୀକି ପ୍ରଭୃତିଙ୍କର ଅକଳ୍ପ ଶୟନ ଭାଙ୍ଗନ୍ତା ନାହିଁ । ତେବେ ସାହିତ୍ୟ, ସାହିତ୍ୟ ବୋଲି ଚିହ୍ନା ପଡ଼ନ୍ତା କିପରି ?

Digitized by srujanika@gmail.com

ଏଣୁ ସାହିତ୍ୟର ମର୍ମ ଚିହ୍ନିବା ପାଇଁ ସହୃଦୟଙ୍କ ଲୀଳା, ଲାଳନପାଳନର ଦାୟ । କବି ଓ ସହୃଦୟ-ଛନ୍ଦାଛନ୍ଦି ଏମାନଙ୍କର ସମ୍ପର୍କ । ଖିଅଟିଏ କେଉଁଠୁ ଝସିଗଲେ ଲାଳନ-ସୂତ୍ର ଛିଣ୍ଡି ଯାଏ । ସାହିତ୍ୟକୁ ଅସଲ ମୂଲ ଦେଇ ମନର ଚଉହଦି ଭିତରକୁ ବରଣ କରି ଘେନିଯିବା ସହଜ ହୁଏ ନାହିଁ । ମୂଲ୍ୟବୋଧ ସହ ପ୍ରତ୍ୟକ୍ଷ ପରିଚୟ ଘଟିଲା ଉତ୍ତାରୁ, ସାହିତ୍ୟ ଦେଉଥିବା ଅଙ୍ଗୀକାରକୁ ଜୀବନର ବଳ ବୋଲି ମାନି ନେବାକୁ ଭାରି ଇଚ୍ଛା ହୁଏ । ଏଇଠି ସାହିତ୍ୟ ସମସ୍ତଙ୍କ ପାଇଁ ହୋଇଯାଏ ଏକ ପ୍ରେରଣା, ଏକ ପ୍ରତ୍ୟୟ, ଏକ ଆଶ୍ରୟ ନିକେତନ । କିନ୍ତୁ ଅପର ପକ୍ଷରେ, 'ବିଳାସ-ରସ' ଅଭିଧାରେ ସାହିତ୍ୟକୁ ଚିହ୍ନୁଥିବା ଯାକେ ସ୍ୱବର-ଅକ୍ଷରଗୁଡ଼ିକ ଫୁଲ ଶେଯର କୁସୁମଝରି ତୁଲ୍ୟ ମନେହୁଅନ୍ତି, ବିଳାସୀ-ବିନୋଦିଅଙ୍କୁ ଶିହରିତ କରୁଥିବା କେତେ ଶ୍ଳୋକ-ସଂପୁଟ ବୋଲି ଜଣା ପଡ଼ନ୍ତି ।

ସାହିତ୍ୟ ଏକ ବିଳାସ ନା ଏକ ଅଙ୍ଗୀକାର—ଏଇ ମୌଳିକ ପ୍ରଶ୍ନ ଘେନି ନାନା ଦ୍ୱନ୍ଦ୍ୱ, ନାନା ମତର ଆଲୋଡ଼ନ କାଳେ କାଳେ ସାହିତ୍ୟ ଭୂମିରେ ଦେଖା ଦେଇଛି । ଅତୀତରୁ ଅଦ୍ୟାବଧି ଦେଶ ବିଦେଶର ବହୁ ମନୀଷୀ ଓ ତତ୍ତ୍ୱଜ୍ଞ ସ୍ରଷ୍ଟାକୁଳ ଏଇ ପ୍ରଶ୍ନଟିର ସମାଧାନ ପାଇଁ ଆପଣା ବାଟରେ ବିବିଧ ଉଦ୍ୟମ କରିଛନ୍ତି । ଅସଲ ସମସ୍ୟାଟିର ସମାଧାନ କରୁଁ କରୁଁ ସେମାନେ ପୁନଶ୍ଚ ନୂଆ ପ୍ରଶ୍ନ, ନୂଆ କୌତୂହଳର ଅଜ୍ଞାତ ଇଲାକାରେ ପ୍ରବେଶ କରିଛନ୍ତି ସିନା ମୂଳ ପ୍ରଶ୍ନର ସମାଧାନ ଏଯାଏଁ ଘଟିନାହିଁ ।

ପ୍ରାଚୀନ ଯୁଗରୁ ଅଦ୍ୟାବଧି ସାହିତ୍ୟକୁ ବିଳାସ ବୋଧର ଆକର୍ଷଣରେ ନେଇ ବା ଅଙ୍ଗୀକାର-ପ୍ରବଣତା ପାଇଁ ନେଇ ଗ୍ରହଣ କରାଯାଉଥିଲେ ମଧ୍ୟ ସାହିତ୍ୟରୁ ବହିଃଅଙ୍ଗ-ବିଳାସର ଉପାଦାନ ଖୋଜିବା ପାଇଁ ଆଗ୍ରହ ହିଁ ମୂଲ୍ୟ-ସନ୍ଧାନୀ ମନୋ-ବୃତ୍ତିରେ ବାଧା ଉପୁଜାଉଛି । ସାହିତ୍ୟର ବହିରଙ୍ଗ ପରିଧି ଭିତରେ ବିଚରଣ କରୁଥିଲେ; ସନ୍ଧି-ସମିଧମାନଙ୍କରେ ଅପରିମିତ ଅଭିନନ୍ଦନ, ବା ସ୍ୱାମୂସିକ୍ତାଗ୍ନି ବିନ୍ୟାସ ପ୍ରତି ବିଶେଷ ଧ୍ୟାନ ଦେଉଥିଲେ. ବିଳାସ-ପ୍ରମତ୍ତତା ଆଗକୁ ଫୁଟି ଦିଶିବ ସିନା, ମୂଲ୍ୟବୋଧ ଅନୁସନ୍ଧାନୀ ମନୋବୃତ୍ତି ପ୍ରକାଶ ପାଇବ କି ?

ତେଣୁ ସାହିତ୍ୟରେ ପ୍ରତିଫଳିତ ଜୀବର ଅକ୍ଷର ସମୃଦ୍ଧ ମନ ଭିତରେ ପଶି, ଭିତର ମନକୁ ଚିଆଁଇବାରେ ଯେ ଝୂନ୍ ଦକ୍ଷ, ତାହାଙ୍କର ଶକ୍ତି 'ରସ-ବିଳାସ କୌତୂହଳ'ଠାରୁ ଆହୁରି ଅଧିକ—ଏଇ ଆଭିମୁଖ୍ୟର ଆଭାସ ପ୍ରାଚୀନ ଓ ପାରମ୍ପରିକ 'ସାହିତ୍ୟ-ବିଦ୍ୟା'ରୁ ଆମେ ପାଉନାହିଁ । ବରଂ ଏହାର ସୂଚନା ମିଳେ ଆଧୁନିକ ସାହିତ୍ୟ-ବିଦ୍ୟାର ବୈଚିତ୍ର୍ୟମୟ କୃଷ୍ଟିରୁ—ଯାହାର ବିଶେଷ ଧ୍ୟେୟ

Digitized by srujanika@gmail.com

ହେଉଛି—ସାହିତ୍ୟରୁ ମୂଲ୍ୟବୋଧର ଅନ୍ୱେଷଣ ଏବଂ ତାହାର ପ୍ରୟୋଗାତ୍ମକ ଉପଯୋଗିତା ବିଚାର । ବସ୍ତୁତଃ ସହୃଦୟଙ୍କ ସାହିତ୍ୟ-ଚର୍ଚ୍ଚାର ଏଇ ଧାରା ହିଁ ଯଥାର୍ଥରେ ସାହିତ୍ୟ ସମାଲୋଚନା । 'ସାହିତ୍ୟ-ଚର୍ଚ୍ଚା' ଅର୍ଥ ସାହିତ୍ୟକୁ ସାହିତ୍ୟ ହିସାବରେ ଚର୍ଚ୍ଚିବା, ଭଲ ପାଇବା, ବୁଝି ବୁଝାଇବାର ବୃତ୍ତି । ସାହିତ୍ୟ-ଚର୍ଚ୍ଚା ପ୍ରବୃତ୍ତି ଯେଉଁଥିରେ ପ୍ରତିଫଳିତ, ସାହିତ୍ୟର ଜୀବକୋଷକୁ ସଞ୍ଜୀବିତ କରାଇବାରେ ଯିଏ ସମର୍ଥ, ସିଏ ହେଉଛି ସାହିତ୍ୟ-ବିଦ୍ୟା, ସାହିତ୍ୟ-ଏଷଣା ବା ସମାଲୋଚନାର ଅନ୍ୟନାମ ।

ବିଭିନ୍ନ ଦିଗରୁ ସାହିତ୍ୟକୁ, ସାହିତ୍ୟ ହିସାବରେ ଚର୍ଚ୍ଚା ଯାଇପାରେ । ସାହିତ୍ୟ-ତତ୍ତ୍ୱର ଭୂମିକାରେ ସାହିତ୍ୟକୁ ଚର୍ଚ୍ଚିବା ହେଉଛି ତନ୍ମଧ୍ୟରୁ ଅନ୍ୟତମ । ଏହାଦ୍ୱାରା ସାହିତ୍ୟର କ୍ଷେତ୍ର-ବ୍ୟାପ୍ତି ଘଟେ, ସାହିତ୍ୟ-ବସ୍ତୁରୁ ସାହିତ୍ୟ ଗୁଣର ପ୍ରକାଶ ଚିହ୍ନଟ ହେବା ସଙ୍ଗେ ସଙ୍ଗେ ଦର୍ଶନର ଅବବୋଧ ମଧ୍ୟ ଜନ୍ମିଥାଏ । ସାହିତ୍ୟ-ତତ୍ତ୍ୱଜ୍ଞ ସମାଲୋଚକ ଏକାଧାରରେ ଜଣେ ଦାର୍ଶନିକ ଓ ଜଣେ ରସାମୋଦୀ ବିଦଗ୍ଧ ପାଠକ । ନିଃସଙ୍ଗ ଅବସ୍ଥାରେ ଥାଇ ସାହିତ୍ୟ-ସଂବେଗ କରୁଥିବା ସମାଲୋଚକ ମଧ୍ୟ ସାହିତ୍ୟକୁ ସାହିତ୍ୟ ହିସାବରେ ଦେଖିଥାଏ । ଏ କ୍ଷେତ୍ରରେ କୌଣସି ପ୍ରକାର ମାନବୀୟ ସମ୍ପର୍କ ଜାଲ, ପ୍ରିୟ-ଅପ୍ରିୟ ଭାବନା, ଚର୍ଚ୍ଚା-ପରିଚୟର ଭ୍ରାନ୍ତି, ସମାଲୋଚକର ଚେତନ-ସତ୍ତାକୁ କବଳିତ କରିପାରେ ନାହିଁ । ସାହିତ୍ୟ-ବସ୍ତୁ ବିନା ତାହାର ଆଉ କେହି ନାହିଁ, ସବୁଥିରୁ ସେ ବିଚ୍ଛିନ୍ନ, ସତେ ଯେପରି ନିରାଲମ୍ବ ଏକ ମଗ୍ନ ବ୍ୟକ୍ତିତ୍ୱ ।

ସମାଲୋଚକର ଦୃଷ୍ଟି ଏଠି ଖୁବ୍ ଅନ୍ତର୍ଭେଦୀ, ଗଭୀର-ଗାମୀ ଅନୁଶୀଳନ ହେଉଛି ତାଙ୍କର ଲକ୍ଷ୍ୟ । କେବଳ ବ୍ୟାଖ୍ୟା ସାହାଯ୍ୟରେ ଅଶିକ୍ଷିତ ପାଠକଙ୍କୁ ଶିକ୍ଷିତ କରାଇବା, ଅଜ୍ଞାନଙ୍କୁ ଜ୍ଞାନ ଦେବା, ଉଦାସୀନଙ୍କୁ ଜାଗ୍ରତ କରିବା, ଅନାଗ୍ରହୀଙ୍କୁ ଅନୁରାଗୀ କରିବା ଲାଗି ଗୁରୁପଣିଆ—ଏଇ ଶ୍ରେଣୀର ସମାଲୋଚକଙ୍କୁ ଆଦୌ ରୁଚେ ନାହିଁ । କାରଣ ଶୁଦ୍ଧ ସମାଲୋଚନାର ଲକ୍ଷ୍ୟ, ପାଠକ ନୁହନ୍ତି; ଲକ୍ଷ୍ୟ ହେଉଛି ସାହିତ୍ୟ-ବସ୍ତୁ; ତାହାର ଉତ୍କର୍ଷ ଅପକର୍ଷ ଅନ୍ୱେଷଣ । ମୂଲ୍ୟ ଦୃଷ୍ଟିରୁ କୌଣସି ରଚନା ବିଶେଷକୁ ଅନ୍ୟ ମୂଲ୍ୟବାନ ସାହିତ୍ୟ-ବସ୍ତୁ ସଙ୍ଗେ ମିଳେଇ ଦେଖିବା, ମାନବ ସଂସ୍କୃତି ଓ ଐତିହ୍ୟର ଭୂମିକାରେ ଏହାର ମାନ ନିର୍ଣ୍ଣୟ କରିବା, ତଦାତ୍ମ୍ୟବିଧି (Introspective Method) ବଳରେ ସାହିତ୍ୟ ବସ୍ତୁରୁ ସ୍ରଷ୍ଟା-ମାନସ ପ୍ରତ୍ୟକ୍ଷ କରିବା, ଶିଳ୍ପ ଧର୍ମର ସୌନ୍ଦର୍ଯ୍ୟ ଖୋଜିବା, ଇତ୍ୟାଦି ହେଉଛି ଏଇ ସମାଲୋଚନାର ଲକ୍ଷ୍ୟ; ଏହାକୁ କୁହାଯାଏ ଶୁଦ୍ଧ ସମାଲୋଚନା । ବ୍ୟାଖ୍ୟାର ପ୍ରତିପତ୍ତିକୁ ଏଠି ସ୍ୱୀକାର କରାଯାଏ ନାହିଁ । ସମାଜତତ୍ତ୍ୱ, ମନସ୍ତତ୍ତ୍ୱ, ନନ୍ଦନତତ୍ତ୍ୱ

Digitized by srujanika@gmail.com

ଓ ପୁରାତତ୍ତ୍ୱ ପ୍ରଭୃତି ବିଦ୍ୟାର ପ୍ରାସଙ୍ଗିକ ଭୂମିକାରେ ସାହିତ୍ୟର ମୂଲ୍ୟ ଚିହ୍ନିବା ଲାଗି ଏଠି ଯତ୍ନ କରାଯାଇଥାଏ ।

ସବୁମତେ ସାହିତ୍ୟକୁ ଚିହ୍ନିବା ଲାଗି ଲୋଡ଼ାହୁଏ 'ସାହିତ୍ୟ-ବିଦ୍ୟା' । କାରଣ ସାହିତ୍ୟରେ ଯାହା ସବୁ କୁହାଯାଇଥାଏ, ସବୁ ଯେ ଲେଖକଙ୍କ ଜାଗ୍ରତ ଚେତନାର ପ୍ରକାଶ, ତା' ନୁହେଁ । ଏଥିରୁ ଅନେକ କିଛି ଚରାଚର ସମଷ୍ଟି ମନର ଅବଚେତନ କ୍ରିୟା-ପ୍ରକ୍ରିୟାର (Collective unconscious) ପ୍ରତିରୂପ ମଧ୍ୟ ହୋଇପାରେ । ପୁନଶ୍ଚ ସାହିତ୍ୟର ଭାଷା, କେବଳ ଅଭିଧାନର ଅନୁଗାମୀ ଭାଷା ନୁହେଁ । ଏଥିରେ ଜଣା ଯେତେ ଅଜଣା ତହିଁରୁ ବେଶୀ, ଯେତିକି ଉପରକୁ ଦୃଶ୍ୟ, ଅଦୃଶ୍ୟ ବେଶି, ଯେତିକି ଉକ୍ତ, ଅନୁକ୍ତ ଅଧିକ । କେଉଁ ଅଭିଧାନ ଅଥବା ବ୍ୟାଖ୍ୟା ଜରିଆରେ ସାହିତ୍ୟକୁ ଗୋଟା ସୁଦ୍ଧା ଚିହ୍ନେଇ ହେବନାହିଁ । ଗୋପ୍ୟ-ଅଗୋପ୍ୟ କେତେ ଢଙ୍ଗରେ ଜୀବନର ଭାଷ୍ୟକାର ହୋଇଛି ସାହିତ୍ୟିକ, ସମାଲୋଚକ ସେହିପରି ସାହିତ୍ୟର ଭାଷ୍ୟକାର ହେବ ତ ?

ସାହିତ୍ୟକୁ ଭାଙ୍ଗିଦେବା ଲାଗି ନାନା ଉପାୟ, ନାନା ଶୈଳୀର ସହାୟତା ନିଆଯାଇଛି । ପ୍ରୟୋଜନ ଅନୁଯାୟୀ ମନୋମତ ମାର୍ଗ ବି ପ୍ରସ୍ତୁତ ହୋଇଛି । ତଥାପି ଅଭାବ ମେଣ୍ଟିନାହିଁ । ପାଶ୍ଚାତ୍ୟରେ ଦଶ ପ୍ରକାର (Philosophical Criticism Classical/authoritarian criticism, Historical/Scholarly criticism, Sociological, Biographical, Psychological, Archetypal, Impressionistic. Moralistic, Cultural ଆପାତତଃ ଏଇ ବର୍ଗୀକରଣ ଭିତରୁ ମୋଟାମୋଟି ପାଶ୍ଚାତ୍ୟ ସମାଲୋଚନା ଶୈଳୀକୁ ପାଇପାରିବା, ହୁଏତ କେଉଁଠି କେମିତି ପ୍ରତିଶବ୍ଦର ଭିନ୍ନତା ଥାଇପାରେ) ସମାଲୋଚନା-ରୀତି ସାହାଯ୍ୟରେ ସାହିତ୍ୟକୁ ସବୁମତେ ଚିହ୍ନିବାକୁ ଚେଷ୍ଟା କରାଯାଇଛି । ତାହା ମଧ୍ୟ ଯଥେଷ୍ଟ ହୋଇନାହିଁ । ଆଉ ପୁଣି ନୂତନ ସମୀକ୍ଷା ଶୈଳୀ (New criticism) ଲୋଡ଼ା ପଡ଼ୁଛି । 'Criticism'ର ପରିସର ହୁଏତ ଶ୍ଳେଷ ହେଲାରୁ ସେମାନେ 'Evaluation' ଶବ୍ଦଟାକୁ ବାସ ବଦଳେଇଛନ୍ତି । ଭାରତରେ ସାତ ପ୍ରକାର (ଅଲଙ୍କାର, ଗୁଣ, ଦୋଷ, ରୀତି, ଧ୍ୱନି, ରସ ଓ ଅଭିବ୍ୟକ୍ତି ପ୍ରଧାନ ସମାଲୋଚନା ଶୈଳୀ—ମୋଟାମୋଟି ଏଇ ବର୍ଗୀକରଣ ଭିତରେ, ଆମେ ଭାରତୀୟ ସାହିତ୍ୟ-ଶିକ୍ଷାର ବିଭିନ୍ନ ରୂପ ଅନୁଭବ କରି ପାରୁଁ) ସମୀକ୍ଷା-ଶୈଳୀର ପ୍ରଚଳନ ଥିବା ସତ୍ତ୍ୱେ ସାହିତ୍ୟ-ଶିକ୍ଷା ଆମକୁ ପୂର୍ଣ୍ଣାଙ୍ଗ ବୋଧ ହେଉନାହିଁ । ଭାରତୀୟ ସାହିତ୍ୟ ସମାଲୋଚନାରେ ପାଶ୍ଚାତ୍ୟ ଶୈଳୀର ଅନୁସରଣ ଘଟିଛି, ଉଭୟଙ୍କୁ ମିଶାଇ ସାହିତ୍ୟ ସମାଲୋଚନାର ଗତିପଥ ଚଉଡ଼ା ହୋଇଛି ।

Digitized by srujanika@gmail.com

ଆମ ସାହିତ୍ୟ ସମାଲୋଚନାରେ ପ୍ରାଚ୍ୟ ପାଶ୍ଚାତ୍ୟ ଉଭୟ ଶୈଳୀର ବ୍ୟବହାର ହେଉଥିଲେ ମଧ୍ୟ ମନେହୁଏ ଏହାର ବେଶୀ ଭାଗ ପ୍ରାଚ୍ୟ ପଦ୍ଧତି ଅନୁଗତ ଓ ଭାରତୀୟ ସମୀକ୍ଷା ତତ୍ତ୍ୱର କ୍ଳାସିକ ପରଂପରା ଉପରେ ଏହା ବିଶେଷ ନିର୍ଭରଶୀଳ । ସାହିତ୍ୟ-ବସ୍ତୁରେ କଣ କୁହାଯାଇଛି ଓ କିପରି କୁହାଯାଇଛି—ଏହାର ଏକ ପ୍ରକାର ବ୍ୟାଖ୍ୟାତ୍ମକ ପରିଚୟ ଦେବା ହେଉଛି ଆମ ସାହିତ୍ୟ ବିଦ୍ୟାର ସାଧାରଣ ଗତି । ତଥାପି ବ୍ୟତିକ୍ରମ ବି ଅଛି, କିନ୍ତୁ ବ୍ୟତିକ୍ରମଟା ତ ଚଳନ୍ତି ନୁହେଁ । କଣ କୁହାଯାଇଛି, କିପରି କୁହାଯାଇଛି ସହିତେ କାହିଁକି କୁହାଯାଇଛି କଥାଟି ଯୋଡ଼ିଦେଲେ ଏବଂ ପ୍ରତ୍ୟେକ ପ୍ରଶ୍ନ ପ୍ରତି ପରିମିତ ଦୃଷ୍ଟି ଦେଇ ପାରିଲେ ସାହିତ୍ୟ ସମୀକ୍ଷାର ଶକ୍ତି ବଢ଼ିଯାଆନ୍ତା । ସାହିତ୍ୟ-ବସ୍ତୁର ମୂଲ୍ୟ ସନ୍ଧାନ ସ୍ୱଚ୍ଛ, ପ୍ରଶସ୍ତ ଓ ନିର୍ଭରଯୋଗ୍ୟ ହୋଇପାରନ୍ତା ।

ଊନବିଂଶ ଶତାବ୍ଦୀରୁ ପ୍ରାଚୀ ସମିତି (୧୯୨୫) ଏବଂ ପ୍ରାଚୀ ସମିତିରୁ ଅଦ୍ୟାବଧି ବିକଶିତ ଆମ ସାହିତ୍ୟ ସମାଲୋଚନାରେ ମୁଖ୍ୟତଃ ପ୍ରଥମ ପ୍ରଶ୍ନ ଦୁଇଟିର ଅନୁଶୀଳନ ବେଶୀ ପରିମାଣରେ କରାଯାଇଛି; ଖୁବ୍ ସ୍ୱଳ୍ପ ସଂଖ୍ୟକ ସଚେତନ ସମାଲୋଚକ ତୃତୀୟ ପ୍ରଶ୍ନ ଉପରେ ଧ୍ୟାନ ଦେଇଛନ୍ତି । ଅପର ପକ୍ଷରେ କେତେକ ପରଂପରାବାଦୀ ପ୍ରବୀଣ ସମାଲୋଚକ, ଆର୍ତ୍ତବଲ୍ଲଭ ଓ ନୀଳକଣ୍ଠଙ୍କ ଦୃଷ୍ଟିକୋଣର ମାର୍ଜିତ ଆଙ୍ଗିକରେ ଆପଣା ସାହିତ୍ୟ-ସମୀକ୍ଷାକୁ ପୁଷ୍ଟ କରିଛନ୍ତି ସିନା, ପୂର୍ବପୂରୁ ପ୍ରବହମାନ ଧାରାର ବ୍ୟତିକ୍ରମ ହୋଇପାରି ନାହାନ୍ତି ।

ଓଡ଼ିଆ 'ସାହିତ୍ୟ-ବିଦ୍ୟା'ର ଶବ୍ଦ-ଜଗତ (Vocabulary of Oriya literary Criticism) ଭିତରକୁ ଅନୁବାଦ ଓ ଅନୁକରଣ ଜରିଆରେ ବହୁ ନୂତନ ଶବ୍ଦର ଅନୁପ୍ରବେଶ ଘଟିଛି, ଆଡ଼ମ୍ବର ବଳରେ ସାହିତ୍ୟ ସମୀକ୍ଷାର ଶବ୍ଦ ଭଣ୍ଡାର ପୁଷ୍ଟ ହେଉଛି, କିନ୍ତୁ କୌଣସି ମୌଳିକ Concept ବା ଭାବ ଧାରଣାର ପ୍ରକାଶ ଓ ପ୍ରତିଷ୍ଠା ଆମ ସମାଲୋଚକ ଓ ଗବେଷକମାନଙ୍କ ଦ୍ୱାରା ସମ୍ଭବ ହୋଇ ନାହିଁ । ପ୍ଲେଟୋଙ୍କ mimesis, ଆରିଷ୍ଟଟଲଙ୍କ Catharsis, କୋଲରିଜଙ୍କ fancy and Imagination, ଭରତଙ୍କର ରସବାଦ ପରି କେଉଁ ଓଡ଼ିଆ ସମାଲୋଚକ କେଉଁ ମୌଳିକ ଭାବ ଧାରଣାର ସ୍ରଷ୍ଟା ? ସାହିତ୍ୟ ଦୁନିଆରେ କ୍ଲାସିକ୍ ଗୁଣର ସମାଲୋଚନା-କୃତିର ଅଭାବ ତ ସେ ଦେଶରେ ନାହିଁ; ଆର୍ସପୋଏଟିକା, ଲିଟରାରି ବାୟୋଗ୍ରାଫିଆ ପ୍ରଭୃତି ଗ୍ରନ୍ଥର ଦୃଷ୍ଟାନ୍ତ ପ୍ରଚୁର । ସେଇ ତୁଳନାରେ ଆମ ସାହିତ୍ୟରେ କେଉଁ ସମାଲୋଚନା-କୃତି କ୍ଲାସିକ୍ ସାହିତ୍ୟ ଗୁଣରେ ଗୁଣୀ ? ଆମ ଶକ୍ତିର ନମୁନା ଆମେ ଜାଣେ । ଏଇ ପରିପ୍ରେକ୍ଷୀରେ ଆମେ ବିଚାରିବା କଥା, ଆମ ସାହିତ୍ୟ-ଗବେଷଣାରେ କିଛି ନୂତନତା,

Digitized by srujanika@gmail.com

କିଛି ନୂତନ ପ୍ରତ୍ୟୟ, କିଛି ମୌଳିକ ମତବାଦ ଓ ଦୃଷ୍ଟିକୋଣର ସଂଯୋଗ ଆବଶ୍ୟକ କି ନୁହେଁ ? ଆମର ଅବସ୍ଥା ଓ ଅଜ୍ଞାନବୋଧ ସମ୍ପର୍କରେ ଆମେ ସଚେତନ ହୋଇ ପାରିଲେ, ଆମ ଭାଷା-ସାହିତ୍ୟ ଗବେଷଣାର ଅଭିମୁଖ୍ୟ ବଦଳିଯିବ ।

ଭାଷାତତ୍ତ୍ୱ ଗବେଷଣା କ୍ଷେତ୍ରରେ ଅତୀତରେ ଯେଉଁକି ସ୍ମରଣୀୟ ଉଦ୍ୟମ ହୋଇଥିଲା, ତାହାକୁ ପୁନରୁକ୍ତି କରି ଆମେ ଚାହୁଁଛୁ, କହିଲେ ଚଳେ । ଅବଶ୍ୟ ଏହା ସତକଥା ଯେ, ପ୍ରାଚୀନ ଭାରତରେ ସଂସ୍କୃତ ଭାଷାତତ୍ତ୍ୱ ଗବେଷଣା ଖୁବ୍ ଉଚ୍ଚକୋଟୀର । ବିଦେଶୀ ବିଦ୍ୱାନମାନେ ଭାରତୀୟ ପଣ୍ଡିତମାନଙ୍କ ଗବେଷଣା-ଲବ୍ଧ ଜ୍ଞାନକୁ ବିନିଯୋଗ କରି ଉପକୃତ ହୋଇଛନ୍ତି, ପରବର୍ତ୍ତୀ କାଳର ଭାରତୀୟ ବିଦ୍ୱାନମାନଙ୍କ ପାଇଁ 'ଭାଷା-ଗବେଷଣା ଲାଗି ନୂଆ ବାଟ ମଧ୍ୟ ଫିଟେଇ ଦେଇଛନ୍ତି । ଗ୍ରିୟରସନ, ବୀମସ୍ ପ୍ରଭୃତି ଗବେଷକଗଣ, ଭାରତୀୟମାନଙ୍କ ସହାୟତାରେ ତାଙ୍କର ଆପଣା ଅଧ୍ୟବସାୟ ପାଣ୍ଡିତ୍ୟ, ଏକାଗ୍ରତା ବଳରେ ଜିଜ୍ଞାସୁମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇପାରିଛନ୍ତି । ଅନୁସନ୍ଧାନରୁ ଜଣାଯାଇଛି ଯେ, ଇଉରୋପୀୟ ପଣ୍ଡିତମାନେ ହିଁ ଓଡ଼ିଆ ଭାଷା ଗବେଷଣା କ୍ଷେତ୍ରରେ ପ୍ରଥମକୃତ ଉଦ୍ୟମ କରିଥିଲେ । ପରେ ପରେ ଦେଶୀୟ ବିଦ୍ୱାନଗଣ ତହିଁରେ ମନୋନିବେଶ କଲେ । ଆମର୍ସଟନ୍ ଜନ ବୀମସ୍, ବିଶ୍ୱନାଥ ବିଦ୍ୟାଭୂଷଣ, ଗଦାଧର ତର୍କବାଗୀଶ, ମନମୋହନ ଚକ୍ରବର୍ତ୍ତୀ, ଶ୍ୟାମସୁନ୍ଦର ରାଜଗୁରୁ, ଗୋପୀନାଥ ନନ୍ଦଶର୍ମା, ନୀଳକଣ୍ଠ ଦାସ, ଗୋପାଳଚନ୍ଦ୍ର ପ୍ରହରାଜ (ସଂଗ୍ରାହକ), ବିନାୟକ ମିଶ୍ର, ଗୋଲକ ବିହାରୀ ଧଳ ପ୍ରଭୃତି ଏବଂ ଏକାଳର ମାନ୍ୟଗଣ୍ୟ ଓଡ଼ିଆ ଭାଷା-ବିଦ ପଣ୍ଡିତଗଣ, ଭାଷାଗବେଷଣା କ୍ଷେତ୍ରରେ ଅଧ୍ୟୟନ ଅବ୍ୟାହତ ରଖିଥିଲେ ମଧ୍ୟ ଓଡ଼ିଆ ଭାଷାର ଏକ ବ୍ୟାକରଣ ଗ୍ରନ୍ଥ ହାତରେ ପଡ଼ିଲା ନାହିଁ । 'ଓଡ଼ିଆ ବ୍ୟାକରଣ' ନାମଧେୟ ଯେଉଁ ଗ୍ରନ୍ଥସବୁ ଶିକ୍ଷାର୍ଥୀମାନଙ୍କ ପାଇଁ ମିଳୁଛି, ତାହା ସଂସ୍କୃତ ଅନୁଗତ ବ୍ୟାକରଣ ନା ଓଡ଼ିଆ ଭାଷାର ଶୁଦ୍ଧ ବ୍ୟାକରଣ ? ସେହିପରି ଓଡ଼ିଆ ଭାଷାର ପୂର୍ଣ୍ଣାଙ୍ଗ ଆଞ୍ଚଳିକ ଶବ୍ଦ-କୋଷ, ଶବ୍ଦ-ପ୍ରକରଣ ଅଭିଧାନ (Etymological Dictionary), ବ୍ୟାବହାରିକ ଶବ୍ଦ-କୋଷ, ଆମର ଭାଷାରେ ପ୍ରଚଳିତ ବୈଦେଶିକ ଶବ୍ଦର ଅଭିଧାନ, କଥିତ ଭାଷାର ଛନ୍ଦ ସୂତ୍ର ଇତ୍ୟାଦି ବହୁ ମୌଳିକ ବିଷୟରେ ଭାଷାତତ୍ତ୍ୱ ଗବେଷଣା ଅତ୍ୟନ୍ତ ପ୍ରୟୋଜନ ବୋଧ ହେଉଛି । ଓଡ଼ିଶାରେ ପାରମ୍ପରିକ ଭାଷାତତ୍ତ୍ୱ (Philology)ର ଅଧ୍ୟୟନ ଓ ଗବେଷଣା ତ ଚାଲିଛି, ଏଥି ସହିତ ଭାଷା-ବିଜ୍ଞାନର (Linguistics) ଅଧୁନାତନ ବିକାଶ ଓ ଏହାର ପ୍ରୟୋଗାତ୍ମକ ଦିଗର ବିବିଧ ଉନ୍ମେଷ ସବୁ ଜାଣିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେଲେ ଭାଷା-ଗବେଷଣାରେ ନୂତନ ସ୍ଫୂର୍ତ୍ତି ଖେଳି ଯାଆନ୍ତା ।

Digitized by srujanika@gmail.com

ଯେକୌଣସି ଭାଷା-ସାହିତ୍ୟର ବିକାଶ-ଭୂମିରେ ସେହି ଦେଶ ଓ ଜାତିର ସାଂସ୍କୃତିକ ଐତିହ୍ୟର ଦେୟ କିଛି କମ୍ ନୁହେଁ । ସାଂସ୍କୃତିକ ଇତିହାସରୁ ଦେଶ, ମଣିଷ ଓ ଜୀବନ ଚର୍ଯ୍ୟାର ମୂଳ ରୂପଟି ଜାଣିହୁଏ । 'ଓଡ଼ିଆ ଜାତିର ସାଂସ୍କୃତିକ ଇତିହାସ' ପ୍ରଣୀତ ହୋଇଥିଲେ ସାହିତ୍ୟ ଗବେଷଣାରେ ଆଉ କିଛି ଅଭିନବ ବିଶ୍ଲେଷଣଧାରା ଦେଖାଯାଆନ୍ତା । ପୁଣି 'ଓଡ଼ିଆ ସାହିତ୍ୟର ସାଂସ୍କୃତିକ ଇତିହାସ' ରଚିତ ହୋଇଥିଲେ ସାହିତ୍ୟର ମୂଲ୍ୟବୋଧ ସନ୍ଧାନର ଅନ୍ଧକାର ଅପସରି ଯାଇଥାନ୍ତା । ସଂସ୍କୃତି ସମ୍ପନ୍ନ ଗୋଟିଏ ପ୍ରାଚୀନ ଜାତି ହିସାବରେ ଆମର ଐଶ୍ୱର୍ଯ୍ୟ କେତେ, ଯଦି ହିସାବ ନେଇ ଆଅନ୍ତୁ, ତେବେ ଆମ ଭିତରେ ଆତ୍ମ-ପରିଚୟବୋଧର ଏକ ପ୍ରକାର ମନସ୍ତୋଷଜନକ ଛବି କେଉଁ କାଳରୁ ଅଙ୍କିତ ହୋଇ ସାରନ୍ତାଣି; ମାତ୍ର ସେପରି ସୁଖକର ଅବସ୍ଥାର ପଦଧ୍ୱନି ଆମେ ଶୁଣୁନାହୁଁ । କଳା ଓ କୃଷ୍ଟିର ଉନ୍ନତ ଭୂମି ବୋଲି ଉତ୍କଳର ସୁନାମ ଅଛି—ଶହ ଶହ ମନ୍ଦିର ଏବଂ ତାହାର ଶିଳ୍ପଐଶ୍ୱର୍ଯ୍ୟ, ଦର୍ଶକ ଓ ବିଦ୍ୟାନୁରାଗୀଙ୍କ ପାଇଁ ହୋଇଛି ବିସ୍ମୟର ବସ୍ତୁ । କିନ୍ତୁ ଏହା ଏକ ମୌଳିକ ପ୍ରଶ୍ନ ଯେ, ଏତେ ମହାସ୍ଥାନ ସ୍ଥାପତ୍ୟ ଗୌରବର ପ୍ରତିଷ୍ଠା ପଛରେ କ'ଣ କିଛି ପ୍ରେରଣା ନ ଥିଲା ? କିଛି ଶାସ୍ତ୍ରଜ୍ଞାନ, କିଛି ଶିଳ୍ପ-କଳା-ବିଦ୍ୟାର ନିର୍ଦ୍ଦେଶନା ନ ଥିଲା ? ଆମ ଶିଳ୍ପ-ଶାସ୍ତ୍ରର ପରିଚୟ ଆମେ ପାଇ ନାହୁଁ । ତାହାଲେ ଓଡ଼ିଆ ଶିଳ୍ପୀମାନେ କଣ ସଂସ୍କୃତ ଶିଳ୍ପ-ଶାସ୍ତ୍ର—ବିଷ୍ଣୁଧର୍ମୋତ୍ତର, ଅଭିଳାଷିତାର୍ଥ ଚିନ୍ତାମଣି, ଶିଳ୍ପରତ୍ନ, ନାରଦ ଶିଳ୍ପ, ସରସ୍ୱତୀ ଶିଳ୍ପ, ପ୍ରଜାପତି ଶିଳ୍ପ ଇତ୍ୟାଦିର ଅନୁଶାସନ ଉପରେ ନିର୍ଭର କରି ମନ୍ଦିର, ମୂର୍ତ୍ତି ଓ ଚିତ୍ର-ରୂପ ସବୁ ଅଙ୍କନ କରିଥିଲେ ?

ଚତୁର୍ଦ୍ଦଶ ଶତାବ୍ଦୀ ପରେ ପ୍ରାୟ ଓଡ଼ିଶାରେ ଉଲ୍ଲେଖଯୋଗ୍ୟ ମନ୍ଦିର ନିର୍ମାଣ ଆଉ ହୋଇନାହିଁ । ଯେତିକ ଆମର ସ୍ଥାପତ୍ୟ ସମ୍ପତ୍ତି, ତାକୁ ବଞ୍ଚେଇ ରଖିବା ଆମକୁ ବଳ ପଡ଼ିଲାଣି । ସଂରକ୍ଷଣ ଓ ସଂସ୍କାର ପରିବର୍ତ୍ତେ କେତେକ କ୍ଷେତ୍ରରେ ରୂପାନ୍ତରୀକରଣ ଘଟିଛି । ଧଉଳିକୁ ଶାନ୍ତି ସ୍ତୂପରେ ରୂପାନ୍ତରିତ କରିଛୁଁ । ପୁରୁଣାକୁ ବଦଳେଇ ନୂଆ କରିବା ହେଉଛି ପ୍ରଗତି, ବୋଲି ଆମେ ବୁଝିଛୁଁ । ପ୍ରକୃତରେ ଏହା କଣ ପ୍ରଗତି ? ଐତିହ୍ୟର ସୁରକ୍ଷା କରି, ତାହା ସହିତ ନୂଆ କିଛି ଯୋଗ କରିବା ହେଉଛି ପ୍ରଗତି । ପୁରୁଣାକୁ ବଦଳେଇ ନୂଆ ଗଢ଼ିବା ତ ପ୍ରଗତି ନୁହେଁ । ପ୍ରମାଦପୂର୍ଣ୍ଣ ପ୍ରଗତି ମୋହରେ ପଡ଼ି ଆମର ସ୍ଥାପତ୍ୟ-ଐତିହ୍ୟକୁ ଅତୀତରେ ବିକୃତ କରାଗଲା ବେଳେ କେତେକ ପ୍ରବୀଣ ବୁଦ୍ଧିଜୀବୀ ସେତେବେଳେ 'ମନ୍ଦିର ବଞ୍ଚାଅ' ଆହ୍ୱାନ ଦେଇଥିଲେ । ଉଦ୍ଦେଶ୍ୟ ଥିଲା, ନୂଆ ଯେତେ ନିର୍ମାଣ ହେଉଛି ହେଉ ପଛେ, ଐତିହ୍ୟର ବିନାଶ ନ ହେଉ । ଆମେ ଏପରି କିଛି ଅବସ୍ଥା ସୃଷ୍ଟି ନ କରୁଁ ଯାହା ଫଳରେ କି ଆମର ଦାୟାଦଗଣ ଆଗାମୀ

Digitized by srujanika@gmail.com

ଶତାବ୍ଦୀ ବେଳକୁ ଧଉଳି ପରବର୍ତ୍ତୀ କେବଳ ଶାନ୍ତି ସ୍ତୂପକୁ ହିଁ ଚିହ୍ନିବେ । ଧଉଳି କେଉଁଥିପାଇଁ ପ୍ରସିଦ୍ଧ ବୋଲି ପ୍ରଶ୍ନ କଲେ ସେମାନେ ଉତ୍ତର ଦେଉଥିବେ ଶାନ୍ତିସ୍ତୂପ ପାଇଁ ପ୍ରସିଦ୍ଧ ଇତ୍ୟାଦି । ଏହା ଐତିହ୍ୟ-ବିସ୍ମରଣର ପରିଣାମ ।

ଐତିହ୍ୟର ଐଶ୍ୱର୍ଯ୍ୟ କେତେ, ଚିହ୍ନିନଥି ବୃଦ୍ଧି ନବ-ନିର୍ମାଣରେ ପ୍ରବୃତ୍ତ ହେବା ହେଉଛି ଯେକୌଣସି ଅଗ୍ରଗାମୀ ଜାତିର ଲକ୍ଷଣ । ଉତ୍ତରାଧିକାର ସୂତ୍ରରେ ଆମର ସ୍ୱତ୍ୱ ଆମେ ନ ଜାଣିଲା ପର୍ଯ୍ୟନ୍ତ, ଅଭିବୃଦ୍ଧି ଲାଗି ଆଗ୍ରହ ବା କ୍ଷମତା ଆସିବ କେମିତି? ତେଣୁ ଜାତିର ଉତ୍ତରାଧିକାରୀଗଣ ହିଁ ଭାଷା ସାହିତ୍ୟ ସଂସ୍କୃତିର ରକ୍ଷକ, ସେମାନଙ୍କ ଶକ୍ତିର ସଂକଳ୍ପରେ, ବୌଦ୍ଧିକ ଚିନ୍ତନରେ ସିନା ସଂସ୍କୃତିର ଶୁଭଯାତ୍ରା ଏବଂ ଏଷଣାର ପ୍ରତ୍ୟୟ ଶକ୍ତି କାଳଜୟୀ ହୋଇଥାଏ ।

—※—

(ସେପ୍ଟେମ୍ବର, ୧୯୮୦)

[ଓଡ଼ିଆ ଗବେଷଣା ପରିଷଦର ମୁଖପତ୍ର ‘ଏଷଣା’ ୧ମ ଖଣ୍ଡର ସଂପାଦକୀୟ]

Digitized by srujanika@gmail.com

ସାହିତ୍ୟ-ବ୍ରତ ଓ ସାହିତ୍ୟ-ବୃତ୍ତି

ସାହିତ୍ୟ-ବ୍ରତ ଓ ସାହିତ୍ୟ-ବୃତ୍ତି—ଏ ଦୁଇଟି ଅଲଗା ଅଲଗା ମନୋଭାବ । ସାହିତ୍ୟ ସ୍ରଷ୍ଟା ବ୍ରତଗ୍ରସ୍ତ ହୋଇପାରେ, ବୃତ୍ତିମୁଖୀ ବି ହୋଇପାରେ । କିନ୍ତୁ ବ୍ରତଗ୍ରସ୍ତତା ପଛରେ ଯେଉଁ ନିଷ୍ଠା, ଏକାଗ୍ରତା ଓ ନିରବଚ୍ଛିନ୍ନ ସାଧନା ବିଦ୍ୟମାନ, ବୃତ୍ତିମୁଖୀନତା ଅନ୍ତରାଳରେ ସେ ସବୁର ସ୍ଥାନ ଶୂନ୍ୟ । ବୃତ୍ତି ପଛରେ ଅଛି ଆତ୍ମ-ପୋଷଣର ଆକର୍ଷଣ, ଉପାର୍ଜନର ଲାଳସା । 'ବୃତ୍ତି ଏ ମୋ ପୋଷେ କୁଟୁମ୍ବ'—ଏଭଳି ମନୋଭାବ ନେଇ ସାହିତ୍ୟ ରାଜ୍ୟରେ ପ୍ରବେଶ କରି ଅର୍ଥଲାଳସାରୁ ଦୂରରେ ରହିବା ଦୁଷ୍କର । ଲାଳସାର ତ ସୀମା ନାହିଁ, ଏହା ଯେତେ ବଢ଼ୁଥାଏ, ଉପର-ଠାଉରିଆ ଭାବ ସେତେ ମୋଟ ହେଉଥାଏ । ବୃତ୍ତିର ଢୋଲ ପାଇଁ ବାଇଦ ବଜାଇବାକୁ ପଡ଼େ, ପଣ୍ୟର ବଣିକ ପାଇଁ ଉପାୟ ଖୋଜାଯାଏ । ବୃତ୍ତି ଜୋର୍‌ରେ ମୂଲକ କିଣିବା ଲାଗି ଇଚ୍ଛା ହୁଏ, ଶ୍ରେଣୀ କକ୍ଷର ମାମୁଲି ଟିପା ଖାତାକୁ ଶଙ୍ଖାସିନ୍ଦୁର ପିନ୍ଧାଇ 'ସାହିତ୍ୟ ବଧୂ'ରେ ପରିଣତ କରାଯାଏ । ଶ୍ରୀ ଚିତ୍ତରଞ୍ଜନ ଦାସ ଅନୁଭବ କରିଛନ୍ତି—"ସାହିତ୍ୟକୁ ବୃତ୍ତି କରି ଧରିଲେ ସାହିତ୍ୟରୁ ସମୀକ୍ଷା ମରିଯାଏ । ଅର୍ଥାତ ସାହିତ୍ୟର ଯାବତୀୟ ଅବଲୋକନ କେବଳ ଶୁଖି ଶୁଖି ଯାଏ । ସ୍ତୁତି ବଢ଼େ, ପ୍ରଶସ୍ତି ଗୁଡ଼ାକ ଆହୁରି ଚଉଦପାଖ ବଢ଼ିଯାଏ, ଏବଂ ଜମା ସ୍ଫୂର୍ତ୍ତିଗୁଡ଼ାକ ଗୋଡରେ ରଣପା ଲଗାଇ ରଜାଙ୍କର ଦୁଆରୀ ହୋଇ ନାଚିବାରେ ଲାଗନ୍ତି । ଯିଏ ବ୍ରତୀ, ସେଇ ବାଟ ଭୁଲିବାକୁ ମନ କରିଥାଏ ; ବାଟକୁ ହିଁ ସାଙ୍ଗ କରି ବାହାରିଥାଏ । ତେଣୁ ସମୀକ୍ଷାକୁ ଭୂଷଣ ବୋଲି ଗ୍ରହଣ କରିନେଇଥାଏ ।" (ଜାଢ଼ରେ ମୁଁ ଜବନ—ପୃଷ୍ଠା-୨୧୨)

ଦେଖାଯାଉଛି, ବୃତ୍ତିମୁଖୀ ସାହିତ୍ୟ-ଏଷଣାରେ ଧୂରୀଣ ଆଲୋଚକମାନେ ସାହିତ୍ୟ ସହ ଏକପ୍ରକାର ସାଯୁଜ୍ୟ ଓ ସାମୀପ୍ୟ ସମ୍ପର୍କ ରକ୍ଷା କରିପାରୁନାହାନ୍ତି । ସାହିତ୍ୟକୁ ଦୂରରୁ ଦେଖିବା ଏବଂ ସାଧାରଣ ଉପଜୀବ୍ୟର ପ୍ରସଙ୍ଗ ଉଠାଇ ସାହିତ୍ୟ ଚର୍ଚ୍ଚା କରିବା ଲାଗି ଏକପ୍ରକାର ସହଜ ଆଗ୍ରହ ସେମାନଙ୍କଠାରେ ପ୍ରକାଶ ପାଉଛି, ଏହା ଦ୍ୱାରା 'ସାହିତ୍ୟ-ଏଷଣା' ସ୍ଥୂଳ ହେଉଛି, ବାହୁଲ୍ୟ ବଢ଼ୁଛି, ଗଭୀରତା କମିଯାଉଛି । ଗୋଟାପଣେ ସାହିତ୍ୟ ଭିତରୁ ସମଗ୍ର ସତ୍ୟର ଭାବ-ମୂର୍ତ୍ତିଟିକୁ ଚିହ୍ନି ହେଉନାହିଁ । ବିଷୟବସ୍ତୁର ଖିଲାଣ ସବୁ ଦେଖେଇ ଦେଲେ କଣ ସାହିତ୍ୟର ନିଜସ୍ୱ ରୂପ କଢରେ ପହଞ୍ଚି ହେବ ? ସାହିତ୍ୟର ନିଜସ୍ୱ ସତ୍ତା କଣ, ତାହାର ପରିଚୟ ପାଇବା

Digitized by srujanika@gmail.com

ପାଇଁ ଭିନ୍ନ ଦୃଷ୍ଟି, ଭିନ୍ନ ଏକ ମନର ଆଶ୍ରୟ ନେଉଥିଲା, ଯାହା ବଳରେ ନୂଆ ସାହିତ୍ୟ ଭିତରୁ ପରିପୂର୍ଣ୍ଣ ଜୀବନର ଜୀବ-ମୟ ରୂପ ପ୍ରତ୍ୟକ୍ଷ କରିହେବ । ଯେଉଁ ପାରମାର୍ଥିକ ଦୃଷ୍ଟି ନେଇ ସାରଳା ସାହିତ୍ୟକୁ ଧର୍ମଧାରାର କାହାଣୀ ଖୋଜାଯାଉଛି କିମ୍ବା ସମାଜ ଚରିତ ବ୍ୟବସ୍ଥା-ଲିପି ସଂଗୃହୀତ ହେଉଛି; ସେହି ଦୃଷ୍ଟିର ଆଲୋକରେ କବି ସାରଳା ଦାସଙ୍କ ବ୍ୟକ୍ତି-ନିର୍ଭର ଅନୁଭୂତିର ପ୍ରବଳ ପ୍ରଭାବକୁ ଧରି ହେବ ନାହିଁ, କି ସାରଳା-ସାହିତ୍ୟର ସୌନ୍ଦର୍ଯ୍ୟ-ତତ୍ତ୍ୱଟିକୁ ମଧ୍ୟ ବୁଝିହେବ ନାହିଁ । ସାରଳା-ସାହିତ୍ୟ କେଉଁ ପରିମାଣରେ ଜୀବନ ଓ ସମୟର ମହାଧର୍ମ ସହ ସମନ୍ୱିତ, ତାହାର ଉପଲବ୍ଧି ମଧ୍ୟ ଏଥିରୁ ମିଳିବ ନାହିଁ । ସାମଗ୍ରିକ ମାନବଚେତନାର ପ୍ରତିଫଳନରେ ସାରଳା-ସାହିତ୍ୟ କେତେଦୂର ଆବେଗ ଉଦ୍‌ବୋଧକ ହୋଇପାରିଛି, ତାହାର ଅନୁଶୀଳନ ମଧ୍ୟ ଏପରି ସୀମିତ ଦୃଷ୍ଟି ଦାନରେ ସଫଳ ହେବ ନାହିଁ ! ସାହିତ୍ୟର ଭୂମିକାରୁ ଗଣ-ମାନସିକତା ଓ କାଳ-ମାନସିକତାର ପରିଚୟ ସଂଗ୍ରହ କରି ତାହାକୁ ପୁଣି ସାର୍ବଭୌମ ମାନବ ଜାତିର ମାନସିକତା ସହ ମିଳାଇ ଐତିହ୍ୟ, ସଂସ୍କୃତି ଏବଂ ଅନାଗତ ସମୟ ଲାଗି ମିଳୁଥିବା ଜୀବନବୋଧୀ ପ୍ରତ୍ୟୟର ବାର୍ତ୍ତା ବୁଝାଇ ଦେବାର ଉଚାଙ୍ଗ କୌଶଳ ପାରମାର୍ଥିକ କିମ୍ବା ବୃତ୍ତିମୁଖୀ ସାହିତ୍ୟ-ଏଷଣାରୁ ସାଧାରଣତଃ ଆଶା କରାଯାଏ ନା । କଳା କିମ୍ବା ଜୀବନର-ଧାରଣା ମଧ୍ୟ ଏଥିରୁ ପାଇବା ସମ୍ଭବ ନୁହେଁ ।

ଆମର ସମସ୍ୟା ହେଲା, ଜ୍ଞାନ-ବିଜ୍ଞାନର ବିସ୍ତୃତ ଆୟତନକୁ ଦେଖି ସାହିତ୍ୟର ଚରିତ ଆମେ ଚିହ୍ନିବା କିପରି ? ପଣ୍ୟ-ପ୍ରଧାନ ଜୀବନ-ଦୃଷ୍ଟି ଦେଇ ତ ସାହିତ୍ୟକୁ ଚିହ୍ନି ହେବ ନାହିଁ । ଗୁହା ଭିତରୁ ସତ୍ୟ ଖୋଜିବାର ନିଶା ଜାଗିଲେ ସିନା ସାହିତ୍ୟ ଲାଗି ସହିତ-ପଣ ପ୍ରକାଶ ପାଇବ । ତେବେ ଆମେ ସାହିତ୍ୟକୁ ଚିହ୍ନିବା କେଉଁ ମୂଲ୍ୟରେ ? ଆମେ ମଣିଷ ପାଇଁ ସାହିତ୍ୟକୁ ଚିହ୍ନିବା, କଳା ପାଇଁ ଚିହ୍ନିବା, ସଂସ୍କୃତି ପାଇଁ ଚିହ୍ନିବା, ସୌନ୍ଦର୍ଯ୍ୟ ପାଇଁ ଚିହ୍ନିବା ଏବଂ ଏକାନ୍ତ ଭାବେ ସାହିତ୍ୟ ପାଇଁ ସାହିତ୍ୟକୁ ଚିହ୍ନିବା ।

ମଣିଷର ପ୍ରୟୋଜନ ବୋଧ ସହିତ ସାହିତ୍ୟର କି ସମ୍ପର୍କ ଅଛି, ପ୍ରୟୋଜନ ବୋଧ ସଙ୍ଗେ ଶିଳ୍ପବୋଧର ଶୁଭଦୃଷ୍ଟି ବିନିମୟ ହୋଇଛି କି, ଏବଂ ପରିଣାମରୁ କେଉଁ ପ୍ରତ୍ୟୟ ମିଳୁଛି ତାହାର ଅନୁଶୀଳନରୁ ଆମେ ନିକଟରୁ ସାହିତ୍ୟକୁ ଚିହ୍ନି ପାରିବା । ରସଲୋକ ଆଡ଼କୁ ମଣିଷ ମନର ଉତ୍ତରଣ, ସାହିତ୍ୟ ପାଠରୁ କିପରି ହେଉଛି, ଏବଂ ଏହି ଉତ୍ତରଣଶୀଳତାର ଗୁପ୍ତ ମନ୍ତ୍ରଟି କଣ ?—ସାହିତ୍ୟ-ଏଷଣା ଏହାର ବିଚାର କଲେ ସିନା ସାହିତ୍ୟର ଚରିତ ଚିହ୍ନି ପାରିବା ।

Digitized by srujanika@gmail.com

ସାହିତ୍ୟରେ ଶିଳ୍ପୀର ପ୍ରାଣ ସଂଗ୍ରହଣୀ ଶକ୍ତିର ଉତ୍ସ କେଉଁଠି, ତହିଁରୁ ଜୀବନର ସ୍ପର୍ଶ କେମିତି ମିଳୁଛି ଏ ସବୁର ମୂଲ୍ୟାୟନ ବଳରେ ସାହିତ୍ୟକୁ ସାହିତ୍ୟ-ଦୃଷ୍ଟିରୁ ଦେଖିପାରିବା । ସାହିତ୍ୟରେ କାବ୍ୟ-ସତ୍ୟ ଓ ଜୀବନ-ସତ୍ୟ-ଭିତରେ ସଂଯୋଗ କେତେ, ସୁମିତିବୋଧ କେତେ—ଏହାର ଅନ୍ୱେଷଣ ଏବଂ ସାହିତ୍ୟ-ବସ୍ତୁରେ ଲେଖକଙ୍କର ଅନୁଭୂତି, ଆବେଗ, ଅଭିବ୍ୟକ୍ତି-କଳା, କଳ୍ପନା-ଶକ୍ତି, ଅନୁକୃତିର ନବ-ନ୍ୟାସସ୍ଥିତି, ପଦବନ୍ଧ (Diction) ଓ ଗଠନ ପରିପାଟୀର ଅନୁଶୀଳନରୁ ଆମେ ସାହିତ୍ୟକୁ ଚିହ୍ନି ପାରିବା । ଜୀବନ-ଭୂମିର ସାଧାରଣ ସ୍ତର ଅତିକ୍ରମ କରି ସାହିତ୍ୟ କେତେଦୂର ଉଚ୍ଚତର ଅଭିଜ୍ଞତାର ସଙ୍କେତ ବହନ କରିଛି—ତାହାର ପରିଚର୍ଯ୍ୟାରୁ ସାହିତ୍ୟର ଚରିତ୍ର ମଧ୍ୟ ଚିହ୍ନି ପାରିବା ।

ସାହିତ୍ୟରୁ ଲେଖକଙ୍କର ସାହିତ୍ୟ-ତତ୍ତ୍ୱର ରୂପରେଖ ବିଶ୍ଳେଷଣ କରି ଏବଂ ଇତିହାସ ଓ ଚରିତୋପାଦାନ ସାହାଯ୍ୟରେ ସାହିତ୍ୟ ବସ୍ତୁର ଭୂମିକା ତଥା ମୌଳିକମାନ ନିରୂପଣ କରି ଆମେ ସାହିତ୍ୟର ଚରିତ୍ର ଚିହ୍ନି ପାରିବା । ଏଥିପାଇଁ ଲୋଡ଼ା ବ୍ରତ-ନିଷ୍ଠ ଦୃଷ୍ଟି । ବୃତ୍ତି-ମୁଖୀ ଆଲୋଚକର ଆଖି ଏତେ ଦୂରକୁ ଯାଇ ସାହିତ୍ୟର ବିସ୍ତୃତି ଓ ଗଭୀରତାକୁ ଏକାନ୍ତ ଭାବେ କଳା ଓ ଜୀବନ-ବେଦୀରୁ ଚିହ୍ନି ଥିବାର ଦୃଷ୍ଟାନ୍ତ ଖୁବ୍ କ୍ୱଚିତ, କହିଲେ ଚଳେ ।

ଆମ ସାହିତ୍ୟର ଆଲୋଚନା ଓ ମୂଲ୍ୟ ଅନ୍ୱେଷଣ କ୍ଷେତ୍ରରେ ବ୍ରତଗ୍ରହିତା ଅପେକ୍ଷା ବୃତ୍ତି-ବିଳାସ କ୍ରମଶଃ ବ୍ୟାପୁଛି । ଅପର ପକ୍ଷରେ ବୃତ୍ତି-ମୁଖୀ ନ ହୋଇ ମଧ୍ୟ ବହୁ ଆଲୋଚକଙ୍କର ସାହିତ୍ୟ-ଏଷଣା ସ୍ଥୂଳ ହେଉଛି । ଏପରି ଘଟିବା ମୂଳରେ ସର୍ଜନଶୀଳ ଦୃଷ୍ଟିର ଅଭାବ ହିଁ ଦାୟୀ । ବ୍ରତ ଅଛି, ପ୍ରତିଭା ନାହିଁ । ସୃଜନ-ସ୍ୱାଧୀନତା ଏବଂ ଅନ୍ତର୍ଗାମୀ ଅଭିନିବେଶ-ବ୍ରତ ହେଉଛି ସମାଲୋଚକ ଓ ଗବେଷକର ପ୍ରଧାନ ଶକ୍ତି । ଏଥିପ୍ରତି ଅନାସ୍ଥା-ବୋଧର କାରଣରୁ ଆମ ସାହିତ୍ୟ ସମାଲୋଚନାରେ ସୃଜନ ଧର୍ମର ବୃଦ୍ଧି ଘଟୁନାହିଁ ।

ଅତୀତର ଆଚାର୍ଯ୍ୟ ଆର୍ତ୍ତବଲ୍ଲଭ ମହାନ୍ତି (୧୮୮୭-୧୯୬୩)ଙ୍କ ନେତୃତ୍ୱରେ ପ୍ରାଚୀ ସମିତି (୧୯୨୪-୧୯୩୪) ଆପଣା ପ୍ରକାଶନ ଜରିଆରେ ପ୍ରାଚୀନ ଓଡ଼ିଆ ସାହିତ୍ୟ ଅନ୍ୱେଷଣ କ୍ଷେତ୍ରରେ ପାରମ୍ପରିକ ଗତିର ଯେଉଁ ଅଭିବୃଦ୍ଧି ଘଟାଇଥିଲେ ଏବଂ ଏହାର ବହୁ ପୂର୍ବରୁ ଗୌରୀଶଙ୍କର ରାୟ (୧୮୮୩-୧୯୧୭), ଶ୍ୟାମସୁନ୍ଦର ରାଜଗୁରୁ (୧୮୬୬-୧୯୦୯), ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା (୧୮୬୯-୧୯୨୪), ମୃତ୍ୟୁଞ୍ଜୟ ରଥ (୧୮୮୨-୧୯୨୪), ତାରିଣୀ ଚରଣ ରଥ (୧୮୮୩-୧୯୨୨) ପ୍ରଭୃତି ଆଲୋଚକ ଓ ପ୍ରାଚୀନ ଗ୍ରନ୍ଥ-ସଂପାଦକ ବର୍ଗ ସାହିତ୍ୟ ଗବେଷଣା ତଥା ସମାଲୋଚନାର

Digitized by srujanika@gmail.com

ଯେଉଁ ମାର୍ଗ ଦର୍ଶାଇଥିଲେ ତାହାର ନିଖୁଣତା ନିବନ୍ଧନ କିଛି କାଳ ଆମ ସମାଲୋଚନା ସାହିତ୍ୟରେ ଚଳିଲା । ପରିଚୟାତ୍ମକ ସାହିତ୍ୟ-ଏଷଣାର ବ୍ୟାପ୍ତି ଘଟିଲା, ଶବ୍ଦବ୍ୟାଖ୍ୟାର ବାହୁଲ୍ୟ ଓ ବିଷୟବସ୍ତୁ ବିଚାରର ପାଣ୍ଡିତ୍ୟ ମଧ୍ୟ ପ୍ରକାଶ ପାଇଲା । ନାନା ଯୁକ୍ତି ତର୍କ ଭିତ୍ତିରେ କବି-ପୁରୁଷ ଓ ତାଙ୍କ କୃତି ସବୁ ଚିହ୍ନିତ ହେଲା, ସେମାନଙ୍କ ସମୟ ନିରୂପିତ ହେଲା ; ପାରଂପରିକ ପଦ୍ଧତିରେ ପାଠ-ଆଲୋଚନା କରାଗଲା । ସମ୍ପାଦିତ ପୋଥିର ସଂଗ୍ରହ ସୂଚି, କବି ଜୀବନର ଇତିହାସ ବିଷୟ ବସ୍ତୁର ବିବରଣୀ, ଭାଷା-ଛନ୍ଦ ବ୍ୟାକରଣର ପରିଚୟ, ଧର୍ମ, ଦର୍ଶନ ଓ ଅଳଙ୍କାର ଶାସ୍ତ୍ରୀୟ ତାତ୍ତ୍ୱିକ ଆଲୋଚନା ଇତ୍ୟାଦିର ଉଲ୍ଲେଖ ନିମନ୍ତେ ଆର୍ତ୍ତ-ବଲ୍ଲଭଙ୍କର ପ୍ରାଚୀ ସମିତିର ସାହିତ୍ୟ-ସମାଲୋଚନା ଶୈଳୀ ପ୍ରତିଷ୍ଠା ଅର୍ଜନ କରିଥିଲା । ସାହିତ୍ୟ-ସମାଲୋଚନା ଓ ଗବେଷଣା କ୍ଷେତ୍ରରେ ଏଇ 'ପ୍ରାଚୀ ପଦ୍ଧତି' ଏକ ପାରମ୍ପରିକ ପଦ୍ଧତି, ବୋଇଲେ ଚଳେ । ସ୍ଥଳ ବିଶେଷରେ ଏବେ ବି ଏଇ ପଦ୍ଧତି ଅନୁସୃତ ହେଉଛି ।

ଦେଶ ବିଦେଶରେ ସମାଲୋଚନା-ସାହିତ୍ୟର ପରିସର ବୃଦ୍ଧି ପାଇଲାଣି । ଆଲୋଚନାର ଆଭିମୁଖ୍ୟ ଓ କଳା-କୌଶଳରେ ପ୍ରଭୂତ ପରିବର୍ତ୍ତନ ସାଧିତ ହେଲାଣି । ସାହିତ୍ୟ-ସମାଲୋଚନା ଏବେ ସକଳ ବିଦ୍ୟାର ଆଧାର ହୋଇଯାଇଛି । ଏକ ଦିଗରେ ସୃଷ୍ଟି ଓ ଅନ୍ୟ ଦିଗରେ ବିଜ୍ଞାନର ଗୌରବ ଯେକି ଏହା ବିଶ୍ୱ ସାହିତ୍ୟରେ ସମ୍ମାନିତ । ନୂଆ ନୂଆ ଆଭିମୁଖ୍ୟ ଓ କଳା-ଶକ୍ତିର ସଂଯୋଗରେ ସାହିତ୍ୟ-ଏଷଣା ସ୍ୱତଃ ନବ-କଳେବର ଲାଭ କରିଛି । ବିଶ୍ୱର ସାରସ୍ୱତ ମାନଚିତ୍ରରେ ଗୋଟିଏ ଗୋଟିଏ 'ସ୍କୁଲ'ର ମୌଳିକ ଚିନ୍ତା ଓ ଦୃଷ୍ଟିକୋଣ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିଛି । ଏଫ୍.ଆର. ଲିଭିସଙ୍କର Scrutiny ସ୍କୁଲ, ଜନକ୍ରୋ ରାନ୍‌ସଙ୍କର ଚିକାଗୋ ସ୍କୁଲ, PMLA ସ୍କୁଲ ଇତ୍ୟାଦିକୁ ଏ କ୍ଷେତ୍ରରେ ସ୍ମରଣ କରାଯାଇପାରେ । ସାହିତ୍ୟ ଆଲୋଚନା ଓ ଗବେଷଣାକୁ କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଯେକି ପରିଚାଳିତ ଓ ପରିପୁଷ୍ଟ କରିବାର ଅଙ୍ଗୀକାର ବୋଧ ହୁଏ ପୃଥିବୀର ପଣ୍ଡିତମାନଙ୍କୁ କୌଣସି ନା କୌଣସି School of criticismର ଅଭ୍ୟୁଦୟ ପାଇଁ ପ୍ରରୋଚିତ କରିଛି । ପାରମ୍ପରିକ ନିର୍ମୋକ ପରିତ୍ୟାଗ କରି 'ସମୀକ୍ଷା-ସ୍କୁଲ' ନୂତନ ନିରୀକ୍ଷା ଦୃଷ୍ଟି ଦେଉଛି । ଏପରି ସ୍ଥଳେ ଆମର ସ୍ଥିତି ଓ ସମ୍ଭାବନା ବିଷୟ ବିଚାରିବା କଥା ।

-:*:-

(ମାର୍ଚ୍ଚ, ୧୯୮୧)

['ଏଷଣା' ଦ୍ୱିତୀୟ ଖଣ୍ଡର ସଂପାଦକୀୟ]

Digitized by srujanika@gmail.com

ସାହିତ୍ୟର ଇତିହାସ

ମାନବ ଜାତିର ଇତିହାସ ହେଉଛି, ମାନବ ସଭ୍ୟତାର ବୃତ୍ତାନ୍ତ । ଇତିହାସ ରଚନାରୁ କେବଳ ଅତୀତର ପରିଚୟ ମିଳେ ନାହିଁ, ମିଳେ ଭବିଷ୍ୟତ ଦୃଷ୍ଟିର ସଙ୍କେତ, ଗତିଶୀଳ ମାନବ-ସଭ୍ୟତାର ସନ୍ଦେଶ । ଏଥିରୁ ଆଗାମୀ କାଳ ଲାଗି ଶ୍ରେୟ ଗତିପଥ ସ୍ଥିର କରାଯାଇପାରେ । ସାଂସ୍କୃତିକ ନୃତତ୍ତ୍ୱରେ ଏହି ବିଷୟଟି ଉପରେ ଗୁରୁତ୍ୱ ଦିଆ ଯାଇଥାଏ । ସେହିପରି ମାନବୀୟ ମେଧା, ମନୀଷା ଓ ସୃଷ୍ଟି ପ୍ରବଣ ହୃଦୟ-ବୃତ୍ତିର ସାଧାରଣ ଚରିତ୍ର ଜାଣିବା ପାଇଁ ସାହିତ୍ୟର ଇତିହାସ ସାହାଯ୍ୟ କରି-ଥାଏ । କେଉଁ ଜାତି କେତେ ପରିମାଣରେ ଆପଣାର ବୌଦ୍ଧିକ-ବିଳାସ ଓ ଅଭୀପ୍ସାକୁ ଅକ୍ଷରାଙ୍କିତ କରିଛି ଏବଂ ତଦ୍ୱାରା ମାନବୀୟ ଚେତନାର ଦିଗ୍‌ବଳୟକୁ କିପରି ପ୍ରସାରିତ କରି ପାରିଛି, ତାହାର ପ୍ରମାଣ ଯୋଗାଇ ଥାଏ ସାହିତ୍ୟର ଇତିହାସ ।

ସାହିତ୍ୟର ଇତିହାସରୁ ସମାଜର ଆତ୍ମ-ରୂପ, ସାଂସ୍କୃତିକ ଅବଦାନର ସଂକେତ, ଏବଂ କାଳାନ୍ତର ଲାଗି ସଞ୍ଚିତ ମାନବ ମନର ଭାବମୂର୍ତ୍ତିକୁ ଅନାୟାସରେ ଚିହ୍ନି ହୁଏ । ଅତୀତର ସକଳ ଅବଶେଷ ଓ ଆଲେଖନକୁ ଆବିଷ୍କାର କରି ତହିଁରୁ ବର୍ତ୍ତମାନ ପାଇଁ କିଛି ସମାଧାନ ଓ ଭବିଷ୍ୟତ ସଂରଚନାର କିଛି ସୂତ୍ର ଖୋଜି ପାଇବା ଏପରି ସ୍ଥଳେ ଆଦୌ ବର୍ଜ୍ଜିତ ହୁଏ ନାହିଁ । ସାହିତ୍ୟର ଇତିହାସକୁ ବୁଦ୍ଧିଜୀବୀ ମଣିଷର ମାନସିକ-କୀର୍ତ୍ତିର ଐଶ୍ୱର୍ଯ୍ୟ ବୋଲି ବୁଝାଯାଇପାରେ । ସମୁଦ୍ର କୂଳରେ ବସି ଢେଉ ଗଣୁଥିବା ମଣିଷର ସ୍ୱପ୍ନ, ନିବୁଜ କୋଠରି ଭିତରେ ଧ୍ୟାନମଗ୍ନ ଆତ୍ମାର ନିଦିଧ୍ୟାସନ କିମ୍ବା ଆତ୍ମ ପ୍ରତ୍ୟୟ ହରାଇଥିବା କୌଣସି ହତାଶର ଆତୁର ଅସହାୟତା ଅଥବା ବିପୁଳ ଅନୁଭୂତିର ଇନ୍ଦ୍ରଜାଲ ଯେଉଁ ପାହାଚ ପରେ ପାହାଚ ଆଗକୁ ଆଗକୁ ମାଡ଼ି ଚାଲୁଥିବା ମଣିଷ ମନର ଚିନ୍ତା-ଲିପିକୁ ସାକାର ରୂପ ଦେଇଥିବା କୌଣସି ସାହିତ୍ୟ-ଜୀବନ ପାଇଁ କେଉଁ ପ୍ରତ୍ୟୟ କଣିକା ବାଣ୍ଟି ଦେଇଥାଏ, ତାହାର ବିବେଚନା ଲାଗି ଉତ୍ତର ସନ୍ଧାନ ଦିଏ,—ସାହିତ୍ୟର ଇତିହାସ ।

ଆମେ କହୁଁ, ମାନସିକ ପ୍ରତ୍ୟୟ ହେଉଛି ମଣିଷର ଶ୍ରେଷ୍ଠ ପ୍ରତ୍ୟୟ । ପ୍ରତ୍ୟୟର ଦୃଢ଼ତା ଓ ମୂଲ୍ୟ ବଳରେ ମଣିଷ ଆପଣାକୁ ମୂଲ୍ୟବାନ ମଣେ । ମନନଶୀଳ ମଣିଷର ଉଚ୍ଚାରଣକୁ ସ୍ଫୂର୍ତ୍ତି କରି ଜାତି ଆପଣାର ମହିମା ପ୍ରଚାର କରିଥାଏ । ସାହିତ୍ୟର ଇତିହାସ ଭିତରୁ ଏ ସବୁକୁ ଖୋଜା ଲୋଡ଼ା କରି, ଆଗାମୀ କାଳର

Digitized by srujanika@gmail.com

ମଣିଷ ଆପଣାକୁ ପ୍ରସ୍ତୁତ କରେ । ଏ ଦୃଷ୍ଟିରୁ ଯେକୌଣସି ଦେଶ ବା ଜାତିର 'ସାହିତ୍ୟ ଇତିହାସ' ଅତ୍ୟନ୍ତ ମୂଲ୍ୟବାନ, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ତେବେ ସାଧାରଣତଃ ମନରେ ଏକ ପ୍ରଶ୍ନ ଜାଗେ—ଏମିତି ଯଦି ସାହିତ୍ୟ-ଇତିହାସର ଶକ୍ତି ତାହେଲେ ଏଇ 'ସାହିତ୍ୟ-ଇତିହାସ' ସଂରଚନାର ମୂଳ ସୂତ୍ର କଣ ? ଆମ ସାହିତ୍ୟର ଇତିହାସ ସଂରଚନାରେ କେଉଁ କୌଶଳର ଦୃଷ୍ଟାନ୍ତ ବିଦ୍ୟମାନ ?

ସାହିତ୍ୟ ଇତିହାସ ରଚନା ଇତିହାସକାରଙ୍କ ଅନ୍ୱେଷଣ ବୃତ୍ତିର ଫଳ । ଊନବିଂଶ. ଶତାବ୍ଦୀର ପ୍ରାକ୍ କାଳରେ ଗବେଷକଗଣ ଆମ ସାହିତ୍ୟର ଇତିହାସ ରଚନା ପାଇଁ ତଥ୍ୟ ସଂକଳନ, ତିଥିକ୍ରମ ଓ ସମସ୍ତ ନିରୂପଣ, କୃତି ସମସ୍ତିର ସନ୍ଧାନ, ଉପରେ ବିଶେଷ ଧ୍ୟାନ ଦେଉଥିଲେ । ସାହିତ୍ୟର ଇତିହାସ ଲେଖା ପାଇଁ କବି-ପୁରୁଷଙ୍କର ଜୀବନୀ, ସାହିତ୍ୟକୃତିର ବିବରଣୀ ଇତ୍ୟାଦିର ସଂକଳନ ଏକ ସାଧାରଣ ପ୍ରକ୍ରିୟା ରୂପେ ସ୍ୱୀକୃତି ଅର୍ଜନ କରିଥିଲା । ସାଧାରଣ ଇତିହାସ ଲେଖା ପରି ଏହା ବିବରଣାତ୍ମକ ହୋଇ ପଡ଼ିଥିଲା । ଅବଶ୍ୟ ଏହା ସତ କଥା ଯେ ସାହିତ୍ୟର ଇତିହାସ ରଚନା ଲାଗି ଇତିବୃତ୍ତି ମୂଳକ ବିବରଣୀ ପ୍ରଦାନର କିଛି ଉପଯୋଗିତା ଅଛି । କିନ୍ତୁ ତାଠାରୁ ଅଧିକ ଉପଯୋଗୀ ହେଉଛି ସାହିତ୍ୟିକଙ୍କ କୃତିର ପରିଚୟ ଭିତରୁ ଅନ୍ତଃସ୍ରୋତ ମର୍ମ ଉଦ୍ଘାଟନ ଏବଂ ସଙ୍କଳିତ ସାମଗ୍ରୀ ଭିତ୍ତିରେ ଅତୀତର ପୁନର୍ମୂଲ୍ୟାୟନ ଏଥିପାଇଁ ଲୋଡ଼ା ଆଲୋଚନାତ୍ମକ ଦୃଷ୍ଟିକୋଣ, ଆନ୍ତର୍ବିଦ୍ୟାର ତୁଳନାତ୍ମକ ଚର୍ଚ୍ଚା । କେବଳ ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ବୃତ୍ତିରେ ସୀମିତ ହୋଇଗଲେ ସାହିତ୍ୟର ଇତିହାସ ଲେଖା ପୂର୍ଣ୍ଣାଙ୍ଗ ହୁଏ ନାହିଁ । ଜାତିର ମନନ-ବୈଶିଷ୍ଟ୍ୟ ଓ ସୃଷ୍ଟିର ବୈଶିଷ୍ଟ୍ୟମୟ ସମଗ୍ରତାକୁ ଦେଖାଇ ଦେବା ଏହା ଦ୍ୱାରା ସମ୍ଭବ ହୁଏ ନାହିଁ । ନିଜ ସାହିତ୍ୟର ପରିଧି ଭିତରେ ବୁଢ଼ିରହି ନିଜକୁ ଆବିଷ୍କାର କରିଯାଇ ପାରେ । କିନ୍ତୁ ଅନ୍ୟ ଆଗରେ ଆପଣାର ମୂଲ୍ୟ ପ୍ରତିଷ୍ଠା କରିବା ଲାଗି ଏହା ଅନୁପଯୁକ୍ତ । ଏଥିପାଇଁ ଲୋଡ଼ା ନିଜ ସାହିତ୍ୟ ସହିତ ଅନ୍ୟ ସାହିତ୍ୟର ତୁଳନାତ୍ମକ ବିଚାର ବିବେଚନା । ସାହିତ୍ୟର ଇତିହାସ ଲେଖା ଏବେ ଏଣିକି ଦେଶ ବିଦେଶରେ ଏହି ତୁଳନାତ୍ମକ କୌଶଳର ପୋଷକତା କରୁଛି । ଆମ ସାହିତ୍ୟରେ ଏପରି ଦୃଷ୍ଟାନ୍ତ ସ୍ୱଳ୍ପ ।

ପାଶ୍ଚାତ୍ୟରେ ଜୀବନ୍ତ ଇତିହାସ ରଚନା ପ୍ରତି ଧ୍ୟାନ ଦିଆ ଯାଉଛି । 'ମୌଖିକ ଇତିହାସ' (Oral history) ସଂକଳନ କରି ତାହାକୁ ସାହିତ୍ୟରେ ବିନିଯୋଗ କରିଯାଉଛି । ପରଂପରାରୁ ପ୍ରାପ୍ତ ଐତିହାସିକ ସାମଗ୍ରି, ଘଟଣାର ବାସ୍ତବିକ କ୍ରମ, ନଥିପତ୍ରର ବୈଜ୍ଞାନିକ ବିଶ୍ଳେଷଣ, ସାହିତ୍ୟିକଙ୍କ ସଂରକ୍ଷିତ ସାମଗ୍ରୀ, ପରିସ୍ଥିତି ଓ ପରିବେଶ ସହିତ ତାଙ୍କର ସାକ୍ଷାତ ସଂପର୍କର ପ୍ରାମାଣିକ ନିଦର୍ଶନ ଇତ୍ୟାଦିର

Digitized by srujanika@gmail.com

ଅନୁସନ୍ଧାନ କ୍ରମରେ ସଂଗୃହୀତ ଉପାଦାନକୁ ସାହିତ୍ୟ, ଇତିହାସ ରଚନା ଲାଗି ବ୍ୟବହାର କରାଯାଉଛି । ଏଗୁଡ଼ିକର ଆଶ୍ରୟରେ ଲେଖକଙ୍କ କୃତିର ନାନ୍ଦନିକ ମୂଲ୍ୟାୟନ, ସମାଜ ତାତ୍ତ୍ୱିକ ଅଧ୍ୟୟନ ଓ ଜୀବନଧର୍ମୀ ବ୍ୟାଖ୍ୟାକଣ ସାହିତ୍ୟର ବିକାଶ-ଧାରାକୁ ମାନବ ସମାଜର ବିକାଶଧାରା ସହିତ ମିଳେଇ, ମୂଲ୍ୟବୋଧର ଆବିଷ୍କାର ଉପରେ ବିଶେଷ ଦୃଷ୍ଟି ପ୍ରତିଫଳିତ ହେଉଛି । ଏହି କୌଶଳ ଏକ ଆଧୁନିକ କୌଶଳ । ଏଥିପ୍ରତି ଆମର ସାହିତ୍ୟର ଇତିହାସକାରମାନେ ଦୃଷ୍ଟି ଦେବା ସଙ୍ଗତ ନୁହେଁ କି ?

—※—

(ଅକ୍ଟୋବର, ୧୯୮୧)

['ଏଷଣା' ତୃତୀୟ ଖଣ୍ଡର ସଂପାଦକୀୟ]

Digitized by srujanika@gmail.com

ସାହିତ୍ୟ-ଗବେଷକର ସମସ୍ୟା

ସାହିତ୍ୟ-ଗବେଷଣା ପ୍ରତି ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଉଛି । ଉପାଦାନ-ସଂକଳନର ସମସ୍ୟା ଅତୀତରେ ଯେପରି ଉତ୍କଟ ବୋଧ ହେଉଥିଲା ଏବେ ତାହା ସାମାନ୍ୟ ସୁଧୁରିଥିଲେ ମଧ୍ୟ ସହଜ ହୋଇନାହିଁ । ଓଡ଼ିଆ ଗବେଷଣାରେ ଅନୁବ୍ରତୀ ଗବେଷକ, ପାଠାଗାରର ଉପାଦାନ ଉପରେ ନିର୍ଭର କରି ଗବେଷଣା-କର୍ମ ଚଳେଇ ନେବାର ବେଳ ଆସି ନାହିଁ । ଆମେ ଲକ୍ଷ୍ୟ କରୁଁ, ଓଡ଼ିଆ ଗବେଷକଗଣ ସାହିତ୍ୟ ଗବେଷଣା କାର୍ଯ୍ୟ ହାତକୁ ନେଲାକ୍ଷଣି ଉପାଦାନ ସଂଗ୍ରହ ଓ ବର୍ଗୀକରଣ କ୍ଷେତ୍ରରେ ଶ୍ରମ ସାପେକ୍ଷ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସିଏ ଯେଉଁ ବିଷୟରେ ଗବେଷଣା କରିବା ଲାଗି ପ୍ରବୃତ୍ତ ହେଉନା କାହିଁକି, ତାଙ୍କ ପକ୍ଷରେ ଏହାହିଁ ଖୁବ୍ କଷ୍ଟସାଧ୍ୟ ସମସ୍ୟା । କାରଣ ଓଡ଼ିଆ ସାହିତ୍ୟର ରଚନା-ସକଳ, ସଂକଳିତ ଓ ସଂପାଦିତ ହୋଇ କୌଣସି ପାଠାଗାର କେନ୍ଦ୍ରରେ ମିଳୁଥିବାର ଦୃଷ୍ଟାନ୍ତ ନାହିଁ କହିଲେ ଚଳେ । ତାହର କି ପ୍ରାଚୀନ କି ଆଧୁନିକ ଲେଖକମାନଙ୍କର ରଚନା-ସମ୍ପଦ କିଛି ପ୍ରକାଶିତ କିଛି ଅପ୍ରକାଶିତ ଅବସ୍ଥାରେ ଅଛି । ଏହା ପାଣ୍ଡୁଲିପି ଆକାରରେ ହେଉ ଅଥବା ପତ୍ର ପତ୍ରିକାରେ ବିନ୍ୟସ୍ତ ହୋଇ ରହିଛି । ପୁଣି ଗ୍ରନ୍ଥ ଆକାରରେ ପ୍ରକାଶ ପାଇଥିବା ରଚନାଗୁଡ଼ିକୁ ମଧ୍ୟ ସେପରି କୌଣସି କେନ୍ଦ୍ର ପାଠାଗାରରେ ପାଇବା ସମ୍ଭବ ନୁହେଁ । ଓଡ଼ିଶାରେ ସେପରି ସମୃଦ୍ଧ ଗ୍ରନ୍ଥାଗାରର ଅଭାବ ଅଛି ।

ଆମେରିକାର ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ଗବେଷଣା ସଂସ୍ଥା ଯେପରି ଗବେଷକମାନଙ୍କ ପାଇଁ ପ୍ରସ୍ତୁତ ସହାୟକ ଉପାଦାନ ଯୋଗାଇ ଦେଇ ଗବେଷଣାକୁ ସହଜସାଧ୍ୟ କରୁଛନ୍ତି, ତାହାର ସୂତ୍ରପାତ ଏଠି ହୋଇନାହିଁ । ଗବେଷକଙ୍କୁ ସାହାଯ୍ୟ କଲାଭଳି ବିଭିନ୍ନ ଶ୍ରେଣୀର ବିଭାଗୀକୃତ ଗ୍ରନ୍ଥସୂଚୀ (Classified Bibliography) ମଧ୍ୟ ଊଣା । ତେଣୁ ଗବେଷଣା-କର୍ମରେ ପ୍ରବେଶ କଲା ପରେ ଗବେଷକମାନେ, ପ୍ରଥମେ ଗ୍ରନ୍ଥ ଆକାରରେ ବାହାରି ନ ଥିବା ପ୍ରକାଶିତ ବା ଅପ୍ରକାଶିତ ରଚନାବଳୀ ଖୋଜାଖୋଜି କରି ସଂଗ୍ରହ କରନ୍ତି । ଆବଶ୍ୟକତା ଅନୁମତେ ଏହାର ଶ୍ରେଣୀ ବିଭାଜନ ଓ ତତ୍ପରେ ଅନୁଶୀଳନ ପ୍ରତି ଗବେଷକଗଣ ଧ୍ୟାନ ଦେଇଥାନ୍ତି । ଏକାଧାରରେ ତିନୋଟି କାମ ଜଣେ ଗବେଷକଙ୍କୁ କରିବାକୁ ପଡ଼େ, ଫଳରେ ଶ୍ରମ ଓ ସମୟ ପୀଡ଼ାରେ ଭାରାକ୍ରାନ୍ତ ହୁଏ ଗବେଷକର ମନ । ଅନୁଶୀଳନରେ ପୂର୍ଣ୍ଣ ଶକ୍ତି ଖଟାଇବା ଲାଗି ଗବେଷକଙ୍କୁ ପ୍ରବୃତ୍ତ କରିବାକୁ ହେଲେ—ସହାୟକ ଓ ପ୍ରସ୍ତୁତ

Digitized by srujanika@gmail.com

ଉପାଦାନର ସହଜ ଲଭ୍ୟ ସମ୍ଭବ ତାଙ୍କୁ ଯୋଗାଇଦେବା ଉଚିତ । ଗବେଷକଗଣ ଆପଣା କ୍ଷେତ୍ରରେ ସାଧନାରତ ଥାଇ ଖୁବ୍ ନିଷ୍ଠାର ସହ ଆକର-ଗ୍ରନ୍ଥ ପ୍ରସ୍ତୁତ, ଗ୍ରନ୍ଥ-ସୂଚୀ ସଙ୍କଳନ, ସନ୍ଧାତ୍ମକ-ଗ୍ରନ୍ଥର ବର୍ଣ୍ଣନାତ୍ମକ ଟିପ୍ପଣୀ ପ୍ରକାଶ, ପାଠାଲୋଚନା, ଐତିହାସିକ ତଥ୍ୟ ଉଦ୍ଧାର, ପ୍ରକାଶିତ ରଚନା ସମ୍ପାଦନ ଇତ୍ୟାଦି ସାରସ୍ୱତ କର୍ମରେ ମନୋନିବେଶ କଲେ କାଳକ୍ରମେ ଗବେଷଣା କର୍ମ ସ୍ୱଳ୍ପ ସମୟସାପେକ୍ଷ ଓ ଶ୍ରମ-ମଧୁର ହୋଇପାରିବ ।

ତରୁଣ-ଗବେଷକଙ୍କର ଦୃଷ୍ଟି ଓ ରୁଚିବୋଧ ହିଁ ଆମର ଜାତୀୟ ଅଭାବ ମେଣ୍ଟାଇବାରେ ସାହାଯ୍ୟ କରିପାରେ । ଗବେଷକର 'ଦୃଷ୍ଟି' ସାମଗ୍ରିକତା ଆଡ଼କୁ ପ୍ରସାରିତ ହେଉ; ଏହା ପ୍ରାଚୀନ କିମ୍ବା ଆଧୁନିକ ସାହିତ୍ୟର ଭେଦ ନ ବାଛୁ । ପ୍ରାଚୀନ ସାହିତ୍ୟକୁ ଆଧୁନିକ ଭାବାଲୋକରେ ଏବଂ ଆଧୁନିକ ସାହିତ୍ୟକୁ ଆନ୍ତର୍ବିଦ୍ୟାର ସାଧନ-ସାମଗ୍ରୀ ବଳରେ ପର୍ଯ୍ୟାଲୋଚନା କରିବାରେ କୁଶଳୀ ହେଲେ, ଆମ ଗବେଷଣା ସମୃଦ୍ଧ ହେବ ।

— ✳ —

(ମାର୍ଚ୍ଚ, ୧୯୮୭)

['ଏଷଣା' ଚତୁର୍ଥ ଖଣ୍ଡର ସଂପାଦକୀୟ]

Digitized by srujanika@gmail.com

ସାହିତ୍ୟ ସେବା-ଯଜ୍ଞର ଯାଜ୍ଞିକ

ସାହିତ୍ୟ ହେଉଛି, ମାନବ-ସମାଜର ବିବେକ । ସାହିତ୍ୟର ଉତ୍ଥାନ ଅର୍ଥ ମାନବ-ସମାଜର ଉତ୍ଥାନ । ଭୌତିକ ସମ୍ପତ୍ତି ଆଶ୍ରୟରେ ଗଢ଼ା ମାନବ-ଜାତିର ଶକ୍ତି ସ୍ଥାୟୀ ନୁହେଁ । ଭାରତୀୟ ସାହିତ୍ୟରେ ଏହି ଚେତନାର ଇଙ୍ଗିତ ସ୍ପଷ୍ଟ । ଅତୀତର ଭାରତୀୟ ସାହିତ୍ୟ ଭୌତିକ ମାୟା-ବନ୍ଧନରୁ ମୁକ୍ତ ହେବା ଲାଗି ପ୍ରେରଣା ଦେଉଥିଲା । ଏପରି ମୁକ୍ତିର ଅର୍ଥ, ଭୋଗ ଓ ଅଧିକାରବୋଧର ବଶ୍ୟତାରୁ ମୁକ୍ତି ।

କାଳଜୟୀ ଭାରତୀୟ ସାହିତ୍ୟରେ ଯେଉଁ ଚରିତ୍ରମାନଙ୍କୁ ଉଚ୍ଚ ମାନସମ୍ପନ୍ନ କରି ସୃଷ୍ଟି କରାଯାଇଥିଲା, ସେମାନେ ଥିଲେ ଏହି ଆଦର୍ଶର ପ୍ରତୀକ । ବ୍ୟାସ, ବାଲ୍ମୀକି, କାଳିଦାସ ଓ ରବୀନ୍ଦ୍ରନାଥ ପ୍ରଭୃତି ଋଷି-ତାପସଗଣ ଯେଉଁ ସାହିତ୍ୟ-ମୂର୍ତ୍ତିମାନଙ୍କର ସ୍ରଷ୍ଟା, ସେମାନେ ଆପଣା ମର୍ଯ୍ୟାଦା ବଳରେ ବିଶ୍ୱଭୂମିରେ ଭାରତର ମର୍ଯ୍ୟାଦା ପ୍ରତିଷ୍ଠା କରିଛନ୍ତି; ସେମାନଙ୍କ ଯୋଗୁଁ ବିଶ୍ୱର ସାରସ୍ୱତ ଦିଗ୍‌ବଳୟରେ ଆମେ ଉନ୍ନତ-ଶିର । ବାଲ୍ମୀକିଙ୍କର ମୌଳିକ ଦୃଷ୍ଟିର ଶକ୍ତିରେ 'ରାମ'ଙ୍କର ପ୍ରତିମୂର୍ତ୍ତି ନିର୍ମିତ । ଅନ୍ୟ ପ୍ରକାରରେ କହିଲେ—ଆଦିକବି ହିଁ 'ରାମ' ବ୍ୟକ୍ତିତ୍ୱର ସ୍ରଷ୍ଟା; ତାଙ୍କରି କୃତିରୁ 'ରାମ ସୀତା' କୀର୍ତ୍ତିମାନ । ସେ କାଳରୁ ଏ କାଳ ଯାଏଁ ପ୍ରତି ପ୍ରହରରେ ଏମାନେ ଭାରତୀୟ ସଂସ୍କୃତିର ବିବେକ ରୂପେ ଆମ ଚେତନାରେ ଜାଗ୍ରତ ।

ମନେହୁଏ ଭାରତୀୟ ଆତ୍ମାର ମୁକ୍ତ ପ୍ରତିଫଳନ ହେବାରୁ ସେ ସମୟର ସାହିତ୍ୟ କୃତିଚୟ ଲୋକ-ଜୀବନର ଆଦରଣୀୟ ସଂପଦ ହୋଇଥିଲା । ଜୀବନର ମନ୍ତ୍ର ରୂପେ ଭାରତୀୟଗଣ ତାହାକୁ ଗ୍ରହଣ କରିଥିଲେ । ଶ୍ରେଷ୍ଠ ସାହିତ୍ୟିକକୁ ମନ୍ତ୍ରଦ୍ରଷ୍ଟାର ଭୂମିକାରେ ଅବସ୍ଥାପିତ କରାଯାଇଥିଲା । ସମାଜ ଓ ରାଷ୍ଟ୍ର ସାହିତ୍ୟରୁ ପ୍ରେରଣା ପାଉଥିଲେ ଏବଂ ସାହିତ୍ୟକୁ ଏମାନେ ମଧ୍ୟ ପ୍ରେରଣା ଯୋଗାଉଥିଲେ । ଏପରି ଅନୁକୂଳ ବନମସ୍ତ-ଚଣ୍ଡ ଚକ୍ରୁ ନ ଥିଲେ ବେଦ ଉପନିଷଦଠାରୁ ଆରମ୍ଭ କରି ପ୍ରାଚୀନ କାବ୍ୟ ମହାକାବ୍ୟ ପର୍ଯ୍ୟନ୍ତ ସକଳ ସୃଷ୍ଟି ସଭ୍ୟତାର ବହୁ ଉଦ୍‌ବର୍ତ୍ତନ ଓ ଆଲୋଡ଼ନ ଭିତରେ ଆଜିଯାଏଁ ତିଷ୍ଠି ନ ଥାନ୍ତା ।

ଆମେ ଜାଣୁଁ, ସବୁପ୍ରକାର ଭୌତିକ ଐଶ୍ୱର୍ଯ୍ୟକୁ କାଳ କବଳିତ କରିଛି, କେତେ ସମୃଦ୍ଧ ସଭ୍ୟତାର ବିଲୟ ଘଟିଛି । ନାନାଦି ସ୍ଥାପତ୍ୟ କୀର୍ତ୍ତି, ଶିଳ୍ପ ଓ କଳାର ନିପୁଣ ନିର୍ମାଣ ଧୂଳିସାତ୍ ହୋଇ ଯାଇଛି । ତାହାର ଭଗ୍ନାବଶେଷକୁ ହୁଏତ

Digitized by srujanika@gmail.com

ଆମେ ଆବିଷ୍କାର କରିଛୁଁ । ମହେଞ୍ଜୋଦାରୋ, ହରପ୍ପାର ଆବିଷ୍କାର ଭଳି ସେଥିରୁ ଆମେ ପ୍ରାଚୀନ କୃଷ୍ଟିର ନମୁନା ସଂଗ୍ରହ କରିଛୁଁ । ଏଗୁଡ଼ିକ ଯେ କୌଣସି ରାଷ୍ଟ୍ର ଓ ସମାଜର ଗୌରବ ସମ୍ପଦ । ନାନାବିଧ ନିର୍ମାଣ ଯୋଜନା, କଳା-ସ୍ଥାପତ୍ୟର ନିଦର୍ଶନ ଏହାର ଅଂଶ ବିଶେଷ । ଏମାନେ କ୍ଷୟିଷ୍ଣୁ, କିନ୍ତୁ ସାହିତ୍ୟ ଏକ ବ୍ୟତିକ୍ରମ ।

ସାହିତ୍ୟର ଅନ୍ୟ ନାମ ଅକ୍ଷର କୀର୍ତ୍ତି । ଆଲୋକରେ ଆତ୍ମ-ପ୍ରକାଶ କରିଥିବା କୌଣସି ଉଚ୍ଚାରଣ କାଳ-କବଳିତ ହୁଏ ନାହିଁ । ଅକ୍ଷରକୁ ଲିଭାଇ ଦେବା କିମ୍ବା ତାକୁ ଜୀବନରୁ ମାରି ଦେବାର ପଣ କରି କେହି କେବେ ବିଜୟୀ ହୋଇନାହିଁ । ବିଶ୍ୱର ଉତ୍ପୀଡ଼କ ରାଷ୍ଟ୍ର ନାୟକ କେହି ସାହିତ୍ୟ-ସଙ୍ଗୀତକୁ ମଧ୍ୟ ଆପଣା ସାମ୍ରାଜ୍ୟର ସୀମା ବାହାରକୁ ନିର୍ବାସିତ କରିପାରି ନାହାଁନ୍ତି । ରାଷ୍ଟ୍ରର ଆଧିପତ୍ୟ ପରାଭୂତ ହୋଇଛି, ମାତ୍ର ସାହିତ୍ୟ-ସଙ୍ଗୀତର ପ୍ରଭୁ ପଣ ବଜାୟ ରହିଛି ।

ସାହିତ୍ୟ ପ୍ରଭୁ, ରାଷ୍ଟ୍ର ହିଁ ତା'ର ସେବକ । ସାହିତ୍ୟ ସେବାରେ ରାଷ୍ଟ୍ରର ସମାଜ-ମଙ୍ଗଳ ଓ ପ୍ରଜା-କଲ୍ୟାଣ ବ୍ରତ ବିଶେଷ ଫଳପ୍ରଦ ହୋଇଥାଏ । ତେବେ ପ୍ରଶ୍ନ ହେଉଛି; ସାହିତ୍ୟ-ସେବା ପାଇଁ ରାଷ୍ଟ୍ରର ଭୂମିକା କଣ ? ପରିବର୍ତ୍ତିତ ସମୟର ପ୍ରଭାବରେ ସାହିତ୍ୟ-ସେବା ଲାଗି ଏହା କେଉଁ ଭାବରେ ଆପଣାକୁ ପ୍ରସ୍ତୁତ କରିବ ?

ରାଷ୍ଟ୍ରର ସକଳ ବିକାଶଶୀଳ କାର୍ଯ୍ୟକ୍ରମକୁ ଅଭିମନ୍ତ୍ରିତ କରିବ ସାହିତ୍ୟ, ଜନଚେତନାକୁ ଉଦ୍‌ବୁଦ୍ଧ ଓ ଜାଗ୍ରତ କରିବ ସାହିତ୍ୟ, ମନୋଭୂମିର ଆୟତନକୁ ପରିବ୍ୟାପ୍ତ କରିବ ଏଇ ସାହିତ୍ୟ, ସାମାଜିକ ଜୀବନ-ଚର୍ଯ୍ୟାର ସଂଯତ ଓ ଶୃଙ୍ଖଳିତ ପରିପ୍ରକାଶ ଲାଗି ପ୍ରେରଣା ଦେବ ଏଇ ସାହିତ୍ୟ, ଜାତିର ଐତିହ୍ୟ ଓ ଐଶ୍ୱର୍ଯ୍ୟର ସଂରକ୍ଷଣ ଲାଗି ଉତ୍ସାହିତ କରିବ ଏଇ ସାହିତ୍ୟ, ଉନ୍ନତ ରୁଚିବୋଧର ଉନ୍ମେଷର ସହାୟକ ହେବ ଏଇ ସାହିତ୍ୟ, ରାଷ୍ଟ୍ରର ସାମଗ୍ରିକ ଦୃଷ୍ଟି ଓ ନିଜସ୍ୱ ଦର୍ଶନର ପ୍ରାଣଦାତା ହେବ ଏଇ ସାହିତ୍ୟ । ଏହି କାରଣରୁ ସାହିତ୍ୟିକ ହେଉଛି ବସ୍ତୁତଃ ରାଷ୍ଟ୍ର-ସେବୀ । ତେଣୁ ସାହିତ୍ୟର ସେବା କର୍ମରେ ରାଷ୍ଟ୍ର ଅକୁଣ୍ଠ ଉତ୍ସାହ ପ୍ରଦର୍ଶନ କରିବା, ଫଳତଃ ସାହିତ୍ୟ-ସେବା ଯଜ୍ଞର ଯାଜ୍ଞିକ ହେବା ସଂଗତ ନୁହେଁ କି ?

—*—

(ଅକ୍ଟୋବର, ୧୯୮୨)

['ଏଷଣା' ପଞ୍ଚମ ଖଣ୍ଡର ସଂପାଦକୀୟ]

Digitized by srujanika@gmail.com

ସାହିତ୍ୟ-ବିଦ୍ୟାର ଶବ୍ଦ-ଜଗତ

ସାହିତ୍ୟ-ବିଦ୍ୟାର କ୍ଷେତ୍ରବ୍ୟାପ୍ତି ଓ ପରିପୁଷ୍ଟି ପାଇଁ ବିଶେଷ ଅର୍ଥବାହୀ ସାହିତ୍ୟ-ସମୀକ୍ଷା ବାଚକ ଶବ୍ଦାବଳୀର ପ୍ରୟୋଗ ଏକାନ୍ତ ଆବଶ୍ୟକ । ସାହିତ୍ୟ-ବସ୍ତୁ ଓ ସାହିତ୍ୟିକଙ୍କର ନାନାପ୍ରକାର ମାନସିକ ଭୌତିକ ଓ ନାନ୍ଦନିକ ଉପାଦାନକୁ ଚର୍ଚ୍ଚାକରି ପୁନଃସର୍ଜନାରେ ରୂପାନ୍ତରିତ କରିବା ପାଇଁ ସାଧାରଣ ଶବ୍ଦର ଭାବ-ପ୍ରକାଶ କ୍ଷମତା ଯଥେଷ୍ଟ ନୁହେଁ ।

ଅଭିଧାନରେ ସଙ୍କେତ ଶବ୍ଦ, ସାଧାରଣ ଅର୍ଥର ସୂଚନା ଦିଏ । କିନ୍ତୁ 'ପରିଭାଷା'ର ଅଭିଧା ହେଉଛି, ବିଶେଷ ଅର୍ଥବୋଧକ ଶବ୍ଦ । ସାହିତ୍ୟ-ଏଷଣା ଯେଉଁ ଭାଷାବନ୍ଧକୁ ନେଇ କଳା ଓ ଜୀବନ ସମ୍ବୋଧୀ ହୋଇଥାଏ, ତାହା ପୂର୍ଣ୍ଣତଃ ପରିଭାଷା-ନିର୍ଭର । ବିଶେଷ ଅର୍ଥବୋଧକ ଶବ୍ଦାବଳୀ ସାହାଯ୍ୟରେ ସାହିତ୍ୟର ଜୀବନ-ଲକ୍ଷ୍ୟ ଦେଖାଯାଏ । 'ରସିକ' ଓ 'ରସଜ୍ଞ'ଙ୍କୁ ସାହିତ୍ୟ-ତଥ୍ୟ ପରିବେଷଣ କଲାବେଳେ ଅଧିକାଂଶଙ୍କୁ ବିଶେଷ ଶବ୍ଦ ଗଠନ ପ୍ରତି ଯତ୍ନବାନ ହେବାକୁ ପଡ଼େ, ଯେଉଁଠି ଏହାର ଅବହେଳା, ସେଠି 'ସାହିତ୍ୟ-ବିଦ୍ୟା'ର ସ୍ୱନାଦ ଅଗଭୀର, ନଚେତ୍ ତାହା ପଲ୍ଲବଗ୍ରାହୀ ମାୟାଜାଲରେ ଆଚ୍ଛନ୍ନ ।

କେହି କେହି ମନେ କରନ୍ତି, ଶବ୍ଦ ହେଉଛି —ମାୟା-ପୁରୁଷ । ଶ୍ରୋତା-ବକ୍ତା ଲେଖକ-ପାଠକ ସଭିଙ୍କ ମନରେ ଏହା ଭରିଦିଏ ଶୀତ ସକାଳର ଘନ କୁହୁଡ଼ି । କିଏ ଚହ୍ନେ କାହାକୁ ? ମର୍ତ୍ତିରେ ମୂର୍ତ୍ତିମାନ ମାୟା-ପୁରୁଷ । ତେଣୁ ଶବ୍ଦ ମୋହରୁ ମୁକ୍ତି ମିଳିଲେ ସତ୍ୟର ସାରୂପ୍ୟ ଦର୍ଶନ ମିଳେ । ବାସ୍ତବର କାୟା-କଳ୍ପ ସହ ଆଳାପ କରିହୁଏ । ଯେଉଁମାନେ ଏପରି ଭାବନ୍ତି, ସେମାନେ ବାଙ୍ମୟର ଅସଲ ପ୍ରାଣବୀଜଟିକୁ ଭୁଲି ଯାଇଥାନ୍ତି ।

ଆମ ବାଙ୍ମୟର ଆଧେୟ କ'ଣ ? କେମିତି ହେବ ତେବେ, ମଣିଷ ସହ ମଣିଷର ଆଳାପ, ଭାବ-ପସରାର ଦିଆନିଆ ? ଏଥିପାଇଁ ଲୋଡ଼ା ବିଶେଷ ବିଶେଷ ଶବ୍ଦ, ସୁଗଠିତ ଶବ୍ଦ-ଶକ୍ତି । ଶବ୍ଦ-ଶକ୍ତିର ପ୍ରାଣ-ରସ ପୋଷେ ସାହିତ୍ୟ ହେଉଛି, ବାଙ୍ମୟ ପୁରୁଷ । ଏଇ ବାଙ୍ମୟ-ପୁରୁଷ ସହ ସାକ୍ଷାତ-ସଂଳାପ, ସାନ୍ନିଧ୍ୟ-ସଂଯାଜା ଏବଂ ସଂବିତ୍ ସମ୍ପର୍କ ପାଇଁ ଲୋଡ଼ା ଶବ୍ଦ-ଶକ୍ତିର ମାଧ୍ୟମ । ଶବ୍ଦ-ଶକ୍ତିର ନିରିଜନା ବିହୁନେ ବାଙ୍ମୟ-ପୁରୁଷ ସହ ଅନ୍ତର୍ମିଳନ ଘଟିପାରେ କି ? ଶବ୍ଦ-ଶକ୍ତିର ଅନ୍ୱେଷଣକୁ ଯଦି 'ମୋହ' ବା ମାୟାବିଚ୍ଛିତ୍ତି ବୋଲି ମନେ କରାଯାଏ, ତେବେ ସୃଷ୍ଟି ଧର୍ମର ପ୍ରାକୃତ ଓ ଅଭିଜାତ ଗୌରବରୁ ବିଚ୍ୟୁତ ହୁଏ ଲେଖକ ।

Digitized by srujanika@gmail.com

ଶବ୍ଦର ବାଚକ-ଦକ୍ଷତା, ଧାରଣା-ସଂଗୁପ୍ତ କ୍ଷମତା ବା ଉଚିତ ଅବବୋଧ ଲାଗି ପ୍ରେରକ-ଗୁଣକୁ ନ ବୁଝି ଯଦି ଶବ୍ଦ ପ୍ରୟୋଗ କରାଯାଏ, ତେବେ ତାହା ଅସ୍ପଷ୍ଟତା ଦୋଷଦୁଷ୍ଟ ହୁଏ, ଅର୍ଥ-ପ୍ରମାଦ ଆଣେ କିମ୍ବା ବାହୁଲ୍ୟ ବା ସଂଶୟ ବଢ଼ାଏ କିମ୍ବା ଭାବ-ସଂବନ୍ଧନରେ ଅପରିପକ୍ୱ ବୋଲି ଅନୁଭୂତ ହୋଇପାରେ । ସାହିତ୍ୟ-ଆଲୋଚନା ବେଳେ ଆମେ ଆବଶ୍ୟକ ସ୍ଥଳେ 'ରସିକ' କିମ୍ବା 'ରସଜ୍ଞ' ଶବ୍ଦ ବ୍ୟବହାର କରିଥାଉଁ । ଏମାନଙ୍କ ମଧ୍ୟରେ ପରିଭାଷାଗତ ସୂକ୍ଷ୍ମ ପ୍ରଭେଦ ଅଛି । ରସାସ୍ୱାଦନରେ ବିଚାରର ନିରପେକ୍ଷତା, ଭୋଗ ପ୍ରବଣତା 'ରସିକ'ର ଆତ୍ମିକ ବିଲକ୍ଷଣ, ରସ ଗ୍ରହଣ ବେଳେ ବିଚାରନିର୍ଭରତା, ମୂଳ ଭାବ ବା ଚିନ୍ତାର ସଚେତନ ଉପଲବ୍ଧି ଲାଗି ଐକାନ୍ତିକ ପ୍ରତ୍ୟାଶା ହେଉଛି, ରସଜ୍ଞର ଲକ୍ଷଣ । ଏହି ବିଶେଷ ପାର୍ଥକ୍ୟ ସଂପର୍କରେ ଅବହିତ ନ ଥାଇ, ଦୁଇଟି ଶବ୍ଦକୁ ସମାର୍ଥକ ବିଚାରି ପ୍ରୟୋଗ କଲେ ଅଭିପ୍ରେତ ଜ୍ଞାନ/ଭାବର ଉପଲବ୍ଧିରେ ବାଧା ଉପୁଜିବ । ସେହିପରି ଅନ୍ୟ ଏକ ଦୃଷ୍ଟାନ୍ତ ଶିଳ୍ପ-ସାହିତ୍ୟ ଆଦି କଳା-କର୍ମର ବୈଚିତ୍ର୍ୟ ଉପଲବ୍ଧି ଅବସରରେ 'ବୋଧି' ଓ 'ବୁଦ୍ଧି'ର ପ୍ରାସଙ୍ଗିକ ବ୍ୟବହାର ଆମେ ପ୍ରାୟ ଲକ୍ଷ୍ୟ କରିଥାଉଁ । ଦୁଇଟି ଶବ୍ଦ ବସ୍ତୁତଃ ସମାର୍ଥକ ନୁହଁନ୍ତି । ତଥାପି ଯଦି ଏହି ଦୁଇଟି ଶବ୍ଦକୁ ଏକାର୍ଥରେ ବ୍ୟବହାର କରାଯାଏ, ତେବେ ପ୍ରମାଦ ଓ ବିଭ୍ରାନ୍ତି ଘଟିବା ନିଶ୍ଚିତ । ଶ୍ରୀ ଅରବିନ୍ଦ, ଶିଳ୍ପକଳାର ତାତ୍ପର୍ଯ୍ୟ ଅନୁଶୀଳନ ପ୍ରସଙ୍ଗରେ ଏହି ଦୁଇଟି ଶବ୍ଦର ସଂଜ୍ଞାର୍ଥକ ଅନ୍ୱୟ ପ୍ରଦାନ କରିଛନ୍ତି । ତାଙ୍କ ଅନୁଶୀଳନ ଅନୁମତେ—ଚିତ୍ତ ବା ମାନସିକ ଶକ୍ତି ଉପରୁ ଦୁହିଁଙ୍କର ଉଦ୍ଭବ ହେଲେ ବି ପ୍ରୟୋଗ ଓ ପ୍ରକାଶର ଭିନ୍ନତା ଯୋଗୁ ଏମାନଙ୍କର ବାଚକ-ସତ୍ତା ଭିନ୍ନ । ଇନ୍ଦ୍ରିୟ ଓ ପ୍ରବୃତ୍ତିର ପ୍ରବେଗକୁ ନିୟନ୍ତ୍ରଣ କରେ ବୁଦ୍ଧି, ସତ୍ୟର ଭିନ୍ନ ଏକ ଇଲାକା, କଠିଣ ଏକ ରାଜ୍ୟରେ ଆମ ମନକୁ ପହଞ୍ଚାଇ ଦିଏ—ଏହି ବୁଦ୍ଧି । ଏହି ପ୍ରଣାଳୀରେ 'ବୋଧି' ଗୃହୀତ ହେଉଥିଲେ ମଧ୍ୟ ଏହା ଅତିକ୍ରମ କରିଯାଏ ବୁଦ୍ଧିକୁ । ଏହି ଅତିକ୍ରାନ୍ତି ଆମ ମନକୁ ସତ୍ୟର ପ୍ରତ୍ୟକ୍ଷମାଣ ଓ ଉଦ୍‌ଭାସର ପ୍ରାଣ ସ୍ୱାଦରେ ଅଭିଷିକ୍ତ କରେ । ଅତିକ୍ରମଶୀଳ ଶକ୍ତିଯୋଗୁଁ 'ବୁଦ୍ଧି'ର ପରିସରଠାରୁ ବୋଧି ଏକ ବ୍ୟତିକ୍ରମ । ପଲ୍ଲବିତ ବୁଦ୍ଧିର ପରିପକ୍ୱ ଉତ୍ତରଣ ହେଉଛି 'ପ୍ରଜ୍ଞା', ହୃଦୟାବେଗ ସଂଯୁକ୍ତ ପ୍ରଜ୍ଞାର ପ୍ରାଣଘନ ପ୍ରକାଶ ହେଉଛି 'ବୋଧି' (Intellect)

'ବୋଧି' ପ୍ରୟୋଗ-କଳାରେ କବି-ଶିଳ୍ପୀ, ବୈଜ୍ଞାନିକ-ଦାର୍ଶନିକ ଏକା ସ୍ତରରେ ଯାତାୟାତ କରନ୍ତି ନାହିଁ । ବିଜ୍ଞାନୀର ଯାତ୍ରା, ପ୍ରଜ୍ଞାର ପରିଚର୍ଯ୍ୟାରେ ପୂର୍ଣ୍ଣ, ଶିଳ୍ପୀର ଅଭିସାର ସୃଜନାତ୍ମମୂଳକ ବୋଧି (Creative Intellect)ର ଅନୁରାଗରେ ବହୁତର ବିମ୍ବିତ ।

ଯଦି, ଆମେ ସାହିତ୍ୟ-ଚର୍ଚ୍ଚା କଲାବେଳେ କୌଣସି ବିଶେଷ ସୃଷ୍ଟିର ସ୍ୱରୂପ, ଉଦ୍ଦେଶ୍ୟ ଓ ମୂଳ ପ୍ରେରଣାକୁ ଅଗ୍ରାହ୍ୟ କରୁଁ; କେବଳ ବାହ୍ୟିକ ପରିଚୟ କଥା

Digitized by srujanika@gmail.com

ପ୍ରକାଶ କରୁ କମ୍ବା ବିପର୍ଯ୍ୟସ୍ତ ମୁଖୀ ଦୃଷ୍ଟିକୋଣ ଯେଉଁ ଶିଳ୍ପ-ବସ୍ତୁଟିର ଉଦ୍ଦେଶ୍ୟ, ପ୍ରେରଣା-ଉତ୍ସ ଇତ୍ୟାଦି ଆଲୋଚନା କରୁ, ତାହାହେଲେ ସାହିତ୍ୟ-ଚର୍ଚ୍ଚା ନିତାନ୍ତ ନିଷ୍ପ୍ରାଣ ଓ ନିରର୍ଥକ ହୋଇଥାଏ। ବିଷୟର ବିଶୃଙ୍ଖଳମର୍ମ ହୃଦୟଙ୍ଗମ କରି, କବି-ଲେଖକର ଅନ୍ତର୍ଗୁଣଶୀଳନ ଲାଗି ଅଭିଯାତ୍ରୀ ହେଲେ, ସେଇ ଅନ୍ତର୍ଲୋକରୁ ଯେତେବେଳେ ବିଷ୍ୟର ଆରମ୍ଭ ହୁଏ ଗଢ଼ଣ (texture) ଓ ଅନ୍ତ୍ୟସାର-ଜୀବନକାଣ୍ଡ ବସ୍ତୁପୁଞ୍ଜର ଅବସ୍ଥିତିକୁ ଆଶ୍ରୟ କରି, ସେତେବେଳେ ତାହା 'ସାହିତ୍ୟ-ବିଦ୍ୟା'ର କଳାଗୌରବ ଲାଭ କରେ। 'ସାହିତ୍ୟ-ବିଦ୍ୟା'ର ଶବ୍ଦ ଜଗତ ଏହି କାରଣରୁ ବହୁ ପରିମାଣରେ ଅନନ୍ୟ ଚିନ୍ତା ଓ ସ୍ୱାତନ୍ତ୍ର୍ୟ ଦାବୀ କରେ। ସାହିତ୍ୟ-ଦେଭକ୍ୟଙ୍କ ସୁକୁମାର ଶବ୍ଦାବଳୀ ସାହାଯ୍ୟରେ ସ୍ୱାଦ୍ୟ ଓ ସର୍ବଜନଗ୍ରାହ୍ୟ କରାଇବା ସମାଲୋଚକ ପକ୍ଷରେ ଏକ ସହଜ ବ୍ୟାପାର ନୁହେଁ। ସାହିତ୍ୟର ଗଢ଼ଣ ଓ ମନନଭୂମିକୁ ଏତେ ରକମର କୌଶଳ, ଉପଲବ୍ଧି ଓ ଅବବୋଧ, ଜ୍ଞାନ ଓ ବିଶ୍ୱାସ ପ୍ରବେଶ କରୁଛି ଯେ ତାହାର ସଙ୍କାର୍ଥ ବୁଝାଇ ସାହିତ୍ୟ ବସ୍ତୁର ସମ୍ବନ୍ଧ ସୂଚନାଟିକୁ ଚହ୍ନେଇ ଦେବା, ଆମ ଜଣାଶୁଣା ଶବ୍ଦ ପକ୍ଷରେ ସମ୍ଭବ ନୁହେଁ। ଆମ ଭୂଇଁର ଭାଷା ଆମେ ବୁଝିପାରୁଛୁ, ଅପର ଭୂଇଁର ସଂବାଦ ଆମ ମାଟିରେ କ୍ରମେ କ୍ରମେ ଆଦର ପାଉଛି, ସାହିତ୍ୟର ପରିଭାଷାରେ ସ୍ଥାନ ଦଖଲ କରୁଛି—ତାହାର ବ୍ୟବହାର ଓ ଚଳନ୍ତି ପ୍ରୟୋଗ ପାଇଁ ବିଶେଷ ଅର୍ଥ-ଜ୍ଞାପକ ଶବ୍ଦ ଗଠନ ସମାଲୋଚକର ପ୍ରଧାନ କର୍ତ୍ତବ୍ୟ ହେବା ସଙ୍ଗତ ନୁହେଁ କି ?

ଦେଖାଯାଉଛି, ଏଥିପ୍ରତି ଆଶାନୁରୂପ ସତର୍କତା ଓ ସଚେତନତା ଗବେଷକ ତଥା ସାହିତ୍ୟ-ସମାଲୋଚକମାନଙ୍କ ଅଭ୍ୟାସ-ବଶ ହେଉନାହିଁ। କବି ଏଲିୟଟଙ୍କର କେତୋଟି ସମୀକ୍ଷା-ବାଚକ ଶବ୍ଦ, ଯାହାକୁ ବିଶେଷ ମାନସିକତା ଓ କାବ୍ୟଗୁଣସମ୍ପନ୍ନ ଉପ୍ସର ସେ ଏକାଧିକବାର ତାଙ୍କର ଗଦ୍ୟ-ଲେଖାମାନଙ୍କରେ ବ୍ୟବହାର କରିଥିଲେ; ଭାରତୀୟ ଆଲୋଚକଗଣ ସେହି ଶବ୍ଦସବୁ ପ୍ରୟୋଗ କଲାବେଳେ କୌଣସି ସମତା ରକ୍ଷା କରୁନାହାନ୍ତି। ଯିଏ ଯେପରି ବୁଝିଲା, ଆଲୋଚକମାନେ ତଦନୁଯାୟୀ ଶବ୍ଦ ବ୍ୟବହାର କରି ଚାଲିଛନ୍ତି। ଫଳରେ ପାଠକ ନିକଟରେ ଗୋଟିଏ ସାହିତ୍ୟ ସମୀକ୍ଷା-ମୂଳକ ପରିଭାଷା, ନିର୍ଦ୍ଦିଷ୍ଟ ଏକ ଶବ୍ଦର ବିଶେଷ ଅର୍ଥବାଚକ ହୋଇ ଚହ୍ନିତ ହେଉନାହିଁ। ଏହା 'ସାହିତ୍ୟ-ବିଦ୍ୟା'ର ଶବ୍ଦ ଜଗତକୁ ସମୃଦ୍ଧ କରିବା ପରିବର୍ତ୍ତେ, ମାୟାଚ୍ଛନ୍ନ କରୁଛି। ସଚେତନ ଓ ଚିନ୍ତାଶୀଳ ସାହିତ୍ୟ ସମାଲୋଚକଗଣ ନୂତନ ପରିଭାଷା ଗଠନ ପ୍ରତି ଯତ୍ନଶୀଳ ହେବା ବିଶେଷ ବାଞ୍ଛନୀୟ ବୋଧ ହେଉଛି।

—※—

(ମାର୍ଚ୍ଚ, ୧୯୮୩)

['ଏଷଣା' ଷଷ୍ଠ ଖଣ୍ଡର ସମ୍ପାଦକୀୟ]

Digitized by srujanika@gmail.com

ଶୈଳୀତାତ୍ତ୍ୱିକ ସାହିତ୍ୟ ସମୀକ୍ଷା

ଲେଖକଙ୍କ ଭାବୟିତ୍ରୀ ଓ କାରୟିତ୍ରୀ ପ୍ରତିଭାର ଅଭିବ୍ୟକ୍ତି ହେଉଛି ଶୈଳୀ; ଭିନ୍ନ ମତରେ ଏହା ପ୍ରତିଭାର ସ୍ମାରକ-ଶକ୍ତି ମଧ୍ୟ । ଶୈଳୀର ବିଶ୍ଳେଷଣରୁ ଲେଖକ ଓ ଲେଖାର ସାକାର ଆତ୍ମାକୁ ଚିହ୍ନି ହେବ । ଚିହ୍ନିବାର ସୂତ୍ର ହେଲା ଲେଖକଙ୍କ ମନନ ଭୂମିର ପ୍ରତିବିମ୍ବକୁ ପ୍ରତିପାଳିତ କରୁଥିବା ଶବ୍ଦ-ପ୍ରତିମାମାନଙ୍କ ଅନ୍ତର୍ଲୋକର ସନ୍ଧାନ ନେବା । ପ୍ରତିଟି ବାକ-ପ୍ରତିମାଙ୍କର ଭୂମିକାରୁ ସମୟର ସ୍ପନ୍ଦନ, ମାନସିକତାର ଅଙ୍ଗସ୍ଥିତି (Organism), ସମାଜର ପ୍ରତିରୂପ, ଲେଖକଙ୍କ-ଭାବ-ବିଚାର ପ୍ରତ୍ୟକ୍ଷ ପରିଚୟ ଏବଂ ନାନ୍ଦନିକ-ଦୃଷ୍ଟିର ସଙ୍କେତ ଅନୁସନ୍ଧାନ କରି ଯାଇପାରେ ।

ଶୈଳୀ ଅନୁଶୀଳନର ଅର୍ଥ ନୁହେଁ, କେବଳ ଭାଷା-ବନ୍ଧ, ପଦଛନ୍ଦ, ପ୍ରଥାବଦ୍ଧ ରୀତି ଓ ବ୍ୟାକରଣଗତ ନିୟମର ଅନୁଶୀଳନ । ଏତିକରୁ 'ଶୈଳୀ' ସମ୍ବନ୍ଧୀୟ ସବୁ ପଥ, ସବୁ ଦିଗର ସାକ୍ଷାତ ମିଳେ ନାହିଁ । ଶୈଳୀ ବିଶ୍ଳେଷଣରୁ ଧାରଣାଧର୍ମୀ ଓ ସଂବେଗଗର୍ଭୀ ପ୍ରତ୍ୟେକ ବାଚକ-ବିନ୍ୟାସର ତାତ୍ପର୍ଯ୍ୟ ଆହରଣ କରିହୁଏ । ଶୈଳୀର ଅଧ୍ୟୟନରୁ ଭାଷାର ଧ୍ୱନ୍ୟାତ୍ମକ ଗୁଣ, ଏବଂ ଭାବନାର ଅର୍ନ୍ତରୂପକୁ ଚିହ୍ନି ହୁଏ ।

ସାହିତ୍ୟ-ସମୀକ୍ଷା ଏକ ମିଶ୍ର ବିଦ୍ୟା । ଶୈଳୀ ତାତ୍ତ୍ୱିକ-ସାହିତ୍ୟ-ସମୀକ୍ଷା; ସାହିତ୍ୟ-ସମୀକ୍ଷାର ଆତ୍ମଜ; କେତେକଙ୍କ ମତରେ କନିଷ୍ଠ ପୁତ୍ର । ମିଶ୍ର ବିଦ୍ୟା ହୋଇଥିବାରୁ ସାହିତ୍ୟ-ସମୀକ୍ଷା, କେବଳ ସାହିତ୍ୟ-ବସ୍ତୁ ବା ସାହିତ୍ୟିକଙ୍କ ଅନ୍ତରଙ୍ଗ ଅନୁସରଣ ଓ ଅନୁଶୀଳନ ଘେନି ବର୍ତ୍ତି ନ ଥାଏ । ଏହାର କଳେବରରେ ଇତିହାସ ଦର୍ଶନ, ସମାଜତତ୍ତ୍ୱ, ନୃତତ୍ତ୍ୱ, ମନୋବିଜ୍ଞାନ, ନନ୍ଦନତତ୍ତ୍ୱ ଇତ୍ୟାଦି ବିଦ୍ୟାର ସମାସ ବା ସମ୍ମେଳନ ଊଣା ଅଧିକେ ପ୍ରାପ୍ତ ଘଟିଥାଏ । ଏଣୁ ପରିସରର ବ୍ୟାପ୍ତି ଓ ଆୟତନକୁ ଚାହିଁ ଏହାକୁ 'ସାହିତ୍ୟ-ବିଦ୍ୟା' ଅଭିଧାନରେ ଚିହ୍ନିବା ଯଥାର୍ଥ ।

ଶୈଳୀ-ତାତ୍ତ୍ୱିକ-ସାହିତ୍ୟ-ସମୀକ୍ଷା ବେଳେ ଯେକୌଣସି ଆଲୋଚକ, ଏହି ସବୁ ବିଦ୍ୟାର ଭାଷିକ ନମୁନା, ସାହିତ୍ୟ-ବସ୍ତୁର ଅଙ୍ଗ-ସ୍ଥିତି ଭିତରୁ ହିଁ ଅନ୍ୱେଷଣ କରିଥାଏ । ଶବ୍ଦର ଅର୍ଥ ଅନ୍ୱେଷଣ, ଭାଷାର ପ୍ରୟୋଗ ବିଧି ବିଚାର, ସଂଗଠ ଓ

Digitized by srujanika@gmail.com

ଔଚିତ୍ୟର ଅନ୍ୱେଷ ଇତ୍ୟାଦି ଶୈଳୀ-ତାତ୍ତ୍ୱିକ ସାହିତ୍ୟ ସମୀକ୍ଷାର ଶେଷ କଥା ନୁହେଁ ।

ସାହିତ୍ୟ-ଭୂମିର ଶବ୍ଦ ଜଗତ, ବ୍ୟାକରଣର ବଳୟକୁ ଅତିକ୍ରମ କରି ବହୁ ଦୂର ପଥରେ ବିଚରଣ କରୁଛି । ଏ ସଂପର୍କରେ ଶ୍ରୀ ଗଣେଶଚରଣ ଦାସ, 'ସାହିତ୍ୟର ଶବ୍ଦଜଗତ' ପ୍ରବନ୍ଧରେ ଶବ୍ଦର ପରିବର୍ତ୍ତନ କ୍ଷମତା ଏବଂ ସଂବେଗଗର୍ଭୀ ତଥା ଧାରଣାଧର୍ମୀ ପ୍ରକାଶଧର୍ମ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ପାରଂପରିକ ମତରେ ଶବ୍ଦକୁ ସାଧାରଣତଃ ଏକ ଚିହ୍ନ ବା ପ୍ରତୀକ ଭାବରେ ଗ୍ରହଣ କରାଯାଇଥାଏ । ଶ୍ରୀ ଦାସ କିନ୍ତୁ ଶବ୍ଦକୁ ଏହି ସୀମିତ ଶକ୍ତିର ଏକ ଉପକରଣ ରୂପେ ଗ୍ରହଣ କରି ନାହାନ୍ତି । ତାଙ୍କ ମତରେ, ଏହା (ଶବ୍ଦ), ଚିହ୍ନ ଓ ପ୍ରତୀକଠାରୁ ଅଧିକ ଆଉ କିଛି ।

ବାସ୍ତବିକ, ପ୍ରତୀକ ବା ଚିହ୍ନ ବ୍ୟତୀତ ଶବ୍ଦ ଭିତରୁ ଅଧିକ ଆଉ କିଛିର ଅନ୍ବେଷଣ ବୃତ୍ତି ଯେଉଁଠି ଜାଗ୍ରତ ହୁଏ, ସେଇଠି ହିଁ ଏ ଶୈଳୀ-ତାତ୍ତ୍ୱିକ-ସାହିତ୍ୟ ସମୀକ୍ଷାର ସୂତ୍ରପାତ । ଏହି ଶ୍ରେଣୀୟ ସମୀକ୍ଷା, ଶବ୍ଦର ପ୍ରୟୋଗ-ଯୋଗ୍ୟତା, ଆରୋପ-କ୍ଷମତା, ବସ୍ତୁ ଓ ବ୍ୟକ୍ତି ମଧ୍ୟରେ ଯୋଗସୂତ୍ର ସ୍ଥାପନରେ ମଧ୍ୟସ୍ଥ ପ୍ରାଣୀର ଦାୟିତ୍ୱ, ଦୃଶ୍ୟ ଓ ଉପଲବ୍ଧି ଭିତରେ ଆସୁଥିବା ଦୂରତ୍ୱର ଅପସାରଣ, ସୂଚନା ଓ ରୂପକ ଧର୍ମ ବଳରେ ଶବ୍ଦ ଭିତରୁ ନୂତନ ଅର୍ଥର ଅନ୍ୱେଷ ଏବଂ ଲେଖା-ଲେଖକ-ପାଠକ ମଧ୍ୟରେ ଅନ୍ତରଙ୍ଗ ସଂପର୍କ ସ୍ଥାପନାର ସମ୍ଭାବନା, ପ୍ରଭୃତିକୁ ସୂଚିତ କରିଥାଏ ।

ସାହିତ୍ୟ-ବସ୍ତୁର ଶବ୍ଦ-ଜଗତ ଅନୁଶୀଳନ ଏବଂ ଏହାର ପ୍ରକରଣ ତତ୍ତ୍ୱ ବିଶ୍ଳେଷଣ ଦ୍ୱାରା ଆମେ ସାହିତ୍ୟ-ବସ୍ତୁର ସମୁଦାୟ ଗଠନ ରୂପଟିକୁ ଚିହ୍ନିଥାଉଁ । ଏହି ଗଠନ-ରୂପକୁ ଚିହ୍ନିଲାବେଳେ ସ୍ରଷ୍ଟାର ମନୋଭୂମି, ତା'ର ସମାଜ ଓ ପରିବେଶର ଆଲୋକ-ଅନ୍ଧାର ପ୍ରସ୍ଥ, ଭୂଇଁଆଁଳର ପଦଚିହ୍ନ, ମାନବ ପ୍ରବୃତ୍ତିର ନାନାଦି ଉଚ୍ଚାରଣ, ଅନୁଭୂତିର ସାର୍ବଜନୀନ ରୂଢ଼ି ଏବଂ ସମଷ୍ଟି ଚେତନାର ପ୍ରତିରୂପକୁ ଆମେ ଉପଲବ୍‌ଧି କରିଥାଉଁ ।

ଶୈଳୀ-ତାତ୍ତ୍ୱିକ-ସାହିତ୍ୟ ସମୀକ୍ଷା, ଭାଷାତତ୍ତ୍ୱ ବା ଭାଷା-ବିଜ୍ଞାନ ପ୍ରଭାବିତ ଏକ ସମୀକ୍ଷା ନୁହେଁ । ଏହାର ସଂସ୍କାର ଭୂମି ଯେତିକି ବିସ୍ତୀର୍ଣ୍ଣ, ସେତିକି ଗଭୀର । କାରଣ ଏତଦ୍‌ଧର୍ମୀ ସାହିତ୍ୟ-ସମୀକ୍ଷା, ଭାଷା ଓ ଭାଷାର ମାଧ୍ୟମ, ଶବ୍ଦର ଇଲାକାରୁ ଅଦୃଶ୍ୟ, ଗୋପ୍ୟ ତଥା ଅବ୍ୟକ୍ତ ଇଲାକା ଭିତରକୁ ପ୍ରବେଶ କରିବା ପାଇଁ ଉଦ୍ୟମ କରିଥାଏ । ବ୍ୟକ୍ତ-ଭୂମିରୁ ଅବ୍ୟକ୍ତ ଭୂମିକୁ ଗତି କଲାବେଳେ ଏହା ଯାହାର ସହାୟତା ନେଇଥାଏ, ଯାହାକୁ ସହଚର ରୂପେ ବରଣ କରିଥାଏ, ତାହା ହେଉଛି ଭାଷା, ଶବ୍ଦ ଇତ୍ୟାଦିର ଆଙ୍ଗିକ ସଂସ୍ଥାନ ।

Digitized by srujanika@gmail.com

ଲେଖକର ଅଭିବ୍ୟକ୍ତି ହେଉଛି, ତାହାର ଔରସ-ଜାତ ସନ୍ତାନ । ଲେଖକ-ଆତ୍ମାର ପ୍ରତିରୂପ ଆପଣା ସନ୍ତାନ ବହନ କରିବା ସ୍ୱାଭାବିକ । ଲେଖକଙ୍କର ଆଙ୍ଗିକ ଶବ୍ଦ ଓ ଅକ୍ଷରର କ୍ରିୟା-କର୍ମ, ସନ୍ତାନ-ସନ୍ତତିଙ୍କ ଲୀଳାଭିସାରରେ ଚିହ୍ନିତ ହେବା ସଙ୍ଗତ । କୃତି ଗର୍ଭରେ କୃତି-କର୍ତ୍ତାଙ୍କ ପଦଚିହ୍ନ ରହିବ ନାହିଁ କେମିତି ? ଶ୍ରୀବତ୍ସ ଦ୍ୱିଜର ପଦଚିହ୍ନ ଭଳି ଯେକୌଣସି କୃତିର ହୃଦୟରେ ସ୍ୱୟମ୍ଭୂ ସ୍ରଷ୍ଟା କବିର ପ୍ରତିବିମ୍ବ ନିଶ୍ଚୟ ଥିବ । ବୀର କର୍ଣ୍ଣ, ସୂର୍ଯ୍ୟଙ୍କ ତେଜ ଘେନିଲା ପରି ଏବଂ ଯୁଧିଷ୍ଠିର ଧର୍ମରାଜଙ୍କର ଧର୍ମନିଷ୍ଠା, ଭୀମ, ପବନର ବଳବେଗ, ଅର୍ଜୁନ, ଇନ୍ଦ୍ରଙ୍କର ପରାକ୍ରମ, ନକୁଳ, ସହଦେବ, ଅଶ୍ୱିନୀ କୁମାରଙ୍କ ରୂପ ସୌନ୍ଦର୍ଯ୍ୟ ଓ କଳା ନୈପୁଣ୍ୟ ଧାରଣ କଲା ଭଳି କବିକୃତି, କବି-ପୁରୁଷଙ୍କ ଚିହ୍ନ ବର୍ଣ୍ଣ ବି ନିଶ୍ଚୟ ଧାରଣ କରିଥିବ । ଶୈଳୀ ଯଦି ଲେଖକୀୟ ପ୍ରତିଭାର ନିଦର୍ଶନ ହୁଏ, ତାହାହେଲେ ଶୈଳୀ-ତାତ୍ତ୍ୱିକ-ସାହିତ୍ୟ ସମୀକ୍ଷାରୁ ଲେଖକୀୟ ଗୁଣ-ଗୌରବର ଆବିଷ୍କାର ଉପଲବ୍ଧି ହେବ ନାହିଁ କି ?

ଏହି ଗୁଣ, ଗୌରବର ଉପଲବ୍ଧି ଜନ୍ମିବ, ନାନ୍ଦନିକ ବସ୍ତୁର ବିମର୍ଶରୁ । ଏହି ଶୈଳୀ-ତାତ୍ତ୍ୱିକ ସାହିତ୍ୟ-ସମୀକ୍ଷା ନାନ୍ଦନିକ ବସ୍ତୁରର ଐଶ୍ୱର୍ଯ୍ୟକୁ ଭୁଲିବ ନାହିଁ । କବି ବା ଲେଖକର ମନସ୍ତତ୍ତ୍ୱକୁ ଶୈଳୀ ଭିତରୁ ଚିହ୍ନିବ । ସମାଜ-ମାନସକୁ, ପରିବେଶର ପ୍ରଭାବକୁ; ପରଂପରାର ଦେୟକୁ, ଭବିଷ୍ୟତର ସମ୍ଭାବନାକୁ, ସୌନ୍ଦର୍ଯ୍ୟ, ଶାଳୀନତା, ନୀତି, ସତ୍ୟ ଓ ବାସ୍ତବତା, ଈଶ୍ୱର ପ୍ରକୃତି ଓ ମଣିଷର ପାରସ୍ପରିକ ସମ୍ବନ୍ଧ, ବିରାଗ-ଅନୁରାଗର କାହାଣୀକୁ ଏହା ଶୈଳୀ ଭିତରୁ ଆବିଷ୍କାର କରିବ ।

ଶୈଳୀ-ତାତ୍ତ୍ୱିକ-ସମୀକ୍ଷା, ସାହିତ୍ୟ-ବସ୍ତୁର ଗଠନ ରୂପଗତ ବିଶ୍ଳେଷଣ ନୁହେଁ । ଏହା ମଧ୍ୟ ସମୁଦାୟ ଅର୍ଗାନିକମ୍ ବା ଅଙ୍ଗସ୍ଥିତିର ମୂଲ୍ୟାୟନ ସର୍ବସ୍ୱ ନୁହେଁ । ଅଙ୍ଗର ବାହ୍ୟ ସ୍ଥିତିରୁ ଶିରାପ୍ରଶିରା ଓ ସ୍ନାୟୁ ଭିତରକୁ ଅଧିଗାମୀ ହେବା ହେଉଛି ଏହାର ସ୍ୱଧର୍ମ । ଭାଷା ଓ ଅର୍ଥ ଜଙ୍ଘାଯାର ଦେହଳି ଭିତରେ ପରିଭ୍ରମଣ କରିବା ତାହାର ପରମ ଧର୍ମ ।

ଆମ ସାହିତ୍ୟ-ସମୀକ୍ଷାର ରଚନା ପ୍ରକ୍ରିୟାରେ ଶୈଳୀ ତାତ୍ତ୍ୱିକ ଆଲୋଚନା-ବିଧିର ମାର୍ଗ ଦର୍ଶନ ହୋଇନାହିଁ କହିଲେ ଚଳେ । ସଂରଚନାତ୍ମକ ବିଶ୍ଳେଷଣ (Structural analysis) ସୂଚନା ମଧ୍ୟ ଅତ୍ୟନ୍ତ ସ୍ୱଳ୍ପ । ସାହିତ୍ୟ-ଗବେଷକ ଓ ଆଲୋଚକଗଣ ନୂତନ ଅନ୍ତର୍ଦ୍ଦୃଷ୍ଟି ଘେନି ସାହିତ୍ୟ-ଏଷଣା ଓ ମୂଲ୍ୟାୟନରେ ପ୍ରବୃତ୍ତ ହେବା ଏକାନ୍ତ ଆବଶ୍ୟକ । ହେଲେ; ଆଗାମୀ କେତେ ବର୍ଷ ଭିତରେ ଆମ ସାହିତ୍ୟ ସମୀକ୍ଷାର ସୃଷ୍ଟି-କ୍ଷେତ୍ର କ୍ରମେ କ୍ରମେ ବୈଶିଷ୍ଟ୍ୟ ସଂପନ୍ନ ହୋଇ ଉଠିବ ।

Digitized by srujanika@gmail.com

ଭାରତର ଅନ୍ୟାନ୍ୟ ଭାଷାରେ, ସାହିତ୍ୟ-ସମୀକ୍ଷା ଅଗ୍ରଗାମୀ ଆଭିମୁଖ୍ୟ ନେଇଥିଲାବେଳେ ଓଡ଼ିଆ ସାହିତ୍ୟ ଗବେଷଣା ଓ ସମାଲୋଚନାର ପରମ୍ପରା ବୃଦ୍ଧି ନ ଘଟିବା ସ୍ଥାଣୁତ୍ୱର ଲକ୍ଷଣ ମାତ୍ର ।

ସାହିତ୍ୟ-ସମୀକ୍ଷାର ବିକାଶ ଓ ନୂତନ କ୍ଷେତ୍ର ବିମୋଚନ ଲକ୍ଷ୍ୟରେ 'ଓଡ଼ିଆ ଗବେଷଣା ପରିଷଦ' ପକ୍ଷରୁ ଗତ ଦୁଇବର୍ଷ ହେଲା—'ସର୍ଜନାତ୍ମକ ସାହିତ୍ୟ ସମୀକ୍ଷା' ଓ 'ତୁଳନାତ୍ମକ ସାହିତ୍ୟ' ବିଷୟକ ଦୁଇଟି ସପାନର ଆୟୋଜନ କରାଯାଇଥିଲା, ଏହାର ସନ୍ଦର୍ଭଗୁଡ଼ିକୁ ଗ୍ରନ୍ଥ ଆକାରରେ ଜିଜ୍ଞାସୁ ବିଦ୍ୟାର୍ଥୀଙ୍କ ନିମିତ୍ତ ସଂକଳନ କରାଯାଇଛି । ଏବେ 'ଶୈଳୀ ବିଜ୍ଞାନ' ସମ୍ପର୍କରେ ଏକ ସେମିନାରର ବ୍ୟବସ୍ଥା କରାଯାଉଛି । ଉଦ୍ଦେଶ୍ୟ ହେଲା—ସାହିତ୍ୟ-ଗବେଷଣା ଓ ସମାଲୋଚନାର ନାନାଦି ଅଭିନବ କ୍ଷେତ୍ର ପ୍ରତି ସମସ୍ତଙ୍କୁ ଅନୁରାଗୀ କରାଇବା । ଓଡ଼ିଆ ସାହିତ୍ୟ-ସମୀକ୍ଷା ଭୂମିରେ ନୂତନ ବୃକ୍ଷ ରୋପଣ ହେଲା; ଏହାର ପ୍ରତିପାଳନ ଓ ପରିଚର୍ଯ୍ୟାର ଦାୟିତ୍ୱ ପ୍ରବୀଣ ତଥା ତରୁଣ ସାହିତ୍ୟ ସାଧକ ଏବଂ ଉତ୍ତର ପୁରୁଷଙ୍କର । ଆମେ ଯେଉଁ ପଥ ସଜାଡ଼ିଲୁ, ସେଇ ପଥରେ ଅନେକ ସମ୍ଭାବନାମୟ ଆମର ଏଇ ନୂତନ ଯାତ୍ରା, ସାହିତ୍ୟ-ସାଧନାର ଦିଗ୍‌ବଳୟକୁ ସମ୍ପ୍ରସାରିତ କରିବ, ମୁକ୍ତ ଚିନ୍ତାର ବାୟୁମଣ୍ଡଳ ଛାଇଯିବ । ଆପଣ, ଆମର ସହଯାତ୍ରୀ ଓ ସମଭାଗୀ ନ ହେବେ କାହିଁକି ?

—*—

(ଅକ୍ଟୋବର, ୧୯୮୩)

['ଏଷଣା' ସପ୍ତମ ଖଣ୍ଡର ସଂପାଦକୀୟ]

Digitized by srujanika@gmail.com

ସାହିତ୍ୟ ଓ ଅବବୋଧ

ଅବବୋଧରୁ ଅଭିବ୍ୟକ୍ତି—ଏହା ହେଉଛି ସାହିତ୍ୟ ସୃଷ୍ଟିର ମୂଳ କଥା । ସାହିତ୍ୟ ସ୍ରଷ୍ଟାର ମନ ଓ ଚିନ୍ତା ଶକ୍ତି ଅବବୋଧର ଆଲୋକରେ ଆଲୋକିତ ହେଲା ପରେ ସେ ତାହାର ଜ୍ୟୋତି ବିକିରଣ ପାଇଁ ଉଦ୍ୟମ କରିଥାଏ । ଅଭିବ୍ୟକ୍ତି ହିଁ ଏହି ଉଦ୍ୟମକୁ ସାର୍ଥକ କରେ । ଅଭିବ୍ୟକ୍ତିର ଅନ୍ତର୍ଭୂମିରୁ ଅବବୋଧର ଚରିତ୍ର, ଗୁଣାଗୁଣ ଏବଂ ଆତ୍ମିକ ପରିଚୟ ଅନୁସନ୍ଧାନ କରାଯାଇ ପାରେ । କବି ବା ଲେଖକର ଅଭିବ୍ୟକ୍ତିକୁ ଚିହ୍ନିଲେ ଯାଇଁ ଅବବୋଧର ମୂଳମର୍ମ ଜାଣିହୁଏ । କବି ବା ସାରସ୍ୱତ ଶିଳ୍ପୀର ଚେତନାକୁ ପରିବେଶ, ଆହୃତ ଅଭିଜ୍ଞତା, ବ୍ୟକ୍ତିଗତ ଅନୁଭୂତି ଇତ୍ୟାଦି ପରିପୁଷ୍ଟ କରିଥାନ୍ତି । ଏମାନଙ୍କ ପ୍ରେରଣା ଓ ପ୍ରରୋଚନାରୁ କବିର ସୃଜନ ଶକ୍ତି ଉଦ୍‌ବୁଦ୍ଧ ଓ ପରିଗଠିତ ହୋଇଥାଏ । ଏମାନେ କେତେବେଳେ କେଉଁ ଅବରୋଧରେ କବି ମନକୁ ଉତ୍ପୀଡ଼ିତ କରନ୍ତି, ତାହାର ଠିକଣା ନାହିଁ । କୌଣସି ଅବବୋଧର ସ୍ଥିର ବିନ୍ଦୁରେ କବି-ମନ ପହଞ୍ଚିଲା ପରେ ତାଙ୍କ କଣ୍ଠରୁ ତଦ୍‌ଧର୍ମୀ ଉଚ୍ଚାରଣ ସ୍ଫୁରିତ ହୁଏ । କବି ମନକ ଯଦି କ୍ଲାସିକ୍ ଅବବୋଧର ଦୀପ୍ତି ପ୍ରେରଣାରେ ଉନ୍ମାଦିତ, ତା'ହେଲେ ତାହାର ଉଚ୍ଚାରଣ କ୍ଲାସିକ୍ ଆଭିମୁଖ୍ୟ ପ୍ରେରିତ ସାହିତ୍ୟ ସର୍ଜନାରେ ଅନୁକୂଳ ହୋଇଥାଏ । ସେହିପରି ମିଷ୍ଟିକ୍, ରୋମାଣ୍ଟିକ୍ ଓ ମେଟାଫିଜିକାଲ୍ ଇତ୍ୟାଦି ଅବବୋଧର କଥା ନିର୍ଦ୍ଦିଷ୍ଟ ଭାବାବେଶକୁ ଆଧାର କରି ଅବବୋଧ ସବୁ କବି ମନରେ ସଂଗୃହୀତ ହୋଇଥାନ୍ତି । ଏହି ଅବବୋଧ ଭେଦରେ କବି ହୁଏ କ୍ଲାସିକ୍ ବା ରୋମାଣ୍ଟିକ୍ ଗୁଣରେ ଗୁଣୀ ।

ଅବବୋଧ ବ୍ୟତୀତ ଅନ୍ୟ କୌଣସି କାରଣ ଅଛି କି, ଯାହାକି କବି ବା ସାହିତ୍ୟିକମାନଙ୍କୁ ଭିନ୍ନ ଭିନ୍ନ ଶିବିର ବା ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରାଇଥାଏ ? 'ଅବବୋଧ' ଏହି ଶବ୍ଦଟି ସୂଚନା ଦିଏ ଯେ, ଏଥିରେ ସକଳ ପ୍ରକାର ମାନସିକ ଓ ବୌଦ୍ଧିକ ପ୍ରସ୍ତୁତିର ନିର୍ଯ୍ୟାସ ବିଦ୍ୟମାନ । ଏଣୁ ଅବବୋଧ ହିଁ ବ୍ୟକ୍ତିଗତ ଦର୍ଶନ, ଅଙ୍ଗୀକାର ଓ ଆଙ୍ଗିକ ନିୟୋଜନର କାରଣ । ଅବବୋଧ ପାଇଁ ମାହେନ୍ଦ୍ର ବେଳା ଖୋଜାଯାଏନି । ଅବବୋଧ ପୁରୁଷଟି କାବ୍ୟ-ପୁରୁଷ ଭିତରେ କେତେବେଳେ ପ୍ରବେଶ କରେ, ତାହା ମଧ୍ୟ କୌଣସି ପଞ୍ଜିକା ସହାୟତାରେ ସ୍ଥିର କରାଯାଇ ନ ଥାଏ । ଅବବୋଧ ଆସେ ଆପଣା ବୋଧି ଓ ଅନ୍ତର୍ଯ୍ୟାମୀର ସମନ୍ୱୟରୁ । ଆପଣାର ଚେତନ ଦୃଷ୍ଟି ଓ ଉପଲବ୍ଧିର ଯୁଗ୍ମ ଅନୁରାଗରୁ । ଅବବୋଧ ଆସେ ମନନର

Digitized by srujanika@gmail.com

ଅନ୍ୟାୟ, ଅନ୍ୟାୟମୟ ଭୂମିରୁ । ଅବବୋଧ ଆସେ ଆଖି ଓ ଜୀବନର ବୈଚିତ୍ର୍ୟମୟ ଚମତ୍କାର ବନ୍ଧନମୟରୁ, ଭାବ ଓ ରାଗର ଉଆଳନ ସୂତ୍ରରୁ ଜନ୍ମ ଦ୍ରଷ୍ଟା ଓ ଦୃଶ୍ୟର ଯୌଥ ଜଙ୍କାପାରୁ ।

ଏହି ଅବବୋଧ ହେଉଛି ସ୍ରଷ୍ଟାର ଚେତନ ଶକ୍ତି । ଅବବୋଧ ନ ଥିଲେ ଯେକୌଣସି ସାମର୍ଥ୍ୟ ସ୍ରଷ୍ଟା ମୂକ ନିଷ୍ପ୍ରାଣ-ଶିଳା ମୂର୍ତ୍ତିରେ ପରିଣତ ହୋଇ ଯାଆନ୍ତି । ତା'ହେଲେ ପ୍ରଶ୍ନ ହେଉଛି, ଅବବୋଧକୁ ଏତେ ମୂଲ୍ୟ ଦେବା ଦ୍ୱାରା ସାହିତ୍ୟର ନାନ୍ଦନିକ ଗୁଣ ଉପଲବ୍ଧିରେ କିଛି ବ୍ୟତିକ୍ରମ ଲକ୍ଷିତ ହୁଏ କି ? ନାନ୍ଦନିକ ମୂଲ୍ୟବୋଧର ସଂରକ୍ଷଣ କ୍ଷେତ୍ରରେ ଅବବୋଧ କିଛି ବାଧା ଉପୁଜାଏ ନାହିଁ । ଫକୀର ମୋହନଙ୍କର ମଙ୍ଗରାଜ ମାନବ-ମୂର୍ତ୍ତିଟିଏ ହେଲେ ବି ଏହାଙ୍କ ଚରିତ୍ର-ସର୍ଜନାରେ ଲେଖକ ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ତାଙ୍କର ନିର୍ଦ୍ଦିଷ୍ଟ ଅବବୋଧର ସୂଚକ ବୋଲି ସ୍ପଷ୍ଟତଃ ଜାଣିହୁଏ । ଜଣେ ଅତ୍ୟାଗ୍ରହୀ ସାମନ୍ତବାଦୀ ଜମିଦାରର ଶୋଷଣ ଓ ଆତ୍ମପ୍ରତାରଣାର ପରିଚୟ ପତ୍ର ନେଇ ଠିଆ ହୋଇଥିବା ଚରିତ୍ରଟି ଯେଉଁ କଥାବସ୍ତୁର କେନ୍ଦ୍ରବିନ୍ଦୁ; ତାହା କ'ଣ ଲେଖକଙ୍କ ମନର ମଣିଷ ନା ଏହି ଚରିତ୍ର ପ୍ରତି କ୍ରିୟାଶୀଳ ମନୋଭାବ ପ୍ରକାଶ କରୁଥିବା ଅଶରୀରୀ ଭାବ-ମୂର୍ତ୍ତି ହେଉଛି ଲେଖକଙ୍କର ଆତ୍ମଜ ? ପ୍ରକୃତରେ ଦ୍ୱିତୀୟ କାରଣଟି ହେଉଛି ଲେଖକଙ୍କ ମନର ଆପଣା ରୂପ । ମଙ୍ଗରାଜଙ୍କ କାର୍ଯ୍ୟାବଳୀ ଓ ଗୁଣାଗୁଣ ପ୍ରତି ଲେଖକ ମନରେ ଜୀବନ୍ତ ହୋଇ ଉଠିଥିବା ପ୍ରତିକ୍ରିୟାର ମର୍ମ ହିଁ ହେଉଛି ଲେଖକଙ୍କର ନିଜସ୍ୱ ଅବବୋଧ । ଏହା ସାମନ୍ତବାଦର ବିରୋଧୀ ହୋଇପାରେ, ହୋଇପାରେ ଆଦର୍ଶବାଦୀ ମାନବତା-ବୋଧର ଉତ୍ତରପରକ । ଏମିତି କିଛି ଅବବୋଧକୁ ଆଶ୍ରୟ କରି ଲେଖକ ଆପଣାର କଥାନକର ମାଡ଼ ରଚନା କରିଛନ୍ତି । ପରିବେଶ ଓ ସମାଜ ଭୂମିରୁ ଚରିତ୍ର, ଘଟଣାବଳୀ ଓ ଅନ୍ୟାନ୍ୟ ଉପାଦାନ ସବୁ ସଂଗ୍ରହ କରିଛନ୍ତି । ଅଭିବ୍ୟକ୍ତିର ଆଲୋକ ଶଯ୍ୟାରେ, ଆପଣା ଅବବୋଧର ଆତ୍ମାଟିକୁ ସଂପ୍ରସାରିତ କରି ରଖିଛନ୍ତି । ଯେମିତି ଗୁହା ଭିତରେ ସତ୍ୟର ଝଲକ ଜକ୍ ଜକ୍ ହୋଇ ଲୁଚି ରହିଥାଏ, ସେହିପରି ଅବବୋଧ ଗର୍ଭରେ ଲେଖକଙ୍କ ଆତ୍ମା ଗୋପ୍ୟ ହୋଇ ରହିଛି ।

ତେବେ ଏଇ ଅବବୋଧ କ'ଣ ? କେଉଁଠି ଏହାର ଉତ୍ସ ? ଧାରଣା ବା ପ୍ରତ୍ୟୟ ବୋଲି ଆମେ ଯାହାକୁ ବୁଝୁ, ତାହା କ'ଣ ଅବବୋଧ ? ପ୍ରକୃତରେ ଅବବୋଧର ଭାଷ୍ୟ,ମାନବର ଭୌତିକ ସ୍ଥିତି ଭିତରୁ ନିର୍ଣ୍ଣୟ କରି ହେବନି ; ଅବବୋଧକୁ ଚହ୍ନିବା ଓ ଚହ୍ନାଇବାରେ ଅନ୍ତର୍ଯ୍ୟାମୀର ବେଶ୍ୱର ଲୋଡ଼ା । ଏଇ

Digitized by srujanika@gmail.com

ଅନ୍ତର୍ଯାମୀର ପୂର୍ଣ୍ଣ ପଥ କୁଆଡ଼େ—ମନଭୂମି ଆଡ଼କୁ କି ବୁଦ୍ଧିର ଇଲକାକୁ, ହୃଦୟପୀଠକୁ ନା ଆତ୍ମାର ନିଭୃତ ନିଳୟକୁ ।

ଆତ୍ମାର ନିଭୃତ ନିଳୟରେ ଅବବୋଧର ସତ୍ତା ଆଧିପତ୍ୟ ବିସ୍ତାର କରୁଥିଲା ବେଳେ, ସୃଜନଶିଳ୍ପୀ କବି ଓ ଲେଖକବର୍ଗ ଅବବୋଧକୁ ଏଡ଼େଇ ଦେଇ ଆଗକୁ ଯାଇ ପାରନ୍ତି ନାହିଁ । ସାହିତ୍ୟ ରଚନା କ୍ଷେତ୍ରରେ ଯେମିତି, ମୂଲ୍ୟାୟନ କ୍ଷେତ୍ରରେ ମଧ୍ୟ ସେମିତି ଅବବୋଧର ସାହଚର୍ଯ୍ୟ ଲୋଡ଼ା ହୁଏ ।

ଅବବୋଧ ବିନା ସାହିତ୍ୟର ମୂଲ୍ୟାୟନରେ ସଫଳତା ଅର୍ଜିବା କଷ୍ଟ । ଏହି ଅବବୋଧ ବଳରେ ସାହିତ୍ୟ-ବସ୍ତୁର ଆତ୍ମା ସହିତ ଏକ ପ୍ରକାର ଅନ୍ତରଙ୍ଗ ଓ ବସ୍ତୁନିଷ୍ଠ ସଂପର୍କ ସ୍ଥାପିତ ହୋଇପାରେ । ଅବବୋଧ ନ ଥିଲେ ସାହିତ୍ୟକୁ ଦୂରରୁ ଦେଖି ଅନ୍ଧ ହାତୀ ଦେଖିବା ନ୍ୟାୟରେ ନାନା ପ୍ରକାର ବିଜୃମ୍ଭିତ କଳନାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସମୀକ୍ଷକର ଅବବୋଧ ହିଁ ତାହାର ଯଥାର୍ଥ ସମୀକ୍ଷା-ଦୃଷ୍ଟି, ଅନ୍ୟନାମ ଅନ୍ତର୍ଦୃଷ୍ଟି ।

ସମୀକ୍ଷା ଲାଗି ଲୋଡ଼ା ହେଉଥିବା ଅବବୋଧର ଇଲକା ଖୁବ୍ ପ୍ରଶସ୍ତ । ସମୀକ୍ଷକ ଆପଣାର ପରୀକ୍ଷା ଶକ୍ତି ଅନୁଯାୟୀ ସେହି ଇଲକା ଭିତରକୁ ପ୍ରବେଶ କରିପାରେ । ଆପଣାର କରିପାରେ ଏବଂ ଉଚିତ ମୂଲ୍ୟ ଦେଇ ତାହାର ବିନିଯୋଗ ମଧ୍ୟ କରିପାରେ । ଏପରି କ୍ଷେତ୍ରରେ ସମୀକ୍ଷକର ସର୍ଜନାଟି ରସପିଣ୍ଡିତ ଓ ସୁବିସ୍ତୃତ ହୋଇଉଠେ । ସୃଷ୍ଟିକୁ ବହୁଗୁଣିତ କରିବାରେ ସମୀକ୍ଷକର ଅବବୋଧ ଏକ ଅପରିହାର୍ଯ୍ୟ ଅବଲମ୍ବନ । ସବୁ କାଳର ସାହିତ୍ୟ ଓ ସାହିତ୍ୟ ବସ୍ତୁ ପାଇଁ କାଳୋତ୍ତୀର୍ଣ୍ଣ ଅବବୋଧର ପରିଚର୍ଯ୍ୟା ଲୋଡ଼ା । ତାହା ହିଁ ସାହିତ୍ୟକୁ ସ୍ଥାୟୀ ମୂଲ୍ୟରେ ଭୂଷିତ କରିପାରେ । ଆମର ଗବେଷଣା ଓ ସାହିତ୍ୟ ସମୀକ୍ଷା କାଳୋତ୍ତୀର୍ଣ୍ଣ ନୂତନ ଅବବୋଧକୁ ନିକଷ କରି ସୃଷ୍ଟିଶୀଳ ପ୍ରଯତ୍ନରେ ପ୍ରବେଶ କଲେ ଗବେଷଣା ସନ୍ଦର୍ଭ କିମ୍ବା ସାହିତ୍ୟ-ସମୀକ୍ଷା କ୍ଲାସିକ୍ କୃତିରେ ପରିଣତ ହୋଇପାରିବ ।

—✲—

(ଏପ୍ରିଲ, ୧୯୮୪)

['ଏଷଣା' ଅଷ୍ଟମ ଖଣ୍ଡର ସଂପାଦକୀୟ]

Digitized by srujanika@gmail.com

ସାହିତ୍ୟ-ଗବେଷଣା

ସାହିତ୍ୟ-ଗବେଷଣା, ଗମ୍ଭୀର ଅନ୍ତର୍ନିରୀକ୍ଷା, ପ୍ରଶାନ୍ତ ଅବଗାହନ ଓ ପ୍ରଶସ୍ତ ବିଦ୍ୟା-ଧିଷଣାର ସାଧନ କର୍ମ । ସହଜ ପ୍ରାପ୍ତି ଓ ସ୍ୱଳ୍ପ-ସିଦ୍ଧି ସୂଚକ ଫଳ-ଶ୍ରୁତି ଏହାର ଉଦ୍ଦେଶ୍ୟ ନୁହେଁ । ଅନ୍ଧାରିତ କକ୍ଷକୁ ଆଲୋକିତ କରିବା, ଆଲୋକିତ ଆୟତନରେ ତଥାପି-ଲୁକ୍କାୟିତ ରତ୍ନର ସନ୍ଧାନ ନେବା, ଆଲୋକରୁ ଆଲୋକାଭ୍ୟନ୍ତରକୁ ପ୍ରବେଶ କରିବା; ଜ୍ଞାତ ବା ଅଜ୍ଞାତ-ଭୂମି ସହ ଭାବ ସଂପର୍କ ସ୍ଥାପିବା ଇତ୍ୟାଦି ହେଉଛି ଗବେଷଣା-ବୃତ୍ତିର ସ୍ୱଭାବ-ଧର୍ମ । ସୂର୍ଯ୍ୟ ରଶ୍ମି ସ୍ଫଟିକ-ପିଣ୍ଡରେ ଜ୍ୟୋତିର ବିକିରଣ ଘଟାଇଲା ପରି, ଗବେଷକର ଆର୍ଷି ଓ ଚେତନା-ନିକଷ ବଳରେ ଜ୍ଞାନର ନୂତନ ଦିଗ୍‌ବଳୟ ଉନ୍ମୋଚିତ ହୋଇଥାଏ ।

ଗବେଷକ ସତ୍ୟର ପ୍ରତିଷ୍ଠାତା, ତଥ୍ୟର ଆବିଷ୍କର୍ତ୍ତା । ତଥ୍ୟ ଓ ସତ୍ୟର ଲାଳନ-ପାଳନ କର୍ମ ହେଉଛି, ଗବେଷକର ନିତ୍ୟ ଧର୍ମ । ସଂଗୃହୀତ ତଥ୍ୟର କଞ୍ଚାମାଲ୍ ଯେନି ସତ୍ୟର ପ୍ରତିପାଦନ ଲାଗି କ୍ଷେତ୍ର ପ୍ରସ୍ତୁତ କରିବା ଏବଂ ପ୍ରତିପାଦ୍ୟ-ସତ୍ୟ ଭିତରୁ ଆବଶ୍ୟକ ସ୍ଥଳେ ତଥ୍ୟର ନିର୍ଯ୍ୟାସ ସନ୍ଧାନ କରିବା—ଗବେଷକର ସାଧାରଣ ଜୀବନ-ଚର୍ଯ୍ୟା । ପ୍ରତିପାଦିତ ସତ୍ୟ, ଗବେଷକର ଏଷଣା-କୌଶଳ ବଳରେ ତତ୍ତ୍ୱରେ ପରିଣତ ହୁଏ । ତଥ୍ୟର ବିଶ୍ଳେଷଣରୁ ଉପଲବ୍ଧ ସତ୍ୟ; ପ୍ରତିପାଦିତ ନ ହେବାଯାଏ, ଅନୁମାନ ହୋଇ ରହିଥାଏ । ତଥ୍ୟରୁ ଅର୍ଥ ଓ ତାତ୍ପର୍ଯ୍ୟ ଅନ୍ୱେଷଣ କରି ଏବଂ ତଥ୍ୟାବଳୀ ଅନ୍ତରାଳରେ ଥିବା ପାରସ୍ପରିକ ସମ୍ବନ୍ଧ ଓ ଆତ୍ମିକ ଦେଣ-ନେଣକୁ ବିଚାର କରି ଗବେଷଣା ବେଳେ କୌଣସି ଏକ ନିଶ୍ଚିତ ସିଦ୍ଧାନ୍ତରେ ଉପନୀତ ହେବାକୁ ହୋଇଥାଏ । ସେହି ସିଦ୍ଧାନ୍ତ-ବସ୍ତୁଟି ତତ୍ତ୍ୱ । ଶ୍ରୀ ଚିତ୍ତରଞ୍ଜନ ଦାସଙ୍କ ଦ୍ୱାରା ଅନୂଦିତ ଓ ଟେକ୍ସଟ ବୁକ୍ ବ୍ୟୁରୋ ପ୍ରକାଶିତ 'ସମାଜ ଗବେଷଣାର ପଦ୍ଧତି' (୧୯୭୮) ଗ୍ରନ୍ଥରେ ସ୍ପଷ୍ଟତଃ କୁହାଯାଇଛି—'ତତ୍ତ୍ୱ କହିଲେ ଅନୁଭବ ଦ୍ୱାରା ପରୀକ୍ଷା କରି ଦେଖାଯାଇ ପାରୁଥିବା ପର୍ଯ୍ୟବେକ୍ଷଣ ବା ଅବଲୋକନକୁ ବୁଝାଏ ।' (୧୭ ପୃଷ୍ଠା)

ସାହିତ୍ୟ ଗବେଷଣା ଭୂମିରେ ତଥ୍ୟ ଓ ତତ୍ତ୍ୱ ବା ସତ୍ୟର ପରିଭାଷା, ସମାଜ ଗବେଷଣା ପଦ୍ଧତିରେ କଥିତ ପରିଭାଷାଠାରୁ ଭିନ୍ନ ନୁହେଁ । ସାହିତ୍ୟ ଗବେଷଣା ହେଉ କି ସମାଜ-ଗବେଷଣା ହେଉ, ଉଭୟସ୍ଥଳେ ଏମାନଙ୍କର ସଂଜ୍ଞା ସମାନ । ବସ୍ତୁତଃ ତଥ୍ୟ ହେଉଛି ତତ୍ତ୍ୱର ଜନକ । ତଥ୍ୟ ଓ ତତ୍ତ୍ୱ ପରସ୍ପର ପରିପୂରକ । ଅନ୍ୱେଷଣର ନାନା ପଥ ଅନୁସରି ତଥ୍ୟରୁ ଯାଇ ତତ୍ତ୍ୱଟିରେ ପହଁଚିଲେ କିଛି 'ଆବିଷ୍କାର' ଘଟିଲା

Digitized by srujanika@gmail.com

ତୋଳି ଜଣାଯାଏ । ତଥ୍ୟର ସମୁଦ୍ର ମନ୍ଥନରୁ ତତ୍ତ୍ୱ ପ୍ରାପ୍ତି ହିଁ ଏକ ଆବିଷ୍କାର, ତାହା ହିଁ ଗବେଷଣା-ଲବ୍ଧ ସତ୍ୟ ।

ସାହିତ୍ୟ-ଗବେଷଣାରେ ସବୁବେଳେ ତଥ୍ୟାବଳୀ, ସିଦ୍ଧାନ୍ତ ନିରୂପଣ କରନ୍ତି ନାହିଁ । ପ୍ରଚଳିତ ତତ୍ତ୍ୱର ପୁନଃ ସ୍ୱୀକୃତିକରଣ ଦ୍ୱାରା କିମ୍ବା ସଂସ୍କାର ପୁନଃ ନିରୂପଣ ଦ୍ୱାରା ମଧ୍ୟ ନୂତନ ତଥ୍ୟର ଉଦ୍ଭବ ହୋଇପାରେ । ତେଣୁ ତଥ୍ୟ ମଧ୍ୟରେ ତତ୍ତ୍ୱକୁ ଏବଂ ତତ୍ତ୍ୱ ମଧ୍ୟରେ ତଥ୍ୟକୁ ଅନ୍ୱେଷା କରିବା ହେଉଛି ସାହିତ୍ୟ-ଗବେଷଣାର ପ୍ରକୃଷ୍ଟବିଧି । ଗବେଷକଗଣ ଏଥିପ୍ରତି ସଚେତନ ଥାଇ ଯଦି ଗବେଷଣା କର୍ମ ସମାଧାନ କରନ୍ତି, ତେବେ ଗବେଷଣା-ବସ୍ତୁର ମୂଲ୍ୟ ବହୁଗୁଣିତ ହେବା ନିଶ୍ଚିତ । ଗବେଷକ, ଏକାଧାରରେ ଲେଖକ ଓ ପାଠକ, ଯୁଗ୍ମ ବ୍ୟକ୍ତିତ୍ୱର ଅଧିକାରୀ ! ଗବେଷକଠାରେ ଥିବା ପାଠକ-ଆତ୍ମା ; ତୃଷିତ ଚକୋର । ଅଜଣାର ତୃଷାର ତାଡ଼ନାରେ ତା'ର ପଦପାତ, ଅନ୍ୱେଷଣର ଇଲାକା ପରେ ଇଲାକା ଦଖଲ କରିବାରେ ସେ ହବତା ଆଗ୍ରହୀ । ଯେଉଁଠି ଏଇ ଆଗ୍ରହ ମୁମୂର୍ଷୁ, ଗବେଷକର ଯାତ୍ରା ସେଠି ଶିଥିଳ । ଶିଥିଳ ପାଠକ ଆତ୍ମା, ଗବେଷଣାର ପରିପନ୍ଥୀ । ଉଦ୍‌ବେଗଭରା ଅଭିନିବେଶ ହିଁ ଗବେଷକର ସହଚର । ଉଦ୍‌ବେଗ ଓ ଉତ୍କଣ୍ଠାର ଯୌଥଦାନରୁ ଜିଜ୍ଞାସାର ଜନ୍ମ । ଏଇ ଜିଜ୍ଞାସା ଦେଖାଏ ଦ୍ୱାର; ରୁଦ୍ଧ ପଥର ଅର୍ଗଳା ଭାଙ୍ଗେ ଏଇ ଜିଜ୍ଞାସା, ଅଭିଯାତ୍ରୀକୁ ବଳଦିଏ ଏଇ ଜିଜ୍ଞାସା, ବୌଦ୍ଧିକ ଆହାରର ଅନୁକୂଳ ପାଥେୟ ଯୋଗାଏ ଏଇ ଜିଜ୍ଞାସା । ଜିଜ୍ଞାସା ହିଁ ସକଳ ଜ୍ଞାନର ଉତ୍ସପ୍ରେରକ । ତିଳ ମଧ୍ୟଗତ ତୈଳ, ଦଧି ମଧ୍ୟଗତ ଘୃତ, ଭୂଗର୍ଭସ୍ଥ ଜଳ, କାଷ୍ଠ ମଧ୍ୟଗତ ଅଗ୍ନିର ବିଦ୍ୟମାନତା ତୁଲ୍ୟ, ଏହା ଆତ୍ମ-ଜିଜ୍ଞାସା ଗର୍ଭରୁ ଜନ୍ମ ନେଇଥାଏ ଅଙ୍କୁରିତ ଜ୍ଞାନ-ବୀଜର ଦାରୁରୂପ । ବସ୍ତୁତଃ ଜ୍ଞାନର ଉନ୍ନତ ପ୍ରକାଶ ଘଟେ ଏଇ ଗବେଷଣାରେ ।

ବେଦାନ୍ତ ଦର୍ଶନରେ ଜ୍ଞାନର ଷଡ଼ ମାଧ୍ୟମ କଥା ଚର୍ଚ୍ଚା କରାଯାଇଛି । ସେଗୁଡ଼ିକ ହେଲା—ପ୍ରତ୍ୟକ୍ଷ ଉପଲବ୍ଧି, ଅନୁମିତି, ସାଦୃଶ୍ୟ-ପ୍ରେମୀ, ବାକ୍ୟ-ପ୍ରମାଣ, ଅର୍ଥାପତ୍ତି, ଉପପାଦକ ଜ୍ଞାନ । ପାଶ୍ଚାତ୍ୟ ଦର୍ଶନରେ ମଧ୍ୟ ଏମାନଙ୍କ ସମଗୋତ୍ରୀ ପରିଭାଷାର ଦୃଷ୍ଟାନ୍ତ ମିଳେ, ଯଥା—Perception, Inference, Comparison, Verbal-testimoney, Presumption, Non-apprehension ପ୍ରଭୃତି । ଗବେଷଣା, ଜ୍ଞାନାନ୍ୱେଷୀ ପ୍ରଜ୍ଞାର ପ୍ରକୃଷ୍ଟ-ପ୍ରକାଶ ହୋଇଥିବାରୁ ଏମାନେ ବସ୍ତୁତଃ ଗବେଷଣାର ଗୋଟିଏ ଗୋଟିଏ ଅବଲମ୍ବନ । ଏମାନଙ୍କୁ ଆଶ୍ରା କରି ଗବେଷକ ପ୍ରତିପାଦ୍ୟ-ସତ୍ୟରେ ଉପନୀତ ହୁଏ । ଏମାନେ ଉପଯୋଗମତେ ଅନ୍ୱେଷଣର ପଥ ପ୍ରସ୍ତୁତ କରିଦିଅନ୍ତି । ଗବେଷକର ଆଖି ଖୋଲି ଦିଅନ୍ତି, ଗବେଷଣାର ବାଗ ଓ ବାଟ ଠଉରି ଦିଅନ୍ତି, ଗବେଷଣାର ସଂଜ୍ଞା ମଧ୍ୟ

Digitized by srujanika@gmail.com

ନିରୂପଣ କରିଛନ୍ତି । ଏମାନଙ୍କ ସାହିତ୍ୟ ପ୍ରତ୍ୟାଖ୍ୟାନ କରି ଗବେଷଣାରେ ପଶିବା ଭୁଲ । ଗବେଷଣାକୁ ଏ ଦୃଷ୍ଟିରୁ ନ ଦେଖି ଅନେକ ସାଧାରଣ ସ୍ତରରୁ ଏହାକୁ ଦେଖନ୍ତି । ସାହିତ୍ୟ-ଗବେଷଣା ଓ ସାହିତ୍ୟ-ସମାଲୋଚନାକୁ ସମାନ ତରିକ ସଂପନ୍ନ ବୋଲି ବିଚାରନ୍ତି । ଗବେଷଣା ବିଷୟ ନିର୍ବାଚନ ଉତ୍ସରୁ ତଥ୍ୟ ଉପାଦାନାଦି ସଂଗ୍ରହ, ଟିପ୍ପଣୀ ପ୍ରସ୍ତୁତ, ପରିଚ୍ଛେଦ ଓ ଅନୁଚ୍ଛେଦର ବିଭାଜନ ଓ ରଚନା; ଉଦ୍ଧୃତିର ବ୍ୟବହାର ଏବଂ ପାଦଟୀକା, ପରିଶିଷ୍ଟ, ଗ୍ରନ୍ଥ ପଞ୍ଜିକା ଇତ୍ୟାଦିର ସଂଯୋଜନା କ୍ଷେତ୍ରରେ ବିଶ୍ୱରେ ମାନକ (Standard) ସ୍ଥିର (ବିଧି) ଅନୁସୃତ ହେଉଛି । ଏଇ Research Medhod—ଗବେଷଣା ବିଧିର ସ୍ୱାତନ୍ତ୍ର୍ୟ ପ୍ରତି ସଚେତନତା ଆମ ଗବେଷକମାନଙ୍କର ପ୍ରାୟ ନାହିଁ । ବହୁ ଗବେଷଣା ସନ୍ଦର୍ଭରେ ଗବେଷଣା ବିଧି ସମ୍ମତ ଶୈଳୀର ପ୍ରୟୋଗ ଘଟିଥିବା ଦେଖାଯାଉ ନାହିଁ । ଏପରି ତ୍ରୁଟି ଘଟିବାର ନାନା କାରଣ ଭିତରୁ ଅନ୍ୟତମ କାରଣ ହେଉଛି—ସାହିତ୍ୟ ଗବେଷଣା ଓ ସାହିତ୍ୟ-ସମାଲୋଚନାକୁ ଏକ ଓ ଅଭିନ୍ନ ବିଚାରିବା । ମାତ୍ର ଏ ଦୁଇଟି ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରହିଛି । ସମାଲୋଚନା ଓ ଗବେଷଣା ସଗୋତ୍ର ତଥା ସପାଙ୍କ୍ତେୟ ହେଲେ ହେଁ, ପ୍ରଥମଟି ଗୋଟିଏ ସୋପାନ ଶ୍ରେଣୀର ପ୍ରାରମ୍ଭିକ ସ୍ତର ଏବଂ ଶେଷଟି ତାହାର ଉଚ୍ଚତମ ସ୍ତର । ସମାଲୋଚନା ଅନୁସନ୍ଧାନ ହେଲେ, ଗବେଷଣା ହେଉଛି ପ୍ରାପ୍ତି । ପ୍ରଥମଟି ଜିଜ୍ଞାସା ହେଲେ, ଶେଷଟି ହେଉଛି ଉତ୍ତର । ସମାଲୋଚକ ସାଧାରଣ ସନ୍ତରଣକାରୀ ହେଲେ, ଗବେଷକ ହେଉଛନ୍ତି ଅବଗାହୀ ବା ଗୋତା-ମରାଳି । ସମାଲୋଚନା ସାଧାରଣତଃ ସାହିତ୍ୟ-ସୃଷ୍ଟିର ମୂଲ୍ୟାୟନ ଓ ମର୍ମ ଉଦ୍‌ଘାଟନରେ ପର୍ଯ୍ୟବସିତ । କିନ୍ତୁ ଗବେଷଣା ମୂଲ୍ୟାୟନ କରିବା ସଙ୍ଗେ ସଙ୍ଗେ ସାହିତ୍ୟ କୃତିରୁ ନୂତନ ତଥ୍ୟ ଓ ଅଭିମୁଖ୍ୟ ଆବିଷ୍କାର କରେ, ଅଭିନବ ତତ୍ତ୍ୱ ପ୍ରତିଷ୍ଠା କରେ, ଗ୍ରାହକମାନଙ୍କର ସାହିତ୍ୟ ବିଷୟକ ଜ୍ଞାନ ଧାରଣାର ଦିଗ୍‌ବଳୟ ସଂପ୍ରସାରିତ କରେ ।" (ପରିଷଦର ଦ୍ୱିତୀୟ ବାର୍ଷିକ ଉତ୍ସବ ୧୯୮୨ରେ ପଠିତ ଓ ବିତରିତ, ସଭାପତି ଡ଼କ୍ଟର କୃଷ୍ଣଚରଣ ବେହେରାଙ୍କର ଅଭିଭାଷଣ, ପୃଷ୍ଠା-୫) ।

ସାହିତ୍ୟ-ଗବେଷଣା, ଇତିହାସ ନୁହେଁ, ଘଟଣାର ବିସ୍ତାରିତ ବର୍ଣ୍ଣନା ମଧ୍ୟ ନୁହେଁ । ଘଟଣା ଗର୍ଭରେ ନିମଜ୍ଜିତ ତଥ୍ୟର ଉନ୍ମୋଚନବେଳେ ଗବେଷକ, ଇତିହାସ-ଅନ୍ୱେଷୀ ପ୍ରବୃତ୍ତିର ପରିଚର୍ଯ୍ୟା କରିପାରେ; ମାତ୍ର ସେତିକରେ ରହିଗଲେ ସାହିତ୍ୟ-ଗବେଷଣା ଫଳପ୍ରଦ ହୁଏ ନାହିଁ । ନିମଜ୍ଜିତ ତଥ୍ୟର ବିଶ୍ଳେଷଣ ଏବଂ ତାହାର ସୃଷ୍ଟିଧର୍ମୀ ଅଭିବ୍ୟକ୍ତି ହିଁ ସାହିତ୍ୟ-ଗବେଷଣାର ଗୌରବ । ଏଥିପାଇଁ ଲୋଡ଼ା ଭିନ୍ନ ଏକ ଦୃଷ୍ଟି—ଏକାନ୍ତ ଭାବେ ବିଷୟନିଷ୍ଠ ନୁହେଁ କି ବିଷୟ ନିରପେକ୍ଷ ନୁହେଁ । ଉଭୟର ସମ୍ମିଶ୍ରିତ ଦୃଷ୍ଟି ହିଁ ଗବେଷକର ସର୍ଜନାତ୍ମକ ଦୃଷ୍ଟି । ଏଇ

Digitized by srujanika@gmail.com

ମନ୍ତବ୍ୟରେ କୁହନ୍ତିଲେ—"ସାହିତ୍ୟ ଗବେଷଣା ହେଉଛି ଏକ ଅନ୍ତଃ ପ୍ରବେଶ, ବିଷୟ ବସ୍ତୁର ତଥା ଆପଣାର ଅନ୍ତଃପ୍ରବେଶ । କେବଳ ଉପରର ବାସନା ଦ୍ୱାରା ଏଇ ଅନ୍ତଃ ପ୍ରବେଶର ବାଟ ପାଇହୁଏ ନାହିଁ । କେବଳ କାଳ, ବୟସ ଓ ଐତିହାସିକ ସୂଚନା ଖୁଣ୍ଟିଗୁଡ଼ିକୁ ନିରୂପଣ କରିଦେଲେ ଅନ୍ତଃ ପ୍ରବେଶ ହୁଏ ନାହିଁ । ସେଥିଲାଗି ଆହୁରି ଭିତରକୁ ଯିବାକୁ ହୁଏ । ଆହୁରି ଅଧିକ ରମିବାକୁ ହୁଏ । ଗବେଷଣାର ଗୋଟିଏ ପାହାଚ ଟପିବା ମାତ୍ରକେ ସେଇଠି ଶେଷ କଣ୍ଢାଟି ମାରିଦେଇ ବସିଯିବା ପରିବର୍ତ୍ତେ ଦ୍ୱିତୀୟ ପାହାଚକୁ ଗୋଡ଼ ବଢ଼ାଇବା ଲାଗି ମନ ଛନ ଛନ ହୁଏ । ଗୋଟାଏ ପ୍ରଶ୍ନର ସମାଧାନ ଆହୁରି ଏକାଧିକ ପ୍ରଶ୍ନ ଆଡ଼କୁ ଅଙ୍ଗୁଳି ବଢ଼ାଇଦିଏ । ଭଲ ପରିଂପରାର ଗବେଷଣା କରୁଥିବା ଗବେଷକ ମଧ୍ୟ ଆଗକୁ ଯାଉଥିବା ସଙ୍ଗେ ସଙ୍ଗେ ଆପଣାର ଜୀବନ-ଦୃଷ୍ଟିରେ ବି ଅଧିକରୁ ଅଧିକ ଗଭୀରକୁ ଭିତର ସଂକ୍ରମଣ କରାଇ ଚାଲିଥାଏ । କୃଷିର ଗବେଷକ କୃଷି ବିଦ୍ୟାକୁ ଭଲପାଏ । ସମାଜ-ଶାସ୍ତ୍ରର ଗବେଷକ ସମାଜ-ଶାସ୍ତ୍ରକୁ ଭଲପାଏ । ସମାଜ ସହିତ ଏକାତ୍ମତା ଅର୍ଜନ କରେ । ମନୋବିଜ୍ଞାନର ସୁସ୍ଥ ଗବେଷକ ବି ସେହିପରି ମଣିଷର ରୋଗ ଅପେକ୍ଷା ତା'ର ସ୍ୱାସ୍ଥ୍ୟ ଉପରେ ଅଧିକ ଆସ୍ଥା ରଖିଥାଏ । ମଣିଷକୁ ମେସିନଟାଏ ପରି ନ ଦେଖି ମଣିଷ ପରି ଦେଖେ । ସାହିତ୍ୟର ଗବେଷଣା ବେଳକୁ ମଧ୍ୟ ଠିକ୍ ସେହି କଥା । ସାହିତ୍ୟର ଗବେଷଣା କରୁଥିବା ଗବେଷକର ରୁଚି ମୂଳତଃ ସାହିତ୍ୟିକ ହିଁ ହେବା ଅର୍ଥାତ୍ ସୃଷ୍ଟିଧର୍ମୀ ହେବା ଉଚିତ ।" (ଶ୍ରୀ ଚିତ୍ତରଞ୍ଜନ ଦାସ—ମା ନିଷାଦ, ୧୯୭୭ : ପୃଷ୍ଠା ୧୬୮-୬୯)

ସାହିତ୍ୟ-ଗବେଷଣା ବେଳେ ଏକ ସୃଷ୍ଟିଧର୍ମୀ ରୁଚି ଓ ଦୃଷ୍ଟିର ପ୍ରତିଫଳନ ଆବଶ୍ୟକ । ଜିଜ୍ଞାସା ଓ ଅନୁରାଗର ବିଭୂତି ଯୋଗ ନ ଘଟିଲେ ସାହିତ୍ୟ-ଗବେଷଣା କୁଳଧର୍ମ ହରାଇବ, ତାହାର ସାଂସ୍କୃତିକ ପ୍ରତ୍ୟୟକୁ ଦୁର୍ବଳ କରିଦେବ । 'ଏଷଣା'ର ଲେଖକ ଗବେଷକ ବର୍ଗ ଉକ୍ତ ଅଧିକେ ଏଥିପ୍ରତି ସଚେତନ ସତ; ମାତ୍ର ଏଇ ସଚେତନତା ଅଧିକରୁ ଅଧିକ ପ୍ରକାଶ ପାଉ, ଆମ ଭାଷା-ସାହିତ୍ୟ ଗବେଷଣା ଧାରାରେ ଅନନ୍ୟତା ଆସୁ—ଲେଖକ-ଗବେଷକ ବର୍ଗ ଏହା ଭାବିବା ସମୀଚୀନ ହେବ ନାହିଁ କି ?

—*—

(ଅକ୍ଟୋବର, ୧୯୮୪)

['ଏଷଣା' ନବମ ଖଣ୍ଡର ସଂପାଦକୀୟ]

Digitized by srujanika@gmail.com

ସାହିତ୍ୟ-ଗବେଷଣା ଓ ନନ୍ଦନତତ୍ତ୍ୱ

ସାହିତ୍ୟ-ଗବେଷକ ଏକାଧାରରେ ଜଣେ ଦର୍ଶନ ସନ୍ଧାନୀ ଓ ସାହିତ୍ୟ-ଆଲୋଚକ । ଏଇ ଦୁଇଟି ଗୁଣ ଯେଉଁଠି ସମନ୍ୱିତ, ସାହିତ୍ୟ ଗବେଷଣା ସେଠି ସାର୍ଥକ ।

ଦର୍ଶନ-ସନ୍ଧାନୀ ଅର୍ଥ ତତ୍ତ୍ୱ ସନ୍ଧାନୀ, ଜୀବନ ଜିଜ୍ଞାସାର ହେତୁ ସନ୍ଧାନୀ, ଭାବ ଭୂତର ଉତ୍ସ ସନ୍ଧାନୀ, ଅନୁଭୂତର ମର୍ମ ସନ୍ଧାନୀ । ଯେଉଁମାନେ 'ବିଷୟ-ବିହାରୀ' ସମାଲୋଚକ, ସାହିତ୍ୟ-ବସ୍ତୁ ସଙ୍ଗେ ସେମାନଙ୍କ ପରିଚୟ ଥିଲେ ମଧ୍ୟ ଦର୍ଶନ ଓ କଳାବୋଧର ବିଚାର-ପଦ୍ଧତି ସଙ୍ଗେ ପରିଚୟ କାରଣରୁ ସେମାନଙ୍କର ଗବେଷଣା ଓ ସାହିତ୍ୟ-ସମାଲୋଚନା ଅନେକ କ୍ଷେତ୍ରରେ ବ୍ୟାଖ୍ୟା ବହୁଳ ଓ ଉଦ୍ଧୃତି ସମାକୀର୍ଣ୍ଣ ହୋଇଯାଏ । କୌଣସି ସୂକ୍ଷ୍ମ ବା ସାର୍ବିକ ଅଭିଜ୍ଞତା ସ୍ତରରେ ତାହା ଉପନୀତ ହୋଇପାରେ ନାହିଁ ।

ସାଧାରଣତଃ ସାହିତ୍ୟ ଗବେଷକଗଣ ସାହିତ୍ୟ-ବସ୍ତୁଟିର ବିଷୟ ଜଗତ ଭିତରେ ପରିଭ୍ରମଣ କରି ଲବ୍ଧ ଅଭିଜ୍ଞାନର ବିବରଣୀ ପ୍ରାୟ ପ୍ରକାଶ କରିଥାନ୍ତି । ବିଷୟ-ଭୂମିରୁ ପ୍ରତ୍ୟୟ-ଭୂମିକୁ, ପ୍ରତ୍ୟୟ-ଭୂମିରୁ ଗଠନ-ଭୂମିକୁ ଗତିକରି ସାହିତ୍ୟ-ବସ୍ତୁଟିର ଚର୍ଚ୍ଚା ପାଇଁ ବ୍ୟାପକ ଅନୁରାଗ ସେମାନଙ୍କଠାରେ କ୍ୱଚିତ୍ ଦେଖାଯାଏ । ସେମାନେ ସାହିତ୍ୟର 'ଉପଜୀବ୍ୟ' ନେଇ ଚର୍ଚ୍ଚା କରୁଥିଲେ ବି ଉପଜୀବ୍ୟକୁ ବିଷୟ ଜ୍ଞାନରେ ହିଁ ସେମାନେ ତଉଲିଥା'ନ୍ତି ।

କିନ୍ତୁ ସାହିତ୍ୟ-ବସ୍ତୁଟିର 'ଉପଜୀବ୍ୟ' କହିଲେ ତହିଁରେ କଥିତ ବିଷୟକୁ ଖାଲି ବୁଝାଏ ନାହିଁ । ବରଂ ସାହିତ୍ୟ ସ୍ରଷ୍ଟାର ଭାବାବେଗ, କଳ୍ପନା-ବୃତ୍ତି, ବ୍ୟଞ୍ଜନ-ଶକ୍ତି, ରୂପ-ଗଠନ-କାରୁଣି, ବାକ୍-ପ୍ରତିମା-ନିର୍ମାଣ-ଦକ୍ଷତା, ବାଚନିକ-ସଙ୍ଗୀତ ଗୁଣ ଏବଂ ଅଭିବ୍ୟକ୍ତି ପ୍ରସଙ୍ଗର ବିବିଧ ପକ୍ଷର (ସାମାଜିକ, ସାଂସ୍କୃତିକ, ଦାର୍ଶନିକ, ଆଧ୍ୟାତ୍ମିକ, ନୈତିକ, ଐତିହ୍ୟାତ୍ମକ ବା ଭବିଷ୍ୟ ଦୃଷ୍ଟି ଇତ୍ୟାଦି) ସାମଗ୍ରିକ ସତ୍ତାକୁ ହିଁ ବୁଝାଏ ।

ବସ୍ତୁତଃ ସାହିତ୍ୟର ମୂଳ ଉପାଦାନଗୁଡ଼ିକ ହିଁ ସାହିତ୍ୟର 'ଉପଜୀବ୍ୟ' । ସାହିତ୍ୟର ମୂଳ ଉପାଦାନ ହେଲା ମୁଖ୍ୟତଃ ତିନୋଟି । କବି ଏଜରା ପାଉଣ୍ଡ ; ମେଲୋପୋଇଆ, (Melopoeia) ଫେନୋପୋଇଆ (Phanopoeia),

Digitized by srujanika@gmail.com

ଲୋଗୋପେଇଆ (Logopoeia)—ଏପରି ତିନୋଟି ଉପାଦାନ ସାହିତ୍ୟର ମୌଳିକ ବୋଲି କହିଛନ୍ତି । ପ୍ରଥମଟିର ଅର୍ଥ ହେଲା ଧ୍ୱନି ଓ ଅନୁଭୂତି ବା ଲୋକ ବୃତ୍ତ୍ୟାନୁକରଣ ଇତ୍ୟାଦିକୁ କାବ୍ୟ ନାଟକାଦି ସାହିତ୍ୟର ମୂଳ ଉପାଦାନ ଅର୍ଥରେ ଗ୍ରହଣ କରାଯାଇଛି ।

ଏଥିରୁ ବୁଝାଯାଉଛି ଯେ ପ୍ରଥମେ ଧ୍ୱନି, ତା'ପରେ ରୂପ ବା ମୂର୍ତ୍ତି ଏବଂ ଶେଷରେ ମୂର୍ତ୍ତିରୁ ସଞ୍ଚରିତ ଆବେଗ ସହ ଆମର ସଂଯୋଗ, ସାହିତ୍ୟ-ବସ୍ତୁଟିକୁ କେନ୍ଦ୍ରକରି ହିଁ ଘଟିଥାଏ । ସାହିତ୍ୟ ଏହି ମୂଳ ଉପାଦାନ ଉପରେ ଆପଣା ସ୍ଥିତିର ପ୍ରତିଷ୍ଠା ସଂପାଦନ କରିଥାଏ ।

ତେଣୁ ସାହିତ୍ୟ-ଗବେଷକ, ସାହିତ୍ୟ-ଅନୁଶୀଳନ ମାଧ୍ୟମରେ ଏଇ ମୂଳ ସ୍ଥିତିର ପରିଚୟ ଦର୍ଶାଇ ଦେବା କଥା । ସାହିତ୍ୟ-ବସ୍ତୁର ମୂଲ୍ୟବୋଧ ଓ ସୌନ୍ଦର୍ଯ୍ୟବୋଧ ଉଭୟଙ୍କୁ ଅନୁସନ୍ଧାନ କରିବା ହିଁ ସାହିତ୍ୟ-ଗବେଷଣାର ସ୍ୱଧର୍ମ । ଏତଦ୍ଦ୍ୱାରା ସାହିତ୍ୟ-ଗବେଷଣା ସୃଷ୍ଟିଧର୍ମୀ ହୁଏ । ପରିଚୟାତ୍ମକ ସାହିତ୍ୟ-ଗବେଷଣା ଅପେକ୍ଷା ଏହାର ମୂଲ୍ୟ ଅଧିକ । ପରିଚୟାତ୍ମକ ଗବେଷଣା ତଥ୍ୟପିଣ୍ଡିତ । ତତ୍ତ୍ୱାନ୍ୱେଷୀ ନ ହେଲେ, ତଥ୍ୟର ସମ୍ବଳ ଯୋଗ ସାହିତ୍ୟର ମୂଳଭିତ୍ତି ଓ ଭୂମି ଅନୁସନ୍ଧାନ କରିହେବ ନାହିଁ । ଏଥିପାଇଁ ଲୋଡ଼ା ତଥ୍ୟ ଓ ତତ୍ତ୍ୱର ମିଳିତ ଉପଯୋଗ ।

ସାହିତ୍ୟ-ଗବେଷଣା ହେଲେ ସାହିତ୍ୟ-ବସ୍ତୁର ମୂଲ୍ୟାୟନ ଓ ବିଚାର ବିବେଚନା ତ ହେବ ନିଶ୍ଚୟ, କିନ୍ତୁ ଏହା ହେବ କିପରି ? ସାହିତ୍ୟ-ତତ୍ତ୍ୱ ବା ସୌନ୍ଦର୍ଯ୍ୟ ତତ୍ତ୍ୱ ବା ନନ୍ଦନ ତତ୍ତ୍ୱର ଉପଲବ୍ଧି ଭିତରେ ହିଁ ହେବ । ଅନ୍ତର୍ବିଦ୍ୟାର ଆଲୋକରେ ସାହିତ୍ୟ-ବସ୍ତୁ ଓ ସାହିତ୍ୟିକ ଭାବାବେଗର ବିଶ୍ଳେଷଣ ହେବ । ଏଥିରୁ ମିଳିବ ସାହିତ୍ୟ ପ୍ରସଙ୍ଗଟିର ଗୁଣାଗୁଣ ଓ ପ୍ରୟୋଗ ପରିଣାମ ଇତ୍ୟାଦି । ସାହିତ୍ୟ ଗବେଷଣାରେ ଅନ୍ତର୍ମୁଖୀନତା ପ୍ରକାଶ ନ ପାଇଲେ ଗବେଷଣାର ମାନ ବଢ଼ିବ ନାହିଁ ।

ବହିର୍ମୁଖୀନତା, ପଲ୍ଲବଗ୍ରାହୀତାର ପରିପୋଷକ । ସାହିତ୍ୟ-ଗବେଷଣା ପଲ୍ଲବଗ୍ରାହୀ ଅଧ୍ୟୟନର ଫଳଶ୍ରୁତି ନ ହେଉ । ସାହିତ୍ୟର ବ୍ୟାପ୍ତ ସଂଗୁପ୍ତ ସମ୍ପତ୍ତିର ଉନ୍ମୋଚନ ପାଇଁ ଗବେଷକର ଦୃଷ୍ଟି ଯେତିକି ତଥ୍ୟ ପିପାସୁ ହେବ, ତତୋଽଧିକ ହେବ ରସପିପାସୁ । ରସଭିତ୍ତିକ ଗବେଷଣା-ଦୃଷ୍ଟିର ପ୍ରାପ୍ତି ଲାଗି ନନ୍ଦନ ତତ୍ତ୍ୱର ଉପଲବ୍ଧି ଏକାନ୍ତ ଅପରିହାର୍ଯ୍ୟ ।

Digitized by srujanika@gmail.com

ସାହିତ୍ୟ-ଗବେଷକ, ଗବେଷଣା ପ୍ରକଳ୍ପଟିଏ ହାତକୁ ନେବା ପୂର୍ବରୁ ସାହିତ୍ୟ-ସମ୍ପର୍କ ଆତ୍ମତତ୍ତ୍ୱ ସହିତ ନିବିଡ଼ ଭାବେ ପରିଚିତ ହେବା ବାଞ୍ଛନୀୟ । ଏଥିରୁ ଯେଉଁ ଗବେଷଣା-ଦୃଷ୍ଟି ସେ ଲଭ କରିବେ ତାହା ହିଁ ହେବ ତାଙ୍କର ସାଧନାପଥର ଦୀପ ବର୍ତ୍ତିକା । ସୌନ୍ଦର୍ଯ୍ୟ ସ୍ନିଗ୍ଧ ଓ ପ୍ରଜ୍ଞାଦୀପ୍ତ ଗବେଷଣା-ଦୃଷ୍ଟି ଯେପରି ସାହିତ୍ୟ ଗବେଷଣା କର୍ମରେ ଗବେଷକଗଣ ଅଧିକରୁ ଅଧିକ ଆତ୍ମପ୍ରକାଶ କରନ୍ତୁ ଏବଂ ଗବେଷଣ ଧାରାର ବାଗ ଓ ରାଗ ବଦଳୁ । ସଂପ୍ରତି ଆମ ଭାଷା-ସାହିତ୍ୟ ଗବେଷଣା ଲାଗି ଏହା ଅତ୍ୟନ୍ତ ଆବଶ୍ୟକ ବୋଧ ହେଲାଣି । ଏଥିପ୍ରତି ଲେଖକ-ଗବେଷକଙ୍କର ଧ୍ୟାନଦେବା ଉଚିତ ହେବ ନାହିଁ କି ?

(ଏପ୍ରିଲ୍, ୧୯୮୪)

['ଏଷଣା' ଦଶମ ଖଣ୍ଡର ସମ୍ପାଦକୀୟ]

Digitized by srujanika@gmail.com

ସଂପାଦନା ପ୍ରସଙ୍ଗ

ସଂପାଦନାର ଭୂମିକା

ସାହିତ୍ୟ-କୃତିର ସଂରକ୍ଷଣ ଓ ପ୍ରସାରଣ ନିମନ୍ତେ ଗ୍ରନ୍ଥ-ସଂପାଦନାର ଆବଶ୍ୟକତା ଅନୁଭୂତ ହୋଇଥାଏ । ଆତ୍ମପ୍ରକାଶ ଉକ୍ତିରୁ ଆତ୍ମ ପ୍ରସାର ଲାଗି ପ୍ରାୟ ପ୍ରତ୍ୟେକ ସାହିତ୍ୟ-ସୃଷ୍ଟି ସହୃଦୟ-ସମାଜର ପୃଷ୍ଠପୋଷକତା ଲୋଡ଼ିଥାନ୍ତି । କୌଣସି ସାହିତ୍ୟ-ରଚନା କାଳକ୍ରମେ ବିସ୍ମୃତ ଓ ବିଲୁପ୍ତ ହୋଇଯିବା ଆଶଙ୍କାରୁ ତାହାର ସଂରକ୍ଷଣ ଓ ପ୍ରସାରଣ ଅତ୍ୟନ୍ତ ପ୍ରୟୋଜନ ବୋଧହୁଏ । ଅତୀତର ସଂପଦକୁ ବର୍ତ୍ତମାନ ଓ ଭବିଷ୍ୟତର ଆସ୍ୱାଦମାନଙ୍କ ପାଇଁ ଯୋଗାଇ ଦେଲାବେଳେ ସଂପାଦନାର କଥା ଉଠେ । ଅପ୍ରକାଶିତ ଲେଖା, ସଂଗ୍ରହ ଓ ସଂକଳନ କରି ଉପାଦେୟତା ଦୃଷ୍ଟିରୁ ପ୍ରକାଶ କଲାବେଳେ ମଧ୍ୟ ସଂପାଦନା ଲୋଡ଼ା ହୋଇଥାଏ । ନିଜର ବା ଅନ୍ୟ କୌଣସି ଲେଖକଙ୍କର କୃତିସମଗ୍ରର ନିର୍ବାଚନ, ବର୍ଗୀକରଣ ଏବଂ ଏକତ୍ର ଗ୍ରନ୍ଥନ ବେଳେ ସଂପାଦନାର ଆଶ୍ରୟ ନିଆ ଯାଇଥାଏ । ମୂଲ୍ୟବାନ କୌଣସି ଐତିହାସିକ ଦଲିଲ ବା ଅକ୍ଷର କୃତିର ପାଠ୍ୟ ପ୍ରକାଶ, ସମୟୋପଯୋଗୀ ମୂଲ୍ୟାୟନ ବେଳେ ସଂପାଦନାର ମାଧ୍ୟମ ଗ୍ରହଣ କରାଯାଇଥାଏ ।

ସାହିତ୍ୟ-ରଚନାର ଆକାର-ପ୍ରକାର ଏତେ ବିପୁଳ ଓ ଅପରିମିତ ଯେ ଏହାର ବିଚିତ୍ର ରସଭୋଜ୍ୟ ସବୁ ଜିଜ୍ଞାସୁ ପାଠକ-ସମାଜ ପାଇଁ ହାତ-ପାଆନ୍ତାରେ ଯୋଗାଇ ଦେବା ସେତେ ସହଜ ନୁହେଁ । ଦେଶର ସାହିତ୍ୟ କେତେ ପରିମାଣରେ ଲେଖା-ଯାଇଛି, କେଉଁ କେଉଁ ଶୈଳୀରେ ରଚିତ ହୋଇଛି, ଦେଶର ବିଭିନ୍ନ ଭୌଗୋଳିକ ପ୍ରାନ୍ତରରେ ଏହା କିପରି ଆତ୍ମପ୍ରକାଶ କରିଛି—ତାହାର ହିସାବ ଜାଣିବା ଓ ଖୋଜାଲୋଡ଼ା କରି ପଢ଼ିବା ସାଧାରଣ ପାଠକ ପକ୍ଷରେ ସହଜସାଧ୍ୟ ନୁହେଁ । ସାରା ଦେଶର କୋଣାନୁକୋଣରେ ପ୍ରଜ୍ଜ୍ୱଳିତ ଭାବ-ଶିଖାର ସ୍ଫୁଲିଙ୍ଗକୁ ବହନ କରିଥିବା ରଚନାବଳୀର ଅନ୍ତରାଳରେ ଜାତୀୟ ଜୀବନର ସ୍ରୋତ, ସାଂସ୍କୃତିକ ରସଧାରା, ସମାଜର ଭାବମୂର୍ତ୍ତି ଏବଂ ଭବିଷ୍ୟତ-ଦୃଷ୍ଟିର ସଙ୍କେତ କିପରି ପ୍ରତିବିମ୍ବିତ ହୋଇଛି ତାହାକୁ ସୀମିତ ଆୟତନ ଭିତରେ ଖୋଜିଲୋଡ଼ି ଅଧ୍ୟୟନ କରିବା ସାଧାରଣ ପାଠକଙ୍କ ପକ୍ଷରେ ସହଜ ନୁହେଁ । ପ୍ରଯତ୍ନ ବିନା, ଏ କ୍ଷେତ୍ରରେ ଦେଶର ବୌଦ୍ଧିକ ବିଭବ ଓ ଜାତୀୟ ଚିନ୍ତନର ପରିଚୟ କୌଣସି ସହଜଲଭ୍ୟ ସୂତ୍ରରୁ ମଧ୍ୟ ପାଇବା ସମ୍ଭବ ନୁହେଁ । ଏଥିପାଇଁ ଆବଶ୍ୟକ ଆପାତ ସମ୍ବନ୍ଧଯୁକ୍ତ ନାନାଦି ରଚନାର

Digitized by srujanika@gmail.com

ସଂପାଦନା । ଏହା ଏକକ ଗ୍ରନ୍ଥରେ ସଂଯୋଜିତ ହୋଇପାରେ କିମ୍ବା ବିଷୟ-ସମୂହକୁ ଗ୍ରହି ବିବିଧ ଖଣ୍ଡରେ ପରିବେଷିତ ହୋଇପାରେ ।

ନାନାପ୍ରକାର ସାହିତ୍ୟ-କୃତିରୁ ମହତ୍ତ୍ୱପୂର୍ଣ୍ଣ ଓ ପ୍ରତିନିଧି ସ୍ଥାନୀୟ ରଚନାବଳି ସଂଗ୍ରହ ଓ ସଙ୍କଳନ କରି ସଂପାଦକ, ଦେଶର ବୃହତ୍ତର ପାଠକ-ସମାଜ ଉଦ୍ଦେଶ୍ୟରେ ତାହା ପରିବେଷଣ କରିବାଦ୍ୱାରା ସାହିତ୍ୟର ଅନନ୍ତ ସମୁଦ୍ରକୁ ବେଳାଭୂମିରୁ ମର୍ଷ ଦେଇ ଅନୁଭବ କରିବାର ସୁଯୋଗ ଅନୁରାଗୀମାନଙ୍କୁ ସହଜ-ଲଭ୍ୟ ହୋଇଥାଏ । କ୍ଲାସିକ ରଚନା ସହିତ ପରିଚିତ ହେବା କଷ୍ଟକର ହୁଏ ନାହିଁ କିମ୍ବା ଦେଶର-ଚିନ୍ତନ ସୃଷ୍ଟିକୁ ଧରିବା ଓ ମନନର ମାନଚିତ୍ର କଳନା କରିବାରେ ବିଶେଷ ଅସୁବିଧା ଉପୁଜେ ନାହିଁ । ଏହା ଯଦି ପ୍ରମାଦ-ଶୂନ୍ୟ, ପରିଚ୍ଛନ୍ନ, ପ୍ରାମାଣିକ, ସତ୍ୟବନ୍ତ ହୋଇଥାଏ ତେବେ ଏହାର ସଂପାଦନା ମାନ ପ୍ରତି ଆସ୍ଥା ଆସେ, ନିର୍ଭର-ଯୋଗ୍ୟ ବୋଲି ଧାରଣା ଜନ୍ମେ । ଅକ୍‌ସଫୋର୍ଡ, ହାର୍ଭାର୍ଡ ପ୍ରଭୃତି ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶିତ ଓ ସଂପାଦିତ ବିଶ୍ୱ-ସାହିତ୍ୟର ବିବିଧ ରଚନା, ଆମ ଦେଶର ବିଶିଷ୍ଟ ଗବେଷଣା-ସଂସ୍ଥାମାନଙ୍କରୁ ପ୍ରକାଶିତ ପ୍ରାଚ୍ୟ ବିଦ୍ୟା ବିଷୟକ ଗ୍ରନ୍ଥ ସମୂହ ଏବଂ ଜର୍ମାନ ଗବେଷକ ମାକ୍ସ ମୁଲରଙ୍କର 'Sacred Books of the East' ପ୍ରଭୃତିକୁ ଗ୍ରନ୍ଥ-ସଂପାଦନାର ସଫଳ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ । ଏମାନଙ୍କର ଲେଖା ଓ ଲେଖକଗଣ ଅମରତ୍ୱ ଲାଭ କରିଛନ୍ତି, କହିଲେ ଚଳେ ।

ଲେଖକ, ନିଜ ଲେଖାର ମୂଲ୍ୟକୁ ଯେମିତି ବୁଝି ଥାଆନ୍ତି, ସଂପାଦକଙ୍କର ବିଚାର ବିବେଚନାରେ ହୁଏତ ତାହା ବହୁଗୁଣିତ ହୋଇଥାଏ କିମ୍ବା ନ୍ୟୂନ ବୋଧ ହୋଇପାରେ । ସଂସ୍କୃତଜ୍ଞ ଫରାସୀ ପଣ୍ଡିତ ଶେଜି, କବି କାଳିଦାସଙ୍କର ଶକୁନ୍ତଳାର ଏକ ସଂସ୍କରଣ ସଂପାଦନା କରି ୧୮୬୦ ଖ୍ରୀଷ୍ଟାବ୍ଦରେ କାବ୍ୟଟିକୁ ବିଶ୍ୱ-ସାହିତ୍ୟରେ ମାନ୍ୟତା ପ୍ରଦାନ କରିଥିଲେ । ଅବଶ୍ୟ ଏହାର ବହୁ ପୂର୍ବରୁ ୧୭୮୯ରେ ସାର୍ ଉଇଲିୟମ ଜୋନସ୍‌ଙ୍କର ଇଂରେଜୀ ଅନୁବାଦ କବି ଗ୍ୟେଟେଙ୍କୁ ମୁଗ୍ଧ କରିଥିଲା ଏବଂ ସେ 'ଶକୁନ୍ତଳା' କବିତା ଲେଖିବା ପାଇଁ ଉଦ୍‌ବୁଦ୍ଧ ହୋଇଥିଲେ (୧୭୯୧) । ଏହାହିଁ ହେଉଛି ସମ୍ପାଦନା ଓ ଅନୁବାଦ କର୍ମର ଚରମ ସଫଳତା । ସାହିତ୍ୟକୁ ଜୀବନଚର୍ଯ୍ୟାର ପାଥେୟରୂପେ ପରିଚିତ କରାଇବାରେ, ଦ୍ରଷ୍ଟା-ମାନସର ଅନ୍ତର୍ବେଦୀରୁ ଉନ୍ମୋଚିତ କରି ତାହାକୁ ବିଶ୍ୱ-ମାନସର ମହାବେଦୀ ଆଡ଼କୁ ଯୋଜିବାରେ ସମ୍ପାଦନା ହିଁ ସମର୍ଥ ହୋଇଥାଏ ।

କବି ବୁଦ୍ଧଦେବ ବସୁ କହନ୍ତି—କୌଣସି ବହୁପ୍ରସୂ ଲେଖକଙ୍କ ପକ୍ଷରେ ସୁନିର୍ବାଚିତ ସଂକଳନ ହେଉଛି ଏକ ଚିକିତ୍ସା । ଏହାର ଅର୍ଥ ହେଲା, ଜଣେ

Digitized by srujanika@gmail.com

ଅଯୁତମନା ବହୁପ୍ରସୂ ସ୍ରଷ୍ଟାର ସବୁ ଲେଖାକୁ ପଢ଼ି ତାକୁ ଚିହ୍ନିବା ଏବଂ ତହିଁରୁ କଡ଼ା କଡ଼ା କରି ଭାବ ଉପଲବ୍ଧି କରିବା ପାଠକମାନଙ୍କ ପକ୍ଷରେ ସହଜ ବ୍ୟାପାର ନୁହେଁ । ଏଥିପାଇଁ ଲୋଡ଼ା—ବହୁପ୍ରସୂ ଲେଖକଙ୍କର ପ୍ରତିନିଧି ସ୍ଥାନୀୟ ସଙ୍କଳନ-ସମ୍ପାଦନା । ସାରସ୍ୱତ ମଧ୍ୟସ୍ଥି ରୂପୀ ସମ୍ପାଦକ ହିଁ ଲେଖକ ଓ ପାଠକଙ୍କୁ ନିକଟବର୍ତ୍ତୀ କରାଇଥାନ୍ତି ।

ସଂକଳନ ଓ ସମ୍ପାଦନା ଏକା କଥା ନୁହେଁ; ସଂକଳନର ପ୍ରାଣ-ଶକ୍ତି ହେଉଛି ସମ୍ପାଦନା । ସମ୍ପାଦନା-ସ୍ପର୍ଶ ବିହୁନେ ରଚନାବଳୀର ସଂକଳନ, ଅଶିବ ଶବ ମାତ୍ର, ଯେତିକି ପ୍ରକାଶ୍ୟ ତତୋଽଧିକ ଗୋପ୍ୟ ଥିଲା ପରି ମନେହୁଏ । ସମ୍ପାଦନାର ପ୍ରଲେପ ବଳରେ ସଙ୍କଳିତ-ବସ୍ତୁ ଜ୍ୟୋତିଷ୍ମାନ ହୋଇ ଉଠନ୍ତି । ପ୍ରାଚୀ ସମିତି ସମ୍ପାଦିତ ପ୍ରାଚୀନ ଗ୍ରନ୍ଥ ଏବଂ ତତ୍ପୂର୍ବବର୍ତ୍ତୀ ସଂକଳୟିତା—ଗୌରୀଶଙ୍କର ରାୟ, ଗୋବିନ୍ଦ ରଥ ଇତ୍ୟାଦିଙ୍କର ପ୍ରାଚୀନ ପୋଥି ସଂକଳନକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରି-ଯାଇପାରେ । ପୁନଶ୍ଚ ଶିବପ୍ରସାଦ ଦାଶ (୧୯୦୧—୧୯୭୬)ଙ୍କର 'ଗଙ୍ଗାଧର ପତ୍ରାବଳୀ' (୧୯୫୫) ଏବଂ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କର 'କବି ଲିପି' (୧୯୫୭)—ଏଇ ଦୁଇଟି ଗ୍ରନ୍ଥ ନିରୀକ୍ଷା କଲେ କିଏ ସଂକଳନ ଓ କିଏ ସମ୍ପାଦିତ, ତାହା ବୁଝିହୁଏ । 'ଗଙ୍ଗାଧର ପତ୍ରାବଳୀ' ସଂକଳନର ସୀମା ଟପି ନାହିଁ; 'କବିଲିପି' ସଂକଳିତ ସାମଗ୍ରୀଠାରେ ଆଉ କିଛି ଯୋଗକରି ପତ୍ର-ସାହିତ୍ୟର ପରିସର ବୃଦ୍ଧି କରିଛି, ଅଦେଖା ଆସ୍ୱାଦନ ଆଡ଼କୁ ପାଠକଙ୍କୁ ନେଇ ଯାଇଛି । ପତ୍ରଗୁଡ଼ିକର ତଥ୍ୟାନୁଶୀଳନ ଆବେଦନର ଶକ୍ତି ବିଶ୍ଳେଷଣ, ପତ୍ର ଲେଖକଙ୍କର ପାରସ୍ପରିକ ସମ୍ପର୍କ, ସେମାନଙ୍କ ମାନସିକତାର ଆଲୋଚନା, ଓଡ଼ିଶାର ତତ୍କାଳୀନ ସାଂସ୍କୃତିକ ବାତାବରଣରେ ସେମାନଙ୍କର ଭୂମିକା ଇତ୍ୟାଦି ନାନା ପ୍ରସଙ୍ଗର ଉଲ୍ଲେଖ ସଙ୍କଳିତ କବିଲିପିର ଗୁଣା ମୂଳ-ମୂଲ୍ୟ ବୃଦ୍ଧି କରିଛି । ଏହା 'ସମ୍ପାଦନା-ଦୃଷ୍ଟି' ପ୍ରେରିତ ।

ସମ୍ପାଦନା-କର୍ମ ବିଶେଷ ଦୃଷ୍ଟିକୋଣର ଅପେକ୍ଷା ରଖେ । ଏହି 'ଦୃଷ୍ଟିକୋଣ' ହାସଲ କରିବା ପ୍ରାୟ ନିର୍ଭର କରେ, ବହୁପାଠିତା, ନିରପେକ୍ଷତା ଓ ମୂଲ୍ୟାୟନ କୌଶଳ ଉପରେ । ବହୁପାଠୀ ସମ୍ପାଦକ ଆହୃତ ଜ୍ଞାନର ବିନିଯୋଗରେ ସଂକଳିତ-ସାମଗ୍ରିକୁ ସଂପାଦନା କଲାବେଳେ ଲେଖାର ଗୁଣାଗୁଣ ବିକଶି ଉଠେ । ଲେଖକ-ନିକଟରେ ଏହା ଯେତିକି ମୂଲ୍ୟ ପାଇଥିଲା; ସମ୍ପାଦକଙ୍କର ମାନଦଣ୍ଡରେ ଏହାର 'ପରିଚୟ-ବ୍ୟାପ୍ତି' ସେତିକି ସାଧିତ ହେଲା । ନାନା ବିଦ୍ୟାର ତଥ୍ୟାନୁଷଙ୍ଗରୁ ମୂଳ ରଚନାଟିର ବ୍ୟକ୍ତିତ୍ୱ ବହୁଗୁଣିତ ହୋଇଗଲା, କହିଲେ ଚଳେ । ଏପରି ସ୍ଥଳେ ସମ୍ପାଦକଙ୍କର ଭୂମିକା ହେଉଛି, ଜଣେ ବହୁଦର୍ଶୀ ସଚେତନ ପାଠକ ଓ ସମୀକ୍ଷକ-ଙ୍କର ଭୂମିକା । ସଂପାଦକ ହେଉଛନ୍ତି, ମୂଳ ରଚନାର ପ୍ରଥମ ବିଦଗ୍ଧ ପାଠକ

Digitized by srujanika@gmail.com

ଓ ଦ୍ୱିତୀୟ ସ୍ରଷ୍ଟା; କାରଣ ଲେଖକଙ୍କର ରଚନାକୁ ପୁନର୍ଜୀବନ ଦେବାରେ, ଏବଂ ପ୍ରତିଷ୍ଠାର ପଥ ସଜାଡ଼ିବାରେ ତାଙ୍କର ଅବଦାନ ବେଶୀ ।

ସଂପାଦନାର ପରିସର

ସମ୍ପାଦନାର ପରିସର ଖୁବ୍ ବ୍ୟାପକ । ଏହା ସର୍ଜନାତ୍ମକ ମୌଳିକ ଲେଖାରୁ ସମ୍ବାଦ-ଲେଖା ପର୍ଯ୍ୟନ୍ତ ବିବିଧ ବିଷୟକୁ ଆପଣା ପରିସରଭୁକ୍ତ କରିପାରେ । ଏକକ ବା ଏକାଧିକ ଲେଖକଙ୍କୁ ଗ୍ରନ୍ଥବିଶେଷରେ ସ୍ଥାନ ଦେଇପାରେ; ଆକର ବା କୋଷଗ୍ରନ୍ଥ ପ୍ରଣୟନ ଅବସରରେ ବିଭିନ୍ନ ସ୍ୱାଦର ବହୁ ସନ୍ଦର୍ଭକୁ ମଧ୍ୟ ଗ୍ରଥିତ କରିପାରେ । ସାହିତ୍ୟ, ସମାଜତତ୍ତ୍ୱ, ଦର୍ଶନ, ମନସ୍ତତ୍ତ୍ୱ, ଇତିହାସ, ରାଜନୀତି, ବିଜ୍ଞାନ, ଅର୍ଥନୀତି, ନୃତତ୍ତ୍ୱ ଇତ୍ୟାଦି ଜ୍ଞାନ-ବିଜ୍ଞାନର ନାନା ଭୂମିରୁ ସାର ଉପାଦାନ ସଂଗ୍ରହ କରି ସଂପାଦନା କ୍ଷେତ୍ରକୁ ଅଣାଯାଇପାରେ । ସଂପାଦନାର କ୍ଷେତ୍ର ବଡ଼,ଉପାଦାନ ମଧ୍ୟ ବିପୁଳ ଓ ବୈଚିତ୍ର୍ୟମୟ । ତଥାପି ବୈଚିତ୍ର୍ୟ ମଧ୍ୟରେ ଐକ୍ୟ ସ୍ଥାପନ ହିଁ ସମ୍ପାଦନାର ମୂଳ ଲକ୍ଷ୍ୟ । ଚଳଚ୍ଚିତ୍ର ବା ଟି.ଭି. ପାଇଁ ଉପାଦାନ-ପ୍ରସ୍ତୁତି ବେଳେ ଯେଉଁ 'ସମ୍ପାଦନା-ଦୃଷ୍ଟି' ଲୋଡ଼ା, ପରିସଂଖ୍ୟାନ ରିପୋର୍ଟ୍ ବା କୌଣସି ଶିଳ୍ପ ପ୍ରତିଷ୍ଠାନର ବୁଲେଟିନ୍ ସଂପାଦନା ବେଳେ ଭିନ୍ନ ଦୃଷ୍ଟିର ବିନିଯୋଗ ଆବଶ୍ୟକ । ସେହିପରି ସାହିତ୍ୟ ରଚନାବଳୀ ସମ୍ପାଦନା ଓ ଆକର ବା କୋଷଗ୍ରନ୍ଥ ସଂପାଦନା ମଧ୍ୟ ଏକା ଶୈଳୀରେ ହୁଏ ନାହିଁ । ତେଣୁ ସଂଗୃହୀତ ଉପାଦାନର ମୂଳ ଚରିତ୍ର ଓ ବିଷୟ-କ୍ଷେତ୍ରକୁ ନେଇ 'ସମ୍ପାଦନା' ତଦୁପଯୋଗୀ ରୀତି ଅନୁସରଣ କରିଥାଏ । କ୍ଷେତ୍ର ବିସ୍ତାରରେ ଭିନ୍ନତା ଥିଲେ ବି, କମ୍ପ୍ୟୁ ନିର୍ବାଚନ ପ୍ରଣାଳୀରେ ଊଣା ଅଧିକେ ଫରକ ରହୁଥିଲେ ମଧ୍ୟ, ସମ୍ପାଦକର ଆଖି; ଏହାର ନିଗ୍ରାନଙ୍କ ସତର୍କ ଦୃଷ୍ଟି ହିଁ ପ୍ରତ୍ୟେକ କ୍ଷେତ୍ରରେ ଏକାନ୍ତ ଅପରିହାର୍ଯ୍ୟ । ଏହି ଦୃଷ୍ଟିର ଶକ୍ତି ବଳରେ ସମ୍ପାଦନା ବେଳେ ଅନୁସୃତ ବିଧାନ ସବୁ ଶକ୍ତିଶାଳୀ ହୋଇଯାଆନ୍ତି । ଏହି ପ୍ରସଙ୍ଗରେ ସଂପାଦନା-କର୍ମର ପ୍ରଚଳିତ କେତୋଟି 'ବିଧାନ'ର ସୂଚନାତ୍ମକ ଉଲ୍ଲେଖ ଏଠାରେ କରାଯାଇପାରେ ।

ସଂପାଦନା ବିଧି :

ଦୃଷ୍ଟିକୋଣ ଠିକ୍ କରି ସଂପାଦକ, ସମ୍ପାଦନାରେ ପ୍ରବେଶ କରନ୍ତି; କାରଣ ଏହି ଦୃଷ୍ଟିକୋଣଟି ହେଉଛି ତାଙ୍କ ପାଇଁ ପଥ ପ୍ରଦର୍ଶକ । ଦୃଷ୍ଟିକୋଣରୁ ମାନଦଣ୍ଡର ଠିକଣା ମିଳେ । ତଦନୁଯାୟୀ ପୂର୍ବରୁ ସଂଗୃହୀତ ସାମଗ୍ରୀକୁ ନେଇ ସେ କ୍ଷେତ୍ରଟିଏ ପ୍ରସ୍ତୁତ କରନ୍ତି, କ୍ଷେତ୍ରକୁ ନେଇ ସମ୍ପାଦନାର ବିଧି ନିର୍ଦ୍ଧାରିତ ହୁଏ । ଏହା ଯଦି ସାହିତ୍ୟ-କ୍ଷେତ୍ରର ହୋଇଥାଏ, ତେବେ ଏହାର ବିଭିନ୍ନ ବିଭାଗର ପ୍ରବୃତ୍ତି ଅନୁଯାୟୀ ସମ୍ପାଦନାର କୌଶଳ ନିରୂପିତ ହୁଏ । ସମ୍ପାଦନା ବେଳେ ;

Digitized by srujanika@gmail.com

୧. ୧ : ସଂଗୃହୀତ ଉପାଦାନର ବର୍ଗୀକରଣ, ଐତିହାସିକ କ୍ରମରେ ସଜ୍ଜୀକରଣ ଏବଂ ପ୍ରତ୍ୟେକ ରଚନାର ଉତ୍ସ ସନ୍ଧାନ ଉପରେ ବିଶେଷ ଧ୍ୟାନ ଦିଆଯାଇ ଥାଏ ।

୧. ୨ ବିଭିନ୍ନ ବିଭାଗରେ ଲେଖାଗୁଡ଼ିକୁ ସଜାଇ ସାରିଲା ପରେ ପ୍ରତ୍ୟେକ ବିଭାଗ ସମ୍ପର୍କରେ ଏକ ପରିଚୟାତ୍ମକ ବିବରଣୀ ସଂଯୋଗ କରିବା ଆବଶ୍ୟକ । କାରଣ ଲେଖାବଳୀର ଚରିତ୍ର ଜାଣିବା ପାଇଁ ଏହା ସାହାଯ୍ୟ କରେ । ଯଦି କୌଣସି ଲେଖକଙ୍କର ବିଭିନ୍ନ କିସମର ଲେଖା ଯଥା—ଗଳ୍ପ, କବିତା, ପ୍ରବନ୍ଧ, ଇତ୍ୟାଦିର ସଙ୍କଳନ କରାଯାଉଥାଏ, ତେବେ ପ୍ରତ୍ୟେକ ବିଭାଗର ଆଦ୍ୟ କଥନ ରୂପେ ପରିଚୟାତ୍ମକ ରଚନାଟିଏ ସଂଯୋଜିତ ହେବା ଦରକାର । ତହିଁରୁ ପାଠକମାନେ ଲେଖା ପ୍ରତି ଅନୁକୂଳ (ପ୍ରାଥମିକ) ଧାରଣା ସଂଗ୍ରହ କରିବେ ।

୧. ୩ : କୌଣସି ଲେଖାର ବ୍ୟକ୍ତବ୍ୟରେ ଭିନ୍ନମତ ଥିଲେ ସମ୍ପାଦକ ଟିପ୍‌ପଣୀ ଆକାରରେ ନିଜ ମତର ଉଲ୍ଲେଖ କରିପାରନ୍ତି, କିମ୍ବା ସେହି ମତ ସହିତ ସମତୁଲ ମତ ଯଦି ପୂର୍ବରୁ ପ୍ରକାଶ ପାଇଥାଏ, ତା'ର ଉଲ୍ଲେଖ ମଧ୍ୟ କରିପାରନ୍ତି । ଏହାଦ୍ୱାରା ପାଠକ ମାନଙ୍କର ଚିନ୍ତାର ପରିସର ବୃଦ୍ଧି ପାଏ ।

୧. ୪ କାବ୍ୟ-କବିତାର ସଂକଳନ ବେଳେ ମତ ବା ମତାନ୍ତର ପରିବେଷ୍ଟ ଦେବାର ସୁଯୋଗ ନାହିଁ । କିନ୍ତୁ ପାଠ ଓ ପାଠାନ୍ତରର ଉଲ୍ଲେଖ ରଖିବା ବିଧି ସମ୍ମତ । ସାଦୃଶ୍ୟ-ସୂଚକ ପଦ୍ୟାଂଶର ଉଲ୍ଲେଖ ଟିପ୍‌ପଣୀରେ କରିବା ମଧ୍ୟ ଅସଂଗତ ନୁହେଁ । କାବ୍ୟ-କବିତାରେ ପ୍ରକାଶ ପାଇଥିବା କୌଣସି କିମ୍ବଦନ୍ତୀ, ପୌରାଣିକ ଉପାଦାନ, ଅପରିଚିତ ସ୍ଥାନ, ଐତିହାସିକ କ୍ଷେତ୍ର ଓ ନାମର ସୂଚନା ପ୍ରଭୃତି ସମ୍ପାଦକଙ୍କ ଟିପ୍‌ପଣୀରେ ସ୍ଥାନ ପାଇବା ବିଧି । ଶବ୍ଦାବଳୀର ଅର୍ଥାନୁସାରୀ ଟୀକା ମଧ୍ୟ ଏଥିରେ ସଂଯୁକ୍ତ ହୋଇଥାଏ ।

୧. ୫ : ଏକକ ଲେଖକଙ୍କର ରଚନାବଳୀ ସମ୍ପାଦନା ବେଳେ ଲେଖକଙ୍କର ରଚନାରେ ଯଦି ପୁନର୍ଲିଖନର କିଛି ନିଦର୍ଶନ ମିଳୁଥାଏ, ଅର୍ଥାତ୍ କୌଣସି ଲେଖା ପ୍ରଥମେ ପ୍ରକାଶ ପାଇଲା ବେଳେ ଯେମିତି ଥିଲା ପରେ ଯଦି ସେହି ଲେଖାଟି ପୁନର୍ଲିଖିତ ହୋଇ ପରିବର୍ତ୍ତିତ ହୋଇଥାଏ, ତାହାହେଲେ ସମ୍ପାଦକ, ଗ୍ରନ୍ଥ ସଂକଳନ ବେଳେ ଏହାକୁ ସଂଗ୍ରହ କରି ସମ୍ପାଦନାରେ ଅନ୍ତର୍ଭୁକ୍ତ କରିବା ଉଚିତ । ଏହାଦ୍ୱାରା କବି ମନରେ ଘଟିଥିବା ଭାବାନ୍ତର

Digitized by srujanika@gmail.com

କାବ୍ୟ-କଳାର ବିନ୍ୟାସ-ସୂତ୍ର ସମ୍ପର୍କରେ କିଛି ଧାରଣା ସଂଗ୍ରହ କରନ୍ତିବ । କବି ଗଜ୍ଜନାୟକଙ୍କର 'ମାଟି' କବିତା କେତେବାର ପୁନର୍ଲିଖିତ ହୋଇ ପ୍ରକାଶ ପାଇଛି । ପ୍ରଥମ ଲିଖିତାଂଶଠାରୁ ପରବର୍ତ୍ତୀ ଅଂଶଗୁଡ଼ିକ ଭିନ୍ନ । ସେହିପରି Waste Land, Savitri, ଗୀତାଞ୍ଜଳି, ଇତ୍ୟାଦି ପୁନର୍ଲିଖିତ ହୋଇଛି । ମୂଳ ଲେଖା ଓ ପୁନର୍ଲିଖିତ ଲେଖାର ଆଲୋକ ଚିତ୍ର ସମ୍ପାଦକର ସଂକଳନରେ ସ୍ଥାନ ପାଇବା ଯୋଗ୍ୟ ।

୧. ୭ ଅପର ପକ୍ଷରେ ଅଣ-ସାହିତ୍ୟିକ ରଚନା—Documentary Reports, ସରକାରୀ ପ୍ରତିଲିପି ଇତ୍ୟାଦି ସମ୍ପାଦନା ବେଳେ ପ୍ରାୟ ଅନ୍ୟାନ୍ୟ ସଂଯୋଜନାର ଆବଶ୍ୟକତା ପଡ଼େ ନାହିଁ ।

୨. ୧. ଇତିହାସ-ବୋଧ ଓ ସୌନ୍ଦର୍ଯ୍ୟ-ବୋଧ ଦ୍ୱାରା ସାଧାରଣତଃ ଉଚ୍ଚକୋଟୀର ସମ୍ପାଦନା କର୍ମ ପରିଚାଳିତ ହୋଇଥାଏ । ଇତିହାସ-ବୋଧରୁ ତଥ୍ୟ ଓ ଉତ୍ସ ସନ୍ଧାନ ଏବଂ ସୌନ୍ଦର୍ଯ୍ୟବୋଧରୁ ସାହିତ୍ୟ-ଗୁଣର ବିଚାର ବିବେଚନା ଲାଗି ପ୍ରବୃତ୍ତି ଜାଗେ । ଇତିହାସ-ବୋଧ ଦ୍ୱାରା ଅନୁପ୍ରେରିତ ସମ୍ପାଦନା କୃତି, ଲେଖା ଓ ଲେଖକଙ୍କର ସମୟ-କ୍ରମ ଉପରେ ଯେପରି ଦୃଷ୍ଟି ଦେଇଥାଏ, ସାହିତ୍ୟର କଳାତ୍ମକ ମୂଲ୍ୟ ବା ବୈଶିଷ୍ଟ୍ୟ ପ୍ରତି ସେପରି ଧ୍ୟାନ ଦିଏ ନାହିଁ । ଫଳରେ କାଳାନୁଯାୟୀ ଲିଖିତ ଓ ପ୍ରକାଶିତ ଲେଖା ଲେଖକଙ୍କୁ ସଂକଳନରେ ସ୍ଥାନ ଦେବାର ଅଭ୍ୟାସ ଚରିତାର୍ଥ ହୁଏ । ଏପରି ଦୃଷ୍ଟିକୋଣ ଆମ ଭାଷାର ସାହିତ୍ୟ-ସମ୍ପାଦନାରେ ସର୍ବତ୍ର ଦେଖାଯାଉଛି । କବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି ସଂକଳନ ସମ୍ପାଦନା କଲାବେଳେ ସମ୍ପାଦକଗଣ ଧ୍ୟାନ ଦେଉଛନ୍ତି—ଯେପରି ଅଧିକ ସଂଖ୍ୟକ ଲେଖକ ଏଥିରେ ସ୍ଥାନ ପାଆନ୍ତି । ଯଦି ନ ହେଉଛି, ତେବେ ସମ୍ପାଦିତ ଗ୍ରନ୍ଥଟିର ପ୍ରକାଶ ପରେ ଲେଖକ ମହଲରୁ ପ୍ରତିକ୍ରିୟା ପ୍ରକଟିତ ହେଉଛି । ଅତୀତରେ ଏପରି ଘଟଣା ଅନେକ ଘଟିଛି । କିନ୍ତୁ ଏହା ଶୁଦ୍ଧ ସାହିତ୍ୟ-ସମ୍ପାଦନାର ମୌଳିକ ସୂତ୍ର ନୁହେଁ ।

୨. ୨ : ସୌନ୍ଦର୍ଯ୍ୟ-ବୋଧ ଦ୍ୱାରା ଅନୁପ୍ରେରିତ ସାହିତ୍ୟ-ସମ୍ପାଦନା ସୂତ୍ର ହିଁ ପ୍ରକୃତ ସମ୍ପାଦନା । ସାହିତ୍ୟ-ଗୁଣ ବା ନାନ୍ଦନିକ ମୂଲ୍ୟକୁ ଚିହ୍ନି ସଂଗୃହୀତ ସାହିତ୍ୟ-ବସ୍ତୁକୁ ସମ୍ପାଦନାର ପରିସର ଭୁକ୍ତ କରିବା ହିଁ ସମ୍ପାଦନାର ମୌଳିକ ଲକ୍ଷ୍ୟ । ଏଥିପାଇଁ ସଂପାଦକ ପ୍ରମାଦଶୂନ୍ୟ, ନିର୍ଭୀକ ଓ ସ୍ପଷ୍ଟଚେତା ଜ୍ଞାନୀ ଏବଂ ରସାମୋଦୀ ଆଲୋଚକ ହେବା ସ୍ୱାଭାବିକ । ଏହି ଗୁଣରେ ଗୁଣୀ

Digitized by srujanika@gmail.com

ସଂପାଦନା ହିଁ ଯେକୌଣସି ସାହିତ୍ୟର ମାନକୁ ସୁରକ୍ଷିତ ଓ ପ୍ରସାରିତ କରିପାରେ ।

ଆମେ ଅନୁଭବ କରୁଁ, ଏକତ୍ର ଗ୍ରନ୍ଥନ ବା ସଂକଳନ, ସମ୍ପାଦନା ନୁହେଁ । ଗୁନ୍ଥି ଦେବାରେ ଶ୍ରମ ଅଛି ସତ, ଶିଳ୍ପ ନାହିଁ । Artisan ଓ Artist ଭିତରେ ରହିଥିବା ତଫାତକୁ ସଂକଳକ ଓ ସମ୍ପାଦକଠାରେ ଲକ୍ଷ୍ୟ କରାଯାଇପାରେ । ସମ୍ପାଦକ ଜଣେ ଆର୍ଟିଷ୍ଟ; ସଂକଳକ ଆର୍ଟିଜାନ୍ । ବୌଦ୍ଧିକ ଓ ନାନ୍ଦନିକ—ଉଭୟ ବୃତ୍ତିର ମଧୁର ସଂଯୋଗ ଓ ସମ୍ପାଦକଙ୍କ ମାନସ-ଭୂମିରେ ଆମେ ଲକ୍ଷ୍ୟ କରିଥାଉଁ, ତାହାର ଫଳଶ୍ରୁତି ହେଉଛି ସାର୍ଥକ ସଂପାଦନା ।

—*—

(ଡିସେମ୍ବର, ୧୯୮୧)

[ସଂପାଦନା କର୍ମ ସଂପର୍କରେ ଭୁବନେଶ୍ୱରସ୍ଥ ପୂର୍ବାଞ୍ଚଳ ଭାଷାକେନ୍ଦ୍ରରେ ୧୯୮୧ ଡିସେମ୍ବର ୯-୧୦ ତାରିଖରେ ଅନୁଷ୍ଠିତ ଏକ ସଂସ୍ଥାନରେ ପଠିତ ଓ ଆଲୋଚିତ । 'ଏଷଣା' ଚତୁର୍ଥ ଖଣ୍ଡରେ ପ୍ରକାଶିତ ।]

Digitized by srujanika@gmail.com

ସଂପାଦକ ଉତ୍କଳର
କ୍ଷେତ୍ରବାସୀ ନାୟକ

ଶ୍ରୀ ସୁଧୀରଚନ୍ଦ୍ର ବେହୁରା

ସଂପଦ ଅର୍ଜିବା ଓ ସଂପାଦିବା ଉଭୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ସଂପାଦିବା ଲୋଡ଼ା ପଡେ ସମକାଳକୁ ସମ୍ଭାଳିବା ପାଇଁ ଓ ଆଗାମୀ କାଳକୁ ସାଇତିବା ପାଇଁ । ଆପେ ସଂପଦର ମହତ୍ତ୍ୱ ବୁଝି ନ ଥିଲେ, ଆପଣା ସ୍ୱାର୍ଥୀ ହୋଇଥିଲେ, ସଂପାଦିତା ଦୂର କଥା, ଧନବ୍ୟୟ ବା ଅପବ୍ୟୟର ସମ୍ଭାବନା ଅଧିକ । ସଂସାରର ସକଳ ପାର୍ଥିବ ସଂପଦ ପକ୍ଷରେ ଯାହା ସତ୍ୟ; ଭାବ ସଂପଦ କ୍ଷେତ୍ରରେ ସେଇ ଏକ କଥା । ସାହିତ୍ୟ ତହିଁରୁ ବାଦ୍ ଯା'ନ୍ତା କପରି ?

ସଂପାଦକ ଆପଣାର ସମକାଳ ଓ ଆଗାମୀ କାଳର ସାହିତ୍ୟ-ଶିକ୍ଷାର୍ଥୀମାନଙ୍କ ପାଇଁ ସାଇତି ଯା'ନ୍ତି ତତ୍-ସାହିତ୍ୟର ମଣିମୁକ୍ତା, ସ୍ୱସଂପାଦିତ ଗ୍ରନ୍ଥ ମାଧ୍ୟମରେ । ସୃଷ୍ଟିଶୀଳ, ସମୀକ୍ଷକ, ଶ୍ରଦ୍ଧାଯୁକ୍ତ ଚୟନର ଗ୍ରାହକ ହୋଇ ସ୍ୱାର୍ଥତ୍ୟାଗୀ, ସ୍ନେହପ୍ରବଣ, ସାହିତ୍ୟପ୍ରାଣ 'ସାରସ୍ୱତ-ମଧ୍ୟସ୍ଥି'ର କାର୍ଯ୍ୟ କରିବାର ସୁଯୋଗ ପ୍ରତି ଯୁଗରେ ଅଳ୍ପ କେତେଜଣଙ୍କ ଭାଗ୍ୟରେ ଜୁଟେ । ମଧ୍ୟସ୍ଥିର ଯେତେ ଅବଗୁଣ ଥିଲେ ବି ତାହା ଯେ ଲେଖକୀୟ ଓ ପାଠକୀୟ ରୁଚି ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ କ୍ଷେତ୍ରରେ ଏକାନ୍ତ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରେ, ଏହା ଅସ୍ୱୀକାର କରିଯାଇ ନ ପାରେ । ପଦେ ପଦେ ଅପଯଶ ଅର୍ଜିବାର ସମ୍ଭାବନାକୁ ସାଦରେ ଗ୍ରହଣ କରି, ତୀକ୍ଷ୍ଣ ଅସିଧାରେ ପଦ ଚାଲି, ବଡ଼ କଠିନ ସେ ସାହିତ୍ୟ-ପ୍ରୀତି ପାଳିବା ।

ଏବେ କିନ୍ତୁ ସଂପାଦନା କ୍ଷେତ୍ରରେ ଦୁର୍ଗତିର ମାତ୍ରା ଅଧିକ । ସିପାହୀ ପାଇଁ ଅଯୋଗ୍ୟ ହେଲେ, ସେନାପତି ହେବାକୁ ମନ ବଳେଇବା ଯେଉଁ ଯୁଗର ଆଭିମୁଖ୍ୟ ହୋଇଛି, ସେଠାରେ ଦେଖା ଯାଉଛି ସଂଗଠନ, ସାହିତ୍ୟର ଧାର୍ ଧାରୁ ନ ଥିବା ବ୍ୟକ୍ତିମାନେ ସମସ୍ତ ରୁଚିକୁ ଜଳାଞ୍ଜଳି ଦେଇ, ମୂଲ୍ୟବୋଧ ପ୍ରତି ଅଶ୍ରଦ୍ଧା ଜ୍ଞାପନ କରି, ନାଁ ନେବାକୁ ବ୍ୟାକୁଳ ହୋଇ ସଂପାଦକ ବୋଲାଉଛନ୍ତି । ସତ୍ ସଂକଳକର ସାମର୍ଥ୍ୟ ନ ଥାଇ, ସର୍ଜନାକାରୀର ଅପମାନ ଓ ଅସମ୍ମାନ କରିବା ପାଇଁ ସତେ ଯେମିତି ପଣ

Digitized by srujanika@gmail.com

କରି, ବଡ଼ ଅଶ୍ରଦ୍ଧାର ସହ ବେଉସା କରୁଛନ୍ତି । ଫଳରେ ସାହିତ୍ୟ-ସଂପଦର ଅର୍ଜନ, ଅଥବା ସଂପାଦନା, କୌଣସିଟିର ଉପକାର ସାଧିତ ହୋଇପାରୁ ନାହିଁ । ଏହିଭଳି ନୈରାଶ୍ୟଜନକ ଚକ୍ରରେ ମ୍ରିୟମାଣ ହୋଇ ନିସ୍ତାର ଲୋଡ଼ିଲେ ମନଶ୍ଚକ୍ଷୁରେ ଦିଶିଯାଏ କୃତସଂକଳ୍ପ ବିଶ୍ୱନାଥ, ନୀଳମଣି, ମାୟାଧର, ବାଳକୃଷ୍ଣ ପ୍ରମୁଖଙ୍କ ଅଶ୍ରାନ୍ତସଦାୟୀ ବଗ୍ଭଙ୍ଗ ମୁଦ୍ରା । ସେହି ଧାଡ଼ିରେ ବସିବାର ଶ୍ରଦ୍ଧା, ସାମର୍ଥ୍ୟ ଥିବା ଆଉ ଜଣକର ମୁହଁ ମନ ଦର୍ପଣରେ ମୁଦ୍ରିତ ହୋଇଯାଏ, ଦଣ୍ଡେ ମାତ୍ର ମୁଦ୍ରିତ ନୟନରେ ସ୍ମରଣ କଲେ । ସେ ଏବେ ଆମକୁ ଛାଡ଼ି ଚାଲିଯାଇଛନ୍ତି; ତାଙ୍କ ସ୍ମୃତି ଉଜ୍ଜ୍ୱଳତର । 'ଦୂର ପାହାଡ଼' ହୋଇ ନାହାନ୍ତି ସେ, ତେଣୁ ସବୁ ସୁନ୍ଦର ଦିଶିବାର ଅବକାଶ ନାହିଁ । ତାଙ୍କ ସାମର୍ଥ୍ୟର ପାହାଡ଼ ମୁଁ ନିକଟରୁ ଦେଖିଛି, ତହିଁରେ କେତେ କଣ୍ଟା··· କେତେ ଝଞ୍ଜା, ତାହା ଚଢ଼ିବା କେତେ କଷ୍ଟସାଧ୍ୟ, ତାର ପଥ କେତେ କଙ୍କରିଳ···ତଥାପି ଲକ୍ଷ୍ୟ ଥିଲା ତାର ଆକାଶ-ଆଲିଙ୍ଗନ । ଉଦ୍ୟମର ଉପାସନା ସିଦ୍ଧି, ନିଷ୍ଠାର ଉପବୀତ ଧାରଣା କରିବାରେ ତାଙ୍କର ଦ୍ୱିଜତ୍ୱ ନିହିତ । ସେହି ସାହିତ୍ୟର ସଦ୍‌ବିପ୍ର ସଂପାଦକ କ୍ଷେତ୍ରବାସୀ···ଉତ୍କଳର କ୍ଷେତ୍ରବାସୀ ନାୟକ ।

ସ୍ୱର୍ଗତ କ୍ଷେତ୍ରବାସୀଙ୍କ ସବ୍ୟସାଚୀତ୍ୱ ସର୍ଜନା ଓ ସଂଗଠନରେ ପ୍ରକାଶିତ । ଆପଣା ଲେଖନୀ ଓ ଅପର ଲେଖନୀର ଆରାଧନା ସତେ ଯେପରି ତାଙ୍କ ଜୀବନର ବ୍ରତ ଥିଲା । ସାହିତ୍ୟିକ ଜୀବନରେ ହେରୁ ପାଇଲା ଦିନୁ ଜୀବନାବସାନ ପର୍ଯ୍ୟନ୍ତ ସେ ଉଭୟ କର୍ମରେ ନିମଗ୍ନ ଥିଲେ । ସେଥିପାଇଁ ସେ ମନୋବୃତ୍ତି ଅନୁକୂଳ ଅଧ୍ୟାପନା ବୃତ୍ତି ବରିଥିଲେ । ସାହିତ୍ୟ-ସେବା ଓ ସାହିତ୍ୟିକ ସାନ୍ନିଧ୍ୟକୁ ଜୀବନର ଅପବର୍ଗ ମଣିଥିଲେ । ବୋଧହୁଏ ସେହି ହେତୁ ସେ ଏକକ ସମ୍ପାଦନାଠାରୁ ମିଳିତ ସମ୍ପାଦନା ସହ ଅଧିକ ସଂପୃକ୍ତ ହୋଇଥିଲେ । ସାହିତ୍ୟର ସକଳ ବିଭାଗରେ ସେ ଆପଣାର ଶ୍ରଦ୍ଧା ସଂଯୁକ୍ତ କରିଥିଲେ । ତାହାର ଫଳଶ୍ରୁତି ସ୍ୱରୂପ ଗଳ୍ପ, କବିତା, କାବ୍ୟ, ପ୍ରବନ୍ଧ, ସମାଲୋଚନା ଆଦିର ପୁସ୍ତକ ଓ ପତ୍ରିକାକାରରେ ସମ୍ପାଦନାରେ ମନୋନିବେଶ କରିଥିଲେ । ସେହି ସମ୍ପାଦିତ କୃତି ସମୂହର କାଳାନୁକ୍ରମିକ ସଂକ୍ଷିପ୍ତ ସୂଚନା ନିମ୍ନରେ ପ୍ରଦତ୍ତ ହେଲା ।

'କଳିକା' ଓ 'ଛାତ୍ର ମଞ୍ଜୁଷା' (୧୯୫୪)—

କ୍ଷେତ୍ରବାସୀଙ୍କ ସମ୍ପାଦନା କର୍ମର ଖଡ଼ିଛୁଆଁ ହୁଏ ଏହି ପତ୍ରିକା ଦୁଇଟି ମାଧ୍ୟମରେ । ପଞ୍ଚମ ଦଶକର ଆଦ୍ୟ ପାଦରେ ଭଦ୍ରକ ହାଇସ୍କୁଲର ଛାତ୍ର ଥିବା ସମୟରେ ସାହିତ୍ୟ ଶିକ୍ଷକଙ୍କ ପ୍ରେରଣାରୁ ଏହି ଦୁଇଟି ପତ୍ରିକାର ସମ୍ପାଦକ ଦାୟିତ୍ୱ ନିଅନ୍ତି ସେ । ଶିକ୍ଷକଙ୍କ ସଂଶୋଧନ ଏବଂ ନିର୍ବାଚନ ପରେ ଗୋଲ୍ ଅକ୍ଷରରେ ଉତାରି ଅଥବା ସହପାଠୀଙ୍କ ଦ୍ୱାରା ଉତରାଇ ବାଣ୍ଟିବା ଓ ଲେଖା ସଂଗ୍ରହ ଦାୟିତ୍ୱ ମଧ୍ୟରେ

Digitized by srujanika@gmail.com

ଏହା ଥିଲା ସୀମିତ । ଭଲ ମନ୍ଦ ବିଚାରିବା ପାଇଁ ଅଧୁନା ଏହି ପତ୍ରିକା ଦୁଷ୍ପ୍ରାପ୍ୟ । କେବଳ ଏଥି ସମ୍ପର୍କରେ ସୂଚନା ମିଳେ ୧୯୭୩ ମସିହାରେ ପ୍ରକାଶିତ ଭଦ୍ରକ ଲେଖକ ସମ୍ମେଳନର ସ୍ମରଣିକାରୁ ।

ରଶ୍ମି (୧୯୬୦)—

କଲେଜ ଛାତ୍ର ଜୀବନରେ କ୍ଷେତ୍ରବାସୀ ଉତ୍କଳ ଛାତ୍ର ୟୁନିୟନ୍‌ର ମୁଖପତ୍ର 'ରଶ୍ମି'ର ସମ୍ପାଦନା ସହ ସଂଯୁକ୍ତ ଥିଲେ । ଏହା ପ୍ରଥମେ ଭଦ୍ରକରୁ ପ୍ରକାଶ ପାଇଥିଲା ଓ ପରେ କଟକରୁ ପ୍ରକାଶିତ ହେଲା । ଭଦ୍ରକର ତତ୍‌କାଳୀନ କଲେଜ ଛାତ୍ର ଏବଂ ଏବର ରାଜସ୍ୱ ମନ୍ତ୍ରୀ ଶ୍ରୀ ଯୁଗଳକିଶୋର ପଟ୍ଟନାୟକ ସେତେବେଳେ ଏଥି ସହିତ ଘନିଷ୍ଠ ଭାବରେ ସଂଯୁକ୍ତ ଥିଲେ । ପରେ ସର୍ବଶ୍ରୀ ଅକ୍ଷୟ ପଣ୍ଡା, ରମେଶ ଧଳ, ସରୋଜ ରଞ୍ଜନ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଲେ । ଯୁବମାନସର ଚନ୍ତା ଚେତନାର ପ୍ରକାଶ ମାଧ୍ୟମ ଏବଂ ବହୁ ତରୁଣ କଲେଜ୍ ଛାତ୍ରଙ୍କର ପ୍ରେରଣାର ଉତ୍ସରୂପେ କାର୍ଯ୍ୟ କରିଥିବା ଏହି ପତ୍ରିକା ଛାତ୍ର-ରାଜନୀତିର ଗଠନାତ୍ମକ ଦିଗରେ ଉତ୍କୃଷ୍ଟ ନିଦର୍ଶନ ଭାବରେ ସ୍ୱୀକୃତ ।

ଶତରୂପା (୧୯୬୪)—

ଭଦ୍ରକରୁ ପ୍ରକାଶିତ ଏହି ତ୍ରୈମାସିକ ପତ୍ରିକାଟି କ୍ଷେତ୍ରବାସୀଙ୍କ ସମ୍ପାଦକ ଜୀବନର ଏକ ସ୍ମରଣୀୟ ସଂଯୋଜନ । ଏହାର ମାତ୍ର କେତୋଟି ସଂଖ୍ୟା ପ୍ରକାଶ ପାଇଥିଲା । ପ୍ରତି ସଂଖ୍ୟା ମିଳିତ ସଂପାଦନାରେ ପ୍ରସ୍ତୁତ ହେଉଥିଲା । ଏହାର ସଂପାଦନା-ମଣ୍ଡଳୀରେ ଥିଲେ ଅଧ୍ୟାପକ ନବକିଶୋର ମହାନ୍ତି, ଅଧ୍ୟାପକ ରାମଚନ୍ଦ୍ର ରାଉତ ଓ ଅଧ୍ୟାପକ କ୍ଷେତ୍ରବାସୀ ନାୟକ । ଅଧ୍ୟାପକ ମହାନ୍ତି ପ୍ରବନ୍ଧ-ସମାଲୋଚନା ବିଭାଗ, ଅଧ୍ୟାପକ ରାଉତ କାବ୍ୟ କବିତା ଓ ଅଧ୍ୟାପକ ନାୟକ କାହାଣୀ-ଏକାଙ୍କିକା ବିଭାଗର ସଂପାଦନା ଦାୟିତ୍ୱରେ ଥିଲେ । ପ୍ରଥମ ସଂଖ୍ୟା ସଂପାଦନାରୁ କ୍ଷେତ୍ରବାସୀ-ଙ୍କର ଅକୁତୋଭୟ ସଂପାଦକତ୍ୱର ସୂଚନା ମିଳେ । ତତ୍କାଳୀନ ସାହିତ୍ୟିକ ବାତା-ବରଣକୁ ସରଗରମ କରିଥିବା ଡକ୍ଟର କୃଷ୍ଣ ଚରଣ ବେହେରାଙ୍କ 'ବେଶ୍ୟା' ଗଳ୍ପ ଏଥିରେ ପ୍ରକାଶ କରିବାର ସାହସ କରି ପାରିଥିଲେ କ୍ଷେତ୍ରବାସୀ ।

ପ୍ରବନ୍ଧ ଓ ପ୍ରାବନ୍ଧିକ (୧୯୬୮)—

କ୍ଷେତ୍ରବାସୀ ଓ ତାଙ୍କର ସହଧର୍ମିଣୀ ଶ୍ରୀମତୀ ଲାବଣ୍ୟ ନାୟକଙ୍କ ମିଳିତ ସଂପାଦନାରେ ଏହି ପ୍ରବନ୍ଧ ସଂକଳନଟି ପ୍ରକାଶିତ । ଐତିହାସିକ କ୍ରମ ରକ୍ଷା କରି ଉତ୍କୃଷ୍ଟ ପ୍ରବନ୍ଧର ସମୃଦ୍ଧ ସଂକଳନ ଏବଂ 'ପ୍ରବନ୍ଧ-କଳା ଏକ ପରିଚୟ' ଶୀର୍ଷକ

Digitized by srujanika@gmail.com

ଉପୋଦ୍‌ଘାତ ଏହି ଗ୍ରନ୍ଥର ବୈଶିଷ୍ଟ୍ୟ । ପ୍ରବନ୍ଧ ସମୂହର ବିଷୟ ବୈଚିତ୍ର୍ୟ ଓ ବିନ୍ୟାସ ବିଭିନ୍ନତା ଓଡ଼ିଆ ପ୍ରବନ୍ଧ ସାହିତ୍ୟର ବିକାଶ ଧାରାର ସ୍ପଷ୍ଟ ସୂଚନା ଦେଇ ଯାଉନ୍ତି । ଏହା ବିଶ୍ୱବିଦ୍ୟାଳୟର ସ୍ନାତକ ସ୍ତରରେ ପାଠ୍ୟ ପୁସ୍ତକ ହେବାର ସୁଯୋଗ ଲାଭ କରିଥିଲା । କେବଳ ପାଠ୍ୟ ପୁସ୍ତକ ହେଲା ବୋଲି ନୁହେଁ, ନାୟକଙ୍କ ଦୃଷ୍ଟିଭଙ୍ଗୀ ନେଇ କୃତି-ଚୟନ ଓ କୃତିତ୍ୱ-କଳନା ପ୍ରୟାସ ଏହି ସଂକଳନଟିକୁ ମର୍ଯ୍ୟାଦାବନ୍ତ କରିଛି ।

ପୋଷ୍ଟର୍ କବିତା (୧୯୭୦)—

କିଛି ନୂଆ କରିବାର ଚିନ୍ତା, ଭିନ୍ନ ଭାବରେ କରିବାର ଧାରା ସଦାସର୍ବଦା କ୍ଷେତ୍ରବାସୀଙ୍କୁ ଆଚ୍ଛନ୍ନ କରିଥିଲା । ସମାଜରେ ରୁଚିହୀନତାର ପ୍ରବଳ ଜୁଆର ମାଡ଼ି ଚାଲିଥିବାବେଳେ ସଂପୂର୍ଣ୍ଣ ଭିଡ଼ା ପକାଇ ନ ପାରିଲେ ବି ପ୍ରତିରୋଧ କରିବାର ଉଦ୍ୟମର ଫଳଶ୍ରୁତି ଥିଲା ପୋଷ୍ଟର କବିତା ପତ୍ରିକା । ବଲାଙ୍ଗୀରର 'ଅଗ୍ନି ପ୍ରକାଶନୀ' ଆନୁକୂଲ୍ୟରେ ଏହା ପ୍ରକାଶ ପାଏ ୧୯୭୦ ମସିହା ନଭେମ୍ବର ୯ ତାରିଖ ସନ୍ଧ୍ୟାରେ । ପ୍ରଥମ ପ୍ରକାଶର ସ୍ମୃତି ସ୍ମରଣ କରି ଡଃ ନାୟକ କହନ୍ତି "ସେଇଠୁ (ବଲାଙ୍ଗୀରରୁ) ପୁଣି ଜନ୍ମନେଲା ଆଉ ଏକ ନୂଆ ପରୀକ୍ଷାର ଯୋଜନା ମୋର ସରକାରୀ ବସାଘରେ । ସେଦିନ (୯।୧୧।୧୯୭୦) ଆମେ ବସି ଆଲାପ କରୁଥାଉଁ—ରତ୍ନାକର ଚଇନି, ସନତ ଦାସ ପଟ୍ଟନାୟକ ଆଉ ମୁଁ । ଆକସ୍ମିକ ଭାବେ ଇଚ୍ଛା ହେଲା ପୋଷ୍ଟର କବିତା କରି ଚାରିଆଡ଼େ ମାରି ଦିଆଯିବ । ଖବର ଗଲା; ଆପଣ (ଶ୍ରୀ ଶ୍ରୀନିବାସ ଉଦ୍‌ଗାତା) ତତ୍‌କ୍ଷଣାତ୍ ବାରଣ୍ଡାରୁ ଯେଉଁ କବିତାଟି ଲେଖିଲେ ତାକୁ ପଠାଇଲେ, ରାସ୍ତାରେ ଭେଟିଲୁ ପ୍ରସନ୍ନ ମିଶ୍ରଙ୍କୁ, ପାନ ଦୋକାନରେ ପାନ କିଣୁଥାଉଁ—ସେ କବିତା ଭାବୁଥା'ନ୍ତି କି ଲେଖୁଥା'ନ୍ତି କେଜାଣି ? ତାଙ୍କ କବିତା ଆସିଲା--ଆମେ ହେଲୁ ପାଞ୍ଚଜଣ, ଆମର କବିତା ସେଇଦିନ ଛପା ହୋଇ ବାହାରିଲା; ସନ୍ଧ୍ୟାବେଳକୁ ତା'ର ଉଦ୍‌ଘାଟନ ଉତ୍ସବ ହେଲା ମୋ' ବସାରେ; କବି ଚିନ୍ତାମଣି ବେହେରା ଓଡ଼ିଶାର ସର୍ବ ପ୍ରଥମ ପୋଷ୍ଟର କବିତା ଆନ୍ଦୋଳନକୁ ଉଦ୍‌ଘାଟନ କରି ଗଛରେ କବିତାର ଛପା ଫର୍ଦ୍ଦଟିଏ ଝୁଲିଦେଲେ ।" ※

ପ୍ରଥମ ସଂଖ୍ୟାରେ ରତ୍ନାକର ଚଇନିଙ୍କ 'ସମ୍ବାଦ', ପ୍ରସନ୍ନ କୁମାର ମିଶ୍ରଙ୍କ 'ମ୍ୟୁଜିୟମ୍ ପାଇଁ କେତୋଟି ଛବି', ଶ୍ରୀନିବାସଙ୍କ ଉଦ୍‌ଗାତାଙ୍କ 'ପ୍ରତିଛବି', କ୍ଷେତ୍ରବାସୀ ନାୟକଙ୍କ 'ଶୋଷ' ଓ ସନତ୍ ଦାସ ପଟ୍ଟନାୟକଙ୍କ 'ଶୀତ' କବିତା

※ 'ସ୍ମୃତି ଚିତାଉ', ବଲାଙ୍ଗିର ଜିଲ୍ଲା ଲେଖକ ସମ୍ମିଳନୀ ୧୯୭୭ ସ୍ମରଣିକା ପୃ-୧୬

Digitized by srujanika@gmail.com

ପ୍ରକାଶ ପାଇଥିଲା । ସମ୍ପାଦକଙ୍କ ବକ୍ତବ୍ୟ ଥିଲା ଏହିପରି 'ପ୍ରାଚୀର ଦେହରେ ଅନେକ ବିକଳାଙ୍ଗ ପୋଷ୍ଟର । ମନ ଖୋଜେ ତା' ମନଲକ୍ଷ୍ମୀ ଗୋଟିଏ । ନଗ୍ନ ହୁଏ । ଅପରୂପ ଭାବେ ହୁଇପିଲ୍, ମାରି ଗୁଳିଯାଏ । ଅଥଚ ସେ ଆଜି ପଛକୁ ଘୁଞ୍ଚି । ହାଁ-କରି ଠିଆ ହୋଇଛି । ଏ ଯେ ତାର ମନର ପୋଷ୍ଟର ! ···ପୋଷ୍ଟର କବିତା ।' ଏହାର ପ୍ରାୟ ତିନୋଟି ସଂଖ୍ୟା ପ୍ରକାଶ ପାଇବା ପରେ ପତ୍ରିକା ପ୍ରକାଶନ ବନ୍ଦ ରହେ ।

ପ୍ରବନ୍ଧ-ବିଚିତ୍ରା (୧୯୭୨)—

ଶ୍ରୀମନ୍ତ ନାୟକଙ୍କ ସହ ମିଳିତ ଭାବରେ 'ପ୍ରତିଭାଚର୍ଚ୍ଚା ଓ ସ୍ମରଣ'ର ମହତ୍ତ ଉଦ୍ଦେଶ୍ୟ ରଖି ଓଡ଼ିଆ ପ୍ରବନ୍ଧ ସାହିତ୍ୟର ସୃଷ୍ଟି ସମ୍ଭାର ଓ ତାହାର ବରେଣ୍ୟ ସ୍ରଷ୍ଟା-ମାନଙ୍କର ଦୃଷ୍ଟିଭଙ୍ଗୀ ସହିତ ଆଗାମୀ ବଂଶଧରମାନଙ୍କୁ ପରିଚିତ କରିବାର ଲକ୍ଷ୍ୟରେ ଏହି ସଂକଳନର ସଂପାଦନା କରାଯାଇଥିଲା । 'ପ୍ରବନ୍ଧ ଓ ପ୍ରାବନ୍ଧିକ' ପରି ଏହି ସଂକଳନ ବିଶ୍ୱବିଦ୍ୟାଳୟର ପାଠ୍ୟପୁସ୍ତକ ରୂପେ ମନୋନୀତ ହୋଇଥିଲା ।

ସାଂପ୍ରତିକ ଓଡ଼ିଆ ସାହିତ୍ୟ ସମ୍ପର୍କରେ (୧୯୭୩)—

'ଆତ୍ମପ୍ରକାଶମ' ତରଫରୁ ୧୯୬୯ ଫେବୃୟାରୀରେ ଓଡ଼ିଆ ଯୁବ ଲେଖକ ସମ୍ମେଳନର ପଞ୍ଚମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ତହିଁରେ ବହୁ ଆଲୋଚକ ସାଂପ୍ରତିକ ସାହିତ୍ୟ ସଂପର୍କରେ ଲିଖିତ ଭାଷଣ ପ୍ରଦାନ କରିଥିଲେ । ସେ ସବୁକୁ ସ୍ଥାୟୀ ପୁସ୍ତକ ରୂପ ପ୍ରଦାନ କରିବା ପାଇଁ ସମ୍ମେଳନର ଅଭ୍ୟର୍ଥନା ସମିତିର ସାଧାରଣ ସଂପାଦକ ଶ୍ରୀ ନାୟକ ଓ ସାହିତ୍ୟିକ ଶ୍ରୀ ଶ୍ରୀନିବାସ ଉଦ୍‌ଗାତା ଏହାର ସଂପାଦନା ଦାୟିତ୍ୱ ଗ୍ରହଣ କରନ୍ତି । କଥା ସାହିତ୍ୟ, କବିତା ଓ ନାରୀ ଲେଖନୀ ସମ୍ପର୍କିତ ରଚନାବଳୀ ଭାଷଣରୁ ସଂଗୃହୀତ ଏବଂ ନାଟ୍ୟ-ସାହିତ୍ୟ ଓ ପ୍ରବନ୍ଧ ସମ୍ପର୍କିତ ଆଲୋଚନାମାନ ପରେ ସଂପାଦକ ଦ୍ୱୟଙ୍କ ଉଦ୍ୟମରେ ସଙ୍କଳିତ । ଆଧୁନିକ ଓଡ଼ିଆ ସାହିତ୍ୟ ସଂପର୍କିତ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସମୀକ୍ଷା ଗ୍ରନ୍ଥର ଗୌରବ ଦାବୀକରେ ଏ ସଙ୍କଳନ ।

ରାଧାନାଥ ଗ୍ରନ୍ଥାବଳୀ (୧୯୭୫)—

ସଂପାଦକ କ୍ଷେତ୍ରବାସୀଙ୍କର ଏହା ଏକ ସୁବର୍ଣ୍ଣ ଫସଲ । ବହୁଚର୍ଚ୍ଚିତ କବି ରାଧାନାଥଙ୍କ ରଚନାବଳୀର ସଂପାଦନାରେ ସତେ ଯେପରି ସେ ଆପଣାର ସକଳ ଶକ୍ତି ଓ ଶ୍ରଦ୍ଧା ନିଗାଡ଼ି ଦେଇଛନ୍ତି । ବହୁ ପୂର୍ବସୂରୀଙ୍କ ଦ୍ୱାରା ଓ ବହୁ ନାମଜାଦା ପ୍ରକାଶକଙ୍କ ଦ୍ୱାରା ସଂପାଦିତ ଓ ପ୍ରକାଶିତ ହୋଇଥିଲେ ବି ଡଃ ନାୟକଙ୍କ ସମ୍ପାଦିତ

Digitized by srujanika@gmail.com

"ରାଧାନାଥ ଗ୍ରନ୍ଥାବଳୀ" ସେସବୁ ମଧ୍ୟରେ ଉତ୍କୃଷ୍ଟ ବିବେଚିତ ହୁଏ । ସଂପାଦକ ଡ଼ଃ ନାୟକଙ୍କ ଚୟନ-କୌଶଳ ଓ ବିନ୍ୟାସ-ବୈଶିଷ୍ଟ୍ୟ ତାଙ୍କୁ ଏ ଗୌରବ ପ୍ରଦାନକରେ । "ଉତ୍କଳ ରଚନା", "ବ୍ୟାକରଣ ପରିଚୟ" ଓ ଆତ୍ମକଥାର କିୟଦଂଶ ଗ୍ରନ୍ଥାବଳୀର ନୂତନ ସଂଯୋଜନା । ପ୍ରତି ରଚନାର ପୃଷ୍ଠଟୀକା ଭାବରେ ତା'ର ପ୍ରଥମ ପ୍ରକାଶ କାଳ ଓ ଐତିହାସିକ ବିବରଣୀ ପ୍ରଦତ୍ତ । କବି ରାଧାନାଥ (୧୮୪୮-୧୯୦୮)ଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ ଅଧ୍ୟୟନ ପାଇଁ ଶ୍ରୀଯୁକ୍ତ ନାୟକଙ୍କ ସଂଯୋଜିତ "କବି ଚରିତ ରାଧାନାଥ" ଶୀର୍ଷକ ମନୋଗ୍ରାଫ୍ ବିଶେଷ ଉପଯୋଗୀ । ପ୍ରାୟ ଶହେ ପୃଷ୍ଠାର ଏହି ଆଲୋଚନା ସଂପାଦିତ ଗ୍ରନ୍ଥଟିର ମୂଲ୍ୟ ବୃଦ୍ଧିରେ ସହାୟକ ।

ଶ୍ରୀ ଜଗନ୍ନାଥ ପଦ୍ୟାବଳୀ (୧୯୭୭-୮୦)—

ଏକକ ସଂପାଦିତ ଗ୍ରନ୍ଥଗୁଡ଼ିକ ମଧ୍ୟରେ 'ଶ୍ରୀ ଜଗନ୍ନାଥ ପଦ୍ୟାବଳୀ' ଡ଼ଃ ନାୟକଙ୍କ ଉଲ୍ଲେଖଯୋଗ୍ୟ ଉଦ୍ୟମ । ଭଜନ ପୂଜନ ପାଇଁ ଭକ୍ତ ଗୀତିକାର ସଂଗ୍ରହ ଅବକାଶରେ ଓଡ଼ିଆ ସାହିତ୍ୟରେ ଓଡ଼ିଆତ୍ୱର ଏକ ନିଦର୍ଶନ ଭାବରେ ଜଗନ୍ନାଥୈକପ୍ରାଣତା ପ୍ରତି ତାଙ୍କର ଧ୍ୟାନ ଯାଇଛି । ଏଣୁ ସେ ଶ୍ରୀ ଜଗନ୍ନାଥ ପଦ୍ୟାବଳୀର ସଂପାଦନାରେ ମନୋନିବେଶ କରନ୍ତି । ୧୯୭୭ରୁ ୮୦ ମଧ୍ୟରେ ପଦ୍ୟାବଳୀ ଚାରୋଟି ଖଣ୍ଡରେ ପ୍ରକାଶ ପାଏ । ପଞ୍ଚଦଶ ଶତାବ୍ଦୀଠାରୁ ବିଂଶ ଶତାବ୍ଦୀର ଆଦ୍ୟପାଦ ଯାଏ ଅଠାବନ ଜଣ ଭକ୍ତକବିଙ୍କର ଦୁଇଶହରୁ ଊର୍ଦ୍ଧ୍ୱ ଭଜନ-ଜଣାଣ ଓ ଜଗନ୍ନାଥ କାହାଣୀ କିମ୍ବଦନ୍ତୀ ଗର୍ଭିତ କାବ୍ୟାଂଶ କାଳାନୁକ୍ରମିକ ଧାରରେ ସଜ୍ଜିତ । ପ୍ରତି କବିଙ୍କ ପରିଚୟ ଓ କବିତାର ସାହିତ୍ୟିକ ଆଭିମୁଖ୍ୟ କଥିତ । ପ୍ରତି ଖଣ୍ଡର ଭୂମିକାରେ ଓଡ଼ିଆ ପଦ୍ୟାବଳୀ ସାହିତ୍ୟ ସଂପର୍କିତ ସାରଗର୍ଭକ ଆଲୋଚନାରେ ସଂପାଦକ ଶ୍ରୀ ଜଗନ୍ନାଥଙ୍କୁ ଓଡ଼ିଶାର "ଭକ୍ତିନିଧି" କେବଳ ନୁହେଁ "ସାରସ୍ୱତ ନିଧି" ଭାବରେ ପ୍ରତିପାଦିତ କରିବାକୁ କ୍ଷମ ହୋଇଛନ୍ତି ।

ସଂପାଦକଙ୍କ ଯୋଜନା ଥିଲା—ପଦ୍ୟାବଳୀକୁ ଦଶ ଖଣ୍ଡରେ ବିଭକ୍ତ କରି ସଂପାଦନା କରିଥା'ନ୍ତେ । ଏ ସଂପର୍କରେ ସେ ଜର୍ମାନର ହାଇଡେଲ୍‌ବର୍ଗ ବିଶ୍ୱ-ବିଦ୍ୟାଳୟର ପ୍ରାଚ୍ୟବିଦ୍ୟା ଅଧ୍ୟାପକ ବିଶିଷ୍ଟ ଗବେଷକ ଡକ୍ଟର ହରମାନ୍ କୁଲକେଙ୍କ-ଠାରୁ ଅନୁକୂଳ ମତ ପାଇଥିଲେ । * କିନ୍ତୁ ତାଙ୍କ ଆଶା ଓ ଯୋଜନା ସଫଳ

* " I realy hope that you will find time and means to publish the whole series of ten volumes." Quoted from Dr. Kulk's letter to Dr. Nayak Dt. 16 12-77.

Digitized by srujanika@gmail.com

ହୋଇପାରିନାହିଁ । ଏହା ମୂଳରେ ସମ୍ଭବତଃ ନିମ୍ନ ପାଞ୍ଚୋଟି କାରଣ ବିଦ୍ୟମାନ—

୧) ବ୍ରହ୍ମପୁରସ୍ଥ ଖଲ୍ଲିକୋଟ କଲେଜରୁ କଟକର ରେଭେନ୍‌ସା କଲେଜକୁ ବଦଳି ଯୋଗୁଁ ପଦ୍ୟାବଳୀ ପ୍ରକାଶକ 'ପୁସ୍ତକ ଭଣ୍ଡାର, ବ୍ରହ୍ମପୁର' ସହ ପ୍ରତ୍ୟକ୍ଷ ଯୋଗାଯୋଗ ବିଚ୍ଛିନ୍ନ;

୨) ସାଂପ୍ରତିକ କାଳର ଲେଖକ ଅବା ମୃତ ଲେଖକଙ୍କ ଉତ୍ତରାଧିକାରୀମାନଙ୍କ-ଠାରୁ ଅନୁମତି ଗ୍ରହଣ ଭଳି ପ୍ରକାଶନଗତ ଅସୁବିଧା;

୩) ଶିକ୍ଷାଗୁରୁ ଡକ୍ଟର ବେହେରାଙ୍କ ପ୍ରତିକୂଳ ମତ (ଡଃ ବେହେରାଙ୍କ ତା ୨୨।୧୨।୭୭ରେ ଲିଖିତ ପତ୍ରର ବିପକ୍ଷ ବକ୍ତବ୍ୟ ।)

୪) କଟକାବସ୍ଥାନ କାଳରେ 'ଓଡ଼ିଆ ଗବେଷଣା ପରିଷଦ' ସଙ୍ଗଠନ କାର୍ଯ୍ୟରେ ଅଧିକ ସମୟ ବିନିଯୋଗ;

୫) ଫ୍ରେଣ୍ଡସ୍ ପବ୍ଲିଶର୍ସ, ସାଂସ୍କୃତିକ ବିଭାଗ କର୍ତ୍ତୃକ ପ୍ରକାଶିତ ସମଶ୍ରେଣୀୟ କେତୋଟି ସଙ୍କଳନର ବିପଣୀ-ପ୍ରବେଶ ।

ଫକୀରମୋହନ କଥାସାହିତ୍ୟ (୧୯୭୭)—

ରାଧାନାଥ ଗ୍ରନ୍ଥାବଳୀର ସଫଳତା ବୋଧହୁଏ ପ୍ରକାଶକଙ୍କୁ ଆତୁର କଲା । ତେଣୁ ଡକ୍ଟର ନାୟକଙ୍କୁ ସେ ଫକୀରମୋହନଙ୍କ ଗଳ୍ପ-ଉପନ୍ୟାସ ସମ୍ପାଦନା କରିବା ପାଇଁ ବରାଦ ଦେଲେ । ଏଭଳି ମନ୍ତବ୍ୟ ଦେବାର କାରଣ 'ରାଧାନାଥ ଗ୍ରନ୍ଥାବଳୀ' ଓ 'ନାରାୟଣ ଅର୍ଦ୍ଧପୂର୍ତ୍ତୀ ରଚନାଶ୍ରୀ'ର ସଫଳତା 'ଫକୀରମୋହନ କଥା ସାହିତ୍ୟ'ରେ ଦୁର୍ଲଭ । କେବଳ ସର୍ବଜନପ୍ରିୟ ଚାରୋଟି ଉପନ୍ୟାସ ଓ ଦୁଇଟି ଗଳ୍ପ ଗ୍ରନ୍ଥ ଅଲଗା ପୃଷ୍ଠାଙ୍କ ଥାଇ ସମୟାନୁକ୍ରମିକ ପ୍ରକାଶ କାଳ ଭିତ୍ତିରେ ଏକତ୍ର ବନ୍ଧାଇ ହୋଇ ପ୍ରକାଶ ପାଇଛି । କୌଣସିଟିରେ ପ୍ରଥମ ପ୍ରକାଶ କାଳ କିମ୍ବା ସମ୍ପାଦକଙ୍କ ମନ୍ତବ୍ୟ ନାହିଁ । ଏ ସମସ୍ତ ଦୁର୍ବଳତା ସତ୍ତ୍ୱେ ଅନ୍ଧାରି ଆକାଶର ତାରାଟିଏ ଭଳି 'ଭୂମିକା'ଟି ସମ୍ପାଦକଙ୍କର ମାନରକ୍ଷା କରେ । ଭୂମିକାର ବୈଶିଷ୍ଟ୍ୟ ଭୂମିକାକାରଙ୍କ ଭାଷାରେ, "ଏକ ଅଭିନବ ଦୃଷ୍ଟିକୋଣରୁ ଫକୀରମୋହନଙ୍କୁ ଚାହିଁବାର କେତୋଟି ସମ୍ଭାବନାର ସୂଚନା ଏଠି ଦେଉଛୁ; ଉଦ୍ଦେଶ୍ୟ ଯୋଗିଛୁ—-ପାଠକ ଫକୀରମୋହନଙ୍କ ସମଗ୍ର କଥା ସାହିତ୍ୟକୁ ଏକ୍ଷଣ ପାଠ କରି ନବଦୃଷ୍ଟିକୁ ତାଙ୍କୁ ଆସ୍ୱାଦନ କରିବେ ।" ଫକୀରମୋହନଙ୍କ କାବ୍ୟପ୍ରବେଶ କଳା, ପରିପକ୍ୱ ବୋଧଦୃଷ୍ଟି ଓ ଅଭିନବ ଅଭିବ୍ୟକ୍ତି ତାଙ୍କ ରଚନା ଭିତରୁ ସୂତ୍ର ଉଦ୍ଧାର କରି ଡଃ ନାୟକ ପ୍ରମାଣିତ କରିଛନ୍ତି ।

Digitized by srujanika@gmail.com

ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ (୧୯୬୮)—

ଏହି ଶତାବ୍ଦୀର ଆଦ୍ୟପାଦର ସୃଷ୍ଟିମୁଖର କବି ଅନ୍ନପୂର୍ଣ୍ଣା (୧୮୮୩-୧୯୪୮)-ଙ୍କର କବିତାର ଧାରା ବିସ୍ମୃତିର ବାଲୁକା ଗର୍ଭରେ ବିଲୟ ହେବା ପୂର୍ବରୁ ତାର ସୁମଧୁର ଜଳରାଶି ସଂଗ୍ରହ କରିବାର କଠିନ ଉଦ୍ୟମ କରନ୍ତି କ୍ଷେତ୍ରବାସୀ ଖଲ୍ଲିକୋଟ କଲେଜରେ ଅଧ୍ୟାପନା କାଳରେ । ଅତ୍ର ତତ୍ର ବିକ୍ଷିପ୍ତ ପ୍ରାଚୀନ ପତ୍ର ପତ୍ରିକା, କବିକନ୍ୟାଙ୍କ ସୌଜନ୍ୟରୁ ପ୍ରାପ୍ତ କୀଟଦଂଷ୍ଟ ଅପ୍ରକାଶିତ ପାଣ୍ଡୁଲିପିରୁ ସଂଗୃହୀତ ରଚନାବଳୀ ସଙ୍କଳନ ଓ ସଂପାଦନା କରି କଠୋର ଶ୍ରମ ଓ ସାଧନାର ସ୍ୱାକ୍ଷର ରଖି ଯାଇଛନ୍ତି ସେ । କବିଙ୍କ ଜୀବଦ୍ଦଶାରେ ମାତ୍ର ସତେଇଶଟି କବିତା ପୁସ୍ତକାକାରରେ ପ୍ରକାଶିତ ହୋଇଥିବା ସ୍ଥଳେ ସମ୍ପାଦକ ମହୋଦୟ ୧୬୪ଟି ପଦ୍ୟ ରଚନା ୧ଟି ଗଦ୍ୟ ରଚନା ଚୟନ କରିଛନ୍ତି । ପ୍ରତି ରଚନାର ପ୍ରକାଶକାଳ, ପ୍ରକାଶ ମାଧ୍ୟମ ଓ ପାଣ୍ଡୁଲିପି କ୍ଷେତ୍ରରେ ରଚନାକାଳର ଉଲ୍ଲେଖ ରହିଛି । କବିଙ୍କର ଏକ ସୁଦୀର୍ଘ ଜୀବନାଲେଖ୍ୟ ଓ କୃତି କଳନା 'ରଚନାଶ୍ରୀ'ର ମହତ୍ତ୍ୱ ବହୁଗୁଣିତ କରିଛି । ଏକ ସ୍ୱଳ୍ପଜ୍ଞାତ କବି ପ୍ରତିଭାକୁ ସର୍ବଜ୍ଞାତ କରିବା ଆଭିମୁଖ୍ୟ, ସଙ୍କଳନ-କୃତିତ୍ୱ ଓ ସମ୍ପାଦନା-ସୌକର୍ଯ୍ୟ ଉକ୍ତ ଗ୍ରନ୍ଥର ବିଶେଷତ୍ୱ ।

ଚମ୍ପୂଜକା (୧୯୬୯)—

ଡକ୍ଟର କୃଷ୍ଣଚରଣ ବେହେରାଙ୍କ ସହ ମିଳିତ ଭାବରେ ଏହି କବିତା ସଙ୍କଳନଟି ସଂପାଦିତ । ପ୍ରାଚୀନ କାଳରୁ ସାମ୍ପ୍ରତିକ କାଳଯାଏଁ ଓଡ଼ିଆ କାବ୍ୟ ସାହିତ୍ୟର ବିକାଶଧାରା ଓ ବିଷୟ ବୈଚିତ୍ର୍ୟ ପ୍ରତି ସଚେତନ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିବା ଲକ୍ଷ୍ୟରେ ଏହା ପ୍ରକାଶିତ । କବି ବୈଷ୍ଣବ ପାଣି ଓ କବି ହମିଦ୍ ମିଆଁଙ୍କ ପରି ଜନପ୍ରିୟ କବିଙ୍କ ରଚନା ସ୍ଥାନିତ କରି ସଂପାଦକ ଦ୍ୱୟ ପ୍ରାଚୀନ ସାଥନ୍ତ୍ରିଆ ମନୋବୃତ୍ତିଧାରୀ ସାହିତ୍ୟ-ସମୀକ୍ଷକଙ୍କ ସମାଲୋଚନାର ଶିକାର ହୋଇଥିଲେ ବି ଏହା ଉକ୍ତ ସଂକଳନର ଏକ ବୈଶିଷ୍ଟ୍ୟ ।

'କୈବଲ୍ୟ' (୧୯୮୧—୮୩)—

ଏକଦା ବହୁ ସମ୍ଭାବନାର ସ୍ୱାକ୍ଷର ନେଇ ଶ୍ରୀ ସୁଦର୍ଶନ ସାହୁଙ୍କ ସଂପାଦକତ୍ୱରେ କଟକରୁ ପ୍ରକାଶ ପାଉଥିବା ତ୍ରୈମାସିକ ସାହିତ୍ୟ ପତ୍ର 'କୈବଲ୍ୟ'ର ପୁରାତନୀ ବିଭାଗର ସଂପାଦନା ଦାୟିତ୍ୱ ବହନ କରିଥିଲେ ଡଃ କ୍ଷେତ୍ରବାସୀ । କୈବଲ୍ୟକୁ ସ୍ୱୟଂସମ୍ପୂର୍ଣ୍ଣ, ତତ୍ତ୍ୱଗର୍ଭଶ୍ରୀ, ସଂସ୍କୃତିସଂପନ୍ନ କରିବା ଲକ୍ଷ୍ୟରେ ସଂଯୋଜିତ ଏହି ବିଭାଗରେ ଆଧ୍ୟାତ୍ମବାଦୀ ବହୁ ଉପାଦେୟ ପ୍ରବନ୍ଧ ପ୍ରକାଶ ପାଇଥିଲା । ଜଗନ୍ନାଥଙ୍କୁ ପ୍ରାଣୋତ୍ସର୍ଗ ପରେ କ୍ଷେତ୍ରବାସୀଙ୍କର ଜୀବନ ଧାରା ଆଧ୍ୟାତ୍ମିକତା ପ୍ରତି ଉନ୍ମୁଖ

Digitized by srujanika@gmail.com

ହୋଇଥିଲା । ମାନସଚକ୍ଷୁ ଓ କାର୍ଯ୍ୟଧାରା ମଧ୍ୟରେ ସମନ୍ୱୟ, ଅଭିଥିବାରୁ ଏହି ବଢ଼ଗଢ଼ିର ସଂପାଦନା ସେ କିସ୍ତାର ସହ ଆଦର ନେଇଥିଲେ ।

ଏଷଣା (୧୯୮୦)—

କ୍ଷେତ୍ରବାସୀଙ୍କ ସଂଗଠନକାରୀ ଜୀବନର ସର୍ବଶେଷ ଓ ସର୍ବଶ୍ରେଷ୍ଠ ସାକାର ସ୍ୱପ୍ନ 'ଓଡ଼ିଆ ଗବେଷଣା ପରିଷଦ'ର ମୁଖପତ୍ର ଭାବରେ ଷାଣ୍ମାସିକ ସାହିତ୍ୟ ପତ୍ର 'ଏଷଣା'ର ସଂପାଦନା । ଡଃ କୃଷ୍ଣଚରଣ ବେହେରା, ଡଃ ନରେନ୍ଦ୍ର ନାଥ ମିଶ୍ର, ଡଃ ହେମନ୍ତ କୁମାର ଦାସ, ଅଧ୍ୟାପକ ଶ୍ରୀ ପଞ୍ଚାନନ ମହାନ୍ତିଙ୍କ ଭଳି ବିଦ୍ୱାନ ସଂପାଦିକ-ମଣ୍ଡଳୀର ପ୍ରାଜ୍ଞ ପରାମର୍ଶରେ କର୍ଣ୍ଣଧାରଙ୍କ ରୂପାୟନ ନୈପୁଣ୍ୟ ପ୍ରତି ସଂଖ୍ୟାରେ ପ୍ରକଟିତ । ୧୯୮୦ ରୁ ୮୫ ମଧ୍ୟରେ କ୍ଷେତ୍ରବାସୀଙ୍କ ଜୀବଦ୍ଦଶାରେ ଏଷଣାର ମୋଟ ୧୧ଟି ସଂଖ୍ୟା ପ୍ରକାଶିତ । ତନ୍ମଧ୍ୟରୁ ଦଶୋଟି ତାଙ୍କର ସ୍ନେହପୂର୍ଣ୍ଣ ପରିଚର୍ଯ୍ୟା ପାଇଛନ୍ତି । ପ୍ରତି ସଂଖ୍ୟାରେ ଆପଣାର ଚିନ୍ତାପୂର୍ଣ୍ଣ, ସାର୍ବଭୌମିକ ବକ୍ତବ୍ୟ ସେ ସଂପାଦକୀୟ ସ୍ତମ୍ଭରେ ଲିପିବଦ୍ଧ କରି ଯାଇଛନ୍ତି ।

ଓଡ଼ିଆ ଗବେଷଣା ପରିଷଦ ଗ୍ରନ୍ଥମାଳା—

ଓଡ଼ିଆ ଗବେଷଣା ପରିଷଦର ସଂପାଦକ ଭାବରେ ପରିଷଦ ଗ୍ରନ୍ଥମାଳାର ମୁଖ୍ୟ ସଂପାଦକ ଦାୟିତ୍ୱ ତାଙ୍କର ନାୟକ ତୁଲାଇଥିଲେ । ଡକ୍ଟର କୃଷ୍ଣ ଚରଣ ବେହେରା ଓ ଶ୍ରୀ ଚିତ୍ତରଞ୍ଜନ ଦାସଙ୍କ ସହ ମିଳିତ ଭାବରେ ସେ ପାଞ୍ଚୋଟି ଗ୍ରନ୍ଥ ସଂପାଦନା କରିଛନ୍ତି । ସେଗୁଡ଼ିକ ହେଲା—

(୧) କବି ବଳରାମ ଦାସଙ୍କ ବିରଚିତ ଶ୍ରୀ ଗୋପୀ ବା ରୁକ୍ମିଣୀ ବିବାହ ଲେଖନ (୧୯୮୧)

(୨) ସର୍ଜନାତ୍ମକ ସାହିତ୍ୟ-ସମୀକ୍ଷା (୧୯୮୨)

(୩) ଆଧୁନିକ ଅବବୋଧ (୧୯୮୩)

(୪) ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା (୧୯୮୩) ଓ

(୫) ତୁଳନାତ୍ମକ ସାହିତ୍ୟ (୧୯୮୪) ।

ଓଡ଼ିଆ ସାହିତ୍ୟରେ ପୂର୍ବରୁ ଅନାଲୋଚିତ ବିଭିନ୍ନ ବିଷୟରେ ଗ୍ରନ୍ଥ ସଂପାଦନା ପରିଷଦର ଆଭିମୁଖ୍ୟ ହୋଇଥିବାରୁ ସେସବୁର ସଂଗ୍ରହ ଓ ସଂପାଦନାରୁ ସେ ନିଜର ଆଭିମୁଖ୍ୟ କରିଥିଲେ ।

Digitized by srujanika@gmail.com

ସଂପାଦକ କ୍ଷେତ୍ରବାସୀଙ୍କ କୃତିତ୍ୱ କଳନା ପୂର୍ବରୁ, ତାଙ୍କ ସଂପାଦନାର ବିଶ୍ଳେଷଣ ଆବଶ୍ୟକ । ଝୁରେଶ୍ଟି ଗ୍ରନ୍ଥ ଛାଡ଼ି ଅନ୍ୟ ସମସ୍ତ ଗ୍ରନ୍ଥ ଓ ପତ୍ର ପତ୍ରିକା ସେ ମିଳିତ ଭାବରେ ସଂପାଦନା କରିଛନ୍ତି । ମିଳିତ ସଂପାଦନାରେ ବ୍ୟକ୍ତିଗତ ରୁଚିକୁ ସଂପାଦକ-ମଣ୍ଡଳୀର ସର୍ବସମ୍ମତ ରୁଚିରେ ପରିଣତ କରିବାର ଯନ୍ତ୍ରଣା ନିହିତ ଥାଏ । ତେଣୁ ଭିନ୍ନିରେ କୃତିତ୍ୱ ପ୍ରଦର୍ଶନ ଆବକାଶ ସୀମିତ । ଏକାତ୍ମ, ସମଧର୍ମୀ, ସହୃଦୟ ସୁହୃଦ୍‌ଙ୍କ ସହ ସମ୍ମିଳିତ ସମ୍ପାଦନାରେ ସେ ଅଂଶ ଗ୍ରହଣ କରିଥିବାରୁ ଏ ଯନ୍ତ୍ରଣାର ଉତ୍କଟ ପୀଡ଼ା ଅଳ୍ପ ଉପଲବ୍ଧି କରିଛନ୍ତି । ସ୍ୱପତ୍ନୀ ଲବଣ୍ୟ ଦେବୀ, ଶିକ୍ଷାଗୁରୁ ଡଃ କୃଷ୍ଣ ଚରଣ ବେହେରା, ବନ୍ଧୁ ଶ୍ରୀନିବାସ ଉଦ୍‌ଗାତା ପ୍ରମୁଖଙ୍କ ସହ ସାହିତ୍ୟ-କର୍ମ କରିଥିବାରୁ ତାଙ୍କ ରୁଚି ଯଥୋଚିତ ସମ୍ମାନ ପାଇଛି । କାରଣ, ଏମାନେ କେହି ଗ୍ରାସ କରିବାର ବା ଗ୍ରସ୍ତ ହେବାର ବ୍ୟକ୍ତିତ୍ୱସଂପନ୍ନ ସାହିତ୍ୟିକ ନୁହନ୍ତି । ତେଣୁ ପାଠ୍ୟ ପୁସ୍ତକ ହେଉ ବା ସାଧାରଣ ସାହିତ୍ୟ ଗ୍ରନ୍ଥ ହେଉ, ସବୁଥିରେ କିଛି ନା କିଛି ବୈଶିଷ୍ଟ୍ୟ ନିହିତ ରହିଛି । ତାଙ୍କ ରଚିତ ଭୂମିକା ମଧ୍ୟ ସଙ୍କଳିତ ଗ୍ରନ୍ଥକୁ ସୁସଂପାଦିତ ଗ୍ରନ୍ଥର ଗୌରବ ପ୍ରଦାନ କରିଛି ।

ମିଳିତ ଉଦ୍ୟମ ହେଲେ ବି ଯେଉଁଠାରେ ସଂପାଦନାର ବିଭାଗ ବଣ୍ଟନ ହୋଇଛି, ସେଠାରେ କୃତିତ୍ୱ ନିର୍ଦ୍ଧାରଣ ସହଜସାଧ୍ୟ । 'ଶତରୂପା' ଓ 'କୈବଲ୍ୟ' ପତ୍ରିକାର ବିଶେଷ ବିଭାଗ ଦାୟିତ୍ୱରେ ରହି କ୍ଷେତ୍ରବାସୀ ସ୍ପଷ୍ଟଚେତା ଓ ନିର୍ଭୀକତା ତଥା ନୂତନ ଦୃଷ୍ଟିକୋଣ ପ୍ରତି ଶ୍ରଦ୍ଧାର ପ୍ରମାଣ ଦେଇଛନ୍ତି ।

ଏକକ ଭାବରେ ସଂପାଦିତ କୃତି ଚତୁଷ୍ଟୟ — ରାଧାନାଥ ଗ୍ରନ୍ଥାବଳୀ, ଫକୀରମୋହନ କଥା-ସାହିତ୍ୟ, ନାଗରିକର ଅନ୍ନପୂର୍ଣ୍ଣା ରଚନାଶ୍ରୀ ଓ ଶ୍ରୀ ଜଗନ୍ନାଥ ପଦ୍ୟାବଳୀରେ କ୍ଷେତ୍ରବାସୀ ସଂପାଦକ ଭାବରେ ଅଧିକ ସଫଳ । ଉପରୋକ୍ତ ଏକକ ସଂପାଦିତ ଗ୍ରନ୍ଥାବଳୀରେ ସୌନ୍ଦର୍ଯ୍ୟବୋଧ ଦ୍ୱାରା ଅନୁପ୍ରେରିତ ହୋଇ ସେ ସଂପାଦନା କାର୍ଯ୍ୟ କରିଛନ୍ତି ।

ମୋ' ବିଚାରରେ 'ରାଧାନାଥ ଗ୍ରନ୍ଥାବଳୀ'ରେ କ୍ଷେତ୍ରବାସୀଙ୍କ ସଂପାଦନା ନୈପୁଣ୍ୟର ବିଶେଷ ଉତ୍କର୍ଷ ନିହିତ । ଉକ୍ତ ଗ୍ରନ୍ଥ ସଂପାଦନାରେ ସେ ଉଚ୍ଚକୋଟୀର ସଂପାଦକଙ୍କ ବିଶେଷତ୍ୱ ଇତିହାସ-ବୋଧ ଓ ସୌନ୍ଦର୍ଯ୍ୟ-ବୋଧ ରକ୍ଷା କରି ପାରିଛନ୍ତି । "ଜଣେ କବିର ଜୀବନ ଦେଇ ତାର କାବ୍ୟକୁ ଦେଖିବା ଓ କାବ୍ୟ ଦେଇ ତାର ଜୀବନକୁ ଦେଖିବା" (ଶ୍ରୀ ଚିତ୍ତରଞ୍ଜନ ଦାସ) ରୀତିର ପ୍ରବର୍ତ୍ତନ କରିଛନ୍ତି । କବିଙ୍କର ବକ୍ତବ୍ୟ ଭିତ୍ତିରେ ତାଙ୍କ ସମଗ୍ର କୃତିର କୃତିତ୍ୱ କଳନା କରିବା ପାଇଁ ଯେଉଁ ଗମ୍ଭୀର

Digitized by srujanika@gmail.com

ଅନ୍ତଃ ପ୍ରବେଶ ଓ ବିଶେଷ ପ୍ରୀତି ଦରକାର, ସେ ସେଥିପ୍ରତି ଠିକ୍ ବିଚାର ପ୍ରଦର୍ଶନ କରି ପାରିଛନ୍ତି ।

କ୍ଷେତ୍ରବାସୀଙ୍କ କୃତିତ୍ୱର ସ୍ୱର୍ଣ୍ଣୋଜ୍ଜ୍ୱଳ ସ୍ୱାକ୍ଷର ତାଙ୍କ ରଚିତ ସମ୍ପାଦକୀୟ ମାନଙ୍କରେ ନିହିତ । ତାଙ୍କର ତତ୍ତ୍ୱାବଧାନରେ ପ୍ରକାଶିତ ଏଷଣାର ଦଶଟି ଯାକ ସଂଖ୍ୟାରେ ଦଶଟି 'ସାରଗର୍ଭକ ସମ୍ପାଦକୀୟ ସ୍ଥାନ ପାଇଥିଲା । ସମାଲୋଚନା ସାହିତ୍ୟର ନାନା ଦିଗ, ସୀମା, ସମ୍ଭାବନା, ଆଶା ଆଶ୍ୱାସନାର କାହାଣୀ କଥିତ ହୋଇଥିଲା ଏଥିରେ । ତୀକ୍ଷ୍ଣ ମେଧା ସହ ତୀବ୍ର ମମତ୍ୱ ବୋଧ କ୍ଷେତ୍ରବାସୀଙ୍କ ପ୍ରଜ୍ଞା ଓ ପ୍ରଶସ୍ତିର ଜଣେ ପ୍ରକୃତ ପୂଜାରୀରେ ପରିଣତ କରିଥିଲା । ପାଠକର ମସ୍ତିଷ୍କ ଓ ହୃଦୟ ଆଲୋଡ଼ିତ କରିବାର ଗରିମାମୟ ଗୁଣରେ ତାଙ୍କ 'ସଂପାଦକୀୟ' ହୋଇଥିଲା ଗୌରବାନ୍ୱିତ ।

ଏକାଦଶ ଖଣ୍ଡ 'ଏଷଣା' ସଂପାଦନାରେ ଡଃ କ୍ଷେତ୍ରବାସୀ ସକ୍ରିୟ ଅଂଶ ଗ୍ରହଣ କରି ପାରିଲେ ନାହିଁ । ୧୯୮୫ ନଭେମ୍ବର ଆଦ୍ୟରୁ ସେ ଭୀଷଣ ଯକୃତ ବ୍ୟାଧିରେ ପୀଡ଼ିତ ହେଲେ । 'ଏଷଣା'ର ତତ୍ତ୍ୱାବଧାନ କଲେ ଡକ୍ଟର କୃଷ୍ଣଚରଣ ବେହେରା । ତାଙ୍କ ନିର୍ଦ୍ଦେଶରେ ମୋତେ ସଂପାଦନାର ବହିରଙ୍ଗ କାର୍ଯ୍ୟ ନିର୍ବାହ କରିବାକୁ ପଡ଼ିଥିଲା । ଡଃ ବେହେରା ସେତେବେଳେ ସୁଦୂର ଫୁଲବାଣୀର ସରକାରୀ କଲେଜରେ ଅଧ୍ୟାପନାରତ । ତାଙ୍କ ଅନୁପସ୍ଥିତିରେ କାଗଜ କିଣା, ପ୍ରୁଫ୍ ଦେଖା ଆଦି କାମ ସାଙ୍ଗକୁ ଆହୁରି କାମ ଜୁଟାଇ ଦିଅନ୍ତି କ୍ଷେତ୍ରବାସୀବାବୁ । ପ୍ରତି ପ୍ରବନ୍ଧ-ରୋଗ ଶଯ୍ୟାରେ ମୋ' ଦ୍ୱାରା ପଢ଼ାଇ ଶୁଣନ୍ତି । ଜଳ ଜଳ ହୋଇ ଦିଶିଯାଉଛି ସେ ଦିନ । ଲୋକନାଥ ନର୍ସିଂ ହୋମ୍‌ରେ ଭୀଷଣ ବାନ୍ତି ହେଉଥାଏ ତାଙ୍କୁ । ଶରୀର ଶୀର୍ଣ୍ଣ, ଚକ୍ଷୁ କୋଟରାଗତ, ସ୍ୱର କ୍ଷୀଣ...ତଥାପି ସେ ଦୃଷ୍ଟିର ତୀବ୍ରତା, ସ୍ୱରର ସାରଲ୍ୟଭରା ଅନୁରୋଧ ମୋତେ ବାଧ୍ୟ କଲା ଚିତ୍ତଭାଇଙ୍କ ଲେଖା ରାଇବାବୁଙ୍କ 'ଚେତନାର ଉନ୍ମେଷ ଓ ଉତ୍ତରଣ' ଗ୍ରନ୍ଥସମୀକ୍ଷା ପାଣ୍ଡୁଲିପିଟି ଶୁଣାଇବା ପାଇଁ । ଘଣ୍ଟାଏ କାଳ ପଢ଼ିଲି, ସେ ଶୁଣିଲେ ଧୈର୍ଯ୍ୟର ସହ । ଶିରୋନାମା ଦେଲେ 'ଚେତନାର ଅନୁସନ୍ଧାନ' । ସେହି ନାମରେ ଛପା ହେଲା । ଏହିଭଳି ଆମେ ଯେତେ ଚୁପ ଦେବାକୁ ଚାହୁଁ ନ ଥାଉଁ, ସେ ସେତେ ସଂପୃକ୍ତ ହେବାକୁ ବ୍ୟାକୁଳ ହେଉଥା'ନ୍ତି । ରୋଗ ଆହୁରି ବଢ଼ିଲା । ସେ ଦିଲ୍ଲୀ ଗଲେ ଡ଼ିସେମ୍ବର ମଧ୍ୟ ଭାଗରେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ରୋଗ ନିର୍ଦ୍ଧାରଣ ପାଇଁ । ଯିବା ପୂର୍ବରୁ ମାଗିଥିଲେ ସଂପାଦକୀୟ...ଆସିବା ଆଗରୁ ଲୋଡ଼ା ପଡ଼ିପାରେ । ଜାନୁୟାରୀ ପ୍ରଥମ ସପ୍ତାହରେ 'ଏଷଣା' ବାହାରିବ । ହସି ହସି ସେଦିନ କହିଲେ, "ମୁଁ ଫେରି ଆସେ, ନିଶ୍ଚୟ ଲେଖିବି । ମୁଁ ଥାଉଁ ଥାଉଁ କ'ଣ

Digitized by srujanika@gmail.com

'ଏଷଣା' ସଂପାଦକୀୟ ନ ଆଉ ବାହାରିବ ? ମୁଁ ମରିଗଲେ ତମେ ଶୋକ ପାଳି ବନ୍ଦ କରିବ ସିନା ।"

ଶେଷ ଫର୍ମା ଛପା ସରିବା ପାଖେଇ ଆସୁଥାଏ । କ୍ଷେତ୍ରବାସୀ ବାବୁ ଫେରିଲେ ଆତୁର ଅସୁସ୍ଥ ଶରୀର ନେଇ । ଦୁରାରୋଗ୍ୟ ବ୍ୟାଧିର ସମ୍ବାଦ ଆଣି । ସଂପାଦକୀୟ ପାଇଁ ପୁଣି ଗଲୁ ସୁଦର୍ଶନ ବାବୁ, ମୁଁ । ଅବସ୍ଥା ଦେଖି ମନ ବଳିଲା ନାହିଁ ମାଗିବା ପାଇଁ । ସେ ସଂଖ୍ୟା 'ଏଷଣା'ର ସଂପାଦକୀୟ ଅଲେଖା ରହିଗଲା··· । ଏଥିସହିତ ଅସମୟରେ ପରିସମାପ୍ତି ଘଟିଲା ଓଡ଼ିଆ ସାହିତ୍ୟ-ସଂପାଦନାର ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ।

['ଏଷଣା' ଦ୍ୱାଦଶ ଖଣ୍ଡ (ଜୁନ, ୧୯୮୬) ୭ କ୍ଷେତ୍ରବାସୀ ସ୍ମୃତି ସଂଖ୍ୟାରେ ପ୍ରକାଶିତ]

*

Digitized by srujanika@gmail.com